# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୮/୨୦୨୪ (୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, September 8/2024 | Page 20 | ₹ 7.00 | BALASORE

୫୦ଶ ଭାଗ ୨୮୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 285 | ମୂଲ୍ୟ₹୭/-



DSPL - 101



सत्यमेव जयते
Goverment Of India

ପବିତ୍ର ନୂଆଁଖାଇର ଅଭିନନ୍ଦନ

ଏହି ଶୁଭ ଅବସରରେ

ବିଭିନ୍ନ କୃଷକ କଲ୍ୟାଣ କାର୍ଯ୍ୟକ୍ରମର ଉନ୍ମୋଚନ



ରବି ୨୦୨୪-୨୫

## ସି. ଏମ୍. କିଷାନ ସହାୟତା

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଦ୍ୱାରା ଶୁଭାରମ୍ଭ

ସମ୍ବଲପୁର, ୮ ସେପ୍ଟେମ୍ବର ୨୦୨୪

ପ୍ରାୟ ୪୬ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷକ ପରିବାର

୯୨୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ଡିବିଟି ମାଧ୍ୟମରେ ହସ୍ତାନ୍ତର

**ସି.ଏମ୍.କିଷାନ ପୋର୍ଟାଲ୍‌ର ଉନ୍ମୋଚନ**

ସି.ଏମ୍.କିଷାନ ଓ ପି.ଏମ୍.କିଷାନ ଯୋଜନାରେ ନୂତନ ହିତାଧିକାରୀଙ୍କ ନାମ ପଞ୍ଜିକରଣ ପାଇଁ ନୂତନ ପୋର୍ଟାଲ୍‌ର ଉନ୍ମୋଚନ

**ପି.ଏମ୍.କିଷାନ ଯୋଜନାର ସ୍ୱତନ୍ତ୍ର ଅଭିଯାନ**

ପି.ଏମ୍.କିଷାନ ଯୋଜନାର ସ୍ୱତନ୍ତ୍ର ପଦକ୍ଷେପରେ ଆଗାମୀ ୨ ମାସ ପର୍ଯ୍ୟନ୍ତ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ ପ୍ରକ୍ରିୟା ଆରମ୍ଭ

**କୃଷକ ଓଡ଼ିଶା ୟୁନିଫାଏଡ୍ ପୋର୍ଟାଲ୍‌ର ଉନ୍ମୋଚନ**

କୃଷକ ଓଡ଼ିଶା ୟୁନିଫାଏଡ୍ ପୋର୍ଟାଲ୍ ମାଧ୍ୟମରେ ଚାଷୀମାନେ ଗୋଟିଏ ସ୍ଥାନରେ ବିଭିନ୍ନ କୃଷି ଓ ଆନୁଷଙ୍ଗିକ ବିଭାଗ ସମ୍ବନ୍ଧୀୟ ଯୋଜନାରେ ଆବେଦନ କରିପାରିବେ

ଅଧିକ ସୂଚନା ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ/ଜନସେବା କେନ୍ଦ୍ର/କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର - ୧୫୫୩୩୩ରେ ଯୋଗାଯୋଗ କରନ୍ତୁ







କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR-01510/13/0007/2425

# ଚମକ ହରାଉଛି ଶାମୁକା


ଶାମୁକା ଖୋଜା ଚାଲିଛି।

**ସ**ମୁଦ୍ରରେ ଜୁଆର ଆସିଲେ କୂଳକୁ ଭାସିଆସେ ଶାମୁକା। ଜୁଆର ଫେରିଗଲେ ଆଉ ସେହିସବୁ ଶାମୁକା ବେଳାଭୂମିରେ ପଡ଼ିରହେ। ସକାଳର ସୂର୍ଯ୍ୟକିରଣରେ ଶାମୁକା ସବୁ ଚକ୍ ଚକ୍ କରି ଚମକି ଉଠେ। ଏଭଳି ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ସେଇ ମୁହୂର୍ତ୍ତକୁ ପର୍ଯ୍ୟଟକମାନେ ମନଭରି ଉପଭୋଗ କରିବା ସହ ଫେରିଗଲା ବେଳେ ସ୍ମୃତି ସାଉଁଟିବା ଉଦ୍ଦେଶ୍ୟରେ ସାଙ୍ଗରେ କିଛି ସଂଗ୍ରହ କରି ନେଇଥାନ୍ତି। ମାତ୍ର ଏହି ଶାମୁକା ଉପରେ ପଡ଼ିଛି ଏବେ ପଶ୍ଚିମବଙ୍ଗ ମାଫିଆଙ୍କ ନଜର। ଦଲାଲମାନେ ସ୍ଥାନୀୟ ଲୋକଙ୍କୁ ଅର୍ଥ ଲାଳସା ଦେଇ ଶାମୁକା ସଂଗ୍ରହ କରିନେଉଛନ୍ତି। ଆଗଭଳି ଆଉ ବେଳାଭୂମିରେ ଶାମୁକା ଦେଖିବାକୁ ମିଳୁନି। ସତେଯେମିତି ଚମକ ହରାଇ ବସିଛି।

ବାଲେଶ୍ୱର ଜିଲା ଅଧୀନ ଚାନ୍ଦିପୁର ବେଳାଭୂମି, ବଳରାମଗଡ଼ି, ବାହାବଳପୁର, କଷାଫଳ, ବାଲିଆପାଳର ଚଉମୁଖ, ଡଗରା, ଭୋଗରାଇର ଉଦୟପୁର, ତାଳସାରୀ ସମେତ ବାହାନଗା ଓ ଗୋପାଳପୁର ଉପକୂଳରେ ମହିଳା ଓ ପୁରୁଷମାନେ ଅହରହ ଜାଲ ଧରି ଶାମୁକା ଧରିବାରେ ଲାଗିଥାନ୍ତି। ପ୍ରତ୍ୟେକ ଦିନ ସମୁଦ୍ର ବେଳାଭୂମିରେ ଛୋଟ ଫାଶ ଥିବା ଜାଲ ବସା ଯାଇଥାଏ। ସମୁଦ୍ରର ଜୁଆର ଆସିଲେ ପାଣି ସହ ଜୀବନ୍ତ ଓ ମୃତ ଶାମୁକା ଭାସି ଆସିଥାନ୍ତି। ଜୁଆର ଛାଡ଼ିବା ପରେ ଶାମୁକା ସବୁ ଜାଲରେ ଲାଗିଯାନ୍ତି। ସଂଗୃହୀତ ଶାମୁକା ୫୦କେଜି ବସ୍ତାକୁ ୫୦ରୁ ୧୦୦ଟଙ୍କା ଦରରେ ଦଲାଲମାନେ କିଣୁଛନ୍ତି। ବେଆଇନ ଭାବେ ଏହି ଶାମୁକାକୁ ପଶ୍ଚିମବଙ୍ଗକୁ ରପ୍ତାନି କରି କୁଇଣ୍ଟାଲ ପ୍ରତି ୪ରୁ ୫ହଜାର ଟଙ୍କାରେ ବିକ୍ରି କରୁଛନ୍ତି। ଏହି ଶାମୁକାରେ ମୁଖ୍ୟତଃ ମାଛ ଖାଦ୍ୟ ଓ ଦାନା ତିଆରି ହୋଇଥାଏ। ଏହାବ୍ୟତୀତ କୁକୁଡ଼ା ଦାନା, ଚୂନ ଓ ଘର ତିଆରି ଉପକରଣ ମଧ୍ୟ ତିଆରି ହୋଇଥାଏ। ଶାମୁକାରେ ପ୍ରଚୁର ପରିମାଣରେ ପ୍ରୋଟିନ ଥିବାରୁ ମାଛ ବୃଦ୍ଧି ଓ କୁକୁଡ଼ାର ଅଣ୍ଡା ଗୁଣବତ୍ତା ବୃଦ୍ଧି କରିବାରେ ତାହା ସହାୟକ ହୋଇଥାଏ। ତେବେ ଓଡ଼ିଶାରୁ ଅତି ଶସ୍ତାରେ ଶାମୁକା ଚାଲାଣ ବେଳେ ଏହାର ଗୁଣ୍ଡ ଦାନାକୁ ଓଡ଼ିଶା ବେପାରୀ ଚଢ଼ା ଦରରେ କିଣିବାକୁ ବାଧ୍ୟ ହେଉଛନ୍ତି। ଅପରପକ୍ଷରେ ପଡ଼ିରହିଥିବା ଶାମୁକାର ଦୁର୍ଗନ୍ଧରେ ପର୍ଯ୍ୟଟକମାନେ ବେଳାଭୂମିକୁ ଆସିବାକୁ ମୁହଁ ମୋଡୁଛନ୍ତି। ବିଶେଷକରି ଭୋଗରାଇ ଓ ବାଲିଆପାଳ ସମୁଦ୍ର ଉପକୂଳକୁ ପ୍ରଜନନ ଋତୁରେ ଅଲିଭ ରିଡ୍‌ଲେ ଅଣ୍ଡା ଦେବାକୁ ଭୟରେ ଆସୁନାହାନ୍ତି।

–ବାଞ୍ଛାନିଧି ଦେ, ବାଲେଶ୍ୱର

> ବନ୍ୟପ୍ରାଣୀ ଆଇନ ଅନୁଯାୟୀ ସମୁଦ୍ରରୁ ଶାମୁକା ଧରିବା ଓ ବିକ୍ରି କରିବା ବେଆଇନ। ଶାମୁକା ଧରିବାରେ ସରକାରୀ ନିୟମ ଲାଗୁ ହେଲେ ରାଜସ୍ୱ ମିଳିବା ସହ ପରିବେଶ ସନ୍ତୁଳନ ରହିପାରନ୍ତା।
> **– ଡ. ସିଦ୍ଧାର୍ଥ ପତି, ପରିବେଶ ବିଜ୍ଞାନୀ।**

> ଶାମୁକା ସବୁ ଗୋଟାଇ ବେଳାଭୂମିରେ ଗଦା କରାଯାଉଥିବାରୁ ବେଳାଭୂମି ଅପରିଷ୍କାର ହୋଇଥାଏ। ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ଯୋଗୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଦ୍ୱିଧା ପ୍ରକାଶ କରନ୍ତି।
> **–ଅଧ୍ୟାପକ ଅନିଲ କୁମାର ଭୂୟାଁ, ପରିବେଶପ୍ରେମୀ**

# ଗଛ ପ୍ରେମରେ ୨୫ ବର୍ଷ

*୧୯୯୯ ମହାବାତ୍ୟାର ବିଭୀଷିକା କଲା ଆନ୍ଦୋଳିତ। ମଣିଷ ସମେତ ବୃକ୍ଷଲତାଙ୍କ ଅବସ୍ଥା ଦେଖି ସବୁଜ ପୃଥିବୀ ବନାଇବା ପାଇଁ କରିଥିଲେ ପଣ। ସେହି ଦିନଠାରୁ ସେ ପଛକୁ ଫେରିନାହାନ୍ତି। ୨୫ ବର୍ଷ ହେଲା ଗଛ ପ୍ରେମରେ ପଡ଼ିଛନ୍ତି। ଲଗାଇ ଚାଲିଛନ୍ତି ଅନେକ ଗଛ। ଯେଉଁଥିପାଇଁ ସମସ୍ତଙ୍କ ପାଖରେ ସେ ଗଛ ମଣିଷ ଭାବେ ପରିଚିତ। ଏହିଭଳି ଜଣେ ପରିବେଶ ପ୍ରେମୀ ହେଲେ ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧୀନ ତେଲଦିହୁଡି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ କୁଳମଣି ବେହେରା।*


କୁଳମଣି ବେହେରା

**୧**୯୮୪ରେ କୁଳମଣି ଶିକ୍ଷକ ଚାକିରି ଜୀବନ ଆରମ୍ଭ କରିଥିଲେ। କର୍ମ ଜଞ୍ଜାଳରେ ବ୍ୟସ୍ତ ରହିଥିବା ବେଳେ ୧୯୯୯ରେ ମହାବାତ୍ୟାରେ ଅନେକ ବଡ଼ ବଡ଼ ବୃକ୍ଷଲତା ଉପୁଡ଼ି ନଷ୍ଟ ହୋଇଥିବା ଦେଖି ସେ ମର୍ମାହତ ହୋଇ ପଡ଼ିଥିଲେ। ବୃକ୍ଷ ନଷ୍ଟ ହେବା ଫଳରେ ପରିବେଶର କ'ଣ ଅବସ୍ଥା ହୁଏ, ତାହା ନିଜ ଶିକ୍ଷାଦାନ ଭିତରେ ଜାଣିଥିବା କାରଣରୁ ସେହି ମହାବାତ୍ୟା ଦିନଠାରୁ ସେ ଚାରାରୋପଣ ଆରମ୍ଭ କଲେ। ବିଭିନ୍ନ ଫାଙ୍କା ସ୍ଥାନରେ ଗଛ ଲଗାଇବା ସହିତ ଚାରାରୋପଣକୁ ନିଜ ଜୀବନର ଏକ ମୁଖ୍ୟ ଅଂଶ ଭାବେ ବାଛିନେଲେ। ୨୦୨୩ ଜୁଲାଇରେ ସେ ଚାକିରିରୁ ଅବସର ନେଇଥିଲେ। ହେଲେ ଚାକିରି କାଳ ପରେ ମଧ୍ୟ ସେ ଏବେ ନିଜ ଦୈନନ୍ଦିନ ଜୀବନର ଅଧିକାଂଶ ସମୟ ଚାରାରୋପଣରେ ହିଁ ବିତାଉଛନ୍ତି। ଇତିମଧ୍ୟରେ ସେ ବିଭିନ୍ନ କିସମର ଚାରାରୋପଣ କରିଛନ୍ତି। ପ୍ରକୃତି ପ୍ରେମ ଏବଂ ପରିବେଶ ସଜାଡିବାର ଭୂମିକାକୁ ନେଇ ସେ ଅନେକ ଥର ସମ୍ମାନିତ ହୋଇଛନ୍ତି। ୩ଟି ସ୍ଥାନରୁ ପ୍ରକୃତି ମିତ୍ର ଭାବେ ସମ୍ମାନିତ ହୋଇଛନ୍ତି। କେବଳ ସେତିକି ନୁହେଁ ରାଜ୍ୟସ୍ତରରେ ମଧ୍ୟ ସମ୍ମାନିତ ହୋଇଛନ୍ତି। ଚାରାରୋପଣ କାର୍ଯ୍ୟରେ ସେ କେବଳ ନିଜେ ନୁହେଁ, ବିଭିନ୍ନ ସଙ୍ଗଠନ ସହିତ ଯୋଡ଼ି ହେବା ସହିତ ସମସ୍ତଙ୍କୁ ଗଛ ଲଗାଇବାକୁ ପ୍ରୋତ୍ସାହିତ କରିଛନ୍ତି। ବନ ମହୋତ୍ସବ ସପ୍ତାହ ଆସିଲେ ଖୋଜା ପଡ଼ନ୍ତି କୁଳମଣି। କାରଣ ସିଏ ହିଁ ଜଣେ ମଣିଷ ଯିଏ କି ବୃକ୍ଷକୁ ଅତି ପାଖରୁ ବୁଝିଛନ୍ତି ଏବଂ ଜାଣିଛନ୍ତି। ସେଇଥି ପାଇଁ ବିଭିନ୍ନ ସଙ୍ଗଠନ ତାଙ୍କୁ ଖୋଜିଥାନ୍ତି। ସରକାରଙ୍କ ମା' ପାଇଁ ଗଛଟିଏ ହେଉ କିମ୍ବା ତାଳ ମିଶନ, ସବୁଥିରେ ଆଗରେ ଥାନ୍ତି ସେ। ଗଛ ହିଁ ଜୀବନ। ଯିଏ ଆମକୁ ଅମ୍ଳଜାନ ଦେଇଥାଏ, ଯିଏ ଆମ ବଞ୍ଚିବାର ସାହାରା ତାକୁ ଆମେ ରକ୍ଷା ନ କରିଲେ ଆଗାମୀ ଦିନରେ ଆମ ସମାଜ ଧ୍ୱଂସାଭିମୁଖୀ ହୋଇଯିବ। ତେଣୁ ସମସ୍ତେ ଗଛ ଲଗାଇବା ଏବଂ ଗଛର ଯତ୍ନ ନେବା ଉଚିତ ବୋଲି କୁଳମଣି କହିଛନ୍ତି। ସମସ୍ତେ ବଦଳି ଯାଇପାରନ୍ତି ହେଲେ ଗଛ କେବେ ବଦଳେ ନାହିଁ। ତେଣୁ ଗଛ ଲଗାଇଲେ ଏବଂ ଗଛର ଯତ୍ନ ନେଲେ ଆମ ଜୀବନକୁ ଗଛ ବଞ୍ଚାଇ ରଖିପାରିବ ବୋଲି କୁଳମଣି ପ୍ରକାଶ କରିଛନ୍ତି।

–ସନ୍ତୋଷ କୁମାର ବାଛିନୀ, ଉଦଳା

*With Best Compliments From:*
Rabindra Kumar Mohanty Mob : 9437544335
इंडियनऑयल IndianOil
Dillip Kumar Mohanty Mob : 9437544336
LAXMI NARAYAN FILLING STATION
Dealer - Indian Oil Corporation Ltd.
N.H.-60, Gahira Simulia, Basta, Balasore
E-mail : dillipkumarmohanty@ymail.com


ଦୈନିକ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଧରିତ୍ରୀ ପରିବାର ସହିତ ବାଲିଆପାଳ ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମର ଗ୍ରାମବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଆସନ୍ତୁ ସମସ୍ତେ ଏକ ହେବା ଏବଂ ପ୍ରଗତି ପଥେ ବାଲିଆପାଳକୁ ଆଉ ଦୁଇପାଦ ଆଗକୁ ଆଗେଇ ନେବା।
ବିନୋଦ ଚନ୍ଦ୍ର ପଣ୍ଡା
ବିଡିଓ ବାଲିଆପାଳ


ଦୈନିକ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଧରିତ୍ରୀ ପରିବାର ସହିତ ବାଲିଆପାଳ ତହସିଲ ଅନ୍ତର୍ଗତ ସମସ୍ତ ଗ୍ରାମର ଗ୍ରାମବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଆସନ୍ତୁ ସମସ୍ତେ ଏକ ହେବା, ବାଲିଆପାଳକୁ ଆଗେଇ ନେବା ପାଇଁ ପ୍ରଗତି ରଥରେ ସାରଥି ହେବା।
ଜନକ କୁମାର ନାୟକ
ତହସିଲଦାର ଓ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ, ବାଲିଆପାଳ


ଦୈନିକ ଖବରକାଗଜ "ଧରିତ୍ରୀ" ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା।

ସୁବାସିନୀ ଜେନା
ବିଧାୟିକା, ବସ୍ତା ନିର୍ବାଚନ ମଣ୍ଡଳୀ

ଅଭିନନ୍ଦନ
ସତ୍ୟ, ନିର୍ଭୀକ ଖବର ପ୍ରକାଶନ କ୍ଷେତ୍ରରେ 'ଧରିତ୍ରୀ'ର ଭୂମିକା ସର୍ବଦା ପ୍ରଶଂସନୀୟ। ସ୍ୱନକ୍ଷତ୍ର ଦିବସରେ 'ଧରିତ୍ରୀ'ର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରୁଛୁ।


ଜୟନ୍ତ କୁମାର ପାଣିଗ୍ରାହୀ, ସଭାପତି
ଅଧ୍ୟାପକ ରବୀନ୍ଦ୍ର କୁମାର ପଣ୍ଡା, ସମ୍ପାଦକ
ଓଡ଼ିଶା ସ୍ୱାଭିମାନ ପରିଷଦ, ରୂପସା, ବାଲେଶ୍ୱର

ଅଭିନନ୍ଦନ
'ଧରିତ୍ରୀ' ର ସତ୍ୟ, ନିର୍ଭୀକ ଓ ନିରପେକ୍ଷ ଖବର ପରିବେଷଣ ପାଇଁ ଅଜସ୍ର ଶୁଭେଚ୍ଛା। ସ୍ୱନକ୍ଷତ୍ର ଦିବସ ଅବସରରେ ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ଓଡ଼ିଆ ଭାଷା, ସାହିତ୍ୟର ସମୃଦ୍ଧି କାମନା କରୁଅଛି।

ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ
ସଭାପତି, ଫକୀରମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର

ଦୈନିକ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଧରିତ୍ରୀ ପରିବାର ସହିତ ବାଲିଆପାଳ ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମର ଗ୍ରାମବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଆସନ୍ତୁ ସଭିଏଁ ଏକ ହୋଇ ନବନିର୍ମାଣରେ ବାଲିଆପାଳକୁ ସରସ ସୁନ୍ଦର କରି ଗଢ଼ିତୋଳିବା।

ଇଞ୍ଜିନିୟର ଅବନୀ କୁମାର ରାଉତ
ଗ୍ରାମ୍ୟ ନିର୍ମାଣ ଓ ଉପବିଭାଜନ ବାଲିଆପାଳ

ଅଭିନନ୍ଦନ
ସତ୍ୟ, ନିର୍ଭୀକ ଖବର ପ୍ରକାଶନ କ୍ଷେତ୍ରରେ ଧରିତ୍ରୀ ର ଭୂମିକା ସର୍ବଦା ପ୍ରଶଂସନୀୟ।
ସ୍ୱନକ୍ଷତ୍ର ଦିବସରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀଙ୍କ ତରଫରୁ ଧରିତ୍ରୀର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରୁଛି।

ମିନତୀରାଣୀ ବେହେରା
ଅଧକ୍ଷା, ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟ, ଆଙ୍କୋ, ରୂପସା, ବାଲେଶ୍ୱର

ଧରିତ୍ରୀ ର ସ୍ୱନକ୍ଷତ୍ର ଦିବସରେ ସମସ୍ତ ଭଉଣୀ, ଭାଇଙ୍କୁ ସାଦର
ଅଭିନନ୍ଦନ

ବୈଦିକ ଗୁରୁକୁଳ ଆଶ୍ରମ, ପିଣ୍ଡାବଣିଆ ଏବଂ ଆର୍ଯ୍ୟ ସେବା ସଂଘ ତରଫରୁ ଧରିତ୍ରୀ ପରିବାରକୁ ଅଶେଷ ଧନ୍ୟବାଦ ଓ ଅଜସ୍ର ଶୁଭେଚ୍ଛା।
ଆଚାର୍ଯ୍ୟ ବିଜୟ ଜୀ
ସଞ୍ଚାଳକ, ବୈଦିକ ଗୁରୁକୁଳ ଆଶ୍ରମ ପିଣ୍ଡାବଣିଆ, ରୂପସା, ବାଲେଶ୍ୱର

इंडियनऑयल IndianOil
Best Wishes to all on the Occasion of Celebration of Golden Jubilee Year of The Dharitri
SHIVAM PETROLEUM
Dealer- IOCL
N.H.- 60, Gahir Simulia
P.O. - Dandika,
Via - Basta-756029
Dist.- Balasore, Odisha

ଧରିତ୍ରୀ ର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସମସ୍ତଙ୍କୁ ପ୍ରୀତିଭରା
ଅଭିନନ୍ଦନ

ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀଙ୍କ ତରଫରୁ ଧରିତ୍ରୀ ପରିବାରର ଶୁଭକାମନା କରୁଛି। ଧରିତ୍ରୀର ଭବିଷ୍ୟତ ଉଜ୍ଜ୍ୱଳ ହେଉ।
ଡ. ତପନ କୁମାର ବେହେରା
ଅଧକ୍ଷ, ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର

ଅଭିନନ୍ଦନ
ନିର୍ଭୀକ, ନିରପେକ୍ଷ ଖବର ପ୍ରକାଶନ ପାଇଁ ଧରିତ୍ରୀ ସବୁବେଳେ ଚର୍ଚ୍ଚାରେ।

ସ୍ୱନକ୍ଷତ୍ର ଦିବସରେ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ତରଫରୁ ଧରିତ୍ରୀ ପରିବାରକୁ ଅଶେଷ ଧନ୍ୟବାଦ।
ପ୍ରାଧାପକ ମନୋରଞ୍ଜନ ବେହେରା
ଅଧକ୍ଷ, ଶାନ୍ତିଲତା ମହାବିଦ୍ୟାଳୟ, ଉଲଟିକିରି, ବାଲେଶ୍ୱର

emami paper mills limited
We can, We will.
Two sentences that encapsulate the essence of what we are and what we seek to do
Great Place To Work. Certified
We follow the 3Rs REDUCE RECYCLE REUSE

WE ARE THE BEST AFTER NATURE
Manufacturers of
International Quality Packaging Boards (FDA & FSC) Certified
Superior Quality Writing Printing Paper
High Quality White and Pink Newsprint
Emami MaxoFold HB – Folding Box Board(GC2)
Emami EcoStrong – Virgin Top Grey Back
Emami Solitaire
Emami Regal
Emami Standard Newsprint
Emami MaxoFold – Folding Box Board(GC1)
Emami GlamKot – Coated Bleached Board
Emami Crystal White
Emami Pink Newsprint
emami paper mills limited
ISO 9001:ISO 14001: ISO 45001 Certified Company
www.emamipaper.in
Registered Office: Emami Tower, 687 Anandapur, E.M.Bypass, Kolkata - 700107, West Bengal Tel.: (+91 33) 66136264, Fax: (+91 33) 66136900 Email : emamipaper@emamipaper.com
Unit Balasore: Vill: Balgopalpur, P.O: Rasulpur, Dist: Balasore – 756020, Odisha Tel: (+91 6782) 275723, (+91 6782) 275726 Email : balasore@emamipaper.com

ଧରିତ୍ରୀ
DHARITRI





ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

## ନୂଆଁଖାଇ ଜୁହାର

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ଆମର ସମସ୍ତ ପାଠିକା ପାଠକ, ଖବରଦାତା, ଏଜେଣ୍ଟ, ବିତରକ, ବିଜ୍ଞାପନଦାତା ଏବଂ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ।

**ଆଜିର ସମ୍ପାଦକୀୟ**

ପ୍ରଥମରୁ ପଛଘୁଞ୍ଚା

# ମଣିପୁରରେ ପୁଣି ହିଂସା: ୬ ମୃତ

- ଉଗ୍ରପନ୍ଥୀଙ୍କ ୩ ବଙ୍କର ଧ୍ୱଂସ
- ଜରୁରୀ ବୈଠକ ଡାକିଲେ ମୁଖ୍ୟମନ୍ତ୍ରୀ

**ଇମ୍ଫାଲ/ନୂଆଦିଲ୍ଲୀ,୭।୯(ପି.ଟି.)**

ଭାଜପା ଶାସିତ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ହିଂସା ଥମିବା ନାଁ ନେଉନାହିଁ। ଗତବର୍ଷ ମେ’ ୩ରୁ ସେଠାରେ ମେଇତି ଏବଂ କୁକି-ଜୋ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ସଂଘର୍ଷ ଆରମ୍ଭ ହୋଇ ଅନେକ ମାସ ପର୍ଯ୍ୟନ୍ତ ଲାଗିରହିଥିଲା। ଏବେ ମଧ୍ୟ ମଣିପୁରର ବିଭିନ୍ନ ସ୍ଥାନରେ ବାରମ୍ବାର ହିଂସାକାଣ୍ଡ ଘଟି ନିରୀହ ଲୋକଙ୍କ ଜୀବନ ଯାଉଛି। ଶୁକ୍ରବାର ରକେଟ୍ ଆକ୍ରମଣରେ ଜଣେ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଶନିବାର ସକାଳେ ଜିରିବାମ୍ ଜିଲାରେ ସାନି ହିଂସା ଘଟି ୬ ଜଣଙ୍କ ଜୀବନ ଯାଇଛି। ଇମ୍ଫାଲଠାରୁ ୨୨୯ କି.ମି. ଦୂର ନୁଙ୍ଗଚାପ୍ପି ଗ୍ରାମରେ ସନ୍ଦିଗ୍ଧ କୁକି ଉଗ୍ରପନ୍ଥୀମାନେ ଆକ୍ରମଣ କରି ଜଣେ ୬୩ ବର୍ଷୀୟ ବ୍ୟକ୍ତିଙ୍କୁ ହତ୍ୟା କରିଛନ୍ତି। ଏହା ବ୍ୟତୀତ ମେଇତି ସମ୍ପ୍ରଦାୟର ସଶସ୍ତ୍ର ଗୋଷ୍ଠୀ ଏବଂ କୁକି ଆଦିବାସୀଙ୍କ ମଧ୍ୟରେ ସଂଘର୍ଷ ଘଟି ୫ ଜଣ ନିହତ ହୋଇଛନ୍ତି।



ମଣିପୁରର ବିଷ୍ଣୁପୁର ଅଞ୍ଚଳ ଉପରେ ଉଗ୍ରପନ୍ଥୀଙ୍କ ରକେଟ୍ ମାଡ଼ରେ ନିହତ ବ୍ୟକ୍ତିଙ୍କ ଶୋକାକୁଳ ପରିବାରବର୍ଗ।

ଏହି ଗ୍ରୁପ୍‌ଗୁଡ଼ିକ ନିଜକୁ ଗ୍ରାମସୁରକ୍ଷା ସ୍ୱେଚ୍ଛାସେବୀ ବୋଲି ଦାବି କରିଛନ୍ତି। ଜିରିବାମ ଏସ୍‌ପି ପୋଲିସ ଟିମ୍ ସହ ଘଟଣାସ୍ଥଳକୁ ଯାଇଥିବାବେଳେ ସେମାନଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। ପୋଲିସ ଟିମ୍ ଏହାର ଠିକଣା ଜବାବ ଦେବା ସହ ଗୁଳିକାଣ୍ଡକୁ ନିୟନ୍ତ୍ରଣ କରିଥିଲେ। ପୋଲିସ ସେଠାରେ ଆଣ୍ଟି-ଡ୍ରୋନ୍ ସିଷ୍ଟମ୍ ମୁତୟନ କରିଛି।

ପ୍ରାୟ ସପ୍ତାହେ ପୂର୍ବରୁ ସନ୍ଦିଗ୍ଧ କୁକି ଉଗ୍ରପନ୍ଥୀମାନେ ଇମ୍ଫାଲ ୱେଷ୍ଟର କେତେକ ଗାଁ ଉପରେ ଡ୍ରୋନ୍ ଆକ୍ରମଣ କରିଥିଲେ। ପ୍ରଥମ ଥର ପାଇଁ ଉଗ୍ରପନ୍ଥୀମାନେ ଭାରତୀୟ ମାଟିରେ ଆକ୍ରମଣ ପାଇଁ ଡ୍ରୋନ୍‌ର ସହାୟତା ନେଇଥିଲେ। ହିଂସାକୁ ଦୃଷ୍ଟିରେ ରଖି ଉକ୍ତ ଅଞ୍ଚଳରେ ସେନା ହେଲିକପ୍ଟରଗୁଡ଼ିକୁ ପାଟ୍ରୋଲିଂରେ ନିୟୋଜିତ କରାଯାଇଛି। ଉଭୟ ପାର୍ବତ୍ୟାଞ୍ଚଳ ଏବଂ ଉପତ୍ୟକାର ସନ୍ଦିଗ୍ଧ ଅଞ୍ଚଳରେ କମ୍ବିଂ ଅପରେଶନ ଜାରି ରହିଛି। ହିଂସାକୁ ଉସୁକାଉଥିବା ଲୋକମାନଙ୍କୁ ଧରିବା ପାଇଁ ସୋସିଆଲ ମିଡିଆ ପୋଷ୍ଟ ଉପରେ ଏକ ଟିମ୍ ନଜର ରଖିଛି। ସୁରକ୍ଷା ବଳ ଶୁକ୍ରବାର ଚୁରାଚାନ୍ଦପୁର ଜିଲାରେ ଉଗ୍ରପନ୍ଥୀମାନଙ୍କର ୩ଟି ବଙ୍କରକୁ ଧ୍ୱଂସ କରିଦେଇଛି। ଶୁକ୍ରବାର ଉକ୍ତ ବଙ୍କରରୁ ଉଗ୍ରପନ୍ଥୀମାନେ ପାଖ ବିଷ୍ଣୁପୁର ଅଞ୍ଚଳ ଉପରେ ରକେଟ୍ ମାଡ଼ କରିବାରୁ ଜଣଙ୍କର ମୃତ୍ୟୁ ଘଟିବା ସହ ୬ ଜଣ ଆହତ ହୋଇଥିଲେ। ମଣିପୁରର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ମାଇରେନବାମ୍ କୋଇରେଙ୍ଗଙ୍କ ବାସଭବନକୁ ଟାର୍ଗେଟ କରି ଏହି ଆକ୍ରମଣ ହୋଇଥିଲା। ରାଜ୍ୟରେ ସାନି ହିଂସା ପରେ ମଣିପୁର ☞ପୃଷ୍ଠା-୨

# ହାଇକୋର୍ଟରେ ୬୨,୦୦୦ ମାମଲା ୩୦ ବର୍ଷର ପୁରୁଣା

**ନୂଆଦିଲ୍ଲୀ,୭।୯ (ପି.ଟି.)**

ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ। ତେଣୁ ବିଚାର ପ୍ରକ୍ରିୟାକୁ ତ୍ୱରିତ କରି ଲୋକମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ସରକାର ଚେଷ୍ଟା କରୁଛନ୍ତି। ଏହା ସତ୍ତ୍ୱେ ବିଭିନ୍ନ କାରଣରୁ ହାଇକୋର୍ଟ ଗୁଡ଼ିକରେ ବହୁ ବର୍ଷ ଧରି ମାମଲା ଫଇସଲା ନ ହୋଇ ପଡ଼ିରହୁଛି। ଏବେ ମିଳିଥିବା ଏକ ରିପୋର୍ଟରୁ ଜାଣିବାକୁ ମିଳିଛି ଯେ, ଦେଶର ବିଭିନ୍ନ ହାଇକୋର୍ଟରେ ପାଖାପାଖି ୬୨,୦୦୦ ମାମଲା ବିଚାର ଅପେକ୍ଷାରେ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ପଡ଼ିରହିଲାଣି। ଏପରିକି ୩ଟି ମାମଲା ୧୯୫୨ରୁ ଗଡ଼ିଆସୁଛି। ସରକାରୀ ତଥ୍ୟ ଅନୁଯାୟୀ ହାଇକୋର୍ଟରେ ୧୯୫୪ରୁ ୪ଟି ମାମଲା ଅଟକି ରହିଥିବାବେଳେ ୧୯୫୫ରୁ ୯ଟି ମାମଲା ବିଚାର ଅପେକ୍ଷାରେ ପଡ଼ିରହିଛି। ୧୯୫୨ରୁ ପଡ଼ିରହିଥିବା ୩ଟି ☞ପୃଷ୍ଠା-୨












**ଆଜିର ମନ୍ତବ୍ୟ**

ନରେନ୍ଦ୍ର ମୋଦି ସରକାର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ପରେ ଜମ୍ମୁ-କଶ୍ମୀରରେ ପ୍ରଥମ ଥର ପାଇଁ ଜାତୀୟ ପତାକା ଏବଂ ସମ୍ବିଧାନ ଅଧୀନରେ ନିର୍ବାଚନ ହେବାକୁ ଯାଉଛି। ଏହା ପରେ କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇ ଦିଆଯିବ। **-ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- 'ଡେଙ୍ଗୁ ପାଇଁ ମଶାରୀ' କାର୍ଯ୍ୟକ୍ରମ, ସ୍ଥାନ: ବିଡିଏ ଗୋପବନ୍ଧୁ ପାର୍କ, ୟୁନିଟ୍-୮, ସମୟ: ସକାଳ ୮ଟା।
- ଯୋଗ ଏକାଡେମୀ ଉଦ୍‌ଘାଟନ, ସ୍ଥାନ: ଇନ୍‌ଫୋସିଟି, ଶୈଳଶ୍ରୀ ବିହାର ସାଇ ମନ୍ଦିର ନିକଟ, ସମୟ: ଅପରାହ୍ଣ ୫ଟା।
- ସାଂସ୍କୃତିକ ଅନୁଷ୍ଠାନ 'ସ୍ୱାଗତିକା'ର ୪୪ତମ ଜାତୀୟ ଶିଶୁ ମହୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜଙ୍କର ୧୩୮ତମ ସ୍ୱନକ୍ଷତ୍ର ଦିବସ ପାଳନ, ସ୍ଥାନ: ଦିବ୍ୟ ଜୀବନ ସଂଘ ଚୌଦ୍ୱାର ଶାଖା କପାଳେଶ୍ୱରସ୍ଥିତ ଆଶ୍ରମ, ସମୟ: ପ୍ରାତଃ ୫ଟା।
- କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ନୂଆଖାଇ ଉତ୍ସବ, ସ୍ଥାନ: ରଘୁନାଥଜୀଉ ମନ୍ଦିର ପରିସର, ତେଲେଙ୍ଗାବଜାର, ସମୟ: ସକାଳ ୯ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗର କଲେଜ, ସମୟ: ପୂର୍ବାହ୍ଣ ୧୦ଟା।
- ସାରଳା ସାହିତ୍ୟ ସଂସଦ ଓ ଉତ୍କଳ ସାହିତ୍ୟ କଳା ପରିଷଦର ମିଳିତ ଆନୁକୂଲ୍ୟରେ ନୂଆଖାଇ ଭେଟ୍‌ଘାଟ୍, ସ୍ଥାନ: ସାରଳା ଭବନ,କଟକ, ସମୟ: ପୂର୍ବାହ୍ଣ ୧୦ଟା ୪୫।
- ଓଡ଼ିଆ ଭାଷାରେ ମେଡିକାଲ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମ ସମ୍ପର୍କିତ ଆଲୋଚନା, ସ୍ଥାନ: କଟକ ଦୋଳମୁଣ୍ଡାଇସ୍ଥିତ ବିଜ୍ଞାନ ପ୍ରଚାର ସମିତି କାର୍ଯ୍ୟାଳୟ, ସମୟ: ଅପରାହ୍ଣ ୩ଟା।
- ଜ୍ୟୋତ୍ସ୍ନାବିହାର ଉନ୍ନୟନ ସମିତି ପକ୍ଷରୁ ଗଣେଶ ଚତୁର୍ଥୀ ଉତ୍ସବ ଉପଲକ୍ଷେ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ଜ୍ୟୋତ୍ସ୍ନାବିହାର ଗଣେଶ ଛକ, ଭାଣପୁର, ସମୟ: ସନ୍ଧ୍ୟା ୬ଟା।
- ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ଓ ବଡ଼େଇସାହି ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଶ୍ରୀ ଶ୍ରୀ ଗଣେଶଜୀଉ ଠାକୁରଙ୍କ ପୂଜୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ଼େଇସାହି ଗଣେଶ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଗଣେଶ ପୂଜା ଅବସରରେ ରୟାଲ ଡାଇମଣ୍ଡ କ୍ଲବ ପାଞ୍ଚଗାଁ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାଞ୍ଚଗାଁ ବଜାର, ତିଗିରିଆ, ସମୟ: ସନ୍ଧ୍ୟା ୮ଟା।

## ପୁରୀ

- ଶ୍ରୀଶ୍ରୀରାଧା ଜନ୍ମ ମହୋତ୍ସବ କମିଟି ପକ୍ଷରୁ ପଞ୍ଚକୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞର ଶାଳାଧିବାସ ଓ ଅଙ୍କୁରାରୋପଣ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ପୂର୍ବାହ୍ଣ ୧୦ଟା।

## ଖୋର୍ଦ୍ଧା

- ମୁଖ୍ୟମନ୍ତ୍ରୀ କିଷାନ ନିଧି ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ପୂର୍ବାହ୍ଣ ୧୧ଟା।
- କବି ସଚ୍ଚି ରାଉତରାୟଙ୍କ ସ୍ମୃତି ଉପଲକ୍ଷେ ସାରସ୍ୱତ ସଭା, ସ୍ଥାନ: ଗୀତା ଭବନ, ଖୋର୍ଦ୍ଧା, ସମୟ: ଅପରାହ୍ଣ ୩ଟା ୩୦।

## ବାଲେଶ୍ୱର

- ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ବିଶେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, ଗୁଡ଼ସା, ସମୟ: ପୂର୍ବାହ୍ଣ ୧୦ଟା।
- 'ବିଶ୍ୱ ଐତିହ୍ୟ, ଶକ୍ତିପୀଠ ଓ ପର୍ଯ୍ୟଟନ ସ୍ଥଳୀ' ପୁସ୍ତକର ଲୋକାର୍ପଣ ଉତ୍ସବ, ସ୍ଥାନ: ଶ୍ରୀ ଦୁର୍ଗା କଲ୍ୟାଣ ମଣ୍ଡପ, ପାରୁଳିଆ ଛକ, ବାଲିଆପାଳ, ସମୟ: ପୂର୍ବାହ୍ଣ ୧୦ଟା।
- ବିର୍ଲା ଟାୟାର୍ସ ଶ୍ରମିକ ସମସ୍ୟା ସମ୍ପର୍କରେ ତ୍ରିପାକ୍ଷିକ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୧ଟା।
- ପୁରାତନ ଛାତ୍ର ସଂସଦ ସମାବେଶ, ସ୍ଥାନ: କମର୍ସ ବ୍ଲକ, ଫକୀରମୋହନ କଲେଜ, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୧ଟା ୩୦।

## ଭଦ୍ରକ

- ସୁଭଦ୍ରା ସଚେତନତା ରଥ ପରିକ୍ରମା, ସ୍ଥାନ: ଧାମନଗର ବ୍ଲକ କାର୍ଯ୍ୟାଳୟ, ବନ୍ତ ବ୍ଲକ କାର୍ଯ୍ୟାଳୟ, ଭଦ୍ରକ ବ୍ଲକ କାର୍ଯ୍ୟାଳୟ,ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।

## କେନ୍ଦୁଝର

- ରବି ନାରାୟଣ ମନ୍ଦିରରେ ପୂଜା ଏବଂ ଆଦିତ୍ୟ ହୃଦୟ ସ୍ତୋତ୍ର ପାଠ, ସ୍ଥାନ:ଢ଼ଅଁର, ହାଟଡିହୀ, ସମୟ:ସକାଳ ୬ ଟା।
- ବିଭିନ୍ନ ଦେବୀ ଓ ଶୈବ ମନ୍ଦିରରେ ଋଷି ପଞ୍ଚମୀ ବ୍ରତ ପାଳନ ଏବଂ ମାନସିକ ପୂଜା,ସ୍ଥାନ:ହାଟଡିହୀ, ସମୟ :ସକାଳ ୭ ଟା।
- ଗଣେଶ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଭଜନ ସମାରୋହ, ସ୍ଥାନ:ବଳଭଦ୍ରପୁର, ବିଷ୍ଣୁପୁର,ହାଟଡିହୀ, ସମୟ :ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ବିଶ୍ୱ ସାକ୍ଷରତା ଦିବସ ପାଳନ, ସ୍ଥାନ: ଶହୀଦ ସ୍ମୃତି ଭବନ ବାରିପଦା, ସମୟ: ପୂର୍ବାହ୍ଣ ୧୧ଟା।

## ବ୍ରହ୍ମପୁର

- ଚକ୍ଷୁଦାନ ପକ୍ଷ ଉଦ୍‌ଯାପନୀରେ ସଚେତନତା ରାଲି, ସ୍ଥାନ: ଖଲ୍ଲିକୋଟ କଲେଜ ଖେଳପଡିଆ, ସମୟ: ସକାଳ ୭ଟା ୩୦।

## ଗଞ୍ଜାମ

- ଜେସିସ୍ କ୍ଲବ ପକ୍ଷରୁ ଚକ୍ଷୁ ଓ ଦନ୍ତ ଚିକିତ୍ସା ଶିବିର, ସ୍ଥାନ: ଲାୟନ୍ସ କମ୍ୟୁନିଟି ହଲ, ଆସିକା, ସମୟ: ପୂର୍ବାହ୍ଣ ୧୦ଟା।
- ରଙ୍ଗେଇଲୁଣ୍ଡା ବ୍ଲକ ପଞ୍ଚାୟତ ସମିତି ବୈଠକ, ସ୍ଥାନ:ରଙ୍ଗେଇଲୁଣ୍ଡା ବ୍ଲକ ସଦ୍‌ଭାବନା ଗୃହ, ସମୟ:ପୂର୍ବାହ୍ଣ ୧୧ଟା।
- ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା, ସ୍ଥାନ: ଟାଉନ ହଲ, ସମୟ: ପୂର୍ବାହ୍ଣ ୧୧ ଟା।
- ଓଡ଼ିଆ ସମାଜର ଜିଲାସ୍ତରୀୟ ସାଙ୍ଗଠନିକ ବୈଠକ, ସ୍ଥାନ: ସମାଜ ସଭାଗୃହ, ଆସିକା ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ଣ ୧୧ଟା।

## ଜଗତ୍‌ସିଂହପୁର

- ନୂଆଖାଇ ଉପଲକ୍ଷେ ଗୋରେଖନାଥ କୃଷକ ମହାସଂଘ ପକ୍ଷରୁ ପ୍ରତିଭା ଚୟନ ଉତ୍ସବ, ସ୍ଥାନ: ରଘୁନାଥପୁର ବ୍ଲକ ରେଢୁଆ ନୂଆଗଡ଼ସ୍ଥିତ ହରିଶ୍ଚନ୍ଦ୍ର ଭୂୟାଁ କ୍ୟାମ୍ପସ, ସମୟ: ସକାଳ ୮ଟା।
- ସିଏମ୍ କୃଷକ କଲ୍ୟାଣନିଧି ବଣ୍ଟନ କାର୍ଯ୍ୟକ୍ରମର ଆଭାସୀରେ ଶିଳ୍ପମନ୍ତ୍ରୀଙ୍କ ଯୋଗଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ଣ ୧୧ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ବିଶ୍ୱ ଫିଜିଓଥେରାପି ଦିବସ ଉପଲକ୍ଷେ ପୁର୍ନବାସ ପକ୍ଷରୁ ନିଶୁଳ୍କ ଶିବିର, ସ୍ଥାନ: ଅମରଉଦ୍ୟାନ, ମାଧପୁର, କେନ୍ଦ୍ରାପଡ଼ା ସହର, ସମୟ:ସକାଳ ୮ଟା।
- ଗ୍ରାମ୍ୟଜ୍ୟୋତି ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ:ଦୁହୁରିଆ ଛକ, କେନ୍ଦ୍ରାପଡ଼ା, ସମୟ:ସକାଳ ୮ଟା।
- ସୁଭଦ୍ରା ଯୋଜନା ସଚେତନତା ରଥ ଭ୍ରମଣ, ସ୍ଥାନ: ଭାରିଗଦା ପଞ୍ଚାୟତ କାର୍ଯ୍ୟାଳୟ, ରାଜକନିକା, ବାଲିସାହି ପାଟଣା ପଞ୍ଚାୟତ କାର୍ଯ୍ୟାଳୟ, ରାଜନଗର, ଜଅଁରା ବାରିମୂଳ ପଞ୍ଚାୟତ କାର୍ଯ୍ୟାଳୟ, ଡେରାବିଶ, ହଳଦୀବସନ୍ତ, ରାଜଗଡ ପଞ୍ଚାୟତ, ମହାକାଳପଡା, ସମୟ: ପୂର୍ବାହ୍ଣ ୧୦ଟା।
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ,ସ୍ଥାନ: ପଲେଇ, ଡେରାବିଶ, ସମୟ: ପୂର୍ବାହ୍ଣ ୧୦ଟା।

## ଯାଜପୁର

- ଜାରକା ଗଣେଶ ପୂଜା କମିଟି ପକ୍ଷରୁ ବାଦିପାଲା, ସ୍ଥାନ: ଧର୍ମଶାଳା ବ୍ଲକର ଜାରକା ଗଣେଶ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ, ସ୍ଥାନ:ନୟାଗଡ଼ ରେଳ ଷ୍ଟେଶନ, ସମୟ:ସକାଳ ୭ଟା୩୦।
- ଭାରତ ବିକାଶ ପରିଷଦ ନୟାଗଡ଼ ଶାଖା ପକ୍ଷରୁ ତାଳଚାରା ରୋପଣ, ସ୍ଥାନ:ନୟାଗଡ଼ ବ୍ଲକ ବଡପଣ୍ଡୁସରର କୁସୁମୀ ନଦୀପଠା, ସମୟ: ସକାଳ ୮ଟା।
- ଗଣେଶ ପୂଜା ଅବସରରେ ନୟାଗଡ଼ ବଣିକ ସଂଘ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ, ସ୍ଥାନ:ରାଜୀବ ମାର୍କେଟ ସମ୍ମୁଖ ନୟାଗଡ଼ ବଜାର, ସମୟ:ମଧ୍ୟାହ୍ନ ୧୨ଟା।
- ଗଣେଶ ପୂଜା ଅବସରରେ ନୟାଗଡ଼ ବଣିକ ସଂଘ ପକ୍ଷରୁ ବାଦିପାଲା, ସ୍ଥାନ:ରାଜୀବ ମାର୍କେଟ ସମ୍ମୁଖ ନୟାଗଡ଼ ବଜାର, ସମୟ:ଅପରାହ୍ଣ ୩ଟା ୩୦।

## ରାୟଗଡ଼ା

- ମା ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ଗୁଣପୁର ବ୍ଲକ ଅଫିସ ସମ୍ମୁଖ ମା ଗଜଲକ୍ଷ୍ମୀ ପୂଜା ମଣ୍ଡପ, ସମୟ: ସକାଳ ୮ଟା।
- ମା ଦକ୍ଷିଣ କାଳୀଙ୍କ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ଗୁଣପୁର ଆଇଟିଡିଏ ଅଫିସ ପାର୍ଶ୍ୱ ମା କାଳୀ ପୂଜା ମଣ୍ଡପ, ସମୟ: ସକାଳ ୮ଟା।

## ନବରଙ୍ଗପୁର

- ମୁଖ୍ୟମନ୍ତ୍ରୀ କୃଷି ସହାୟତା ନେଇ ଆବାସୀ ମାଧ୍ୟମରେ ବୈଠକ, ସ୍ଥାନ: ଅସଓ୍ୱାନ କକ୍ଷ, ସମୟ: ଅପରାହ୍ଣ ୪ଟା ୩୦।

## ସମ୍ବଲପୁର

- ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି, ସ୍ଥାନ : ସମଲେଇ ମନ୍ଦିର, ସମୟ : ସକାଳ ୯ ଟା୧୨ ।
- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗସ୍ତ, ସ୍ଥାନ : ନନ୍ଦପଡା, ସମୟ : ସକାଳ ୯ ଟା ।
- ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ସମଲେଇ ମନ୍ଦିର ଦର୍ଶନ, ସ୍ଥାନ : ସମୟ : ଅପରାହ୍ଣ ୧ଟା ୩୦।
- ମାରୱାଡି ଯୁବାମଞ୍ଚ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ : ରିଭର ଇନ ସଭାକକ୍ଷ, ସମୟ : ମଧ୍ୟାହ୍ନ ୨ଟା୩୦।
- ମୁଖ୍ୟମନ୍ତ୍ରୀ କିଷାନ ଯୋଜନାର ଶୁଭାରମ୍ଭ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ : ଅପରାହ୍ଣ ୪ଟା।
- ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ: ଠେମରା ଗ୍ରାମ, ସମୟ : ପୂର୍ବାହ୍ଣ ୪ ଟା ୩୦। ସ୍ଥାନ : କବରାପାଲି ଶ୍ରୀମ ମନ୍ଦିର ପରିସର, ସମୟ: ସନ୍ଧ୍ୟା : ୬ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ : ଝାଡୁଆ ପଡା ଆରଣ୍ୟକ ମଞ୍ଚ, ସମୟ : ଅପରାହ୍ଣ ୫ଟା ।
- ସମଲେଶ୍ୱରୀ ଯୁବକ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ : ସମଲେଇ ମନ୍ଦିର ପରିସର, ସମୟ : ସନ୍ଧ୍ୟା ୬ଟା ।
- ନନ୍ଦପଡା ଚିତ୍ରୋତ୍ପଳା ଯୁବକ ସଂଘ ପକ୍ଷରୁ ପକ୍ଷରୁ ନୂଆଁଖାଇ ଭେଟଘାଟ, ସ୍ଥାନ : ରିଭର ଇନ ସଭାକକ୍ଷ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର

- ସମଲେଶ୍ୱରୀ ମନ୍ଦିରରେ ନବାନ୍ନ ବିଧି, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବଲାଙ୍ଗୀର,ସମୟ: ପୂର୍ବାହ୍ଣ ୯ଟା ୩୫ ।
- ପାଟଣେଶ୍ୱରୀ ମନ୍ଦିରରେ ନବାନ୍ନ ବିଧି, ସ୍ଥାନ: ପାଟଣେଶ୍ୱରୀ ମନ୍ଦିର, ବଲାଙ୍ଗୀର, ସମୟ: ପୂର୍ବାହ୍ଣ ୯ଟା ୩୫ ।

## ସୁବର୍ଣ୍ଣପୁର

- ନବାନ୍ନ ଭୋଗ ପାଇଁ ଅଷ୍ଟଚଣ୍ଡୀଙ୍କ ପୀଠକୁ ପାହୁର ଯାତ୍ରା, ସ୍ଥାନ: ସୋନପୁର ସହର ସମଲେଶ୍ୱରୀ ମନ୍ଦିର, ସମୟ: ସକାଳ ୮ଟା ୩୦।
- ଶ୍ରୀ ଜଗନ୍ନାଥଙ୍କଠାରେ ନବାନ୍ନ ଲାଗି, ସ୍ଥାନ: ପାତାଳୀ ଶ୍ରୀକ୍ଷେତ୍ର, କୋଟସମଲେଇ,ଉଲୁଣ୍ଡା ବ୍ଲକ, ସମୟ: ସକାଳ ୯ଟା।
- ନୂଆଁଖାଇ ପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଦୁର୍ଗାମନ୍ଦିର, ତ୍ରିବେଣୀ ଛକ,ବୀରମହାରାଜପୁର, ସମୟ: ସକାଳ ୯ ଟା।
- ମୁଁ ବି ହେବି ପ୍ରତିଭା, ସ୍ଥାନ: ଭାଲୁଡୁଙ୍ଗୁରୀ,ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ଣ ୩ଟା।
- ଭଜନ କାର୍ଯ୍ୟକ୍ରମ, ସ୍ଥାନ: କଳାପଥର, ଉଲୁଣ୍ଡା ବ୍ଲକ, ସମୟ:ସନ୍ଧ୍ୟା ୭ଟା।
- ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ: ଦାଦରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୂଆଁଖାଇ ଭେଟ୍‌ଘାଟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମହଦା,ଉଲୁଣ୍ଡା ବ୍ଲକ, ସମୟ: ସନ୍ଧ୍ୟା ୭ଟା ୩୦।

## ବରଗଡ଼

- ବଳରାମ ଦେବ କ୍ଲବର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ଖଜୁରଟିକ୍ରା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୫ଟା।
- ଗଣେଶ ଭଗବାନଙ୍କ ଆଳତି, ସ୍ଥାନ: ସହରସ୍ଥିତ ବିଭିନ୍ନ ପେଣ୍ଡାଲ, ସମୟ: ପୂର୍ବାହ୍ଣ ୧୦ଟା।
- ସୁଭଦ୍ରା ଯୋଜନା ରଥ ଆଗମନ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ, ସମୟ: ପୂର୍ବାହ୍ଣ ୧୦ଟା।

## ସୁନ୍ଦରଗଡ଼

- ସୁନ୍ଦରଗଡ଼ର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଅର୍ପଣ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ସକାଳ ୯ଟା୧୫।
- ସଙ୍କଟମୋଚନ ମନ୍ଦିରରେ ନୂଆ ଚାଉଳ ଭୋଗ, ସ୍ଥାନ: ଝୁରିମାଲ, ସମୟ: ମଧ୍ୟାହ୍ନ ୧୨ଟା ୪୫।
- ଝୁରିମାଲରେ ସାମୂହିକ ନୂଆଁଖାଇ, ସ୍ଥାନ: ଝୁରିମାଲ ଗାଁ, ସମୟ: ଅପରାହ୍ଣ୨ଟା।
- ଅବନକେଲା ଗଣେଶ ପୂଜା କମିଟି ପକ୍ଷରୁ ନୂଆଁଖାଇ ଭେଟଘାଟ ସମାରୋହର ପ୍ରଥମ ଦିନ, ସ୍ଥାନ: ନୂଆଖାଇ ଭେଟଘାଟ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ଭାଜପାର ସଦସ୍ୟତା ଅଭିଯାନ, ସ୍ଥାନ: ବିଶ୍ରା ଛକ ସମେତ ସହରର ଅନ୍ୟ ସ୍ଥାନ, ସମୟ: ସକାଳ ୮ଟା।
- ନୂଆଁଖାଇ କାର୍ଯ୍ୟକ୍ରମ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସେକ୍ଟର ୬ ସି ବ୍ଲକ ଓ ସେକ୍ଟର--୧୭, ସମୟ: ପୂର୍ବାହ୍ଣ ୧୦ଟା।
- ଶିଶୁ ଚଳଚ୍ଚିତ୍ର 'ପତଙ୍ଗ'ର ପ୍ରିମିୟର, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ଅପରାହ୍ଣ ୫ଟା ।
- ଉତ୍କଳ ସମ୍ମିଳନୀ ପକ୍ଷରୁ ନୂଆଁଖାଇ ପର୍ବ, ସ୍ଥାନ: ଧାମରାସଂଘ, ସମୟ: ସନ୍ଧ୍ୟା ୬ଟା ।
- ହନୁମାନ ବାଟିକାରେ ନୂଆଁଖାଇ ପର୍ବ, ସ୍ଥାନ: ହନୁମାନ ବାଟିକା, ରାଉରକେଲା, ସମୟ: ସନ୍ଧ୍ୟା ୭ଟା।
- ବାସନ୍ତୀ ପାଠାଗାରରେ ସାହିତ୍ୟ ସଭା, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୭ଟା ।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ ସହର, ସମୟ: ପ୍ରାତଃ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବିଜେଡି କାର୍ଯ୍ୟାଳୟ, ଦେବଗଡ ସହର, ସମୟ: ପୂର୍ବାହ୍ଣ ୧୦ଟା।
- ଶ୍ରୀଶ୍ରୀ ଗଣେଶ ପୂଜା, ସ୍ଥାନ: ଗଣେଶ ପୂଜା ମଣ୍ଡପ, ଦେବଗଡ, ସମୟ: ପୂର୍ବାହ୍ଣ ୧୦ଟା।
- ଗଣେଶ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସୁର ସଙ୍ଗୀତ ସମାରୋହ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ, ସମୟ: ଅପରାହ୍ଣ ୩ଟା ୩୦।
- ତ୍ରିନାଥ ମନ୍ଦିରରେ ମେଳା, ସ୍ଥାନ: ବାବୁସାହି, ଦେବଗଡ ସହର, ସମୟ: ସନ୍ଧ୍ୟା ୬ଟା।
- ଗଣେଶ ମେଳା ଅବସରରେ ମା' ତର ସାହାରା, ଆକାଶ ପଟ୍ଟନାୟକ ଓ ସମ୍ବଲପୁରୀ ମେଲୋଡି, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- କଦଧିବାମନ ମନ୍ଦିରରେ ନବାନ୍ନ, ସ୍ଥାନ: ଜୁନାଗଡ଼ ବ୍ରହ୍ମଣପଡ଼ା, ସମୟ: ୯ଟା ୧୫।

## ନୂଆପଡ଼ା

- ନୂଆଖାଇ ପାଳନ, କବିତା ପାଠ ଉତ୍ସବ, ସ୍ଥାନ: ଖଡ଼ିଆଳ ସଂସ୍କୃତି ଅନୁଷ୍ଠାନ, ସମୟ: ସନ୍ଧ୍ୟା ୬ଟା।
- ନୂଆଖାଇ ଉପଲକ୍ଷେ ଦେବ ପୂଜନ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ, ସମୟ: ସକାଳ ୮ଟା।
- କାଣାଭୈରାଙ୍କଠାରେ ନୂଆ ଭୋଗ ଅର୍ପଣ, ସ୍ଥାନ: ନୂଆପଡା ସଦର ମହକୁମାର କାଣାଭୈରା ମନ୍ଦିର, ସମୟ: ସକାଳ ୮ଟା ୨୦।
- ୪୪ ବ୍ରାହ୍ମଣ ପରିବାରଙ୍କ ନବାନ୍ନ ଭକ୍ଷଣ, ସ୍ଥାନ: ବୋଡେନ ବ୍ଲକ ତାରାପୁର ଗାଁ ଜଗନ୍ନାଥ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ବୌଦ୍ଧ

- ବୌଦ୍ଧର ଅଧିଷ୍ଠାତ୍ରୀ ଦେବୀ ମା' ଭୈରବୀଙ୍କ ମନ୍ଦିରରେ ନୂଆଁଖାଇ ଉତ୍ସବ, ସ୍ଥାନ: ମା' ଭୈରବୀଙ୍କ ମନ୍ଦିର, ବୌଦ୍ଧ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆର୍ଥିକ ଉନ୍ନତି ସହ କୌଣସି ନୂଆ କାମଟିଏ ଆରମ୍ଭ କରିବା ସକାଶେ ଯୋଜନା କରିବେ। ଯାନବାହନ, ପାରିବାରିକ ସମ୍ପର୍କ, ହୋଟେଲ ଶିଳ୍ପ, ଛୋଟ ଦୋକାନ ପ୍ରଭୃତିରୁ ସୁଫଳ ମିଳିବ। ଆନୁଷ୍ଠାନିକ କାମରେ ବ୍ୟତିକ୍ରମକୁ ସମାଧାନ କରିପାରିବେ। ପାରିବାରିକ କ୍ଷେତ୍ରରେ ବୁଝାମଣା ନେଇ ସହମତି ଦେଖାଦେଇପାରେ।

**ବୃଷ** ଶାରୀରିକ ଦୁର୍ବଳତା ଦୂରେଇଯିବାର ଅନୁଭବ କରିବେ ଓ ବନ୍ଧୁମାନଙ୍କ ସହାନୁଭୂତି ମଧ୍ୟ ପାଇବେ। ରବିଙ୍କ ସ୍ଥିତିରୁ ପାରିବାରିକ ସ୍ଥିତିରେ ଉନ୍ନତିର ଆଶା କରାଯାଇପାରେ। ସଚ୍ଚୋଟତା ଓ କର୍ମଦକ୍ଷତା ହେତୁ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ। ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ମିଥୁନ** ନୂଆ ଯୋଜନା ମାଧ୍ୟମରେ ଅର୍ଥନୈତିକ ଅଭିବୃଦ୍ଧି ସହ ସାମାଜିକ ପ୍ରତିଷ୍ଠା ମିଳିବ। ପୂର୍ବାହ୍ନରେ କିଛି ଦିନ ହେଲା ଥିବା ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବା ସୂଚନା ରହିଛି। ବସ୍ତ୍ର ଓ ଅଳଙ୍କାର, ଔଷଧପତ୍ର କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କରିବା କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇପାରନ୍ତି। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡ଼ିପାରେ।

**କର୍କଟ** ଆଜିର ଗ୍ରହସ୍ଥିତି ଅନ୍ୟମାନଙ୍କ ସହ ମିଳିମିଶି କାମ କରିବାର ସୁଯୋଗ ଲାଭକରି ଖୁସି ରହିବେ। ଭାଙ୍ଗିଯାଇଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ ଏବଂ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି। ମାଲିମକଦ୍ଦମାରେ ସଫଳତା ପାଇବା ସହ ଶିକ୍ଷା, ଗବେଷଣା, ପରୀକ୍ଷାରେ ସଫଳତା ମିଳିବ।

**ସିଂହ** ଅନ୍ୟମାନଙ୍କଠାରୁ କିଛି ଖବର ଶୁଣି କିମ୍ବା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। କାର୍ଯ୍ୟବ୍ୟସ୍ତତାଜନିତ ପରିବାର ତଥା ପିଲାମାନଙ୍କୁ ସମୟ ଦେଇପାରିବେ ନାହିଁ। ରାଜନୈତିକ ପରିସ୍ଥିତି, ସାମ୍ବାଦିକତା, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ସଂକଟ ସ୍ଥିତି ଉପୁଜିପାରେ। ଗୃହସୀମା କିମ୍ବା ଜମିଜମାର ବିବାଦୀୟ ଘଟଣା ଅମୀମାଂସିତ ରହିବ।

**କନ୍ୟା** ପରିବାରର ଖର୍ଚ୍ଚ ବୃଦ୍ଧି ମାନସିକ ଅସ୍ଥିରତା ସୃଷ୍ଟି କରିବ। ପରୋକ୍ଷ ଶତ୍ରୁତା ସହ ସ୍ୱାସ୍ଥ୍ୟହାନି ଓ ଋଣ ପରିଶୋଧର ଚିନ୍ତା ମନକୁ ଘାରିପାରେ। କର୍ମକ୍ଷେତ୍ରରେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କଲେ ମଧ୍ୟ ସମର୍ଥନ ପାଇବେ ନାହିଁ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଆକସ୍ମିକ ଭାବରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**ତୁଳା** ହିତୈଷୀଙ୍କ ପରାମର୍ଶ ଅନୁଯାୟୀ କର୍ମାରମ୍ଭ ଚିନ୍ତା କରିପାରନ୍ତି। ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କଲେ ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିଲେ ମଧ୍ୟ କଳା, ସାହିତ୍ୟ, ସଙ୍ଗୀତ ଓ ସଭାସମିତିରେ ସୁନାମ ମିଳିବ। ସାମାଜିକ ସ୍ତରରେ ସେବା ଓ ସହଯୋଗଜନିତ ସୁନାମ ଅର୍ଜନ କରିବେ।

**ବିଛା** ଆଜି ଅନୁରାଧା ନକ୍ଷତ୍ର ସଭାସମିତିରେ ଫଳପ୍ରଦ ଆଲୋଚନା କରିବେ, ଯାହାକି ବହୁଜନାଦୃତ ହେବ। ନିକଟରୁ ଦୂରରେ ରହି ପରିବାରର ଅପ୍ରୀତିଭାଜନ ହେବାକୁ ପଡ଼ିପାରେ। ଆଜିର ଯାତ୍ରା, ପ୍ରକଳ୍ପାରମ୍ଭ, ବ୍ୟବସାୟ ଓ ପରିବହନରେ ସମସ୍ୟାଗ୍ରସ୍ତ ହେବେ। ଉପସ୍ଥିତ ବୁଦ୍ଧିରେ କାମ ହାସଲ ସହ ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବେ।

**ଧନୁ** ଆଜି ଆୟ ଅପେକ୍ଷା ବ୍ୟୟ ବହୁଗୁଣିତ ହୋଇପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ, ଯାହାକି କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବାରେ ସାହାଯ୍ୟ କରିବ। ମାଙ୍ଗଳିକ କାମ ସକାଶେ ଗୃହସଜ୍ଜା ପ୍ରତି ଆଗ୍ରହ ବଢ଼ିପାରେ। ପରିବାର, ଲୋକସମ୍ପର୍କ, ବାଣିଜ୍ୟ, ବ୍ୟବସାୟ ଓ ଯାତ୍ରା ଗତାନୁଗତିକ ରୀତିରେ ଗଡ଼ିଚାଲିବ।

**ମକର** ଆଜିର ଯାତ୍ରା ସମୟରେ ଟଙ୍କା, ପଇସା କିମ୍ବା କାଗଜପତ୍ର ହଜିଯାଇପାରେ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ପାରିବାରିକ ଜୀବନଚର୍ଯ୍ୟା ସମସ୍ୟାବହୁଳ ରହିବ। ବିଶିଷ୍ଟବ୍ୟକ୍ତିଙ୍କ ଆହ୍ୱାନରେ ଆନୁଷ୍ଠାନିକ କାମରେ ସଫଳତା ଦିଗକୁ ମନ ବଳାଇବେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।

**କୁମ୍ଭ** ଆଜି ମନ ଜାଣିଲା ଭଳି କଥା ଓ କାମ କରି ବନ୍ଧୁ, ପରିଜନଙ୍କ ପ୍ରଶଂସାର ପାତ୍ର ହେବେ। ପରିବହନ ଓ ବ୍ୟବସାୟରେ ଶିଥିଳତା ଦେଖାଦେବ। ରପ୍ତାନି ବାଣିଜ୍ୟରେ କ୍ଷତି ଆଶଙ୍କା ରହିଛି। ପାରିବାରିକ କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଆବଶ୍ୟକତା ପୂରଣ ପାଇଁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।

**ମୀନ** ପୂର୍ବଭାଦ୍ର ନକ୍ଷତ୍ର ସକାଶେ ଦିନଟି ବହୁତ ବଢ଼ିଆ। ଯାହା ଚାହୁଁଛନ୍ତି ତାହା ପାଇବେ। ତଥାପି କର୍ମକ୍ଷେତ୍ରରେ ବିଜାତୀୟ ବ୍ୟକ୍ତି ଜଣେ ଅସହଯୋଗ କରିପାରେ, ଏଣୁ ସତର୍କତା ଅବଲମ୍ବନୀୟ। ପରିବାରରେ ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ବ୍ୟକ୍ତ କରିପାରନ୍ତି। ଅବଶ୍ୟ ପଡ଼ୋଶୀଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର ମଧ୍ୟରେ ନିଜକୁ ହଜାଇ ଦେବେ।

ଆଜି ସେପ୍ଟେମ୍ବର ୮ ତାରିଖ, ବିଶ୍ୱ ସାକ୍ଷରତା ଦିବସ, ଶ୍ରୀମନ୍ଦିରରେ ଋଷିପଞ୍ଚମୀ ଓ ଦାହଲୀଳା, ସ୍ୱାମୀ ଶିବାନନ୍ଦ ଜୟନ୍ତୀ, ପଶ୍ଚିମ ଓଡ଼ିଶାର ନୂଆଁଖାଇ ପର୍ବ, ଖୁଦୁରୁକୁଣୀ ଓଷା ତୃତୀୟ ପାଳି, ଭାଦ୍ରବ ଶୁକ୍ଳପଞ୍ଚମୀ ରବିବାର। ରାଶିନକ୍ଷତ୍ର- ସ୍ୱାତୀ/ତୁଳା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫।୩୬ ଗତେ ଘ.୦୯।୪୧ ମଧ୍ୟେ, ଘ.୦୧।୧୬ ଗତେ ଘ.୦୧।୪୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୪।୨୦ ଗତେ ଘ.୦୫।୫୧ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ମଣିପୁରରେ ପୁଣି ...

ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଶନିବାର ଜରୁରୀ କ୍ୟାବିନେଟ ବୈଠକ ଡାକି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସପ୍ତାହେ ହେଲା ଏହି ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ଉତ୍ତେଜନା ଲାଗି ରହିଛି। ଅନିଶ୍ଚିତତା ସ୍ଥିତି ଲାଗିରହିଥିବାବେଳେ କୋ-ଅର୍ଡିନେଟିଂ କମିଟି ଅନ୍ ମଣିପୁର ଇଣ୍ଟିଗ୍ରିଟିର ମୁଖପାତ୍ର ଖୁରାଇଜାମ୍ ଅଥୌବା ଅନିର୍ଦ୍ଦିଷ୍ଟ କାଳ ପାଇଁ ସାଧାରଣ ଜରୁରୀ ସ୍ଥିତି ଘୋଷଣା କରିଛନ୍ତି। କୁକି ସମ୍ପ୍ରଦାୟ ଅଧିକ ଆକ୍ରମଣାତ୍ମକ ହେଉଥିବା ସେ କହିଛନ୍ତି। ଗତ କିଛିଦିନ ମଧ୍ୟରେ ଇମ୍ଫାଲ ୱେଷ୍ଟରେ ଅନେକ ଡ୍ରୋନ୍ ଆକ୍ରମଣରେ ବହୁ ଲୋକଙ୍କ ମୃତ୍ୟୁ ଘଟିଲାଣି। ଆକ୍ରମଣରେ ମିଶାଇଲ ଏବଂ ରକେଟକୁ ମଧ୍ୟ ବ୍ୟବହାର କରାଯାଉଥିବାରୁ ଏହା ସାଧାରଣ ଆକ୍ରମଣ ନୁହେଁ ବୋଲି ଅଥୌବା କହିଛନ୍ତି। ନିକଟରେ ହିଂସାକାଣ୍ଡବେଳେ ବିଷ୍ଣୁପୁର ଏବଂ ପୂର୍ବ ଇମ୍ଫାଲ ଜିଲାର ଲୋକମାନେ ଆକାଶରେ ବହୁସଂଖ୍ୟାରେ ଡ୍ରୋନ୍ ଦେଖିଥିଲେ। ଆକ୍ରମଣ ଆଶଙ୍କାରେ ସେମାନେ ରାତିରେ ଲାଇଟ୍‌ଗୁଡ଼ିକୁ ବନ୍ଦ କରିଦେଇଥିଲେ। ଇମ୍ଫାଲ ୱେଷ୍ଟ ଜିଲାର ୨ଟି ସ୍ଥାନରେ ଉଗ୍ରପନ୍ଥୀମାନେ ଡ୍ରୋନ୍‌ରୁ ବୋମାମାଡ଼ କରିବା ପରେ ସୁରକ୍ଷା ବଳ ଅଧିକ ସଜାଗ ହୋଇଛି। ଅଧିକ ସଂଖ୍ୟାରେ ଲୋକ ମେଳି ବାନ୍ଧି ଯାତାୟାତ କରିବା ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ସୂଚନାଥାଉ କି, ପୂର୍ବରୁ ହୋଇଥିବା ହିଂସାରେ ୨୨୧ ଜଣଙ୍କ ଜୀବନ ଯାଇଥିବାବେଳେ ୬୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଘରଦ୍ୱାର ହରାଇ ଏବେ ମଧ୍ୟ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ମୁଣ୍ଡ ଗୁଞ୍ଜିଛନ୍ତି। ସଂଘର୍ଷ ବେଳେ ହଜାରେରୁ ଅଧିକ ଲୋକ ଆହତ ହେବା ସହ ୩୨ ଜଣ ନିଖୋଜ ହୋଇଥିଲେ। ଉତ୍ୟକ୍ତ ଲୋକେ ୪,୭୮୬ ଗୃହଦାହ କରିବା ସହ ମନ୍ଦିର ଓ ଚର୍ଚ୍ଚ ସମେତ ୩୮୬ଟି ଧର୍ମୀୟ ସ୍ଥଳକୁ ଭଙ୍ଗାରୁଜା କରିଥିଲେ। ତେବେ ବେସରକାରୀ ଭାବେ ଏହି ସଂଖ୍ୟା ବହୁତ ଅଧିକ ବୋଲି କୁହାଯାଏ।

### ହାଇକୋର୍ଟରେ ୬୨,୦୦୦ ମାମଲା ...

ମାମଲା ମଧ୍ୟରୁ ୨ଟି କୋଲକାତା ହାଇକୋର୍ଟରେ ଏବଂ ଗୋଟିଏ ମାଡ୍ରାସ ହାଇକୋର୍ଟରେ ଅଟକି ରହିଛି। ଚଳିତ ସପ୍ତାହ ପ୍ରଥମ ଭାଗରେ ଜିଲା ନ୍ୟାୟିକ ବ୍ୟବସ୍ଥା ଉପରେ ଜାତୀୟ ସମ୍ମିଳନୀରେ ତ୍ୱରିତ୍ ନ୍ୟାୟ ଉପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜୋର୍ ଦେଇଥିଲେ। ନ୍ୟାୟପାଳିକାରେ ସ୍ଥଗିତ ସଂସ୍କୃତି ବଦଳିବା ଆବଶ୍ୟକ ବୋଲି ସେ କହିଥିଲେ। ଦେଶର ବିଭିନ୍ନ ହାଇକୋର୍ଟରେ ୫୮.୫୯ ଲକ୍ଷ ମାମଲା ବିଚାର ଅପେକ୍ଷାରେ ପଡ଼ିରହିଛି। ସେଥିରୁ ୪୨.୬୪ ଲକ୍ଷ ଦେୱାନି ମାମଲା ହୋଇଥିବାବେଳେ ୧୫.୯୪ ଲକ୍ଷ ଫୌଜଦାରି ମାମଲା। ନ୍ୟାଶନାଲ ଜୁଡିସିଆଲ ଡାଟା ଗ୍ରୀଡ୍ ଅନୁଯାୟୀ ହାଇକୋର୍ଟଗୁଡ଼ିକରେ ପଡ଼ିରହିଥିବା ମାମଲା ମଧ୍ୟରୁ ପାଖାପାଖି ୨.୪୫ ଲକ୍ଷ ୨୦ରୁ ୩୦ ବର୍ଷର ପୁରୁଣା।

# ସୁଭଦ୍ରା ସଚେତନତା ରଥ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର,୭।୯(ଅନିଲ ଦାସ)**

ଆସନ୍ତା ୧୭ ତାରିଖରେ ବହୁ ପ୍ରତୀକ୍ଷିତ ସୁଭଦ୍ରା ଯୋଜନା ଆରମ୍ଭ ହେବ। ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏହା ଏକ ବିରାଟ ପରିବର୍ତ୍ତନ ଆଣିବ। ଏହି ଯୋଜନା ସମ୍ପର୍କରେ ରାଜ୍ୟବ୍ୟାପୀ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ସାରା ଓଡ଼ିଶାରେ ସୁଭଦ୍ରା ସଚେତନତା ରଥ ବୁଲିବ। ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗଠାରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ନିଜର ସ୍ୱପ୍ନ ପୂରଣ ପାଇଁ ଏହି ଯୋଜନା ସୁଯୋଗ ପ୍ରଦାନ କରିବ। ଏଥିସହିତ ସେମାନଙ୍କୁ ସ୍ୱୀକୃତି ଦେବା ଏହି ସୁଭଦ୍ରା ଯୋଜନାର ମୂଳ ଲକ୍ଷ୍ୟ। ଏହା କେବଳ ଏକ ସରକାରୀ ଯୋଜନା ନୁହେଁ, ଏହା ଓଡିଆ ଅସ୍ମିତାର ପରିଚୟ ହେବ। ପ୍ରତ୍ୟେକ ମା' ଓ ଭଉଣୀମାନଙ୍କ ମନକୁ ବୁଝି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତିଶ୍ରୁତିକୁ ଏହି ଯୋଜନା ପୂରଣ କରିବ। ଏହି ଯୋଜନାର ସୁଫଳ ସମ୍ପର୍କରେ ସୁଭଦ୍ରା ରଥ ସମଗ୍ର ରାଜ୍ୟର ମହିଳାମାନଙ୍କୁ ସଚେତନ କରିବ। ରାଜ୍ୟର ସମସ୍ତ ମହିଳାଙ୍କ ସ୍ୱପ୍ନ ଓ ଆକାଂକ୍ଷା ପୂରଣ ଦିଗରେ ଏହା ହେଉଛି ରାଜ୍ୟ ସରକାରଙ୍କ ଏକ ନିଷ୍ଠାପର ଉଦ୍ୟମ। କୌଣସି ଯୋଗ୍ୟ ମହିଳା ଯେପରି ଏହି ଯୋଜନାରୁ ବାଦ୍ ନ ପଡ଼ନ୍ତି ତାହାକୁ ମଧ୍ୟ ପ୍ରାଥମିକତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ସରକାରକୁ ଆସିବାର କିଛି ସମୟ ମଧ୍ୟରେ କ୍ୟାବିନେଟ୍‌ରେ ସୁଭଦ୍ରା ଯୋଜନା ଅନୁମୋଦିତ ହେଲା। ପ୍ରତିଶ୍ରୁତିକୁ ପ୍ରତିବଦ୍ଧତାରେ ପରିଣତ କରାଯାଇ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ସୁଭଦ୍ରା ରଥ ସମସ୍ତଙ୍କୁ ଏହି ଯୋଜନା ବିଷୟରେ ସଚେତନ କରିବ। ଶେଷ ହିତାଧିକାରୀ ଯୋଜନାରେ ଅନ୍ତର୍ଭୁକ୍ତ ନ ହେବା ପର୍ଯ୍ୟନ୍ତ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିବ। ଶୀଘ୍ର ସୁଭଦ୍ରା ଯୋଜନାର ଲାଭ ସମସ୍ତଙ୍କ ପାଖରେ ପହଞ୍ଚିବ।

ଏହି ଅବସରରେ ସୁଭଦ୍ରା ଯୋଜନା ସମ୍ପର୍କିତ ଏକ ସ୍ୱତନ୍ତ୍ର ଭିଡିଓ ପ୍ରଦର୍ଶିତ ହୋଇଥିବା ବେଳେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ସୁଭଦ୍ରା ସଚେତନତା ସଂଗୀତ ମଧ୍ୟ ଲୋକାର୍ପଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଯୋଗ ଦେଇଥିଲେ।

ସୂଚନାଯୋଗ୍ୟ, ଆସନ୍ତା ୧୭ ତାରିଖରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଯୋଜନାର ଶୁଭାରମ୍ଭ କରିବେ। ଏହି ଯୋଜନାରେ ପ୍ରତ୍ୟେକ ମହିଳା ବର୍ଷକୁ ୨ଟି କିସ୍ତିରେ ୧୦ ହଜାର ଟଙ୍କାର ଭାଉଚର ମିଳିବ।

# ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଓଡ଼ିଆ ବ୍ୟକ୍ତିଙ୍କୁ ମିଳିବ ପ୍ରାଧାନ୍ୟ: ମୁଖ୍ୟମନ୍ତ୍ରୀ



## ଭାରତ ମସଲାର ୨୫ତମ ଭାରତ ପ୍ରତିଭା ସମ୍ମାନ ଉତ୍ସବ

ବାରଙ୍ଗ,୭।୯(ଲିଙ୍ଗରାଜ ରାଉତ)

ଭାରତ ମହାନ ପ୍ରତିଭାମାନଙ୍କୁ ଜନ୍ମଦେଇ ଆସିଛି। ଶିକ୍ଷା, ଜ୍ଞାନ, ସୃଜନ, ଦର୍ଶନ ଆଦି କ୍ଷେତ୍ରରେ ଭାରତ ବିଶ୍ୱକୁ ସନ୍ଦେଶ ଦେଇଆସିଛି। ଐତିହ୍ୟ, ପରମ୍ପରା, ସଂସ୍କୃତି ବିଶ୍ୱକୁ ତ୍ୟାଗ ଓ ମାନବକଲ୍ୟାଣର ବାର୍ତ୍ତା ଦେଇଥାଏ। ପୂଜ୍ୟପୂଜାକୁ ସମ୍ମାନ ଦେବାରେ ପଛରେ ବି ନ ଥାଏ। ତେଣୁ ଭାରତ ମସଲା ପକ୍ଷରୁ ପ୍ରତିଭାମାନଙ୍କୁ ବାଛି ସେମାନଙ୍କୁ ସମ୍ମାନିତ କରିବା ଏକ ସୁନ୍ଦର ପଦକ୍ଷେପ ବୋଲି ଜୟ ଭାରତ ଫାଉଣ୍ଡେଶନ ଓ ଭାରତ ମସଲା ତରଫରୁ ଶନିବାର ୨୫ତମ ଭାରତ ମସଲା ପ୍ରତିଷ୍ଠା ଦିବସ ଏବଂ ଭାରତ ପ୍ରତିଭା ସମ୍ମାନ ସମାରୋହ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ରାମଦାସପୁର ଭାରତ ମସଲା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ବହୁ ରୋମାଞ୍ଚକାରୀ କାହାଣୀକୁ ଧରି ଭାରତ ମସଲା ଛିଡ଼ା ହୋଇଛି। ୧୯୯୪ରେ ଆରମ୍ଭ ହୋଇ ଭାରତ ମସଲା ୧୯୯୯ରେ ମହାବାତ୍ୟାକୁ ସାମ୍ନା କରିଥିଲା। ସେହି କଠିନ ପରିସ୍ଥିତି ଭିତରେ ଗତିକରି ଆଗକୁ ଯିବାବେଳେ ପୁଣି ପ୍ରତିବନ୍ଧକ ଦେଖାଦେଇଥିଲା। ଭାରତ ମସଲା ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କୁ ଯେତେବେଳେ ଜମି ମଗାଗଲା ସେତେବେଳେ ସରକାରଙ୍କ ବରିଷ୍ଠ ଅଣଓଡ଼ିଆ ଅଧିକାରୀମାନେ ପ୍ରଶ୍ନ କରିଥିଲେ, ତୁମେ କ'ଣ ଓଡ଼ିଆ ହୋଇ ଶିଳ୍ପ ପ୍ରତିଷ୍ଠା କରିପାରିବ ଯେ ତୁମକୁ ଜମି ଦିଆଯିବ। ହେଲେ ଏହାର ଦୃଢ଼ ଜବାବ ଦେଇ ପ୍ରମାଣ କରି ଦେଖାଇଛନ୍ତି ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ସୁରେନ୍ଦ୍ର ନାଥ ପଣ୍ଡା। ୪ଶହ ଟଙ୍କାରୁ ବ୍ୟବସାୟ ଆରମ୍ଭ କରି ଏବେ ୬୦୦କୋଟିରୁ ଊର୍ଦ୍ଧ୍ୱ ବାର୍ଷିକ ଆୟ ହେଉଥିବାବେଳେ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ୩ହଜାରରୁ ଊର୍ଦ୍ଧ୍ୱଲୋକ ଭାରତ ମସଲା ପାଇଁ ଉପକୃତ ହୋଇପାରୁଛନ୍ତି। ଆମ ସରକାର ଓଡ଼ିଆ ଉଦ୍ୟୋଗୀମାନଙ୍କୁ ପ୍ରାଥମିକତା ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛୋଟ ବ୍ୟବସାୟରୁ ବଡ଼ ବୃକ୍ଷ ହୋଇଯାଇଥିବା ଭାରତ ମସଲା ତା'ର ଗୁଣବତ୍ତା ପାଇଁ ସମସ୍ତଙ୍କ ପାଖରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଓଡ଼ିଆ ମାଟିରେ ଜନ୍ମ ନେଇଥିବା ପୁଅ ଏତେବଡ଼ ସଂସ୍ଥା ତିଆରି କରି ବହୁ ଲୋକଙ୍କୁ ନିଯୁକ୍ତି ଦେଇପାରିଛନ୍ତି,ତାହା ଆମ ସମସ୍ତଙ୍କ ପାଇ ବଡ଼ କଥା ବୋଲି ମନ୍ତ୍ରୀ ନାୟକ କହିଥିଲେ। ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କହିଲେ ଯେ, ଶିଳ୍ପ ସଂସ୍ଥାଗୁଡ଼ିକ ନେଉଥିବା ଋଣ ଚାପରୁ ମୁକ୍ତି ଏବଂ ଋଣର ସୁଧ ପରିମାଣ ହ୍ରାସ କରିବାପାଇଁ ନିଷ୍ପତ୍ତି ହେଉଛି। ଓଡ଼ିଆ ଯୁବତୀଯବକଙ୍କୁ ମଧ ଛୋଟ ଛୋଟ ଶିଳ୍ପ କରି ନିଜେ ରୋଜଗାର କରି ଅନ୍ୟ ମାନଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିବେ ସେଥିପାଇଁ ପ୍ରୋତ୍ସାହନ ମଧ ଦିଆଯାଉଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। କଟକ ସଦର ବିଧାୟକ ପ୍ରକାଶ ସେଠୀ ଅତିଥିଭାବେ ଯୋଗଦେଇ ଭାରତ ମସଲା ତା'ର ମାନର ଗୁଣବତ୍ତାକୁ ବଜାୟ ରଖି ପ୍ରତ୍ୟକ୍ଷ ଓ ପରୋକ୍ଷରେ ବହୁଲୋକ ଉପକୃତ ହେଉଥିବାବେଳେ ସର୍ବ ଭାରତୀୟ ସ୍ତରରେ ନିଜର ନାମକୁ ବଜାୟ ରଖିଥିବାରୁ ଭାରତ ମସଲା ଅଧକ୍ଷ ଓ ପ୍ରତିଷ୍ଠାତାଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଓ ଅଧକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ଅତିଥିଭାବେ ଯୋଗଦେଇ ଭାରତ ମସଲାର ୨୫ବର୍ଷର ଯାତ୍ରାଉପରେ ମତବ୍ୟକ୍ତ କରିଥିଲେ। ସମ୍ପାଦିକା ନନ୍ଦିତା ପଣ୍ଡାଙ୍କ ଦ୍ୱାରା ପ୍ରକାଶିତ ଏକ ବାର୍ଷୀକ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅରୁଣ କୁମାର ନାୟକ ଜିଏମ୍ ଅପରେଶନ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଭାରତ ଗୌରବ ସମ୍ମାନରେ ଡ. ସରୋଜ କୁମାର ପାଣିଗ୍ରାହୀ, ସେବା ଭାରତ ସମ୍ମାନରେ ଡ. ରବିନାରାୟଣ ସେନାପତି, କଥା ଭାରତ ସମ୍ମାନରେ ଡ.ଗାୟତ୍ରୀବାଳା ପଣ୍ଡା, ସଂସ୍କୃତି ଭାରତ ସମ୍ମାନରେ ସୀତାରାମ ଅଗ୍ରୱାଲ, କ୍ରୀଡ଼ା ଭାରତ ସମ୍ମାନରେ ସୁଶ୍ରୀ ବିଭାରାଣୀ ପାତ୍ର, ବିଦ୍ୟା ଭାରତ ସମ୍ମାନରେ ପ୍ରଜ୍ଞାପାରମିତା ଗିରି, ଚିନ୍ମୟପାତ୍ର,ସିଲ୍‌ଭା ସାହୁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା।

# ରିପୋର୍ଟ ଆସିଲା, ଡେରାବିଶରେ ବାର୍ଡ ଫ୍ଲୁ

- ମୃତ କୁକୁଡ଼ା ରକ୍ତ ନମୁନା ପରୀକ୍ଷା ପାଇଁ ଯାଇଥିଲା
- ଆଜିଠାରୁ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ

ଡେରାବିଶ,୭।୯(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ ଶତାଧିକ କୁକୁଡା ମୃତ୍ୟୁକୁ ନେଇ ବାର୍ଡ ଫ୍ଲୁ ଆତଙ୍କ ଲାଗି ରହିଥିଲା। ମୃତ କୁକୁଡାଙ୍କ ରକ୍ତ ନମୁନା ଗତ ରବିବାରଠାରୁ ପରୀକ୍ଷା ପାଇଁ ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ ଲାବରେଟୋରିକୁ ପଠାଯାଇଥିଲା। ଶନିବାର ସନ୍ଧ୍ୟାରେ ସେହି ରିପୋର୍ଟ ଆସିଛି। ବାର୍ଡ ଫ୍ଲୁ କାରଣରୁ କୁକୁଡ଼ା ମଡକ ବଢ଼ିଥିବା ରିପୋର୍ଟରେ ଦର୍ଶାଯାଇଛି। ଡେରାବିଶ ବ୍ଲକ୍ ଏଣ୍ଡର ଓ ବାଲିଆ ପଞ୍ଚାୟତର ବିଭିନ୍ନ ଫାର୍ମରେ ମରିଥିବା କୁକୁଡ଼ା ବାର୍ଡ ଫ୍ଲୁଜନିତ କାରଣରୁ ହୋଇଥିବା ଏହି ପରୀକ୍ଷା ରିପୋର୍ଟରେ ସ୍ପଷ୍ଟ ହୋଇଯାଇଛି। ରିପୋର୍ଟ ମିଳିବା ପରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଜିଲା କାର୍ଯ୍ୟାଳୟରେ ଶନିବାର ସନ୍ଧ୍ୟାରେ ଏକ ଜରୁରୀ ବୈଠକ ଡାକିଥିଲେ। ବୈଠକରେ ଏସ୍‌ପି ସିଦ୍ଧାର୍ଥ କଟ୍‌ଟାରିଆ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ପ୍ରାଣୀଧନ ବିଭାଗର ମୁଖ୍ୟ ଚିକିତ୍ସକ ଡା.ସୁବ୍ରତ କୁମାର ମହାପାତ୍ର, ଅତିରିକ୍ତ ଚିକିତ୍ସକ ଡା. ମୃତ୍ୟୁଞ୍ଜୟ ମହାନ୍ତି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଅନୀତା ପଟ୍ଟନାୟକ, ଡେରାବିଶ ବ୍ଲକ ପ୍ରାଣୀଧନ ଚିକିତ୍ସକ ଡା. ଦିଲୀପ କୁମାର ସେଠୀ, ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ ଓ ବିଡିଓ ଦାଶରଥି ଜେନାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ରବିବାର ଜିଲାର ପ୍ରବେଶ ପଥଗୁଡିକ ସିଲ୍ କରାଯିବା ସହ ବାଲିଆ ଓ ଏଣ୍ଡର ପଞ୍ଚାୟତର ବିଭିନ୍ନ ଫାର୍ମରେ ଥିବା ମୃତ ଓ ଜୀବିତ କୁକୁଡ଼ାକୁ ମାଟି ତଳେ ପୋତିବା ପାଇଁ ମୟୂରଭଞ୍ଜ ଓ ବାଲେଶ୍ୱରରୁ ୧୦ ଟିମ୍ ଏହି କାର୍ଯ୍ୟରେ ନିୟୋଜିତ ରହିବେ ବୋଲି ପ୍ରାଣୀଧନ ମୁଖ୍ୟ ଚିକିତ୍ସକ ଡା. ମହାପାତ୍ର ସୂଚନା ଦେଇଛନ୍ତି। ଏଥିସହିତ ଜିଲାର ୪ ଟିମ୍ ଏହି କାର୍ଯ୍ୟରେ ନିୟୋଜିତ ରହିବେ। ନିୟୋଜିତ ହେବାକୁ ଥିବା ଅଧିକାରୀମାନେ ସମ୍ପୂର୍ଣ୍ଣ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।




# ସୋମବାର ବ୍ୟାଙ୍କ ଛୁଟି

ଭୁବନେଶ୍ୱର, ୭।୯(ଅନିଲ ଦାସ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପାଳନ ଅବସରରେ ଆସନ୍ତା ସେପ୍ଟେମ୍ବର ୯ (ସୋମବାର)ରେ ରାଜ୍ୟରେ ସମସ୍ତ ବ୍ୟାଙ୍କ ଓ ଅନ୍ୟାନ୍ୟ ବ୍ୟାଙ୍କିଙ୍ଗ୍ ସଂସ୍ଥା ମଧ ବନ୍ଦ ରହିବ। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ରାଜ୍ୟ ସରକାର କିଛିଦିନ ପୂର୍ବରୁ ନୂଆଖାଇ ପାଇଁ ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରିଥିଲେ। ସେହିଦିନ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ, ମାଜିଷ୍ଟ୍ରେରିଆଲ କୋର୍ଟ ଓ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା।

ଚଳିତ ବର୍ଷ ସେପ୍ଟେମ୍ବର ୮ ତାରିଖରେ ନୂଆଖାଇ ପଡୁଛି। ତେବେ ସେହିଦିନ ରବିବାର ଛୁଟି ଦିବସ ହୋଇଥିବାରୁ ୯ ତାରିଖକୁ ଅର୍ଥାତ୍ ଆସନ୍ତା ସୋମବାରକୁ ମୁଖ୍ୟମନ୍ତ୍ରୀ ଛୁଟି ଘୋଷଣା କରିଛନ୍ତି।







## ୧୧ ଯାଏ ବର୍ଷିବ

ଭୁବନେଶ୍ୱର,୭।୯
(ଅନୁରାଧା ମହାରଣା)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସୁଦୃଢ଼ ଲଘୁଚାପରେ ପରିଣତ ହେବା ପରେ ଶନିବାର ସନ୍ଧ୍ୟା ସୁଦ୍ଧା ଏହା ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ହୋଇଛି। ରବିବାର ଏହା ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଗାଙ୍ଗେୟ ପଶ୍ଚିମବଙ୍ଗ ଉପକୂଳରେ ଅବପାତର ରୂପ ନେବ। ପରେ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଗାଙ୍ଗେୟ ପଶ୍ଚିମବଙ୍ଗ, ଉତ୍ତର ଓଡ଼ିଶା, ଝାଡଖଣ୍ଡ ଦେଇ ଛତିଶଗଡ଼ ମୁହାଁ ହେବ। ଏହା ପ୍ରଭାବରେ ୧୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ରବିବାର ପ୍ରବଳରୁ ଅତି ପ୍ରବଳ ବର୍ଷା (୭୦ରୁ ୨୦୦ ମି.ମି.) ନେଇ ୫ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାଗୁଡ଼ିକ ମଧରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲା ରହିଛି। ଏହା ସହ ୯ ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୯ ତାରିଖ ବେଳକୁ ରାଜ୍ୟରେ ବର୍ଷାର ପରିମାଣ ଏବଂ ବିସ୍ତୃତି ବଢ଼ିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ ଜିଲାକୁ ବଜ୍ରପାତ ସହ ବର୍ଷା ନେଇ ସତର୍କ କରାଯାଇଛି। ସେହିଭଳି ୧୬ ଜିଲାକୁ ୟେଲୋ ୱାର୍ନିଂ ଜାରିକରାଯାଇଛି। ୧୦ ତାରିଖ ପାଇଁ ୯ ଜିଲାକୁ ଆରେଞ୍ଜ ୱାର୍ନିଂ ରହିଥିବାବେଳେ ଏହିସବୁ ଜିଲାଗୁଡ଼ିକ ମଧରେ କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର, ସୋନପୁର, ବରଗଡ଼, ସମ୍ବଲପୁର, ଅନୁଗୋଳ ଓ ଢେଙ୍କାନାଳ ଆଦି ରହିଛି । ପ୍ରବଳ ବର୍ଷା ସହ ଘଣ୍ଟା ପ୍ରତି ୪୦ ରୁ ୫୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ସମୁଦ୍ର ଅଶାନ୍ତ ରହିବା ଆଶଙ୍କା ଥିବାରୁ ୧୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି।



# ପ୍ରଥମରୁ ପଛଘୁଞ୍ଚା



**ଆକାର ପଟେଲ**

ସଂଖ୍ୟାଗରିଷ୍ଠତା ନ ଥିବା ସରକାରଙ୍କ ସମ୍ମୁଖରେ ଦୁଇଟି ମୁଖ୍ୟ ସମସ୍ୟା ହେଉଛି କେମିତି ସେମାନେ ଅନାସ୍ଥା ପ୍ରସ୍ତାବକୁ ଏଡ଼ାଇଯିବେ ଏବଂ ଆଇନ ପ୍ରଣୟନ କରିବେ। ଏଥିରେ ସଫଳହେବା ପାଇଁ ପ୍ରଥମେ ଶାସକ ଦଳକୁ କ୍ଷମତାରେ ୫ ବର୍ଷ ରହିବା ପାଇଁ ଆବଶ୍ୟକ ସଂଖ୍ୟକ ସାଂସଦଙ୍କୁ ଏକାଠି କରିବା ଦରକାର। ଅର୍ଥାତ୍ କେନ୍ଦ୍ରରେ ମିଳିତ ସରକାର ଏଥିପାଇଁ ନିଜକୁ ନିୟନ୍ତ୍ରଣରେ ରଖିବାକୁ ପଡ଼ିବ। ଆମ ଇତିହାସ ସୂଚିତ କରେ ଯେ, ସଂସଦରେ ଦଳର ସିଟ୍ ସଂଖ୍ୟା ୧୫୦ ହେଲେ ବି ସରକାର ଚଳାଇବାରେ ଏହା ସବୁଠୁ କମ୍ ହୋଇ ନ ପାରେ। ୧୯୯୬ର ଜନତା ଦଳ ଓ କମ୍ୟୁନିଷ୍ଟଙ୍କ ମିଳିତ ସରକାରରେ ଦୁଇ ପ୍ରଧାନମନ୍ତ୍ରୀ ଦେବେଗୌଡ଼ା ଓ ଇନ୍ଦର କୁମାର ଗୁଜରାଲଙ୍କ ପାଖରେ କେବଳ ୭୮ଟି ସିଟ୍ ଥିଲା। ତେବେ ବହୁ ନାଟକ ପରେ ସୀତାରାମ କେଶରୀଙ୍କ ନେତୃତ୍ୱାଧୀନ କଂଗ୍ରେସର ଇଚ୍ଛାରେ ସରକାର ଚାଲିଲା, କିନ୍ତୁ ୨ ବର୍ଷ ମଧ୍ୟରେ ଏହାର ପତନ ଘଟିଥିଲା। ଯେଉଁଠାରେ ସହଯୋଗୀମାନଙ୍କର ପ୍ରାୟ ସମାନ ସଂଖ୍ୟକ ସିଟ୍ ଥାଏ ସେକ୍ଷେତ୍ରରେ ସରକାର ଚଳାଇବା ସହଜ ନୁହେଁ, କିନ୍ତୁ କାର୍ଯ୍ୟକାଳ ଶେଷକରିବା ସମ୍ଭବ। ୨୦୧୪ ପୂର୍ବରୁ ତିନୋଟି ମିଳିତ ସରକାର ୫ ବର୍ଷ ତିଷ୍ଠିଥିଲା ଏବଂ ସେମାନଙ୍କ ମଧ୍ୟରୁ ପ୍ରଥମଟି ୬ମାସ ପୂର୍ବରୁ ନିର୍ବାଚନକୁ ଓହ୍ଲାଇବାକୁ ଚାହିଁଥିଲା। ଏହି ତିନୋଟି ମିଳିତ ସରକାରରେ ଶାସକ ଦଳର ୧୮୨ଟି ସିଟ୍ (ବାଜପେୟୀ ୧୯୯୯), ୧୪୫ଟି ସିଟ୍ (ମନମୋହନ ସିଂ ୨୦୦୪) ଏବଂ ୨୦୬ଟି ସିଟ୍ (ମନମୋହନ ସିଂ ୨୦୦୯) ଥିଲା। ଏହା ସତ୍ତ୍ୱେ ଏହି ୩ ସରକାର ସେମାନଙ୍କ କାର୍ଯ୍ୟକାଳ ଶେଷ କରିପାରିଥିଲେ। ୧୮ତମ ଲୋକ ସଭାରେ ୨୪୦ଟି ଆସନ ପାଇଥିବା ଭାଜପା ହେଉଛି ଏକମାତ୍ର ଦଳ ଯିଏ ସରକାର ଚଳାଇପାରିବ। ଭାଜପାର ସହଯୋଗୀମାନେ ଏହା ଜାଣନ୍ତି। ସେମାନେ ବୁଝିଛନ୍ତି, ୨୦୨୯ ପର୍ଯ୍ୟନ୍ତ ସେମାନଙ୍କର ମନ୍ତ୍ରଣାଳୟ ବଜାୟ ରହିବ। ଏହି କାରଣରୁ ସେମାନେ ସରକାରକୁ ସମର୍ଥନ ଦେବା ବ୍ୟତୀତ ଅନ୍ୟ କୌଣସି ଲକ୍ଷ୍ୟ ନାହିଁ। ତେବେ ଅଗଷ୍ଟ ମଧ୍ୟଭାଗରେ ଏକ ଅଜବ ପରିସ୍ଥିତି ସମ୍ପର୍କରେ ଏକ ରିପୋର୍ଟରେ ବର୍ଣ୍ଣନା କରାଯାଇଥିଲା ଯେ, ଯେତେବେଳେ ଭାଜପା ସାଂସଦମାନେ ଇଣ୍ଡିଆ ବ୍ଲକ୍ ସହିତ ତୀବ୍ର ବିତର୍କରେ ଲିପ୍ତଥିଲେ ସେତେବେଳେ ଏନ୍‌ଡିଏ ମେଣ୍ଟର ନିର୍ବାଚିତ ସଦସ୍ୟମାନେ କୌତୂହଳପ୍ରଦ ଦର୍ଶକ ସାଜିଥିଲେ। କାରଣ, ସହଯୋଗୀମାନେ ଭାଜପା ଆଦର୍ଶ ସହ ଜଡ଼ିତ ନୁହନ୍ତି ଏବଂ ୱକଫ ବିଲ୍ ଭଳି ପ୍ରସଙ୍ଗରେ ଏହାକୁ ସମର୍ଥନ କରିବା ପାଇଁ ସେମାନଙ୍କର କୌଣସି ଉତ୍ସାହ ନାହିଁ। ଏହା ଆମକୁ ମିଳିତ ସରକାରଗୁଡ଼ିକର ଦ୍ୱିତୀୟ ଅର୍ଥାତ୍ ଆଇନ ପ୍ରଣୟନରେ ଥିବା ସମସ୍ୟା ସୂଚାଏ। ଯଦି ସମ୍ପୂର୍ଣ୍ଣ କାର୍ଯ୍ୟକାଳ ରହିବା ପାଇଁ ଭାଜପା ନିଶ୍ଚିତ, ତେବେ ଏହା ୫ ବର୍ଷ କାର୍ଯ୍ୟକାଳ ମଧ୍ୟରେ କ'ଣ କରିବ? ପ୍ରଥମରୁ ୱକଫ ବିଲ୍ ଏବଂ ଲାଟେରାଲ ଏଣ୍ଟ୍ରି ପ୍ରସଙ୍ଗରେ ଏହା ପଛଘୁଞ୍ଚାଦେବା ସୂଚିତ କରେ ଯେ ଆଇନ ପ୍ରଣୟନ କରିବା କଷ୍ଟସାଧ୍ୟ ହେବ। କିନ୍ତୁ ପୁନର୍ବାର ମିଳିତ ସରକାରର ଇତିହାସ ଆମକୁ ସ୍ମରଣକରାଇ ଦିଏ ଯେ, ଏହା କଷ୍ଟକର ହୋଇ ନ ପାରେ। ପୂର୍ବ ତିନୋଟି ମିଳିତ ସରକାର ମଧ୍ୟରେ ସବୁଠାରୁ ଦୁର୍ବଳ ଥିଲା ୨୦୦୪ର ମନମୋହନ ସିଂଙ୍କ ସରକାର। କିନ୍ତୁ ତାହା ସୂଚନା ଅଧିକାର ଆଇନ, ଏନ୍ଆର୍ଇଜିଏ ଏବଂ ଆମେରିକା ସହିତ ଆଣବିକ ଚୁକ୍ତି ପ୍ରଣୟନରେ ସକ୍ଷମ ହୋଇଥିଲା। ଏବେ ନରେନ୍ଦ୍ର ମୋଦିଙ୍କ ଭଳି କେବଳ ପି.ଭି. ନରସିଂହ ରାଓଙ୍କ ନିକଟରେ ପାଖାପାଖି ସମାନ ସଂଖ୍ୟକ ଆସନ ରହିଥିଲା। କିନ୍ତୁ ଅର୍ଥନୈତିକ ସଂସ୍କାରଗୁଡ଼ିକ କ୍ଷେତ୍ରରେ ସଂସଦର ସମର୍ଥନ ପାଇବାକୁ ସେ ସକ୍ଷମ ହୋଇଥିଲେ, ଯାହା ଉଦାରୀକରଣ ନାମରେ ଜଣାଶୁଣା। ଏଥିରୁ ଜଣାପଡ଼େ, ଦୁର୍ବଳ ସରକାରଗୁଡ଼ିକ ଯଦି ସହଯୋଗୀଙ୍କ ଉପରେ ବିଶ୍ୱାସ ରଖନ୍ତି, ତେବେ ଦୃଢ଼ ପଦକ୍ଷେପ ନେବା ସମ୍ଭବ ହେବ। ଅତୀତରେ ଭାଜପା ରାଜ୍ୟ ସଭା ବିତର୍କରୁ ଦୂରେଇରହିବା ପାଇଁ 'ମନି ବିଲ୍'କୁ ଗୁପ୍ତରେ ରଖି ଆଧାର ଓ ନିର୍ବାଚନୀ ବଣ୍ଡ ଉପରେ ଆଇନ ପ୍ରଣୟନ କରିଥିଲା। ବର୍ତ୍ତମାନ ଲୋକ ସଭାରେ ଭାଜପା ଦୁର୍ବଳ ଥିବାରୁ ମୋଦି ସରକାରଙ୍କ ପାଇଁ ଏହା ଆଉ ସମ୍ଭବ ହେବ ନାହିଁ। ତେବେ ମୋଦି କିପରି ଆଗକୁ ବଢ଼ିବେ?

ଏକମାତ୍ର ଉପାୟ ହେଉଛି, ଯେଉଁ ବିଷୟଗୁଡ଼ିକୁ ଅସୁବିଧାରେ ପକାଇବା ନିଶ୍ଚିତ, ସେସବୁକୁ ଏଡ଼ାଇଯିବା ଦରକାର, ଯଥା ଏକକ ନାଗରିକ ସଂହିତା ଏବଂ ଜାତୀୟ ନାଗରିକ ପଞ୍ଜୀକରଣ। ବାଜପେୟୀ ଯେଭଳି ହିନ୍ଦୁତ୍ୱକୁ ତ୍ୟାଗକରି ଶାସନ ଏବଂ ନୀତିର ଅନ୍ୟ କିଛି ଢାଞ୍ଚା ଗଠନ କରିଥିଲେ, ସେଭଳି କରିବାକୁ ପଡ଼ିବ। ଯେକୌଣସି ପରିସ୍ଥିତିରେ, ତୃତୀୟ କାର୍ଯ୍ୟକାଳରେ ପ୍ରବେଶ କରିଥିବା ଯେକୌଣସି ନେତା ତାଙ୍କର ମହାନ୍ ଚିନ୍ତାଧାରାରୁ କ୍ଷାନ୍ତ ରହିଛନ୍ତି। ୧୯୬୨ ନିର୍ବାଚନ ପରେ ନେହେରୁ କିମ୍ବା ୨୦୦୫ ପରେ ଟୋନି ବ୍ଲେୟାରଙ୍କ କଥା ଏଠାରେ ବିଚାର କରାଯାଇପାରେ। ପ୍ରତିଷ୍ଠିତ ମିଡିଆ ମାଲିକ ରୁପର୍ଟ ମୁର୍ଡୋଚ୍ ୨୦୦୮ ନିର୍ବାଚନ ପୂର୍ବରୁ ସେତେବେଳର ଆମେରିକାର ରାଷ୍ଟ୍ରପତି ପ୍ରାର୍ଥୀ ବାରାକ୍ ଓବାମାଙ୍କୁ କିଛି ପରାମର୍ଶ ଦେଇଥିଲେ। ସେ ହ୍ୟାରି ଟ୍ରୁମ୍ୟାନ୍‌ଙ୍କ ପରଠାରୁ ସମସ୍ତ ରାଷ୍ଟ୍ରପତିଙ୍କୁ ଜାଣିଥିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ କେହି ବି ଜଣେ ସେମାନଙ୍କ ଶାସନର ପ୍ରଥମ କିଛି ମାସ ପରେ ସଂସ୍କାର ଆଣିବାକୁ ସକ୍ଷମ ହୋଇ ନ ଥିଲେ। ତେବେ ଏଭଳି ସମୟରେ ପ୍ରେରଣା, ଶକ୍ତି ଏବଂ ବନ୍ଧୁତ୍ୱପୂର୍ଣ୍ଣ ମନୋଭାବ ହିଁ ଉତ୍ତମ ଫଳାଫଳ ସୃଷ୍ଟିକରିବ। ମନେରଖିବା ଉଚିତ, ମନମୋହନ ସିଂ କାର୍ଯ୍ୟଭାର ଗ୍ରହଣ କରିବାର ମାସକ ମଧ୍ୟରେ ଏ ସବୁକୁ ସଫଳତାର ସହ ପାଳନକରି ସଂସ୍କାର ଆଣିପାରିଥିଲେ। ହେଲେ ଏବେ ପ୍ରଧାନମନ୍ତ୍ରୀଙ୍କ ସମର୍ଥକମାନେ ଏହି ସରକାରରେ ଶକ୍ତି, ଉତ୍ସାହ କିମ୍ବା ବନ୍ଧୁତ୍ୱପୂର୍ଣ୍ଣ ଭାବନା ଥିବା ଅନୁଭବ କରୁନାହାନ୍ତି। ସଂଖ୍ୟାଗରିଷ୍ଠତା ନ ଥାଇ ପୁରୁଣା ଉପାୟ ଅବ୍ୟାହତ ରହିବାରୁ ସେମାନେ ପଛଘୁଞ୍ଚା ଦେଇଛନ୍ତି ଏବଂ ବିଫଳ ହେଲେ। ମୋଦିଙ୍କଠାରୁ ନୂତନ ଏବଂ ସମସ୍ତଙ୍କୁ ଏକାଠି ନେଇ ଚାଲିବା ଭଳି ଗୁରୁତ୍ୱପୂର୍ଣ୍ଣ ବିଚାର ନ ଥିବାରୁ ଏହି ଦିଶାହୀନ ଧାରା ଜାରି ରହିବ। ନେତା କ୍ଷମତାରେ ରହିବେ, କିନ୍ତୁ ପ୍ରଭାବ ପକାଇବାକୁ ଅସମର୍ଥ ହେବେ।

Email:aakar.patel@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | | 4 | | | 3 |
| | 6 | | | | | 2 | | 8 |
| | | 8 | 5 | | 9 | | 4 | |
| | 5 | | | | | | | 2 |
| | | 3 | | | | | | |
| 8 | | | | | | | 1 | |
| 6 | | | 3 | | | | | 5 |
| | 7 | | | 9 | 2 | | 3 | 4 |
| | | | | 1 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 5 | 9 | 6 | 3 | 1 | 2 | 8 |
| 2 | 8 | 6 | 7 | 4 | 1 | 3 | 9 | 5 |
| 1 | 9 | 3 | 8 | 5 | 2 | 7 | 6 | 4 |
| 3 | 2 | 8 | 4 | 9 | 6 | 5 | 1 | 7 |
| 6 | 1 | 4 | 5 | 2 | 7 | 8 | 3 | 9 |
| 9 | 5 | 7 | 1 | 3 | 8 | 2 | 4 | 6 |
| 8 | 3 | 1 | 6 | 7 | 4 | 9 | 5 | 2 |
| 5 | 6 | 2 | 3 | 8 | 9 | 4 | 7 | 1 |
| 4 | 7 | 9 | 2 | 1 | 5 | 6 | 8 | 3 |

ଗତକାଲିର ଉତ୍ତର

# ସ୍ମାର୍ଟ ସ୍କୁଲର ସ୍ମାର୍ଟ ରହସ୍ୟ



**ହରିଶଙ୍କର ମିଶ୍ର**

ଆମ ରାଜ୍ୟରେ ଦୀର୍ଘ ଚବିଶ ବର୍ଷ ନିରଙ୍କୁଶ କ୍ଷମତାରେ ଥିବା ସରକାର କ୍ଷମତାରୁ ହଟିଯିବା ପରେ ଏବେ ଦୁର୍ନୀତିର ଯେଉଁ ପେଡ଼ି ଖୋଲୁଛି ତନ୍ମଧ୍ୟରୁ ସ୍କୁଲ ରୂପାନ୍ତକରଣ ଅନ୍ୟତମ। ଏଥିରେ ହୋଇଥିବା ଦୁର୍ନୀତି ଓ ବାଟମାରଣାର ଅନେକ ତଥ୍ୟଭିତ୍ତିକ ସପ୍ରମାଣ ଖବର ପ୍ରକାଶ ପାଇଥିଲେ ମଧ୍ୟ ସରକାରୀ ନାଲିଆଖିରେ ତାହା ଚପି ଯାଇଥିଲା। କିନ୍ତୁ ଯଦି ସେଇ ରୂପାନ୍ତକରଣ ରାସ୍ତା ଅନୁସନ୍ଧାନ କରାଯାଏ, ତେବେ ଏହା ନିଶ୍ଚିତ ଅନେକ ଶହ କୋଟି ଟଙ୍କାର ଦୁର୍ନୀତି ପଦବାଚ୍ୟ ହେବ ଏହା ନିଃସନ୍ଦେହ। ଏଠାରେ ପ୍ରକାଶଯୋଗ୍ୟ ଯେ, ଦେଶର ଶିକ୍ଷା ପଦ୍ଧତିରେ ନିର୍ଦ୍ଧାରିତ ହାଇସ୍କୁଲ ପାଇଁ ୨୭ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ଶିକ୍ଷକ ଆବଶ୍ୟକ ବେଳେ ଆମ ରାଜ୍ୟରେ ୪୦ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ଶିକ୍ଷକ ଅଛନ୍ତି। ଦକ୍ଷ ଓ ଆବଶ୍ୟକ ଅନୁଯାୟୀ ଶିକ୍ଷକ ନ ଥିଲେ ଛାତ୍ରୀଛାତ୍ରଙ୍କ ଶିକ୍ଷାରେ ଅପୂରଣୀୟ କ୍ଷତି ହୋଇଥାଏ। ତାହାକୁ ଅଗ୍ରାଧିକାର ଦିଆ ନ ଯାଇ ସ୍କୁଲ ରୂପାନ୍ତକରଣ ପାଇଁ ବ୍ୟବସ୍ଥା ହେଲା। ୨୦୨୦ ମସିହାରେ ସମୁଦାୟ ଚିହ୍ନଟ ହୋଇଥିବା ୮୮୦୦ ସ୍କୁଲରୁ ଫେବୃଆରୀ ୨୦୨୪ ସୁଦ୍ଧା ୪ଟି ପର୍ଯ୍ୟାୟରେ ୮୬୮୧ଟି ପୁରାତନ ଓ ନୂତନ ସରକାରୀ, ବ୍ଲକ ଗ୍ରାଣ୍ଟ, ସରକାରୀ ସ୍ୱୀକୃତିପ୍ରାପ୍ତ ଏଂ ଅନୁମତିପ୍ରାପ୍ତ ସ୍କୁଲର ରୂପାନ୍ତକରଣ କରାଯାଇଥିବାର ସରକାରୀ ତଥ୍ୟ ରହିଛି। ଏଥିପାଇଁ ତୃତୀୟ ପର୍ଯ୍ୟାୟ ସୁଦ୍ଧା ୩୬୧୧ କୋଟି ଏବଂ ଚତୁର୍ଥ ପର୍ଯ୍ୟାୟରେ ୧୦କୋଟି ଟଙ୍କା ଅତିରିକ୍ତ ବ୍ୟୟ ମଞ୍ଜୁର ହୋଇଥିବାର ମଧ୍ୟ ସୂଚନା ରହିଛି। ଏହି ରୂପାନ୍ତକରଣରେ ମଧ୍ୟ ୫-ଟି ବିଷୟକୁ ଗୁରୁତ୍ୱ ଦିଆଯାଇଥିଲା। ତାହା ହେଲା ସ୍ମାର୍ଟ ଶ୍ରେଣୀକକ୍ଷ, ଇ-ଲାଇବ୍ରେରି, ବିଜ୍ଞାନାଗାର, ଆକର୍ଷଣୀୟ ପରିବେଶ ଏବଂ କ୍ରୀଡ଼ାର ଉନ୍ନତୀକରଣ। ପ୍ରଥମ ପର୍ଯ୍ୟାୟରେ ସ୍କୁଲ ପିଛା ୩୫ ଲକ୍ଷ ଓ ପରେ ୪୫ ଲକ୍ଷ ଏବଂ ଯେଉଁ ସ୍କୁଲଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ ନଥିଲା, ସେଥିପାଇଁ ୬୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଥିଲା।

ଏହି ଅର୍ଥକୁ ସ୍କୁଲପିଛା ଆବଣ୍ଟନର ଦାୟିତ୍ୱ ସମ୍ପୃକ୍ତ ଜିଲାର ଜିଲାପାଳ ଏବଂ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ଯୁଗ୍ମ ଦାୟିତ୍ୱରେ ରହିଥିଲା। ସେମାନେ ମଞ୍ଜୁର ହୋଇଥିବା ଟଙ୍କା ସମ୍ପୃକ୍ତ ବ୍ଲକକୁ ଦେଉଥିଲେ। ବ୍ଲକର କନିଷ୍ଠ ଯନ୍ତ୍ରୀଙ୍କ ଦ୍ୱାରା ବିଭାଗୀୟ ଭିତ୍ତିରେ ଏବଂ ବିଡିଓମାନଙ୍କ ତତ୍ତ୍ୱାବଧାନରେ ଏହି ରୂପାନ୍ତକରଣ କାର୍ଯ୍ୟ ହେଉଥିଲା ଏବଂ ମୁଖ୍ୟମନ୍ତ୍ରୀ ଏହାକୁ ଲୋକାର୍ପଣ କରୁଥିଲେ। ଏହା ସତ୍ୟ ଯେ, ୨୦୧୯ ମସିହା ପୂର୍ବରୁ ରାଜନୈତିକ ଦୂରଭିସନ୍ଧି ରଖି ବ୍ଲକର



ପ୍ରତ୍ୟେକ କାର୍ଯ୍ୟ ବିଭାଗୀୟ ଭିତ୍ତିରେ କନିଷ୍ଠ ଯନ୍ତ୍ରୀଙ୍କ ମାଧ୍ୟମରେ କରାଯାଉଛି। ଜଣେ କନିଷ୍ଠ ଯନ୍ତ୍ରୀ ଚାରି ପାଞ୍ଚଟି ପଞ୍ଚାୟତ ଦାୟିତ୍ୱରେ ରହୁଥିବାରୁ ସମସ୍ତ ଉନ୍ନୟନ କାର୍ଯ୍ୟର ଗୁଣବତ୍ତା ତଦାରଖ ତାଙ୍କ ଦ୍ୱାରା ସମ୍ଭବ ନୁହେଁ। କିନ୍ତୁ ଅଲିଖିତ ନିୟମରେ ସ୍ଥାନୀୟ ଲୋକପ୍ରତିନିଧିଙ୍କ ସୁପାରିସରେ ଦଳୀୟ କର୍ମୀଙ୍କ ଦ୍ୱାରା କାର୍ଯ୍ୟ କରାଯିବ ଏଂ ଲୋକପ୍ରତିନିଧିଙ୍କର ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ ଉପରେ ମଧ୍ୟ ସିଧା କର୍ତ୍ତୃତ୍ୱ ରହିବ। ସେହି ଉଦ୍ଦେଶ୍ୟରେ ସ୍କୁଲ ରୂପାନ୍ତକରଣ ଦାୟିତ୍ୱ ମଧ୍ୟ କନିଷ୍ଠ ଯନ୍ତ୍ରୀଙ୍କୁ ଦିଆଯାଇଥିଲା। ଏହି କାର୍ଯ୍ୟ ଆରମ୍ଭ ପୂର୍ବରୁ କୌଣସି ପ୍ରାକ୍ ଆକଳନ କରାଯାଇନଥିଲା ବରଂ ଧୁଆ ମୂଳା ଅଧୁଆ ମୂଳା ସମାନ ନୀତିରେ ଉପରୋକ୍ତମତେ ଅର୍ଥ ବରାଦ କରାଯାଇ ସ୍ୱଳ୍ପ ସମୟରେ କାର୍ଯ୍ୟ ଶେଷ ପାଇଁ ନିର୍ଦ୍ଦେଶ ରହିଥିଲା। ଏହି ରୂପାନ୍ତକରଣ ପାଇଁ ଦୁଇଟି ଶ୍ରେଣୀ କକ୍ଷ, ବିଜ୍ଞାନାଗାର ଓ ଇ-ଲାଇବ୍ରେରି ସହ ଇଣ୍ଟରନେଟ୍ ସଂଯୋଗ କମ୍ପ୍ୟୁଟର ବ୍ୟବସ୍ଥା, ପରିବେଶ ଉନ୍ନତି ଏବଂ ବିଦ୍ୟାଳୟ କାନ୍ଥରେ ନିର୍ଦ୍ଦିଷ୍ଟ ରଙ୍ଗ ଦେବାକୁ ନିର୍ଦ୍ଦେଶ ଥିଲା। ସ୍ୱଳ୍ପ ସମୟର ସୁଯୋଗ ନେଇ କେଉଁଠି ଆଗରୁ ଥିବା କାନ୍ଥରେ କେବଳ ରଙ୍ଗ ମାରିଦିଆଗଲା ତ କେଉଁଠି ନିମ୍ନମାନର ଇଟା ବାଲି ସିମେଣ୍ଟ ଓ ଲୁହା ରଡ଼ ବ୍ୟବହାର ହେଲା। ଅନେକ ସ୍କୁଲର କାର୍ଯ୍ୟ ସରିବା ପୂର୍ବରୁ ଲୋକାର୍ପଣ ଦିନ ନିର୍ଦ୍ଧାରଣ ଯୋଗୁଁ କେବଳ ବାହ୍ୟ ପରିବେଶକୁ ମରାମତି କରାଯାଇ ଫଟୋ ଉଠାଇ ପଠାଇ ଦିଆଗଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନିର୍ମାଣ ସମ୍ପର୍କରେ ଥିବା ସରକାରୀ ମାର୍ଗଦର୍ଶିକାକୁ ସମସ୍ତ କାର୍ଯ୍ୟରେ ଉଲ୍ଲଂଘନ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ଏହି ରୂପାନ୍ତକରଣ ସମସ୍ତ ଜିଲାରେ ସମାନ ଭାବରେ ପାଳନ ହୋଇନଥିଲା। କେଉଁଠି କମ୍ପ୍ୟୁଟର ଆଦି କିଣିବାକୁ ପ୍ରଧାନଶିକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ କେଉଁଠି ବ୍ଲକ ତରଫରୁ ସମସ୍ତ ଦ୍ରବ୍ୟ କିଣାଯାଇଛି। କିଛି ବର୍ଷ ପୂର୍ବରୁ ଅନେକ ସ୍କୁଲକୁ ରାଜ୍ୟ ଶିକ୍ଷା ଅଭିଯାନ ମାଧ୍ୟମରେ ବେଞ୍ଚ ଡେସ୍କ ଯୋଗାଇ ଦିଆଯାଇଥିଲା। କିନ୍ତୁ ପୁନଶ୍ଚ ସେଇ ସ୍କୁଲକୁ ନୂଆ ବେଞ୍ଚ ଡେସ୍କ ଯୋଗାଣ ଦର୍ଶାଯିବା ହୁଏତ ପୁରୁଣାକୁ ନୂଆରେ ରୂପାନ୍ତର କରାଯାଇଥିବା ଅସମ୍ଭବ ନୁହେଁ। ଆମର ପ୍ରଚଳିତ ବିଧି ବ୍ୟବସ୍ଥାରେ କୌଣସି ଅନୁଷ୍ଠାନର ନିର୍ମାଣ ସହ ଆସବାବପତ୍ରର ବିବରଣୀ ପାଇଁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ଜମା ତାଲିକା ରଖିବା ବାଧ୍ୟତାମୂଳକ। କିନ୍ତୁ ଏହି କାର୍ଯ୍ୟ ଦ୍ୱୈତ ମାଲିକାନାରେ ହୋଇଥିବାରୁ ଏହାର ସଠିକ୍ ତଥ୍ୟ କେବଳ ପୁଙ୍ଖାନୁପୁଙ୍ଖ ତଦନ୍ତରୁ ହିଁ ସ୍ପଷ୍ଟ ହୋଇପାରିବ। ସବୁଠାରୁ ଚମକପ୍ରଦ ତଥ୍ୟ ହେଉଛି, ଯୋଗାଣକାରୀ ବ୍ୟକ୍ତି ବା ସଂସ୍ଥାଙ୍କ ସହ ଦ୍ରବ୍ୟର ଦର ସବୁ ଉପର ସ୍ତରରେ ନିର୍ଦ୍ଧାରିତ ହୋଇଥିଲା, ଯାହାକି ବ୍ଲକ ବା ସ୍କୁଲ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା। ଦ୍ରବ୍ୟର ମାନ କିଏ ନିର୍ଦ୍ଧାରଣ କରିଥିଲା, ତାହା ପ୍ରଶ୍ନବାଚୀରେ ରହିଛି।

ସ୍ମାର୍ଟ ସ୍କୁଲର ସ୍ମାର୍ଟ ବୋର୍ଡ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା। ସ୍ମାର୍ଟ ଶ୍ରେଣୀରେ ସ୍ଥାପିତ ଏଇ ସ୍ମାର୍ଟ ବୋର୍ଡରେ ପେନ୍ ଡ୍ରାଇଭ ଲଗାଇଦେଲେ ଆଗରୁ ପ୍ରସ୍ତୁତ ହୋଇ ରହିଥିବା ପାଠ ଛାତ୍ରୀଛାତ୍ରମାନେ ଶୁଣିପାରିବେ। ଶିକ୍ଷକ କେବଳ ଠିଆହୋଇ ତାହାକୁ ନିୟନ୍ତ୍ରଣ କରିବେ। କିନ୍ତୁ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମତରେ ପରୀକ୍ଷାରେ ଓ ଏମ୍ଆର ପଦ୍ଧତିରେ ହେଉଥିବା ପରୀକ୍ଷା ପାଇଁ ସେହି ପାଠପଢ଼ା ଛାତ୍ରୀଛାତ୍ରଙ୍କ ଉପଯୋଗୀ ହେଉ ନ ଥିବାରୁ ଏହାକୁ ବ୍ୟବହାର କରାଯାଉନାହିଁ। ଏହି ପାଠ କେଉଁ ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ନିର୍ଣ୍ଣୟ ହୋଇଛି ତା'ର ଉତ୍ତର କାହାରି ପାଖରେ ନାହିଁ। କିନ୍ତୁ ଏଥିପାଇଁ ଆବଶ୍ୟକ ପେନ୍ ଡ୍ରାଇଭ କେଉଁଠି ବ୍ଲକ କିଣିଛି ଏବଂ ସ୍କୁଲ ତରଫରୁ ଡାଉନ୍‌ଲୋଡ଼ ହୋଇଛି ତ ନିର୍ଦ୍ଦିଷ୍ଟ କିଛି ଜିଲାରେ ସ୍କୁଲ ପରିଚାଳନା ପାଇଁ ୭୫ ହଜାର ଦିଆଯାଇ ସେଇ ଅର୍ଥରୁ ୬୭ ହଜାର ଟଙ୍କା ନିଆଯାଇ ପେନ୍ ଡ୍ରାଇଭ ଯୋଗାଣ ହୋଇଛି। ଏହି ସମସ୍ତ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ହେଉଥିବାବେଳେ ଯେଉଁ ଅଭିଯୋଗ ଆସୁଥିଲା ବା ଆସିବାର ସମ୍ଭାବନା ଥିଲା ତାହାକୁ ମଧ୍ୟ ସୁଚିନ୍ତିତ ଭାବରେ ପ୍ରଶମିତ କରାଗଲା। ଠିକ୍ ନିର୍ବାଚନ ପୂର୍ବରୁ ରାଜ୍ୟର ଶିକ୍ଷକ, ପ୍ରଧାନ ଶିକ୍ଷକ, ପୁରାତନ ଛାତ୍ର କମିଟି, ଜିଲା ଶିକ୍ଷା ତାଲିମ ପ୍ରତିଷ୍ଠାନ, ଜିଲା ଓ ବ୍ଲକ ଶିକ୍ଷାଧିକାରୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନଙ୍କୁ ରାଜ୍ୟସ୍ତରରେ ୧୯,୪୬୭, ଜିଲାସ୍ତରରେ ୪,୬୮୦, ବ୍ଲକ ସ୍ତରରେ ୩୪,୮୫୮, ଉପଖଣ୍ଡ ଓ ନଗରାଞ୍ଚଳରେ ୧୧୮ ଜଣଙ୍କୁ ୧୪ଟି ବିଭାଗ ପାଇଁ ସର୍ବମୋଟ ୧୧୬,୮୪, ୭୯,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ତଥ୍ୟର ସରକାରୀ ସୂଚନା ରହିଥିବାରୁ ଏବଂ ଏହା ଜନସାଧାରଣ ଟିକସ ପଇସାରୁ ବ୍ୟୟ ହୋଇଛି। ପ୍ରକାଶଯୋଗ୍ୟ, ଏହି ପୁରସ୍କାର ସହ କଲେଜଗୁଡ଼ିକର ହୋଇଥିବା ଓ କାର୍ଯ୍ୟକ୍ରମ ପାଇଁ ବ୍ୟୟ ହୋଇଥିବା ଟଙ୍କାର ବାର୍ଷିକ ସୁଧରେ ଅନ୍ୟୂନ ୨୦୦୦ ଶିକ୍ଷକ ପଦବୀ ପୂରଣ ହୋଇପାରିଥାନ୍ତା।

**୧୧୩-ଗୁଣ୍ଡିଚା ବିହାର, ପୁରୀ**
**ମୋ: ୭୯୭୮୭୮୫୪୭୮**

# କୃଷି ଓ କୃଷକର ପର୍ବ ନୂଆଁଖାଇ



**ବୈଷ୍ଣବ ମେହେର**

କୃଷିଭିତ୍ତିକ ପର୍ବ ନୂଆଁଖାଇ ଓଡ଼ିଶାର ପଶ୍ଚିମାଞ୍ଚଳରେ କାହିଁ କେଉଁ କାଳରୁ ପାଳନ କରାଯାଇ ଆସୁଛି। ନୂଆଁଖାଇରେ ନୂଆଁ ଶସ୍ୟର ପ୍ରଥମ ନୈବେଦ୍ୟକୁ ବିଷ୍ଣୁଙ୍କୁ ଅର୍ପଣ କରିବା ବେଳେ ଏମିତି ଯୁଗଯୁଗ ଧରି ମଣିଷସମାଜ ପାଇଁ ଅନ୍ନର ଅଭାବ ନ ଘଟୁ ବୋଲି କାମନା କରାଯାଏ। ଏଥିସହ ଯେଉଁମାନଙ୍କ ଦୂରଦୃଷ୍ଟିସଂପନ୍ନ କୌଶଳର ଫଳ ସ୍ୱରୂପ କୃଷିକାର୍ଯ୍ୟର ପ୍ରୟୋଗ କରି ଶସ୍ୟ ଉତ୍ପାଦନ କରାଯାଇ ପାରୁଛି, ସେହି ପୂର୍ବପୁରୁଷମାନଙ୍କୁ ମଧ୍ୟ ଏ ଅବସରରେ ଯଥାମାନ୍ୟ ସ୍ମରଣ କରାଯାଇଥାଏ।

ନୂଆଁଖାଇ ପାଳନ ଖୁବ୍ ନିଆରା। କେଉଁ ଆବାହମାନ କାଳରୁ ଏହି ପର୍ବ ପାଳନ ହୋଇଆସୁଛି ଏହାର ସଠିକ ଐତିହାସିକ ବିବରଣୀ ପ୍ରଦାନ କରିବା ଏଯାଏଁ ସମ୍ଭବ ହୋଇନାହିଁ। ପୂର୍ବରୁ ଏହି ପର୍ବ ପାଳନ କୃଷକ ପରିବାର ମଧ୍ୟରେ ସୀମିତ ରହିଥିଲା। ସମୟ କ୍ରମେ ସମାଜର ସମସ୍ତ ବର୍ଗର ଲୋକ ଏହାକୁ ପାଳନ କରିବାକୁ ଲାଗିଲେ।

ପୂର୍ବରୁ ରାଜାମାନେ ନିଜ ରାଜ୍ୟର ଇଷ୍ଟଦେବୀଙ୍କ ନାମ ଅନୁସାରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ କରୁଥିବାରୁ ନୂଆଁଖାଇ ପାଳନର ତିଥି ବିଭିନ୍ନ ଅଞ୍ଚଳ ପାଇଁ ଭିନ୍ନଭିନ୍ନ ହେଉଥିଲା। ଏପରିକି ରାଜରାଜୁଡ଼ା ଶାସନ ପରେ ମଧ୍ୟ ରାଜାଙ୍କ ଇଷ୍ଟଦେବୀଙ୍କ ନାମାନୁସାରେ ରାଜ ପୁରୋହିତମାନେ ନୂଆଁଖାଇର ଲଗ୍ନ ବାହାର କରୁଥିଲେ। ଫଳରେ ପ୍ରତିବର୍ଷ ଭାଦ୍ରବ ଶୁକ୍ଳପକ୍ଷର ବିଭିନ୍ନ ତିଥିରେ ଏହା ପାଳିତ ହେଉଥିଲା। ବିଭିନ୍ନ ଅଞ୍ଚଳରେ ଭିନ୍ନଭିନ୍ନ ଦିନରେ ନୂଆଁଖାଇ ପାଳନ ହେଉଥିବାରୁ ଏହା ସାମାଜିକ ସ୍ତରରେ ଏକ ଅସଙ୍ଗତ ସ୍ଥିତି ସୃଷ୍ଟି କରୁଥିଲା। ଫଳରେ ୧୯୯୧ରେ ସର୍ବସମ୍ମତିରେ ଗଣେଶ ଚତୁର୍ଥୀର ପରଦିନ ଅର୍ଥାତ୍ ଋଷି ପଞ୍ଚମୀ ତିଥିରେ ସମସ୍ତଙ୍କ ପାଇଁ ନୂଆଁଖାଇର ତିଥି ସ୍ଥିର କରାଗଲା।

ତେବେ ଭାଦ୍ରବ ମାସରେ ଧାନ ପାଚୁ ନ ଥିବା ସତ୍ତ୍ୱେ ଏହି ମାସରେ ନୂଆଁଖାଇ ଅନୁଷ୍ଠିତ କରାଯିବାର ଏକ ସାମାଜିକ ମହତ୍ ଉଦ୍ଦେଶ୍ୟ ନିହିତଥିବା ଜଣାଯାଏ। ନୂଆଁଖାଇ ନ ସରିବା ଯାଏଁ ନୂଆଁଧାନକୁ ବ୍ୟବହାର କରିବା ସଂପୂର୍ଣ୍ଣ ନିଷିଦ୍ଧ ବୋଲି ସାଧାରଣରେ ଗ୍ରହଣ କରାଯାଏ। ଅର୍ଥନୈତିକ ଦୃଷ୍ଟିରୁ ସମାଜରେ ବିଭିନ୍ନ ସ୍ତରର ଲୋକ ବାସ କରୁଥିବାରୁ ପ୍ରାୟ ପରିବାର ପ୍ରତିପୋଷଣ ପାଇଁ ଉତ୍ପାଦିତ ଶସ୍ୟ ଉପରେ ନିର୍ଭର କରୁଥିଲେ। ତେଣୁ ସବୁ ଜମିର ଧାନ ପାଚିବା ଯାଏଁ ଅପେକ୍ଷା କଲା ଭଳି ସମ୍ବଳ ଅନେକ ଲୋକଙ୍କ ନ ଥିବାରୁ ସମସ୍ତଙ୍କ ସୁବିଧା ଦୃଷ୍ଟିରୁ ଭାଦ୍ରବ ଶୁକ୍ଳପକ୍ଷକୁ ନୂଆଁଖାଇର ଉପଯୁକ୍ତ ସମୟ ଭାବେ ଗ୍ରହଣ କରାଯାଇଆସୁଛି। ସମ୍ପ୍ରତି ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁଁ ଆଗଭଳି ସହଜରେ ପାଚିଲା ଧାନ ମିଳୁ ନ ଥିଲେ ମଧ୍ୟ ନୂଆଁଖାଇ ତିଥିରେ ନୂଆଁଧାନ ନ ମିଳିବା ଭଳି ସ୍ଥିତି ଏଯାଏଁ ଆସିନାହିଁ।

ସାଧାରଣତଃ ନୂଆଁଖାଇ ପର୍ବ ତିନିଦିନ ଧରି ପାଳନ କରାଯାଇଥାଏ। ନୂଆଁଖାଇର ପୂର୍ବଦିନକୁ 'ଉପାସ' ବୋଲି କୁହାଯାଏ। ଏହି ଦିନ ଗାଁର



ଝାଙ୍କର (ଦେବୀ ପୂଜକ) ଉପବାସ ରହି ନିର୍ଦ୍ଦିଷ୍ଟ ଲଗ୍ନରେ ଜମିକୁ ଯାଇ ବିଧି ଅନୁସାରେ ଧାନିକେଣ୍ଡାକୁ ପୂଜାପାଠ କରିବା ପରେ କ୍ଷୀର ଢାଳି ଥା'ନ୍ତି। ଏହା ପରେ ମାଟି ଦେବତାକୁ କୃତଜ୍ଞତା ଅର୍ପଣ ପୂର୍ବକ ପାଚିଲା ଧାନକେଣ୍ଡା ସଂଗ୍ରହ କରି ଗାଁକୁ ଆଣିଥା'ନ୍ତି। ନୂଆଁ ଧାନକେଣ୍ଡାକୁ ଗ୍ରାମଦେବୀ ପୀଠରେ ପୂଜାଅର୍ଚ୍ଚନା ପରେ ଗାଁର ସମସ୍ତ ପରିବାରକୁ କିଛିକିଛି ଧାନକେଣ୍ଡା ବଣ୍ଟନ କରିଥା'ନ୍ତି। ଆଗରୁ ନିଜେ ସଂଗ୍ରହ କରିଆଣିଥିବା ନୂଆଁ ଧାନକେଣ୍ଡାରେ ଝାଙ୍କର ଦେଇଥିବା ଧାନକେଣ୍ଡାକୁ ମିଶାଇ ନୂଆଁକୁଣ୍ଡା ପ୍ରସ୍ତୁତ କରାଯାଏ। ଦ୍ୱିତୀୟ ଦିବସ ହେଉଛି ନୂଆଁଖାଇ ପର୍ବର ମୁଖ୍ୟ ଦିନ। ଏହି ଦିନ ପାଇଁ ବହୁ ପୂର୍ବରୁ ଘରଦ୍ୱାର ଲିପାପୋଛା କରାଯାଇ ଘରେ ବ୍ୟବହାର ହେଉଥିବା ସମସ୍ତ ଲୁଗାପଟା, ଆସବାବପତ୍ର ଆଦି ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀକୁ ସଫା କରାଯାଇଥାଏ। ପରିବାରର ଯିଏ ଯେଉଁଠି ରହୁଥିଲେ ମଧ୍ୟ ନୂଆଁଖାଇ ପାଇଁ ସମସ୍ତେ ଘରକୁ ଫେରି ଆସିଥାନ୍ତି। ଏହିଦିନ ସମସ୍ତେ ନୂଆଁ ଲୁଗା ପରିଧାନ କରିଥା'ନ୍ତି। ପରିବାରର ମୁଖ୍ୟ ମଧ୍ୟ ଶୁଦ୍ଧପୂତ ହୋଇ ଠିକ୍ ଲଗ୍ନରେ ଇଷ୍ଟଦେବୀ ଓ ଘରର ପିତୃପୁରୁଷଙ୍କୁ ସ୍ମରଣ କରି କୁରେଇ କିମ୍ବା ମହୁଲ ଆଦି ପତ୍ରରେ ନୂଆଁଧାନରେ ପ୍ରସ୍ତୁତ ନୂଆଁ କୁଣ୍ଡାକୁ ନୈବେଦ୍ୟ ଭାବରେ ଅର୍ପଣ କରିଥାନ୍ତି। ଏହା ପରେ ପୂର୍ବ ଦିଗକୁ ମୁହଁ କରି ଭୂମି ଉପରେ ବସିଥିବା ସମସ୍ତଙ୍କୁ ପରିବାରର ବୟସ୍କା ମହିଳା ଫୁଲ ଚନ୍ଦନ ଦେଇ ବନ୍ଦାପନା କରିଥା'ନ୍ତି। ବନ୍ଦାପନା ପରେ ଘରର ମୁରବିଙ୍କ ଦ୍ୱାରା କ୍ଷୀର, ମହୁ, ଗୁଡ଼ ଆଦିର ମିଶ୍ରଣରେ ପ୍ରସ୍ତୁତ ନୂଆଁଧାନ କୁଣ୍ଡାକୁ ବଣ୍ଟନ କରାଯାଏ। ସମସ୍ତଙ୍କୁ ନୂଆଁ କୁଣ୍ଡା ଦେଇ ସାରିଲା ପରେ ଘରର ମୁରବି ନିଜେ ନୂଆଁ ପ୍ରସାଦ ଧରି ହରିବୋଲ ଡାକ ପକାନ୍ତି।ଏହା ପରେ ଉପସ୍ଥିତ ସମସ୍ତେ ହରିବୋଲ କହି ସାମୂହିକ ନୂଆଁ ଅନ୍ନ ସେବନ କରିଥାନ୍ତି। ନୂଆଁଖିଆ ସରିଲା ପରେ ଆରମ୍ଭ ହୁଏ ଜୁହାର ଭେଟ। ଛୋଟମାନେ ନିଜଠୁ ବଡ଼ ସମସ୍ତଙ୍କୁ ପାଦ ଛୁଇଁ ଜୁହାର କରନ୍ତି। ବଡ଼ମାନେ ଅତି ଆଦରରେ ସାନମାନଙ୍କୁ ସ୍ନେହ ଶ୍ରଦ୍ଧା ସହ ଆଶୀର୍ବାଦ ଦିଅନ୍ତି। ପାରିବାରିକ ଜୁହାର ଭେଟ ପରେ ସାମୂହିକ ଭୂରି ଭୋଜନ ସଂପନ୍ନ ହୁଏ। ଏହା ପରେ ଅସଲ ଜୁହାର ଭେଟ ହୁଏ ଗାଁ ଦାଣ୍ଡରେ। ମନ୍ଦିର ମଣ୍ଡପ, ଛକମାନଙ୍କରେ ଗାଁ ସାରା ଲୋକ ସମବେତ ହୋଇ ଜୁହାର ଭେଟ ହୋଇଥାନ୍ତି। ଏହି ସମୟରେ ବିଭିନ୍ନ ଖେଳ କୌତୁକ ସହ ଭଜନ, କୀର୍ତ୍ତନ, ଘୁମୁରା, ନାଚ ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ସବୁଠାରୁ ବଡ଼ କଥା ହେଲା, ଜୁହାର ଭେଟ ସମୟରେ ପୂର୍ବରୁ ନିଜ ନିଜ ମଧ୍ୟରେ ଥିବା ମନୋମାଳିନ୍ୟ, ଭେଦଭାବକୁ ସମସ୍ତେ ସଂପୂର୍ଣ୍ଣ ଭୁଲି ଯାଇଥାନ୍ତି।

ନୂଆଁଖାଇର ତୃତୀୟ ଦିବସକୁ 'ନୂଆଁଖାଇ ବାସି' କୁହାଯାଏ। ପୂର୍ବଦିନର ବଳକା ବାସିପିଠାକୁ ଏହି ଦିନ ଖାଇବାର ପରମ୍ପରା ରହିଛି। ବାସିଦିନ ମୁଖ୍ୟତଃ ମାଛ, ମାଂସ ଆଦି ଆମିଷ ଭୋଜନକୁ ପ୍ରାଧାନ୍ୟ ଦିଆଯାଏ। ବାସି ଅବସରରେ ସମ୍ପର୍କୀୟ ପରିବାରମାନଙ୍କୁ ଘରକୁ ଡାକି ଆମିଷ ଭୋଜନରେ ଆପ୍ୟାୟିତ କରାଯାଏ। ଏହି ଭେଟ୍‌ଘାଟ କାର୍ଯ୍ୟକ୍ରମ ପ୍ରାୟ ମାସେ ପର୍ଯ୍ୟନ୍ତ ଲାଗି ରହିଥାଏ।

**ସିନାପାଲି, ନୂଆପଡ଼ା**
**ମୋ:୯୭୭୭୭୫୩୯୩୫**

## ଏଇ ଭାରତରେ

ଚେନ୍ନାଇ କିଲକାଟାଲ୍ଲାଇର ଉଜଭାର ସନ୍ଧାଇ ନିକଟରେ ୩୬ ବର୍ଷୀୟ ଡି ଉମା ରାନି ପ୍ରତିଦିନ ୮୦୦ ଲୋକଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି। ବିଶେଷକରି ଅନ୍ୟମାନଙ୍କ ଘରେ କାମ କରୁଥିବା ଗରିବ ମହିଳା, ଶ୍ରମିକ ଶ୍ରେଣୀର ଲୋକ କିମ୍ବା ପରିବାର ଛାଡ଼ି ଅସହାୟ ଅବସ୍ଥାରେ ରହିଥିବା ଲୋକମାନଙ୍କ ପାଇଁ ଉମା ଏହି ବ୍ୟବସ୍ଥା କରିଛନ୍ତି। କୋଭିଡ୍ ମହାମାରୀ ପରେ ସେ ଏହା ଆରମ୍ଭ କରିଥିଲେ। ସେତେବେଳେ ସେ ତିରୁଭାନ୍ନା ମଲାଇରେ ଜଣେ ନର୍ସିଂ ଟ୍ୟୁଟର ଭାବେ କାମ କରୁଥିଲେ। ସେହି କାର୍ଯ୍ୟରୁ ସଞ୍ଚିତ କରିଥିବା ଅର୍ଥରେ ଉମା ମାଗଣା ଖାଦ୍ୟ ଯୋଗାଇବା ଆରମ୍ଭ କରିଥିଲେ। ଦୀର୍ଘ ସାଢେ ଚାରି ବର୍ଷ ହେଲା ଏହା ସେ ଜାରି ରଖିଛନ୍ତି। ଖାଇବାକୁ ଦେଉଥିବା ସ୍ଥାନର ନାମ ରଖିଛନ୍ତି ଥାଭାମୋଝି ଅନ୍ନଧନ କୋଡାମ (ଥାଭାମୋଝି ମାଗଣା ଖାଦ୍ୟ କେନ୍ଦ୍ର)। ଏଠାରେ ସେ ଅନ୍ନ, ସମ୍ବର, ପରିବା ତରକାରି, ମାଣ୍ଡିଆ ଜାଉ ଆଦି ଦେଉଛନ୍ତି। ଏବେ ଏହି ଖାଦ୍ୟ ପ୍ରସ୍ତୁତିରେ କେତେଜଣ ସ୍ୱେଚ୍ଛାସେବୀ ସହଯୋଗ କରୁଛନ୍ତି ଓ କେତେକ ବ୍ୟକ୍ତି ଆର୍ଥିକ ସହାୟତା ମଧ୍ୟ ଦେଉଛନ୍ତି। ଏଭଳି କାର୍ଯ୍ୟ ପାଇଁ ଲୋକେ ଉମାଙ୍କୁ 'ଅନ୍ନପୂରାଣୀ' ଅର୍ଥାତ୍ ଖାଦ୍ୟଦେବୀ ବୋଲି ସମ୍ବୋଧନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୮ ସେପ୍ଟେମ୍ବର ୧୯୭୫

- ଭାରତୀୟ ପେଷାଦାର ସାମ୍ବାଦିକ ମହାସଂଘର ଅନ୍ୟତମ ପ୍ରାଣ ପ୍ରତିଷ୍ଠାତା ନୀଳକଣ୍ଠ ମହାଦେବ ସିଧାୟେଙ୍କ ୬୬ ବର୍ଷ ବୟସରେ ପରଲୋକ।
- ତୈଳ ଓ ପ୍ରାକୃତିକ ଗ୍ୟାସ୍ କମିଶନ ଦ୍ୱାରା ନରୱେରୁ ଭଡ଼ାରେ ଅଣାଯାଇଥିବା ଅତ୍ୟାଧୁନିକ ରିଗ୍ ଯୋଗେ ବମ୍ବେ ହାଏର ୬ ନମ୍ବର ତୈଳ କ୍ଷେତ୍ରରେ ଡ୍ରିଲିଂ କାର୍ଯ୍ୟ ଆରମ୍ଭ।
- ତୁର୍କୀର ପୂର୍ବ ଓ ଦକ୍ଷିଣାଞ୍ଚଳରେ ପ୍ରବଳ ଓ ଭୟାବହ ଭୂମିକମ୍ପ ଘଟି ପ୍ରାୟ ହଜାରେ ଲୋକଙ୍କ ପ୍ରାଣହାନି।

## ପାଠକ ଶ୍ରେଷ୍ଠ ବିଚାରକ

### ଝିଅମାନେ କେତେ ସୁରକ୍ଷିତ

ମହାଶୟ,

ଦେଶ ସ୍ୱାଧୀନ ହେବାର ୭୮ ବର୍ଷ ପୂରିଲାଣି। କିନ୍ତୁ ଆଜିବି ପ୍ରଶ୍ନ ଉଠୁଛି, ଝିଅମାନେ କେତେ ସୁରକ୍ଷିତ? ଆଜିର ସମାଜରେ ଝିଅଟେ କାହିଁକି ସ୍ୱାଧୀନ ଭାବେ ନିଜର ମତାମତ ତଥା ବିଚାର ବ୍ୟକ୍ତ କରିପାରୁନାହିଁ। ପ୍ରତି ମୁହୂର୍ତ୍ତରେ ତାକୁ ସଂଘର୍ଷ କରିବାକୁ ପଡୁଛି। ଘର ପରିବାରଠୁ ଆରମ୍ଭ କରି ସମାଜର ସମସ୍ତ କ୍ଷେତ୍ରରେ ତାକୁ ବଡ଼ ବଡ଼ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରତିଦିନ ମନରେ ଏକ ଆଶଙ୍କାର ସହିତ ଚଳିବାକୁ ପଡୁଛି। ପ୍ରତିଦିନ ଦେଶରେ ଦୁଷ୍କର୍ମ, ଗଣଦୁଷ୍କର୍ମ ତଥା ହତ୍ୟା ଭଳି ଜଘନ୍ୟ କାଣ୍ଡ ଘଟୁଛି। ଅଥଚ ଦୋଷୀ ଦଣ୍ଡ ପାଇବାକୁ ବିଳମ୍ବ ହେଉଛି। ନ୍ୟାୟ, ବିଚାର ବିଭାଗ ଏତେ କୋହଳ କାହିଁକି? ଦୋଷୀ ବା ଏଭଳି ଅସାମାଜିକ ମଣିଷମାନଙ୍କର ମନୋବଳ ବଢ଼ିଯାଉଛି। ତେଣୁ ଏସବୁକୁ ବିଚାରକୁ ନେଇ ଦୋଷୀକୁ ତୁରନ୍ତ କଠୋର ଦଣ୍ଡ ଦିଆଯାଉ। ଏତଦ୍‌ବ୍ୟତୀତ ଅଭିଭାବକମାନେ ମଧ୍ୟ ସଚେତନ ରହିବା ଉଚିତ। ସବୁ କ୍ଷେତ୍ର ବା ସମସ୍ତ ଘଟଣାରେ ଗୋଟାଏ ଝିଅକୁ ବଳିଦାନ ଦେବାକୁ ନ ପଡୁ। ଭାରତ ଭଳି ଗଣତନ୍ତ୍ର ରାଷ୍ଟ୍ରରେ ଝିଅଟି କେତେ ସୁରକ୍ଷିତ ବୋଲି ସର୍ବଦା ପ୍ରଶ୍ନବାଚୀ ହେଉଛି।

**-ପୁଷ୍ପା ମହାନ୍ତି, ସାଇବିହାର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିଶ୍ୱରାଶି
ନିଭାଇ ଦେଇ
ଆସିଲା ଘୋଟି ତମ
ସମ୍ମୁଖରେ ଡାହାଣ ବାମେ ମମ!
-(ସନ୍ଧ୍ୟା ପଥେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପୃଥିବୀର ଅନେକ ସ୍ଥାନରେ ପହିଲା ଶସ୍ୟକୁ ପ୍ରକୃତି, ଦେବଦେବୀ ଓ ପୂର୍ବପୁରୁଷଙ୍କୁ ଅର୍ପଣ କରିବା ବିଧି ରହିଛି । ପଶ୍ଚିମ ଓଡ଼ିଶା ଲୋକଙ୍କ ଜୀବନ ଜୀବିକାର ମୁଖ୍ୟ ଆଧାର ଧାନ। କୃଷିଜୀବୀ ମଣିଷ ପାଇଁ ଧାନ ଅମୃତର ମଞ୍ଜି ସଦୃଶ । ସେହି ଧାନକୁ ପ୍ରକୃତି, ଦେବଦେବୀ ଓ ପିତୃପୁରୁଷଙ୍କୁ ଅର୍ପଣ କଲା ପରେ ଲୋକେ ନୂଆଁ ଖାଇଥାନ୍ତି । ସାଧାରଣତଃ କୃଷିଜୀବୀ ମଣିଷ ଚାଷରେ ତା'ର ସକଳ ଜମା ପୁଞ୍ଜି ଲଗାଇ ଦେଇଥାଏ । ତେଣୁ ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ହେଉଛି ଅଭାବର ବେଳାରେ ଭାବର ତିହାର୍ ।

# ନୂଆଁଖାଇ: ଅଭାବ ବେଳାରେ ଭାବର ତିହାର୍

**ପ୍ରସ୍ତୁତି ପର୍ବ :** ଧାର୍ଯ୍ୟଲଗ୍ନରେ ନୂଆଁଖାଇ ପାଇଁ ପ୍ରସ୍ତୁତି ଆରମ୍ଭ ହୁଏ । ଏହି ସମୟରେ ଗାଁ ଚତୁଃପାର୍ଶ୍ୱରେ କାଶତଣ୍ଡୀ ଫୁଲ ପବନରେ ଲହଡ଼ି ମାରୁଥାଏ। ସବୁଜିମାରେ ଭରି ଯାଇଥାଏ ଚଉଦିଗ । ଗଡ଼ାଣିଆ ଆଟ ଜମିରେ ପାଚିଆସୁଥାଏ ନିଅଣ୍ଟ ସମୟର ସମ୍ବଳ ସଅଳ କିସମ ଧାନ। ଦୂରଦୂରାନ୍ତରେ ଥିବା ଗାଁ ପୁଅ ଗାଁକୁ ଫେରେ । ଦାଦନ ଜୀବନଠୁ ମୁକୁଳି ଶ୍ରମଜୀବୀ ମଣିଷ ଫେରେ ଆପଣା ଘର । ବର୍ଷକରେ ଥରେ ତ ଏହି ଭାବର ତିହାର୍ । ନୂଆଁଖାଇ ଆଗ ଦିନ ଝାଙ୍କର ଗାଁ ଗୁଡ଼ି (ଦେବୀପୀଠ)ରେ ନୂଆଁଧାନରେ ଚୂରାକୁଣ୍ଡା ତିଆରି ଲଗେଇଥାଏ ନୂଆଁ। କଙ୍କାଳିବୁଢ଼ା, ମାଉଲି, ପୀତାବଲୀ ଆଦି ଦେବଦେବୀଙ୍କ ପାଶେ ନୂଆଁ ଲାଗିବା ପରେ ତା' ପରଦିନ ଘରର ଇଷ୍ଟଦେବୀଙ୍କ ପାଖରେ ନୂଆଁ ଲାଗେ । ଚାଷୀ ତା'ର କ୍ଷେତ ପୂଜା କରେ । ମାଟି ମାଆଙ୍କୁ ଅର୍ପଣ କରେ ପହିଲି ଶସ୍ୟ । ତା'ପରେ ଗୁହାଳ ପୂଜା । ଅତୀତର ପରମ୍ପରାରେ ଗୋସମ୍ପଦ ହିଁ ତ ଚାଷୀର ମୂଳ ଆଧାର । କେବଳ ଚାଷୀ ନୁହନ୍ତି, କେଉଟ ପୂଜା କରନ୍ତି ତାଙ୍କ ଜୀବନ ଜୀବିକାର ମାଧ୍ୟମ ନଈ ଓ ଡଙ୍ଗା । ବୁଣାକାର ପୂଜା କରେ ତନ୍ତ । ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ବହୁତ ପୁରୁଣା । ଅତୀତରେ ତେଲ୍ ନଦୀ ଓ ମହାନଦୀ ଦେଇ ପଟୁଆରେ ଯାଉଥିଲା କେତେ ସୂକ୍ଷ୍ମ କାରିଗରିର ବସ୍ତ୍ର । ବୁଣାକାର ଓ ନଈକୁ ନିର୍ଭର କରି ଚଳୁଥିବା ପରିବାରରେ ନୂଆଁଖାଇର ପରମ୍ପରା ସ୍ୱତନ୍ତ୍ର ।

**ନଈ ହିଁ ଜୀବନ :** ନଈ ଗୋଟିଏ । ହେଲେ ସେଇ ନଈକୁ ଆଧାରକରି ଗୁଜୁରାଣ ମେଣ୍ଟାଉଥିବା ମଣିଷ ଅନେକ । କିଏ ନଈରୁ ମାଛ ମାରେ ତ ଆଉ କାହାର କାମ ଘାଟଫେରି । ଆଉ କିଏ ଏ ନଈର ବାଲି ଖେଳେଇ ଖୋଜେ କୁଟି ସୁନା । କିଏ ପୁଣି ନଈର ଘାସରେ ବୁଣେ ମସିଣା। ତେବେ ନଈକୁ ନିର୍ଭର କରି ଚଳୁଥିବା ପରିବାର ଭିତରେ ନଈ ଓ ଡଙ୍ଗା ସହ ଅନେକ ପରିବାରଙ୍କ ସମ୍ପର୍କ ନିଆରା । ସେହିମାନଙ୍କ ଭିତରେ କେଉଟ, ଗିଂଗରା ଓ ଝରା ଜାତିରେ ନୂଆଁଖାଇ ସମୟରେ ନଈ ଓ ଡଙ୍ଗାକୁ ପୂଜା କରିବାର ବିଧି ରହିଛି ।

ନଈ ଓ ଡଙ୍ଗାକୁ ଆଧାର କରି ବଞ୍ଚୁଥିବା ପରିବାରରେ ଯେଉଁଠି ଯାହା ନୂଆଁଖାଇର ପରମ୍ପରା ରହିଛି, ସେହି ଅନୁଯାୟୀ ଘରର ବୟୋଜ୍ୟେଷ୍ଠ ପୁରୁଷ ଇଷ୍ଟ ଦେବତାଙ୍କ ପୂଜାବିଧି କରି ତାଙ୍କ ପାଖରେ ଚୂରାକୁଣ୍ଡା ଲଗେଇଥାନ୍ତି । ପରେ ବାହାରିଯାନ୍ତି ନଈକୂଳରେ ବନ୍ଧା ଡଙ୍ଗା ପାଖକୁ । ନଈ କୂଳରେ ସଜ୍ଜିତ ଡଙ୍ଗାରେ ସଦ୍ୟ କଟକୀ ସିନ୍ଦୂର ଓ କଳା ବୋଳା ହୋଇ ଜକ୍‌ଜକ୍ କରୁଥାନ୍ତି ଆଗ ମଙ୍ଗରେ ଚୌରାଶୀ ଦେବୀ । ସବୁ ଡଙ୍ଗାର ଆଗ ମଙ୍ଗରେ ହିଁ ଚୌରାଶୀ ଦେବୀଙ୍କୁ ପରିବାରର ବୟୋଜ୍ୟେଷ୍ଠ ପୂଜା କରିଥାନ୍ତି, ପରେ ପଛ ମଙ୍ଗରେ ସମଲାଇ ଓ ସ୍ଥଳ ବିଶେଷରେ ଅନ୍ୟ ଦେବୀ ପୂଜା ଘେନିଥାନ୍ତି । ଘରେ ଯେପରି ଖିରି, ପିଠା ଓ ଚୂରାକୁଣ୍ଡାର ଭୋଗ ଲଗା ହୋଇଥାଏ, ସେମିତି ଡଙ୍ଗାର ଦୁଇ ମଙ୍ଗରେ କୁରହେଇ ପତ୍ରର ଠୋଲାରେ ବଳିତା ଦେଇ ଦୀପ ଜଳାହୁଏ ଓ ପୂଜାର୍ଚ୍ଚନା କରି ଭୋଗ ଲଗାଯାଏ । ଘାଟ ନିକଟରେ ପୂଜାର୍ଚ୍ଚନା ପରେ କ୍ଷୀର, ଫୁଲ ଓ ସିନ୍ଦୂରରେ ପୂଜା ଘେନନ୍ତି ସାତ ବହନୀ, ଗଙ୍ଗା ଦେବୀ, ଜାଗତ ଯୁଗତ । ସାତ ବହନୀଙ୍କୁ ସାତ ଆଞ୍ଜୁଳା ଆଉ ଅନ୍ୟ ଦେବୀଙ୍କୁ ତିନି ଆଞ୍ଜୁଳା ପାଣି ନଈରୁ ଟେକି ଅର୍ପଣ କରାଯାଏ । ଡଙ୍ଗାପୂଜା ଆଗରୁ ବି ଏହି ବିଧି ରହିଛି ।

**ଜୀଁ ଜାଗିଥିଲେ ବଛରେ:** ନଈ ପରି ପ୍ରବହମାନ ସମୟର ଧାର ସହ ସଂସ୍କୃତି । କାହିଁ କେତେ ବର୍ଷରୁ ଏଇ ଅଭାବ ବେଳାରେ ଭାବର ତିହାର୍ ହୋଇଛି ନୂଆଁଖାଇ । ଗୋଟା ବଛରର ମନ ଫଟାଫଟି, କଳିକଜିଆ ପାଣି ଫାଟିଯାଉଛି । ଭାଇ-ଭାଇ ଭିତରେ ନାଗଫେଣୀ କଣ୍ଟାର ବରକସ ବାଡ ବି ଭାଙ୍ଗିଯାଉଛି । ଗାଁ ମଣିଷ ନୂଆଁଖାଇ ସାରି ସକଳ ଦେବଦେବୀଙ୍କୁ ମୁଣ୍ଡିଆ ମାରି ମନାସ କରୁଛି, ମା' ସମଲେଶ୍ୱରୀ, ପାଟଣେଶ୍ୱରୀ, ସମଲାଇ, ସୁରେଶ୍ୱରୀ । ମା' ଗୋ .. ସଂସାରକୁ ଭଲେ ଭଲେ ରଖିଥା ଗୋ ..ମା ' ଜୀଁ ଜାଗି ଥିଲେ ଆର ବଛର, ଫେର ଭେଟ ହେମା ।

**ଉପସ୍ଥାପନା:** ଆଦିତେଶ୍ୱର ମିଶ୍ର , କନ୍ଧମାଳ ବୌଦ୍ଧ

















ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ। ପ୍ରକୃତି ସହିତ ଜଡ଼ିତ ଏହି ପର୍ବ କେଉଁ ଆବହମାନ କାଳରୁ ଏକ ପରମ୍ପରା ହୋଇ ରହିଆସିଛି। ଶରତର କାଶତଣ୍ଡୀଠାରୁ ଆରମ୍ଭ କରି ଚାଷୀଙ୍କ ଶସ୍ୟ ଶ୍ୟାମଳା କୃଷିକ୍ଷେତ୍ର ଯେଉଁଭଳି ବର୍ତ୍ତମାନ ହସି ଉଠୁଛି, ଏହି ପର୍ବ ପାଇଁ ସାରା ପଶ୍ଚିମ ଓଡ଼ିଶା ଏବେ ଚଳଚଞ୍ଚଳ ହୋଇପଡ଼ିଛି। ସଭିଙ୍କ ମନରେ ନୂତନ ଉତ୍ସାହ, ନୂଆଁ ଉନ୍ମାଦନା। ଅଞ୍ଚଳର କବୟିତ୍ରୀ, କବି ମଧ୍ୟ ବାଦ୍ ପଡ଼ିନାହାନ୍ତି। ଏହି ଗଣପର୍ବ ପାଇଁ ସେମାନେ ଅଞ୍ଚଳର ସମ୍ବଲପୁରୀ, କୋଶଳି ଭାଷାରେ ଲେଖିଛନ୍ତି ନୂଆ ନୂଆ କବିତା। ଆଉ ସେମାନଙ୍କ କଣ୍ଠରୁ ସେହି କବିତା ସୂଚାଇ ଦେଉଛି ନୂଆଁଖାଇର ମହାନ୍ ବାର୍ତ୍ତା। ସେଭଳି କିଛି କବୟିତ୍ରୀ ଏବଂ କବିଙ୍କ କବିତାର କିୟଦଂଶକୁ ନେଇ ବରଗଡ଼ରୁ ପ୍ରେମାନନ୍ଦ ଖମାରୀଙ୍କ ଏକ ଉପସ୍ଥାପନା...

# କବିର କବିତାରେ ନୂଆଁଖାଇ

## ନୂଆଁଖାଇରେ ନୂଆଁ ଅନ୍ନ

ନୂଆଁଖାଇକୁ ନବାନ୍ନ ପର୍ବ ମଧ୍ୟ କୁହାଯାଏ। ଏହି ପର୍ବରେ ନବାନ୍ନ (ନୂଆଁ ଧାନ) ଅଧିଷ୍ଠାତ୍ରୀ ଦେବୀଙ୍କଠାରେ ଲାଗି ହେବା ପରେ ଲୋକେ ଭକ୍ଷଣ କରିଥାନ୍ତି। ଏହି ଦୃଷ୍ଟିରୁ ଉକ୍ତ ପର୍ବକୁ ନୂଆଁଖାଇ କିମ୍ବା ନବାନ୍ନ ଭକ୍ଷଣ କୁହାଯାଏ। ବରଗଡ଼ ହାଟପଦାର କବୟିତ୍ରୀ ସଙ୍ଗୀତା ଦୀପ୍ ତାଙ୍କ ରଚିତ ନୂଆଁଖାଇ କବିତା ସିଘା ତିହାର୍ ନୂଆଁଖାଇରେ ଏହାକୁ ଉଲ୍ଲେଖ କରିଛନ୍ତି–

**କାହିଁ କେତେ ଜୁଗୁ କେତେ କାଲୁ ମୁନୁସ୍**
**ଅରନ୍ କରେ ବରନ୍,**
**ଅରନ୍ ଦେବୀ କେ ମାଏନ୍ ଦେଇଥାଉ**
**ଜେନ୍‌ଥି ଆମର୍ ଜୀବନ।**

## ପରିବାରକୁ ଏକଜୁଟ୍ କରେ ନୂଆଁଖାଇ

ନୂଆଁଖାଇ ଏଭଳି ଏକ ପର୍ବ, ଯାହା ରାଗରୋଷକୁ ଦୂର କରିଦିଏ। ପରିବାର ଲୋକଙ୍କୁ ଏକାଠି ବାନ୍ଧି ରଖେ। ପରିବାର ସଦସ୍ୟ ଯେଉଁଠିଥିଲେ ମଧ୍ୟ ଏହି ପର୍ବରେ ନିଜ ଘରେ ଏକାଠି ହୋଇଥାନ୍ତି। ବରଗଡ଼ ଶକ୍ତିନଗରର କବୟିତ୍ରୀ ଜ୍ୟୋତି ପଣ୍ଡା ଲୀନା ତାଙ୍କ ନୂଆଁଖାଇ କବିତା ରହି ନାଇଁ ପାରୁ ଏକ୍‌ଲାରେ ଏହା ସ୍ପଷ୍ଟ ଭାବେ ପ୍ରତିପାଦିତ କରିଛନ୍ତି–

**ବଡ଼ଖା ଦଦାର୍ ଡାକ୍ ଥି ସାନ୍ ଭାଏ**
**ତାର୍ ରାଗ୍ ରିସ୍‌ମି ଭୁଲ୍‌ଲା,**
**ଇନ୍ତା ଆଏ ଆମର୍ ନୂଆଁଖାଇ ତିହାର୍**
**ଦେଶେ ବିଦେଶେ ଜେନେ ଥିଲେ ବି**
**ରହି ନାଇଁ ପାରୁ ଏକ୍‌ଲା।**

## ସଭିଙ୍କ ପ୍ରତୀକ୍ଷାରେ ନୂଆଁଖାଇ

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବକୁ କେବଳ ଯେ କୃଷକମାନେ ପାଳନ କରିଥାନ୍ତି, ତାହା ନୁହେଁ। କୃଷକ, ଶ୍ରମିକ, ଧନିକ, ଗରିବ ସବୁ ଶ୍ରେଣୀର ଲୋକେ ଏହି ପର୍ବ ପାଳନ ପାଇଁ ଚାହିଁ ବସିଥାନ୍ତି। ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ସହରାଟିକ୍ରାର କବି ଲକ୍ଷ୍ମଣ ସୁନା ତାଙ୍କ ରଚିତ ନୂଆଁଖାଇ କବିତାରେ ଏହାକୁ ଉଲ୍ଲେଖ କରିଛନ୍ତି–

**ଭାବେ ନାଚି ଗାଇ ଆ ନୂଆଁଖାଇ**
**ଭାବର୍ ତିହାର୍ ଗୋ ତୁଇଁ,**
**ଅଭାବିଆଟେ ବି ତୋର୍ ବାଟ୍ ଦେଖି**
**ହଉଥିସି କେତେ ବାଇ।**

## ପୂର୍ବ ଶତ୍ରୁତାକୁ ଦୂରକରେ ନୂଆଁଖାଇ

ଏକତା, ଭାଇଚାରାର ପର୍ବ ହେଉଛି ନୂଆଁଖାଇ। ନୂଆଁଖାଇର ଏଭଳି ଏକ ମାହାତ୍ମ୍ୟ ରହିଛି ଯେ ଏହି ପର୍ବ ପାଳନରେ ଲୋକେ ପୂର୍ବ ଶତ୍ରୁତାକୁ ଭୁଲି ଯାଆନ୍ତି ଏବଂ ପୁଣି ସେମାନଙ୍କ ମଧ୍ୟରେ ଶାନ୍ତି, ସହାବସ୍ଥାନ ସ୍ଥାପନ ହୁଏ। ବରଗଡ଼ ଜିଲା ରେଶମ ହାତୀପାଲି ଗ୍ରାମର କବି ଲୋକନାଥ ନାଗ ତାଙ୍କ ରଚିତ ନୂଆଁ ଖାଏମା ଆସରେ କବିତାରେ ଏହାକୁ ଦର୍ଶାଇଛନ୍ତି–

**ଛାଏ ମଡ଼ାମଡ଼ି ନାଏ ହଉଥାଇଁ**
**ନୁନ୍ ମଗାମଗି ନାଏ ଚଲୁଥାଇଁ**
**ଆଏଜ୍ ବାଗିର୍ ଦିନେ ହେଟା**
**ପାସରି**
**ହଁସ୍‌ମା ମୁଲ୍‌କି ହଁସରେ**
**ନୂଆଁ ଖାଏମା ଆସରେ।**

## ପତ୍ରରେ ନବାନ୍ନ ଭକ୍ଷଣ

ନୂଆଁଖାଇ ଏଭଳି ଏକ ପର୍ବ, ଲୋକେ କଂସା, ପିତଳ କିମ୍ବା ଷ୍ଟିଲ ନିର୍ମିତ ପାତ୍ରରେ ଉକ୍ତ ଦିନ ଭୋଜନ କରିଥାନ୍ତି। ପ୍ରକୃତିଜାତ ବିଭିନ୍ନ ପତ୍ରରେ ନବାନ୍ନ ଭକ୍ଷଣ କରିଥାନ୍ତି। ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଭୁଲିଆଡିହି ଗ୍ରାମର କବି ଦେବେନ୍ଦ୍ର ସାହୁଙ୍କ ନୂଆଁଖାଇ କବିତାରେ ଏହାର ଝଲକ୍ ଦେଖିବାକୁ ମିଳିଛି–

**କୁରେ ମହୁଲ ସରଗି ପତରେଁ**
**ପହେଲା ଖାଏସୁଁ ନୂଆଁ,**
**ନୂଆଖାଇ ସାରି**
**ଜୁହାର୍ ଭେଟ୍‌ଥି**
**ଲାଗସି ଭାବର୍ ଦୁଆଁ।**

## ନୂଆଁଖାଇରେ ପିଠାପଣା

ନୂଆଁଖାଇରେ ଘରେ ଘରେ ବିଭିନ୍ନ ପ୍ରକାର ପିଠାପଣା ହୋଇଥାଏ। ଆରିସା, କାକରା ଆଦି ପିଠା ପରିବାରର ମହିଳାମାନେ ନୂଆଁଖାଇ ପୂର୍ବରାତ୍ରିରୁ ପ୍ରସ୍ତୁତ କରି ସାରିଥାନ୍ତି ଏବଂ ପରିବାରର ସଭିଏଁ ଏକାଠି ହୋଇ ନୂଆଁଖାଇ ଦିନ ତାହା ଖାଇ ମସଗୁଲ ହୋଇପଡ଼ନ୍ତି। ବରଗଡ଼ ଜିଲା ସରଣ୍ଡାପାଲି ଗ୍ରାମର ପଶୁଧନ ନିରୀକ୍ଷକ ତଥା କବୟିତ୍ରୀ ଅହଲ୍ୟା ପ୍ରଧାନ ତାଙ୍କ ନୂଆଁଖାଇ କବିତାରେ ଏହାକୁ ଉଲ୍ଲେଖ କରିଛନ୍ତି–

**ନୂଆଁଖାଇର୍ ଅଏରସା ମଡ଼ା**
**ସୁଆଲିଁ**
**ସଭେ ଖାଏମା ମିଶିଗୁଲି,**
**ରାଗ୍ ରିସମି ସବୁ ଯିମା ଭୁଲି**
**ଭାବର ପସରା ଦେମା ଖୁଲି।**










ନୂଆଁଖାଇ ଜୁହାର
ବଲାଙ୍ଗୀର ସଦାଇପାଲି, ପଲ୍ଲିଶ୍ରୀ ବିହାରଠାରେ ପ୍ରତିଷ୍ଠିତ ଇଣ୍ଡିଏନ୍ ନର୍ସିଂ କାଉନ୍‌ସିଲ (ଆଇ.ଏନ୍.ସି.) ମଞ୍ଜୁରୀ ପ୍ରାପ୍ତ ସୁଶ୍ରୀ ନର୍ସିଂ କଲେଜ (ସାଇଟ୍) ଏମ୍.ଏସ୍.ସି. ନର୍ସିଂ, ବି.ଏସ୍.ସି. ନର୍ସିଂ, ଜି.ଏନ୍.ଏମ୍. ନର୍ସିଂ, ଏ.ଏନ୍.ଏମ୍. ନର୍ସିଂ, ସାଇଟ୍ ଇଞ୍ଜିନିୟରିଂ, ସୁଶ୍ରୀ ଆଇ.ଟି.ଆଇ., ସୁଶ୍ରୀ ଡି.ଏମ୍.ଏଲ୍.ଟି. ଓ ଡି.ଏମ୍.ଆର୍.ଟି. ପରିବାର ତରଫରୁ ସମସ୍ତଙ୍କୁ ନୂଆଁଖାଇ ଜୁହାର।
ଡ. ନାରାୟଣ ପ୍ରସାଦ ମିଶ୍ର, ସମ୍ପାଦକ















# ଜେଲ ଗଲେ ଜେଲ ଅଧୀକ୍ଷକ

■ ଅଧୀକ୍ଷକ ସତ୍ୟପ୍ରକାଶ ସ୍ୱାଇଁ ଗିରଫ
■ ଆୟଠାରୁ ଆୟ ବହିର୍ଭୂତ ସମ୍ପତ୍ତି ୮୯% ଅଧିକ

ଭୁବନେଶ୍ୱର,୭।୯ (ସତ୍ୟଜିତ୍ ରାଉତ)

ଜେଲ୍ ଯାଇଛନ୍ତି ଜେଲ ଅଧୀକ୍ଷକ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ କେନ୍ଦୁଝର ଜେଲ୍ ଅଧୀକ୍ଷକ ତଥା ପୂର୍ବତନ ଖୋରଧା ଜେଲ ଅଧୀକ୍ଷକ ସତ୍ୟପ୍ରକାଶ ସ୍ୱାଇଁଙ୍କୁ ଭିଜିଲାନ୍ସ ଶନିବାର ଗିରଫ କରିଛି। ସତ୍ୟପ୍ରକାଶ ପୂର୍ବରୁ ଖୋରଧା ଜେଲରେ ଅଧୀକ୍ଷକ ଥିବାବେଳେ ଏବେ ସେଇଠାରେ ସେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି। ଭିଜିଲାନ୍ସର ଯାଞ୍ଚ ପରେ ସତ୍ୟପ୍ରକାଶ ତାଙ୍କର ପ୍ରକୃତ ଆୟଠାରୁ ୮୯ ପ୍ରତିଶତ ଅଧିକ ସମ୍ପତ୍ତି କରିଥିବା ଜଣାପଡ଼ିଛି। ଜେଲରେ କଏଦୀଙ୍କୁ ଭିଆଇପି ଆତିଥ୍ୟ ଦେବାକୁ ଲକ୍ଷାଧିକ


ସତ୍ୟପ୍ରକାଶ ସ୍ୱାଇଁ

ଟଙ୍କା ନେବା ଓ ଜେଲ ଭିତରେ ଅନ୍ତେବାସୀଙ୍କୁ ନିଶାଦ୍ରବ୍ୟ ଯୋଗାଇ ସତ୍ୟପ୍ରକାଶ ଏହି ସମ୍ପତ୍ତି ଠାବ କରିଥିବା ଭିଜିଲାନ୍ସର ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏହି ଆୟବହିର୍ଭୂତ ସମ୍ପତ୍ତି ଅର୍ଜନ କରିବାରେ ସତ୍ୟପ୍ରକାଶଙ୍କ ସ୍ତ୍ରୀଙ୍କ ମଧ୍ୟ ଭାଗୀଦାରି ରହିଛି। ତେଣୁ ସତ୍ୟପ୍ରକାଶଙ୍କ ସମେତ ତାଙ୍କ ସ୍ତ୍ରୀଙ୍କ ବିରୋଧରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୧୯/୨୦୨୪) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସତ୍ୟପ୍ରକାଶଙ୍କୁ ଗିରଫ ପରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ଶୁକ୍ରବାର ସତ୍ୟପ୍ରକାଶଙ୍କ ଘର ସମେତ ଭୁବନେଶ୍ୱର, ଭଦ୍ରକ, କେନ୍ଦୁଝରର ୭ ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଯାଞ୍ଚ ବେଳେ ଭିଜିଲାନ୍ସ ଟିମ୍ ସତ୍ୟପ୍ରକାଶଙ୍କ ଖୋରଧାଠାରେ ୪ ମହଲା ବିଶିଷ୍ଟ କୋଠା, ଢେଙ୍କାନାଳ, ବଲାଙ୍ଗୀର ଓ ଭୁବନେଶ୍ୱରରେ ବହୁମୂଲ୍ୟର ୪ ଘରଡିହ ପ୍ଲଟ୍, ବାସଭବନରୁ ୧୦ଲକ୍ଷ ଟଙ୍କାର ସୁନା ଅଳଙ୍କାର, ୬.୨୪ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ପୋଷ୍ଟାଲ ଜମା, କାର୍ ଓ ବାଇକ୍ ଏବଂ ୧୪.୪୬ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ଠାବ କରିଥିଲା।

## କୋଲକାତା ବସ୍ଷ୍ଟାଣ୍ଡରେ ବ୍ରାଉନସୁଗାର କାରବାର

### ୨ଶହ ଗ୍ରାମ୍ ଜବତ, ଅଭିଯୁକ୍ତ ଗିରଫ

ବାରିପଦା, ୭।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହରରେ ଥିବା କୋଲକାତା ବସ୍ଷ୍ଟାଣ୍ଡରେ ନିଶା କାରବାର ହେଉଥିବା ଖବରପାଇ ଶନିବାର ଟାଉନ ଥାନା ପୋଲିସ ଚଢ଼ାଉ କରି ୨ ଶହ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିଛି। ଅଭିଯୁକ୍ତ ହେଲେ ବାରିପଦା ସହର ୨୭ନଂ. ୱାର୍ଡ ତକତପୁର ଅଞ୍ଚଳର ଗୋବିନ୍ଦ ପାଲ୍। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୭ଲକ୍ଷ ଟଙ୍କା ହେବ।

ପୋଲିସର ଏକ ଟିମ୍ ଯୋଜନାବଦ୍ଧ ଭାବେ ଚଢ଼ାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଏହି ବ୍ରାଉନସୁଗାର କୋଲକାତାରୁ ଆସିଥିଲା ନା ଯାଉଥିଲା ତାହାକୁ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ତେବେ ଏହି କାରବାରରେ ଗୋବିନ୍ଦ ୨୦୨୧ ଏପ୍ରିଲ ୧୩ରେ ଧରାପଡିଥିଲେ। ସେହି ସମୟରେ ତାଙ୍କଠାରୁ ୪୧୭ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଥିଲା।

# ମାଲ୍ ବୋଝେଇ ଟ୍ରକ୍ ଚକାତଳେ ପଡ଼ି ୨ ବାଇକ୍ ଆରୋହୀ ମୃତ

କୋରାପୁଟ,୭।୯ (ଅମିତାଭ ବେହେରା)

### କ୍ଷତିପୂରଣ ଦାବିରେ ପରିବାର, ସମ୍ପର୍କୀୟଙ୍କ ଧାରଣା

କୋରାପୁଟ ସହରର ସଦର ଥାନା ନିକଟ ରେଲ୍‌ୱେ ଓଭରବ୍ରିଜ୍ ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥରେ ଶନିବାର ଏକ ମାଲ୍ ବୋଝେଇ ଟ୍ରକ୍ ବାଇକ୍ ଆରୋହୀଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଛି। ମୃତକମାନେ ହେଲେ କୋରାପୁଟ ସହରର ଫିଲ୍ମ ହଲ୍ ନିକଟ କମାରସାହିର ଲବି ବେନିଆ(୨୪) ଓ ଖାରଗୁଡ଼ାର କ୍ରିଷ୍ଣା ପରଜା। ଦୁର୍ଘଟଣା ପରେ ମୃତକଙ୍କ ପରିବାର ସଦସ୍ୟ ଓ ସମ୍ପର୍କୀୟ କ୍ଷତିପୂରଣ ଦାବିରେ ୨୬ ନମ୍ବର ଜାତୀୟ ରାଜପଥ ଉପରେ ବସି ଧାରଣା ଦେଇଥିଲେ। ଫଳରେ ରାସ୍ତାର ଉଭୟପାର୍ଶ୍ୱରେ ଗାଡ଼ି ଅଟକି ରହିଥିଲା। ଜିଲା ପ୍ରଶାସନ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ୧୦ ହଜାର ଲେଖାଏ ରେଡ୍‌କ୍ରସ ପକ୍ଷରୁ କ୍ଷତିପୂରଣ ଦିଆଯିବା ପରେ ସେମାନେ ଧାରଣାରୁ ହଟିଥିଲେ।

ପୋଲିସ ସୂଚନାନୁଯାୟୀ, କୋରାପୁଟରୁ ବିଶାଖାପାଟଣା ଯାଉଥିବା ଟ୍ରକ୍ (ନଂ.ଏପି-୩୯ୟୁଏଲ-୩୩୮୯)କୁ ଏକ ବାଇକ୍(ଓଡି-୧୦ବି-୦୭୮୭) ଓଭରଟେକ୍ କରୁଥିବାବେଳେ ଉକ୍ତ ଓଭରବ୍ରିଜ୍ ନିକଟରେ ଟ୍ରକ୍‌ର ଆଗଚକରେ ବାଜିଯାଇଥିଲା। ଫଳରେ ବାଇକ୍‌ରେ ଥିବା ଲବି ଓ କ୍ରିଷ୍ଣା ପଡ଼ିଯାଇଥିଲେ। ଫଳରେ ସେମାନଙ୍କ ଉପରେ ଟ୍ରକ୍‌ଟି ମାଡ଼ିଯାଇଥିଲା। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଯାଇଥିବା ଟାଉନ ପୋଲିସ ପକ୍ଷରୁ କୁହାଯାଇଛି। ଖବରପାଇ ସଦର ଥାନା ଅଧିକାରୀ ରୁନୁ କୁମାରୀ ମାଝି ନିଜ ଟିମ୍ ସହ ପ୍ରଥମେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଟାଉନ ଥାନା ପୋଲିସ ପହଞ୍ଚି ଟ୍ରକ୍ ଜବତ କରିବା ସହ ଜାତୀୟ ରାଜପଥରୁ ମୃତଦେହ ଉଠାଇ ଘଟଣାର ତଦନ୍ତ କରୁଛି। ଟ୍ରକ୍ ଡ୍ରାଇଭର ଓ ହେଲ୍‌ପର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

# ବିସ୍ଫୋରକ ସାମଗ୍ରୀ ସହ ୫ ମାଓବାଦୀ ଗିରଫ

ମାଲକାନଗିରି,୭।୯ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଓ ବିଜାପୁର ଜିଲାରୁ ଶନିବାର ୫ ମାଓବାଦୀ ଗିରଫ ହୋଇଛନ୍ତି। ସୁକ୍‌ମା ଜାଗରଗୁଣ୍ଡା ପୋଲିସ ବିସ୍ଫୋରକ ସାମଗ୍ରୀ ସହ ୨ ଓ ବିଜାପୁରରୁ ସୁରକ୍ଷା ବଳ ୩ ମାଓବାଦୀଙ୍କୁ ଗିରଫ କରିଛନ୍ତି। ସୁକ୍‌ମା ଜାଗରଗୁଣ୍ଡାରୁ ଗିରଫ ମାଓବାଦୀ ହେଲେ ବୋଗାମ୍ ଦେବା ଓ ସୋଡି ରାମା। ଆର୍‌ପିସି ସିଏନ୍‌ଏମ୍ କମାଣ୍ଡର ବୋଗାମ୍‌ଙ୍କ ଉପରେ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସୁକ୍‌ମା ଜିଲା କୁନେଦଡ, ଓରସାଙ୍ଗଲ ଗ୍ରାମ ନିକଟ ଜଙ୍ଗଲରେ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ୨ ଜଣ ଯୁବକ ସନ୍ଦିଗ୍ଧ ଅବସ୍ଥାରେ କୁନ୍ଦେଡ ଓ ଜାଗରଗୁଣ୍ଡା ଜଙ୍ଗଲ ରାସ୍ତାରେ ଯାଉଥିବା ବେଳେ ପୋଲିସକୁ ଦେଖି ଲୁଚିଯାଇଥିଲେ। ଯବାନମାନେ ସେମାନଙ୍କୁ ଘେରାଉକରି ଗିରଫ କରିଥିଲେ। ତାଙ୍କ ନିକଟରୁ ଜବତ ହୋଇଥିବା ବ୍ୟାଗ୍‌ରେ କଡେକ୍ସ ତାର, ଜିଲେଟିନ ଛଡ଼, ଡିଟୋନେଟର ଓ ଅନ୍ୟ ସାମଗ୍ରୀ ରହିଥିଲା। ବୋଗାମ ବାୟାମ୍ପାଲୀ ଆର୍‌ପିସି, ସିଏନ୍‌ଏମ୍ କମାଣ୍ଡର (୧ ଲକ୍ଷ ପୁରସ୍କାର) ଓ ସୋଡି ଡୋଡିତୁମନାର ଆର୍‌ପିସି ମିଲିସିଆ ସଦସ୍ୟ ଭାବେ କାମ କରୁଥିଲେ।

ସେହିପରି ଛତିଶଗଡ଼ ବିଜାପୁର ଜିଲାରୁ ଗିରଫ ୩ ମାଓବାଦୀ ହେଲେ କୁଡାମି ସୋମଲୁ, ଲିଙ୍ଗୁ ସେମଲା ଓ ସୋମଲୁ କଡତି। ଏମାନଙ୍କ ନିକଟରୁ କୋଡେକ୍ସ ତାର, ଜିଲୋଟିନ୍, ବିସ୍ଫୋରକ ସାମଗ୍ରୀ, ଡିଟୋନେଟର ଏବଂ ଦୈନନ୍ଦିନ ବ୍ୟବହାର ସାମଗ୍ରୀ ଆଦି ଯବାନମାନେ ଜବତ କରିବା ସହ ସେମାନଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

# ଭିଜିଲାନ୍ସ ଜାଲରେ ନୂଆପଡ଼ା ଏମ୍‌ଭିଆଇ

### ଗାଡ଼ିରୁ ମିଳିଲା ୧.୩୨ଲକ୍ଷ


ଏମ୍‌ଭିଆଇ ବିଜୟ କୁମାର ବେହୁରିଆ

ନୂଆପଡ଼ା,୭।୯ (ମକାରୁ ବେମାଲ)

ନୂଆପଡ଼ା ଜିଲା ଆଞ୍ଚଳିକ ସଡ଼କ ପରିବହନ ବିଭାଗରେ କାର୍ଯ୍ୟରତ ମୋଟର ଯାନ ନିରୀକ୍ଷକ (ଏମ୍‌ଭିଆଇ) ବିଜୟ କୁମାର ବେହୁରିଆ ଶନିବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସୂଚନା ମୁତାବକ ଇନ୍ସପେକ୍ଟର ବେହୁରିଆ ନୂଆପଡ଼ାରୁ ଓଡି୩୩ଏସି-୨୦୨୩ ନମ୍ବର ଗାଡ଼ିରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଖୋର୍ଦ୍ଧା ହସ୍ପିଟାଲ ଛକଠାରେ ଅଟକାଇ ତାଙ୍କ ଗାଡ଼ି ଯାଞ୍ଚ କରିଥିଲେ। ଏହି ସମୟରେ ଗାଡ଼ିରୁ ୧ ଲକ୍ଷ ୩୨ ହଜାର ଟଙ୍କା ମିଳିଥିଲା। ଏହି ଟଙ୍କା କାହାର, କେଉଁଠୁ ଆସିଲା ଆଦି ପ୍ରଶ୍ନରେ ବେହୁରିଆ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ ଭିଜିଲାନ୍ସ ବିଭାଗ ଉକ୍ତ ଟଙ୍କା ଓ ଗାଡ଼ି ଜବତ ସହ ତାଙ୍କୁ ଅଟକ ରଖି ପଚରାଉଚରା କରୁଛି। ବେହୁରିଆଙ୍କ ୫ଟି ସ୍ଥାନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି।

# ୩ଦିନ ପରେ ବି ପୋଲିସ ହାତ ଖାଲି

ଭୁବନେଶ୍ୱର,୭।୯ (ସତ୍ୟଜିତ୍ ରାଉତ)

### ପୋଲିସ ଏସ୍‌ଆଇଙ୍କ ଘରୁ ଚୋରି ଘଟଣା

ଭୁବନେଶ୍ୱରରେ କମିଶନରେଟ୍ ପୋଲିସକୁ ଚୋରମାନେ ଖୋଲା ଚ୍ୟାଲେଞ୍ଜ ଦେଇ ଖାରବେଳନଗର ଥାନା ଅଧୀନ ୟୁନିଟ-୩ସ୍ଥିତ ପୋଲିସ ଏସ୍‌ଆଇ ରମାକାନ୍ତ ପ୍ରଧାନଙ୍କ କ୍ୱାର୍ଟର୍ସ (ଟାଇପ୍-୨, ନଂ.୨୯/୪)ରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ନଗଦ ଟଙ୍କା ଆଦି ଚୋରି କରି ନେଇଗଲେ। ଏହି ଘଟଣାକୁ ୩ଦିନ ବିତିଥିବାବେଳେ ଅଭିଯୁକ୍ତମାନଙ୍କୁ ଧରିବାରେ ପୋଲିସ ସଫଳ ହୋଇପାରି ନାହିଁ। ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ୍ ଓ ଲୋକମାନଙ୍କୁ ପଚରାଉଚରା କରି ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବାକୁ ପୋଲିସ ଚେଷ୍ଟା ଜାରି ରଖିଛି। ତେବେ ଅପରପକ୍ଷରେ ଏହି ମାମଲାରେ ଅଭିଯୁକ୍ତ ଧରାପଡ଼ି ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ରମାକାନ୍ତଙ୍କ ସାନପୁଅ ରଞ୍ଜିତ ପ୍ରଧାନ। ମାତ୍ର ୧୦୦ମିଟର ଦୂରରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ହୋଇଥିବାବେଳେ ପୋଲିସର ସୁରକ୍ଷା କଡ଼ାକଡ଼ି ରହିଛି। ଏହାସତ୍ତ୍ୱେ କିଭଳି ଚୋରି ହେଲା ବୋଲି ସେ ଗଣମାଧ୍ୟମ ଜରିଆରେ ପ୍ରଶ୍ନ କରିଛନ୍ତି। ଗତ ଗୁରୁବାର ସ୍ୱଷ୍ଟ ଦିବାଲୋକରେ ଅଭିଯୁକ୍ତମାନେ କଳାକନା ବୁଲାଇଥିଲେ। ରମାକାନ୍ତ ଏଏସ୍‌ଆଇରୁ ଏସ୍‌ଆଇ ହୋଇ ଯାଜପୁର ଜିଲା ବରିଷ୍ଠିତ ପୋଲିସ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ରେ ପ୍ରଶିକ୍ଷଣ ନେଉଛନ୍ତି। କ୍ୱାର୍ଟର୍ସରେ ରହୁଥିବା ଦୁଇ ପୁଅ ଓ ବୋହୂ ପୂର୍ବାହ୍ନରୁ ନିଜ ନିଜ ଅଫିସକୁ ଚାଲି ଯାଇଥିଲେ। ୫ଟା ପରେ ବଡ଼ପୁଅ ରାକେଶ ଘରକୁ ଫେରିବା ପରେ ଚୋରି ଘଟଣା ବିଷୟରେ ଜାଣିବାକୁ ପାଇଥିଲେ। ଏନେଇ ପୋଲିସ ଏକ ମାମଲା (ନଂ.୩୯୭/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତଙ୍କୁ ଧରିବାକୁ ପ୍ରୟାସ ଚାଲିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ବାଇକ୍ ଧକ୍କାରେ ୨ ମୃତ, ଜଣେ ଗୁରୁତର

### ବେପରୁଆ ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା

ଦଶପଲ୍ଲା,୭।୯ (ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲା ଦଶପଲ୍ଲା ଥାନା ଡିହଗାଁ ଛକରେ ଶୁକ୍ରବାର ରାତିରେ ବାଇକ୍ ଧକ୍କାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଡିହଗାଁର ଶୁକ୍ର ବାଜୁ ଏବଂ ସୁଦର୍ଶନ ପ୍ରଧାନ। ଗୁରୁତର ବାଇକ୍ ଚାଳକ ମୁଖ୍ୟଖଣ୍ଡର ଦିବ୍ୟଜ୍ୟୋତି ପଣ୍ଡାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ପ୍ରଥମେ ସୁଦର୍ଶନଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ଡିହଗାଁଠାରେ ଉତ୍ୟକ୍ତ ଲୋକେ ଶୁକ୍ରବାର ରାତି ୯ରୁ ୧୨ ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। କ୍ଷତିପୂରଣ ସହ ରାସ୍ତାରେ ହମ୍ପସ ନିର୍ମାଣ ପାଇଁ ଦାବି କରିଥିଲେ। ରାସ୍ତାରୋକୋ ଯୋଗୁ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଖବର ପାଇ ଦଶପଲ୍ଲା ପୋଲିସ ଏବଂ ତହସିଲଦାର ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। କ୍ଷତିପୂରଣ ସହ ହମ୍ପସ ନିର୍ମାଣ ପାଇଁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା।

ସୂଚନା ଅନୁଯାୟୀ, ଦିବ୍ୟଜ୍ୟୋତି ଗଣେଶ ପୂଜା ପାଇଁ ଡ୍ରେସ୍ କିଣି ବାଇକ୍‌ରେ ଦଶପଲ୍ଲାରୁ ମଧ୍ୟଖଣ୍ଡ ଫେରୁଥିଲେ। ଡିହଗାଁ ବଜାର ନିକଟରେ ଶୁକ୍ର ବାଜୁ ପରିସ୍ରା କରିବା ପାଇଁ ରାସ୍ତାପାର ହେବା ସମୟରେ ଦିବ୍ୟଜ୍ୟୋତିଙ୍କ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଏହାପରେ ତାଙ୍କ ବାଇକ୍ ଭାରସାମ୍ୟ ହରାଇ ଏକ ଦୋକାନ ନିକଟରେ ଠିଆ ହୋଇଥିବା ସୁଦର୍ଶନଙ୍କୁ ଧକ୍କା ଦେଇଥିଲା। ଏଥିରେ ଦିବ୍ୟଜ୍ୟୋତିଙ୍କ ସହ ଶୁକ୍ର ଓ ସୁଦର୍ଶନ ବି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସୁଦର୍ଶନଙ୍କୁ ମୃତ ଘୋଷଣା କରିଥିଲେ। ୨ ଗୁରୁତରଙ୍କୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ନୟାଗଡ଼ରେ ଡାକ୍ତର ଶୁକ୍ର ବାଜୁଙ୍କୁ ମୃତ ଘୋଷଣା କରିଛନ୍ତି। ଗୁରୁତର ଦିବ୍ୟଜ୍ୟୋତିଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦଶପଲ୍ଲା ଥାନା ପୋଲିସ ତଦନ୍ତ ଚଳାଇଛି। ବେପରୁଆ ଓ ଦ୍ରୁତଗତିରେ ଗାଡ଼ି ଚାଳନା ଯୋଗୁ ଏପରି ଦୁର୍ଘଟଣା ଘଟିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି।

# ପିଇଓଙ୍କୁ ଜାତିଆଣ ଆକ୍ଷେପ, ହତ୍ୟା ଧମକ

ହାଟଡ଼ିହୀ(ଶୁଭକାନ୍ତ ନାୟକ)/ ଛେନାପଦି(ନିରାକର ପରିଡ଼ା),୭।୯

■ ପିଇଓ ସଂଘର କଲମଛାଡ଼ ଆନ୍ଦୋଳନ ଚେତାବନୀ
■ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଓଙ୍କ ନିର୍ଦ୍ଦେଶ

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ପନ୍ଦାଡ଼ୋ ପଞ୍ଚାୟତ ପିଇଓଙ୍କୁ ଜାତିଆଣ ଆକ୍ଷେପ ଓ ହତ୍ୟା ଧମକ ଅଭିଯୋଗ ହୋଇଛି। ଏ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ଉର୍ମିଳା ମୁର୍ମୁ ଓ ପିଇଓ ସଂଘ ପକ୍ଷରୁ ବିଡିଓଙ୍କୁ ଲିଖିତ ଭାବେ ଜଣାଯାଇଛି। ବିଡିଓଙ୍କ ନିର୍ଦ୍ଦେଶ ଆଧାରରେ ନନ୍ଦିପଦା ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କୁ ଗିରଫ ଓ କଠୋର କାର୍ଯ୍ୟାନୁଷ୍ଠାନ ଦାବିକରି ପିଇଓ ସଂଘ ପକ୍ଷରୁ କଲମ ଛାଡ଼ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ଅଭିଯୋଗ ମୁତାବକ, ପନ୍ଦାଡ଼ୋ ସରପଞ୍ଚ ସସ୍ମିତା ଓଝା ନିର୍ବାଚିତ ହେବା ଦିନଠାରୁ କାର୍ଯ୍ୟାଳୟକୁ ଆସୁନାହାନ୍ତି। ସମସ୍ତ ଅଫିସ କାର୍ଯ୍ୟ ସରପଞ୍ଚଙ୍କ ଘରେ ହୁଏ। ଗତ ୪ ସେପ୍ଟେମ୍ବର ୨୦୨୪ରେ ପିଇଓ ସରପଞ୍ଚଙ୍କ ଘରକୁ ଅଫିସ କାର୍ଯ୍ୟରେ ଯାଇଥିଲେ। କାର୍ଯ୍ୟସାରି ଫେରିବା ବାଟରେ ନିକଟସ୍ଥ କେନାଲ ବନ୍ଧ ନିକଟରେ ସରପଞ୍ଚଙ୍କ ଦେଢ଼ଶୁର ନିକୁଞ୍ଜ ବିହାରୀ ଓଝା ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଘରକୁ କାହିଁକି ଗଲ କହି ସରକାରୀ ଫାଇଲ ଛଡ଼ାଇ ନେଇଥିଲେ। ପରେ ପିଇଓ ଘରକୁ ଫେରି ଆସିଥିଲେ। କିଛି ସମୟ ପରେ ନିକୁଞ୍ଜ ଏବଂ ଅନ୍ୟ ଜଣେ ବ୍ୟକ୍ତି ସୁରେନ୍ଦ୍ର ରାଉତ ପିଇଓଙ୍କ ଘରକୁ ଯାଇ ପୁଣି ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିଲେ। ଘଟଣା ସମ୍ପର୍କରେ ପିଇଓଙ୍କ ସମେତ ହାଟଡ଼ିହୀ ପିଇଓ ସଂଘ କାର୍ଯ୍ୟକର୍ତ୍ତାମାନେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ଶୁକ୍ରବାର ଲିଖିତ ଭାବେ ଜଣାଇଥିଲେ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ କଲମ ଛାଡ଼ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ବିଡିଓ କହିଛନ୍ତି, ଏମିତି ଘଟଣା ଯଦି ଘଟିଥାଏ, ତେବେ ତାହା ଅତି ଦୁଃଖ ଏବଂ ଲଜ୍ଜାର ବିଷୟ। ଅଭିଯୋଗ ଆଧାରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନନ୍ଦିପଦା ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି। ନନ୍ଦିପଦା ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି, ଘଟଣାକୁ ନେଇ ମାମଲା (ନଂ. ୨୫୫/୨୦୨୪) ରୁଜୁ ହୋଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣା ଉପରେ ଦୃଷ୍ଟିଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ବୋଲି ସାମାଜିକ କର୍ମୀ ଆଦିକନ୍ଦ ଯେନା କହିଛନ୍ତି। ସରପଞ୍ଚଙ୍କ ଦେଢ଼ଶୁର ନିକୁଞ୍ଜ ଓଝା କହିଛନ୍ତି, ଘଟଣା ସମ୍ପର୍କରେ ସେ ଜାଣିନାହାନ୍ତି। ପୋଲିସ ତାଙ୍କୁ ଖବର ଦେଇନାହିଁ। ଜଣେ ବ୍ୟକ୍ତିଙ୍କ ପାଖରୁ ଶନିବାର ତାଙ୍କ ନାମରେ ଏଫ୍‌ଆଇଆର୍ ଦିଆଯାଇଥିବା ଶୁଣିଛନ୍ତି।

# ବସ୍ ପାର୍କିଂ ପାଇଁ ଦାଦାବଟି, ୩ ଗିରଫ

ଭୁବନେଶ୍ୱର,୭।୯ (ସତ୍ୟଜିତ୍ ରାଉତ)

ଜୟଦେବ ବାଟିକା ଛକରେ ବସ୍ ପାର୍କିଂ ପାଇଁ ବେଆଇନ ଭାବେ ଦାଦାବଟି ମାଗିବା ସହ ଧମକ ଦେବା ଅଭିଯୋଗରେ ଭରତପୁର ଥାନା ପୋଲିସ ୩ଜଣଙ୍କୁ ଶନିବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭରତପୁର ଅଞ୍ଚଳର ସ୍ୱପ୍ନିଲ ମଙ୍ଗରାଜ (୨୭), ନୟାପଲ୍ଲୀ ଅଞ୍ଚଳର ଜିତୁ ନାୟକ (୧୯) ଓ ବରମୁଣ୍ଡା ଏଚ୍‌ବି କଲୋନୀର ହୃଷୀକେଶ ଜେନା(୨୦)। ସେମାନଙ୍କଠୁ ୨୪୦୦ ଟଙ୍କା ଓ ୧୦ଟି ଗୋଲାପି ରଙ୍ଗର ଟିକେଟ୍ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶୁକ୍ରବାର ଅପରାହ୍ନରେ ଅଭିଯୋଗକାରୀ ପିକୁ ସାହୁ ନିଜ ବସ୍‌କୁ ଜୟଦେବ ବାଟିକା ଅଞ୍ଚଳରେ ପାର୍କିଂ କରିଥିଲେ। ଏତିକିବେଳେ ଅଭିଯୁକ୍ତମାନେ ସେଠାକୁ ଆସି ପିକୁଙ୍କୁ ୨୦୦ ଟଙ୍କା ଦାଦାବଟି ମାଗିଥିଲେ। ପିକୁ ଏହି ଟଙ୍କା ଦେବାକୁ ମନା କରିଦେବାରୁ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିଲେ। ଏନେଇ ପିକୁଙ୍କ ଏତଲା ଆଧାରରେ ଭରତପୁର ପୋଲିସ ଏକ ମାମଲା (ନଂ.୫୯୯/୨୦୨୪) ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଇଛି।


## GOVERNMENT OF ODISHA
## DEPARTMENT OF P.R & D.W
INVITATION FOR BIDS (IFB)
IDENTIFICATION NO. : GONDIA BLOCK - 01/2024-25
E-mail address : ori-gandia@nic.in No.i-131

| Sl. No. | Name of works | Approx. Value of work (Rs. in lakhs) | Class of contractor | Bid Security (Rs.) | Cost of documents (Non-refundable) | Period of completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Additional classroom (ACR) in Dasaharapadia PS | 12.53 | 'C' or 'D' | 12536.00 | 6000.00 | Six Calendar months |
| 2 | Construction of Additional classroom (ACR) in Kendupada HS | 13.69 | 'C' or 'D' | 13697.00 | 6000.00 | Six Calendar months |

For detailed information, please visit the website https://dhenkanal.odisha.gov.in

Sd./-
Block Development Officer,
Gondia

OIPR-19418/11/0001/2425

No.C-566
## CUTTACK MUNICIPAL CORPORATION
"e" PROCUREMENT NOTICE
Tender Call Notice No. 6606 (PW) Date: 05.09.2024
Tender ID: 2024_ORULB_103641 (Two Bid)
Civil Work - 2 No.
Bid Value: Rs.54.89 Lakhs to Rs.66.43 Lakhs
Date and Time Schedule:

| Start | End | Opening |
|---|---|---|
| 11.00 AM on dt. 06.09.2024 | 5.00 PM on dt. 17.09.2024 | 11.00 AM on dt. 20.09.2024 |

Tender Details can be seen from the procurement portal: www.tendersorissa.gov.in

Sd./- Executive Engineer
City Division-III, CMC

OIPR-13031/11/0055/2425

## ଶୁଭେଚ୍ଛା ବାର୍ତ୍ତା

ପଶ୍ଚିମ ଓଡ଼ିଶାର ବିଶେଷ ଗଣପର୍ବ ନୂଆଁଖାଇ ଉପଲକ୍ଷେ ଜିଲ୍ଲାର ସମସ୍ତ ଅଭିଭାବକ, ଅଭିଭାବିକା, ବିଦ୍ୟାଳୟ ... ସରକାରଙ୍କ ସଦୟ ମଞ୍ଜୁର ନମନ୍ତେ ପ୍ରେରଣ କରାଯାଇଛି। ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ପ୍ରତ୍ୟେକ ବ୍ଲକ ଏବଂ ପୌରାଞ୍ଚଳରେ ଦୁଇଟି ଲେଖାଏଁ ସ୍କୁଲକୁ ପିଏମ୍‌ଶ୍ରୀ ଯୋଜନା ଅନ୍ତର୍ଭୁକ୍ତ କରାଯିବା ପାଇଁ ଲକ୍ଷ ରଖାଯାଇଛି। ପିଏମ୍‌ଶ୍ରୀ ସ୍କୁଲଗୁଡ଼ିକ ଉତ୍ସାହଭରା ପରିବେଶରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଶିକ୍ଷା ପ୍ରଦାନ କରିବ। ଏହି ସ୍କୁଲଗୁଡ଼ିକ କେବଳ ଜ୍ଞାନର ବିକାଶ ଉପରେ ଗୁରୁତ୍ୱ ଦେବ ନାହିଁ ବରଂ ଏକବିଂଶ ଶତାବ୍ଦୀର ପ୍ରମୁଖ ଦକ୍ଷତା ସହିତ ସାମଗ୍ରିକ ବ୍ୟକ୍ତି ସୃଷ୍ଟି କରିବା ଦିଗରେ ସହାୟକ ହେବ। ପିଏମ୍‌ଶ୍ରୀ ସ୍କୁଲରେ ସମସ୍ତ ଛାତ୍ରଛାତ୍ରୀଙ୍କ ଯତ୍ନ ନିଆଯିବା ସହ ସେମାନଙ୍କ ପାଠପଢ଼ା ପାଇଁ ଉତ୍ତମ ଭିତ୍ତିଭୂମି ଏବଂ ଉପଯୁକ୍ତ ସମ୍ବଳ ସହିତ ଅନେକ ଅଭିଜ୍ଞତା ଆଧାରିତ ଶିକ୍ଷା ପ୍ରଦାନ କରାଯିବ। ଜିଲ୍ଲାର ପ୍ରତି ପିଲା ଏସବୁ ଯୋଜନାରୁ ଉପକୃତ ହୋଇ ଉଜ୍ଜ୍ୱଳମୟ ଭବିଷ୍ୟତ ଗଠନ କରିବାରେ ମାଁ ସୁରେଶ୍ୱରୀ ସହାୟକ ହୁଅନ୍ତୁ।

ସ୍ୱା./- ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର
ସ୍ୱା./- ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ସମଗ୍ର ଶିକ୍ଷା, ସୁବର୍ଣ୍ଣପୁର

## कार्यपालक अभियंता का कार्यालय
## पथ निर्माण विभाग, पथ प्रमण्डल, गोड्डा
ई–प्रोक्योरमेंट सूचना
अति अल्पकालीन ई–निविदा सूचना सं० – RCD/GODDA/1059/2024-25
दिनांक –06.09.2024

| | | |
|---|---|---|
| 1. | कार्य का नाम | पथ प्रमंडल, गोड्डा अन्तर्गत गोड्डा–पीरपैंती पथ के 31वें कि0मी0 में दियाजोरी चौक तक पथ भाया अमौर, खिरौन्धी, खट्टी, बलबड्डा, मड़पा, मधुरा होते हुए (कुल लम्बाई– 28.00 कि0मी0) का राईडिंग क्वालिटी में सुधार (Improvement of Riding Quality)/मजबूतीकरण कार्य" |
| 2. | प्राक्कलित राशि | रू0 19,96,00,073/– (उन्नीस करोड़ छियानवें लाख तेहत्तर रूपये) मात्र |
| 3. | बीड जमानत की राशि | रू० 19.96 लाख |
| 4. | कार्य पूर्ण करने की अवधि | 06 (छः) माह |
| 5. | वेबसाईट में निविदा प्रकाशन की तिथि | 13.09.2024 के अपराह्न 03:00 बजे से |
| 6. | ऑनलाईन निविदा प्राप्त करने की अन्तिम तिथि/समय | 19.09.2024 के दोपहर 12:00 बजे तक |
| 7. | निविदा खोलने की तिथि/समय | 20.09.2024 के अपराह्न 12:30 बजे |
| 8. | निविदा आमंत्रित करने वाले अधिकारी के कार्यालय का नाम एवं पता | कार्यपालक अभियंता पथ निर्माण विभाग, पथ प्रमण्डल, गोड्डा |
| 9. | निविदा आमंत्रित करने वाले अधिकारी का मो0 नं0 | 8987675852 |
| 10. | ई–प्रोक्योरमेंट सेल का हेल्पलाईन सं० /दूरभाष सं० | 0651-2446007 |

नोट :– 1. प्राक्कलित राशि एवं बीड जमानत की राशि घट–बढ़ सकती है।
2. निविदा शुल्क एवं अग्रधन की राशि केवल Online mode द्वारा स्वीकार्य होगी।
3. विशेष जानकारी के लिये http://jharkhandtenders.gov.in पर देखा जा सकता है।

कार्यपालक अभियंता, पथ प्रमण्डल, गोड्डा
PR 335036 Road(24-25).D

## ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2024-19, ତା.29.08.2024ରିଖ
କାର୍ଯ୍ୟର ନାମ : 03 (ତିନି) ବର୍ଷ ନିମନ୍ତେ ସମ୍ବଲପୁର ମଣ୍ଡଳ ଠାରେ ମେସର୍ସ G.G.Tronics ଦ୍ୱାରା ନିର୍ମିତ ଡିଜିଟାଲ ଏକ୍ସଲ କାଉଣ୍ଟର (SSDAC, HASSDAC) ପ୍ରଣାଳୀର ବାର୍ଷିକ ମରାମତି ଚୁକ୍ତି (ARC)।
ଟେଣ୍ଡର ମୂଲ୍ୟ (ଟଙ୍କାରେ): 71,80,380.90, EMD(ଟଙ୍କାରେ) : 1,43,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.23.09.2024 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।
ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଞ୍ଚାର), ସମ୍ବଲପୁର
PR-497/P/24-25

## ସାର୍ବଜନୀନ ବିଜ୍ଞପ୍ତି
ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।
ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି
1) ମଡେଲ ନଂ. ସିବି_ମାରୁତି ସୁପର୍ କ୍ୟାରି, ଗାଡ଼ି ନଂ.- OD02CF5792, ନିର୍ମାଣ ବର୍ଷ - 2023, ସଂରକ୍ଷିତ ମୂଲ୍ୟ - 285554.88
2) ମଡେଲ ନଂ. ଅଶୋକ ଲେଲ୍ୟାଣ୍ଡ ଦୋସ୍ତ ଗୁଡ୍‌ସ, ଗାଡ଼ି ନଂ.- OD02CH8448, ନିର୍ମାଣ ବର୍ଷ - 2023, ସଂରକ୍ଷିତ ମୂଲ୍ୟ - 552000
3) ମଡେଲ ନଂ. ସିବି_ବୋଲେରୋ ପିକ୍ ଅପ୍ ସମସ୍ତ ଭାରିଆଣ୍ଟ, ଗାଡ଼ି ନଂ.- OD02BK4957, ନିର୍ମାଣ ବର୍ଷ - 2023, ସଂରକ୍ଷିତ ମୂଲ୍ୟ - 625000.00
ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେସନ୍
କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ଜ୍ୟୋତିରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 6201641482

See Career Appointment on every Wednesday & Saturday

## ନୂଆଁଖାଇ ଜୁହାର – ୨୦୨୪
ସୁବର୍ଣ୍ଣପୁର ଚାଷୀ ଭାଇ, ମା, ବହେନ୍‌ମାନଙ୍କୁ ଓ ପଶ୍ଚିମ ଓଡ଼ିଶାର ଭାଇ ବହେନ୍ ସବ୍‌କୁ ପଶ୍ଚିମ ଓଡ଼ିଶାର ଗଣପର୍ବ "ନୂଆଁଖାଇର ଜୁହାର୍"। ମାଁ ସୁରେଶ୍ୱରୀ, ମାଁ ଅଷ୍ଟଚଣ୍ଡୀ, ପ୍ରଭୁ ସୁବର୍ଣ୍ଣମେରୁ ଓ ବାବା ରାମେଶ୍ୱରଙ୍କ ଅପାର କରୁଣାରୁ ଇ ବଛର୍ ଜୋଲ୍‌ଖୋଲ୍ ହେଇକି ବର୍ଷା ହେଉ ଆଉ ଆମର୍ ଚାଷୀଭାଇମାନକର୍ ମା'ଲକ୍ଷ୍ମୀଙ୍କ କୃପାଥୁ ଭଣ୍ଡାର ଘର୍ ଉଛୁଳି ପଡୁ ଆଉ ୨୦୨୪ ବଛର୍ ସବ୍‌କର ମଙ୍ଗଳ ହେଉ।
୧. କୃଷି ଓ ଆନୁଷଙ୍ଗିକ କୃଷି ସମ୍ବନ୍ଧୀୟ ଯୋଜନାର ସୁବିଧା ସୁଯୋଗ ପାଇଁ କୃଷକ ଓଡ଼ିଶା ପୋର୍ଟାଲରେ ପଞ୍ଜୀକରଣ ଓ ତଥ୍ୟ ସଂଶୋଧନ କରନ୍ତୁ। ୨. ... ପ୍ରୟୋଗ ସହିତ ଜୈବିକ ପଦ୍ଧତି ଅବଲମ୍ବନ କରନ୍ତୁ। ୩. କୃଷି, ପଶୁପାଳନ, ମତ୍ସ୍ୟ ଓ ଉଦ୍ୟାନ କୃଷି ସମ୍ବନ୍ଧୀୟ ପ୍ରକଳ୍ପ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପୋର୍ଟାଲରେ ଆବେଦନ କରି ୪୦ରୁ ୫୦ ପ୍ରତିଶତ ରିହାତି ପାଆନ୍ତୁ ଓ ସ୍ୱାବଲମ୍ବୀ ହୁଅନ୍ତୁ। ୪. ଧାନ ଫସଲ ବଦଳରେ ଅଣଧାନ ଫସଲକୁ ଫସଲ ପର୍ଯ୍ୟାୟରେ ସାମିଲ କରନ୍ତୁ ଏବଂ ସମନ୍ୱିତ ଚାଷକୁ ଆପଣେଇ ଅଧିକ ଲାଭବାନ ହୁଅନ୍ତୁ। ୫. ଗତ ୧୩।୦୮।୨୦୨୪ରୁ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା "ଡିଜିଟାଲ ଫସଲ ସର୍ବେକ୍ଷଣ" କାର୍ଯ୍ୟକ୍ରମରେ ସହଯୋଗ କରନ୍ତୁ। ଏହି କାର୍ଯ୍ୟକ୍ରମଟି ୩୦।୦୯।୨୦୨୪ ପର୍ଯ୍ୟନ୍ତ ପ୍ରତି ଗ୍ରାମରେ କାର୍ଯ୍ୟକ୍ଷମ ହୋଇଅଛି। ୬. ସି.ଏମ୍. କିଷାନ ଯୋଜନାର ହିତାଧିକାରୀମାନେ ଆସନ୍ତା ୨ମାସ ମଧ୍ୟରେ ନିଜର ମୋବାଇଲ ନମ୍ବର ଏବଂ ବ୍ୟାଙ୍କଖାତାକୁ ନିଜର ଆଧାର ସହିତ ସଂଯୋଗ କରି ସରକାରଙ୍କ ଏହି ଯୋଜନାକୁ ସଫଳ କରନ୍ତୁ ଓ ପି.ଏମ୍. କିଷାନ ଓ ସି.ଏମ୍. କିଷାନ ଯୋଜନା ଅନ୍ତର୍ଗତ ଉପଲବ୍ଧ ସୁବିଧା ହାସଲ କରନ୍ତୁ। ୭. ଚାଷ ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ପାଇଁ ଆପଣଙ୍କ ଗ୍ରାମ୍ୟ କୃଷି କର୍ମଚାରୀ କିମ୍ବା ସହକାରୀ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।
ଶ୍ରୀଯୁକ୍ତ ଡ. ବିଭୂତି ଭୂଷଣ ମିଶ୍ର
ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସୁବର୍ଣ୍ଣପୁର

## ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ 'ନୂଆଁଖାଇ'-୨୦୨୪ ଉପଲକ୍ଷେ
"ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ-୨୦୨୪ର ଶୁଭ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଉଦ୍ୟାନ କୃଷି ବିଭାଗ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ନୂଆଁଖାଇ ଜୁହାର"। ଏହି ଅବସରରେ ଉଦ୍ୟାନ କୃଷି ପାଇଁ ଆଗ୍ରହୀ ଚାଷୀ, ଯୁବକ ଓ ଯୁବତୀମାନଙ୍କୁ ମୋର ଅନୁରୋଧ ଉଦ୍ୟାନ କୃଷି ବିଭାଗ ତରଫରୁ ଜାତୀୟ ଉଦ୍ୟାନ ମିଶନ, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ରାଜ୍ୟ ଯୋଜନା ଓ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଦିଆଯାଉଥିବା ସହାୟତାର ସଦୁପଯୋଗ କରି ଆତ୍ମନିର୍ଭରଶୀଳ ହେବା ସଙ୍ଗେ ସଙ୍ଗେ ଆର୍ଥିକ ମାନଦଣ୍ଡ ସୁଦୃଢ଼ କରନ୍ତୁ। ସବିଶେଷ ବିବରଣୀ ପାଇଁ ବ୍ଲକ ଏବଂ ଜିଲ୍ଲାସ୍ତରର ଉଦ୍ୟାନ ଅଧିକାରୀ ଓ କର୍ମଚାରୀଙ୍କୁ ଯୋଗାଯୋଗ କରନ୍ତୁ।
ସ୍ୱା./– ଶ୍ରୀ ହୃଷୀକେଶ ଦାଶ
ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ସୋନପୁର

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଲୋଇସିଂହା
ପତ୍ର ସଂଖ୍ୟା: ୨୦୯୯/ତାରିଖ: ୦୬।୦୯।୨୪
୧) ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ:-
ଆର୍ଥିକବର୍ଷ ୨୦୨୩-୨୪ରେ ସମୁଦାୟ ୧୯୧୨ ଜଣ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା ଯୋଜନାରେ ସାମିଲ କରାଯାଉଛି।
୨) ମନରେଗା ବିଭାଗ:-
ଆର୍ଥିକବର୍ଷ ୨୦୨୩-୨୪ ରେ ସମୁଦାୟ ଶ୍ରମ ଦିବସ ସୃଷ୍ଟି ହୋଇଥିବା ସଂଖ୍ୟା - ୪,୯୦,୩୬୬, ଶହେ ଦିନ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ପରିବାର ସଂଖ୍ୟା: ୧୨୬୮, ସମୁଦାୟ ଚାଲିଥିବା ପ୍ରକଳ୍ପର ସଂଖ୍ୟା- ୨୭୨୦।
୩) ଗ୍ରାମୀଣ ଆବାସ ବିଭାଗ:-
ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗତ ଆର୍ଥିକବର୍ଷ ୨୦୨୧-୨୨ରେ ସମୁଦାୟ ୬୩୯ ଜଣ ହିତାଧିକାରୀଙ୍କୁ ଘର ଦିଆଯାଇଅଛି, ସେମାନଙ୍କ ମଧ୍ୟରୁ ୪୪୪ ଜଣ ହିତାଧିକାରୀ ତାଙ୍କର ଘର ସମ୍ପୂର୍ଣ୍ଣ କରିଛନ୍ତି।
ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଲୋଇସିଂହା


ବିନ୍ଦାସ କ୍ଲବ୍ (ଡ଼େଙ୍କିକୋଟ)


ସାମନ୍ତରାପୁର ଶାସନ(କେନ୍ଦୁଝର)


ଡିଏଫ୍‌ଓ କାର୍ଯ୍ୟାଳୟ(କେନ୍ଦୁଝର)


ଶାସ୍ତ୍ରୀ ନଗର(ଯୋଡ଼ା)


ବଡ଼ବିଲ କୋର୍ଟ ପରିସର


ସାଇରାମ କ୍ଲବ୍(ପାଟଣା)

# ଆକର୍ଷିତ କରୁଛି ମୁଗୁନି ପଥର ସଦୃଶ ଗଣେଶ ମୂର୍ତ୍ତି



**କେନ୍ଦୁଝର,୭।୯(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

କେନ୍ଦୁଝର ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କ୍ଲବ୍‌ରେ ଶନିବାର ଗଣେଶ ଚତୁର୍ଥୀ ଅବସରରେ ଗଣେଶଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ନୀତିକାନ୍ତି ସମ୍ପନ୍ନ ହୋଇଛି। ପୁରପଲ୍ଲୀରେ ଅଗ୍ରପୂଜ୍ୟ ଗଜାନନଙ୍କ ଆରାଧନା କରାଯାଉଛି। ପ୍ରତିଯୋଗିତା ଭାବେ ବିଭିନ୍ନ ସମିତି ପକ୍ଷରୁ ଭିନ୍ନ ମୂର୍ତ୍ତି ଗଢ଼ାଯାଇଛି। କେନ୍ଦୁଝର ସହର ରାସ ପୂଜା ମାର୍କେଟର ଗଣେଶ ପୂଜା କମିଟିରେ ମୁଗୁନି ପଥର ସଦୃଶ ପ୍ରାୟ ୧୦ ଫୁଟର ଗଣେଶ ମୂର୍ତ୍ତି ସମସ୍ତଙ୍କୁ ଆକର୍ଷିତ କରୁଛି। ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ପୂଜା ପାଳନ କରାଯାଇଆସୁଛି। ସଭାପତି ଶଙ୍କର୍ଷଣ ସାହୁ ଓ ସମ୍ପାଦକ ଦେବେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ମାର୍କେଟର ସମସ୍ତ ବ୍ୟବସାୟୀ, ବରିଷ୍ଠ ସଦସ୍ୟ କୈଳାଶ ଚନ୍ଦ୍ର ପଣ୍ଡା, ଗୋପାଳ କୃଷ୍ଣ ପରିଡ଼ାଙ୍କ ପରାମର୍ଶରେ ପୂଜା ପ୍ରତ୍ୟେକ ବର୍ଷ ଅନୁଷ୍ଠିତ ହୋଇ ଆସୁଛି। ଦୀର୍ଘ ପ୍ରାୟ ୧୫ ବର୍ଷ ହେଲା ଘଷିପୁରା ବ୍ଲକ୍ ଅଞ୍ଚଳର ପ୍ରମୋଦ କୁମାର ସାହୁ ମୂର୍ତ୍ତି ଗଢୁଛନ୍ତି। ପ୍ରତ୍ୟେକ ବର୍ଷ ମୂର୍ତ୍ତି ନିର୍ମାଣ ଭିନ୍ନ ପ୍ରକାରରେ କରିଥାନ୍ତି। ମାର୍ବଲ, ପିତଳ ପରେ ଚଳିତ ବର୍ଷ ମୁଗୁନି ପଥର ରଙ୍ଗରେ ନିର୍ମାଣ ହୋଇଛି। ଆଗରୁ ୬ରୁ ୭ ହଜାର ଟଙ୍କାରେ ମୂର୍ତ୍ତି ଗଢ଼ାଯାଉଥିଲା। ଏବେ ଏହା ୭୦ ହଜାର ଟଙ୍କାରେ ପହଞ୍ଚିଛି। ୧୦ ରୁ ୧୨ ଦିନ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଲୋକାଲ ଅଞ୍ଚଳରୁ ମାଟି ଆଣି ମୂର୍ତ୍ତି ଗଢ଼ାଯାଇଥାଏ। ମାଟିରେ ପ୍ରସ୍ତୁତ ହୋଇଥିଲେ ହେଁ ଦେଖିଲେ ମୁଗୁନି ପଥରରେ ନିର୍ମାଣ ହୋଇଥିବାର ଭ୍ରମ ସୃଷ୍ଟି କରୁଛି। ପାଖାପାଖି ୩ ଲକ୍ଷ ଖର୍ଚ୍ଚରେ ଅନୁଷ୍ଠିତ ହେଉଥିବା ଅନ୍ୟତମ ଆୟୋଜକ ସରୋଜ କୁମାର ସାହୁ କହିଛନ୍ତି। ସୋମବାର ବିସର୍ଜନ କାର୍ଯ୍ୟକ୍ରମ ଥିବା ବେଳେ ପ୍ରତ୍ୟେକ ଦିନ ଭଜନ ସମାରୋହ ଏବଂ ପ୍ରସାଦ ସେବ ବ୍ୟବସ୍ଥା ରହିଛି।

# ମହିଳା ସହକର୍ମୀଙ୍କ ଅଶାଳୀନ ବ୍ୟବହାର, ଜଣେ ଗିରଫ

**ବଡ଼ବିଲ,୭।୯(ଦେବପ୍ରିୟ ରଣା)**

କେନ୍ଦୁଝର ଜିଲା ବଡ଼ବିଲ ନ୍ୟୁ-ମାର୍କେଟସ୍ଥିତ 'ଷ୍ଟାର-ସୁ' ନାମକ ଏକ ଜୋତା ଦୋକାନରେ ଜଣେ ମହିଳା ସହ-କର୍ମୀଙ୍କ ସହ ଅଶାଳୀନ ବ୍ୟବହାର ଅଭିଯୋଗ ହୋଇଛି। ବଡବିଲ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ନାଲଦା ଅଞ୍ଚଳରେ ରହୁଥିବା ଏମ୍‌ଡି ୟୁସୁଫ ଖାନ(୫୪)। ସୂଚନା ଅନୁଯାୟୀ, ଜୋତା ସୋରୁମରେ ପୁରୁଷ କର୍ମଚାରୀ ୟୁସୁଫ ଜଣେ ମହିଳା କର୍ମଚାରୀଙ୍କ ସହ କିଛି ଦିନ ହେଲା ଅଶାଳୀନ ବ୍ୟବହାର କରୁଥିଲେ। ମହିଳା ଜଣକ ଏହାର ପ୍ରତିବାଦ କରିଆସୁଥିଲେ। ଶୁକ୍ରବାର ସକାଳ ପ୍ରାୟ ୯ଟା ୩୦ ରେ ମାଲିକ ନ ଥିବା ସମୟରେ ପୁରୁଷ କର୍ମଚାରୀ ଅଶାଳୀନ ବ୍ୟବହାର କରିବାରୁ କୌଣସି ମତେ ନିଜକୁ ଛଡାଇ ନେଇ ମହିଳା କର୍ମଚାରୀ ଜଣକ ଦୋକାନ ବାହାରକୁ ପଳାଇଥିଲେ। ଏ ନେଇ ଦୋକାନ ମାଲିକଙ୍କୁ ଅବଗତ କରି ଶନିବାର ବଡବିଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ବଡବିଲ ଥାନା ଇନ୍ସପେକ୍ଟର ରମାକାନ୍ତ ମୁଦୁଲି କହିଛନ୍ତି, ଏକ ମାମଲା(ନଂ.୨୭୨/୨୦୨୪)ରୁଜୁ ହୋଇ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଇଛି।

# ରେଳ ସାଇଡିଂରେ ଗୁଟ୍‌କା ପ୍ୟାକିଂକୁ ନେଇ ଗଣ୍ଡଗୋଳ

**ଯୋଡ଼ା,୭।୯(ମାନସ ମହାନ୍ତି)**

## ସଂଘବଦ୍ଧ ଆକ୍ରମଣ, ଫାଙ୍କା ଗୁଳି ଚାଳନା

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ବଂଶପାଣି ରେଳ ସାଇଡିଂରେ ଗୁଟ୍‌କା ପ୍ୟାକିଂକୁ ନେଇ ଅଶାନ୍ତି ଦେଖାଯାଇଛି। ଘଟଣାକୁ ନେଇ ଶୁକ୍ରବାର ବିଳମ୍ବିତ ରାତ୍ରିରେ ସ୍ଥାନୀୟ ଯୁବକମାନେ ସଂଘ ବଦ୍ଧ ହୋଇ ବିନୟ ପରମାଣିକଙ୍କ ଘର ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବିନୟ ଶୋଇଥିବା ସମୟରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଯୁବକ ବସ୍ତିର ଜଣେ ଯୁବକଙ୍କୁ ମାଡ ମାରିବା ପରେ ତାଙ୍କ ଘରକୁ ଆସି କବାଟ, ଝରକା କାଚ ଭଙ୍ଗା ରୁଜା କରିଥିଲେ। ପରିବାର ସଦସ୍ୟ ଭୟରେ ବାହାରକୁ ବାହାରି ନ ଥିଲେ। ତାଙ୍କ ବଡ଼ ପୁଅ ଉକ୍ତ ରେଳ ସାଇଡିଂରେ ଗୁଟ୍‌କା ପ୍ୟାକିଂ(ଭାଙ୍ଗି ଯାଇଥିବା ରେଳ ଡବାରେ ପେଞ୍ଚ ପକାଇ ବନ୍ଦ କରିବା) କାର୍ଯ୍ୟ କରନ୍ତି। ଏହାକୁ କେନ୍ଦ୍ର କରି ଏହି ଆକ୍ରମଣ କରାଯାଇ ଥିବା ବିନୟ କହିଥିଲେ। ଗୁଟ୍‌କା ପ୍ୟାକିଂ କାର୍ଯ୍ୟକୁ କେନ୍ଦ୍ର କରି ୨୦୧୩ରେ ତାଙ୍କ ପୁତୁରା ସୁଶିଲ ପର ମାଣିକଙ୍କୁ ହତ୍ୟା କରାଯାଇଥିଲା। ଅଭିଯୁକ୍ତମାନେ ଜେଲରୁ ଆସିବା ପରେ ପୁନର୍ବାର ଏହି ଘଟଣା ଭିଆଉ ଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଖବର ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି କାର୍ଯ୍ୟକୁ ନେଇ ଛକାପଞ୍ଝା ଲାଗି ରହିଛି। ଏକ ଗୋଷ୍ଠୀ ବସ୍ତି ଅଞ୍ଚଳରେ ଆତଙ୍କ ରାଜ ସୃଷ୍ଟି କରିବା ସହିତ ଫାଙ୍କା ଗୁଳି ଚାଳନା କରି ଭୟଭୀତ କରାଇଥିବା ନାମକୁ ଗୋପନରେ ରଖି କିଛି ଲୋକ କହିଛନ୍ତି।

# ଛୁରିରେ ଆକ୍ରମଣ କରି ଡ୍ରାଇଭରଙ୍କଠାରୁ ଲୁଟ

**ଯୋଡ଼ା,୭।୯(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ଟାଟା ଷ୍ଟିଲ ଫେରୋ ପ୍ଲାଣ୍ଟର ପଛ ପାର୍ଶ୍ୱ ଗେଟ୍ ନଂ ୨ ରେ ଦୁର୍ବୃତ୍ତ ଜଣେ ଟ୍ରକ୍ ଡ୍ରାଇଭରଙ୍କୁ ଛୁରିରେ ଆକ୍ରମଣ କରି ମୋବାଇଲ, ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଶୁକ୍ରବାର ଭୋର୍ ପ୍ରାୟ ୫.୧୫ ମିନିଟ ସମୟରେ ଡ୍ରାଇଭର ଶିବ କୁମାର ସିଂ ଗାଡ଼ି (ନଂ.ୟୁପି ୭୩ ଟି ୨୨୯୧)କୁ ବୋଝେଇ ନିମନ୍ତେ ଛିଡ଼ା କରିଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ଆସି ଗାଡ଼ିର କବାଟ ଖୋଲି ଭିତରକୁ ପଶିଥିଲେ। ଡ୍ରାଇଭରଙ୍କୁ ଛୁରି ମାରି ତାଙ୍କ ଠାରୁ ନଗଦ ୨ ହଜାର ଟଙ୍କା ଓ ମୋବାଇଲ ନେଇଯାଇଥିଲେ। ଡ୍ରାଇଭର ଗାଡ଼ିରୁ ତଳକୁ ଡେଇଁ ଚିତ୍କାର କରିବାରୁ ଦୁର୍ବୃତ୍ତ ଫେରାର ହୋଇ ଯାଇଥିଲେ। ଏ ନେଇ ଡ୍ରାଇଭର ଯୋଡା ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତ। ପୋଲିସ ଏକ ମାମଲା (ନଂ.୨୪୮/୨୦୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ମୟୂରଭଞ୍ଜ


ବାରିପଦା ତୁଳସୀ ଚଉରା ମଣ୍ଡପ।


ଉଦଳା


ଚିତ୍ରଡ଼ା ଫ୍ରେଣ୍ଡସ ୟୁନିୟନ କ୍ଲବ୍(ମୋରଡ଼ା)

# ବିଦ୍ୟାଳୟରେ ପୂଜା ପାଇଲା ଦେବାଶିଷଙ୍କ ହାତ ତିଆରି ଗଣେଶ ମୂର୍ତ୍ତି



**ବାରିପଦା,୭।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦା ପୌରପାଳିକା ଅଧୀନ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀ ଛାତ୍ର ଦେବାଶିଷ ଗିରିଙ୍କ ହାତ ତିଆରି ଗଣେଶ ମୂର୍ତ୍ତି ପୂଜା ପାଇଛି। ୨୨ ନଂ. ୱାର୍ଡ ରଘୁନାଥପୁର ଅଞ୍ଚଳର ଧନଞ୍ଜୟ ଗିରି ଓ ସ୍ୱର୍ଗତ ଅଳକା ଗିରିଙ୍କ ପୁଅ ଦେବାଶିଷ। ମାତ୍ର ୭ବର୍ଷ ବୟସରେ ସେ ମାତୃ ସ୍ନେହରୁ ବଞ୍ଚିତ ହୋଇଥିଲେ। ପୁଅର ଏପରି ଅବସ୍ଥା ଦେଖି ଧନଞ୍ଜୟ ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହ ଯୋଗାଯୋଗ କରିଥିଲେ। ଉକ୍ତ ବିଦ୍ୟାଳୟରେ ତାଙ୍କ ନାମ ଲେଖାଇବା ସହ ହଷ୍ଟେଲରେ ରଖାଯାଇଥିଲା। ଦେବାଶିଷ ପାଠ ସହ ଚିତ୍ରାଙ୍କନ, ମାଟିରେ ମୂର୍ତ୍ତି ଗଢ଼ିବା ଓ କ୍ରାଫ୍ଟ କାମ କରିବା ଆରମ୍ଭ କରିଦେଇଥିଲେ। ଏହା ଦେଖି ପ୍ରଧାନଶିକ୍ଷକ ଦେବାଶିଷଙ୍କ ପ୍ରତିଭାର ବିକାଶ ପାଇଁ ୱାର୍ଡେନ ସରୋଜ କୁମାର ସାବତ ଓ କଳା ଶିକ୍ଷକ ମହେଶ୍ୱର ମାରାଣ୍ଡିଙ୍କୁ ଦାୟିତ୍ୱ ଦେଇଥିଲେ। ପ୍ରଶିକ୍ଷଣ ପାଇ ଦେବାଶିଷ ମୂର୍ତ୍ତି ତିଆରି କରିବା ପାଇଁ ଆଗେଇ ଆସିଥିଲେ। ଶନିବାର ତାଙ୍କ ହାତ ତିଆରି ଗଣେଶ ମୂର୍ତ୍ତିକୁ ଦେଖି ସମସ୍ତେ ପ୍ରଶଂସା କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଆମ୍ବୁଲାନ୍ସ ଡ୍ରାଇଭର ଗିରଫ

## ପୋଲିସ ଗାଡ଼ିକୁ ଆମ୍ବୁଲାନ୍ସ ଧକ୍କା ମାମଲା

ଉଦଳା,୭।୯ (ସନ୍ତୋଷ କୁମାର ବାଛିନୀ): ଉଦଳା ପେଟ୍ରୋଲ୍ ପମ୍ପ ନିକଟରେ ପୋଲିସ ଗାଡ଼ିକୁ ଆମ୍ବୁଲାନ୍ସ ଧକ୍କା ଦେବା ମାମଲାରେ ପୋଲିସ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ଗିରଫ କରିଛି। ଗିରଫ ଡ୍ରାଇଭର ଅନନ୍ତ ନାୟକଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଦୁର୍ଘଟଣା ପରଠାରୁ ସେ ଫେରାର ଥିଲେ। ସୂଚନା ଅନୁଯାୟୀ, ସେପ୍ଟେମ୍ବର ୨ ବିଳମ୍ବିତ ରାତିରେ ଉଦଳା ଇଣ୍ଡିଆନ ଅଏଲ ପେଟ୍ରୋଲ୍ ପମ୍ପ ନିକଟରେ ୧୦୮ ଆମ୍ବୁଲାନ୍ସର ପୋଲିସ ପାଟ୍ରୋଲିଂ ଗାଡ଼ିକୁ ଧକ୍କା ଦେଇଥିଲା। ଉଦଳା ପୋଲିସ୍ ଗାଡିରେ ଆଇଆଇସି ବନମାଳୀ ବାରିକ, ହୋମଗାର୍ଡ ଲକ୍ଷ୍ମୀଧର ମହାନ୍ତ, ଡ୍ରାଇଭର ସଦାନନ୍ଦ ସିଂ ଥିବା ବେଳେ ଦୁର୍ଘଟଣାରେ ହୋମଗାର୍ଡ ଲକ୍ଷ୍ମୀଧରଙ୍କ ମୃତ୍ୟୁ ହୋଇଥିଲା। ଆଇଆଇସି ଏବଂ ଡ୍ରାଇଭର ଗୁରୁତର ହୋଇଥିଲେ। ଘରୋଇ ଡାକ୍ତରଖାନାରେ ଚିକିତ୍ସା ପରେ ଅବସ୍ଥାରେ ସୁଧାର ଆସିବାରୁ ଘରକୁ ଫେରିଛନ୍ତି। ଅନ୍ୟପକ୍ଷେ ଦୁର୍ଘଟଣାରେ ଗୁରୁତର ଆମ୍ବୁଲାନ୍ସର ୩ କର୍ମଚାରୀ ଫାର୍ମାସିଷ୍ଟ, ଡ୍ରାଇଭର ଏବଂ ହେଲପର ମଧ୍ୟ ଚିକିତ୍ସିତ ହୋଇ ଫେରିଛନ୍ତି।

# ଗଡ଼ିଲା ସୁଭଦ୍ରା ସଚେତନତା ରଥ

**ବାରିପଦା,୭।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ସୁଭଦ୍ରା ଫର୍ମ ବଣ୍ଟନ ଓ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଏହି ଯୋଜନା ସମ୍ପର୍କରେ ଲୋକଙ୍କ ଭିତରେ ରହିଯାଇଥିବା ଭ୍ରମ ଓ ଭ୍ରାନ୍ତ ଧାରଣାକୁ ଦୂର କରି ହିତାଧିକାରୀଙ୍କୁ ଠିକ୍ ତଥ୍ୟ ପ୍ରଦାନ ପୂର୍ବକ ସଚେତନ କରିବା ଲକ୍ଷ୍ୟ ନେଇ ଶନିବାର ସମଗ୍ର ରାଜ୍ୟରେ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ମୟୂରଭଞ୍ଜ ଜିଲାର ସମସ୍ତ ୨୬ ବ୍ଲକ ଓ ପୌରାଞ୍ଚଳର ଅଧିବାସୀଙ୍କୁ ଏହି ଯୋଜନା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିବା ପାଇଁ ୧୩ଟି ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଗଣେଶ ପୂଜା ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ



ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ରଥକୁ ସବୁଜ ପତାକା ଦେଖାଉଛନ୍ତି।

ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲାପାଳ ହେମକାନ୍ତ ସୟ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ବାରିପଦା ପୌରପାଳିକା ନିର୍ବାହୀ ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟ, ଅତିରିକ୍ତ ଉନ୍ନୟନ ଅଧିକାରୀ ଶାନ୍ତନୁ ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଅନ୍ନପୂର୍ଣ୍ଣା ସିଙ୍କୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୋଜନା ରାଜ୍ୟ ସରକାରଙ୍କ ମହିଳାମାନଙ୍କ ପ୍ରତି ଥିବା ସମ୍ମାନ ଓ ସେମାନଙ୍କ କଲ୍ୟାଣ ଲାଗି ଥିବା ପ୍ରତିବଦ୍ଧତାର ପ୍ରମାଣ ବୋଲି ମନ୍ତ୍ରୀ କହିଥିଲେ। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଚାଲିଥିବା ଆବେଦନର କୌଣସି ଶେଷ ତାରିଖ ନାହିଁ। ସମସ୍ତ ଯୋଗ୍ୟା ମା' ଓ ଭଉଣୀଙ୍କୁ ଏହି ଯୋଜନାର ଲାଭ ନିଶ୍ଚୟ ମିଳିବ ବୋଲି ସେ କହିଥିଲେ। ଏହି ସଚେତନତା ରଥ ଚଳିତ ମାସ ୧୬ ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳ ବୁଲି ଲୋକଙ୍କୁ ସଚେତନ କରିବ।

# ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ

ବଡ଼ସାହି, ୭।୯(ସମ୍ବିତ କୁମାର ରାଉତ)- ମୟୂରଭଞ୍ଜ ଜିଲା ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ୪୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ କଲେଜର ପରିଚାଳନା କମିଟି ସଭାପତି ବିରଞ୍ଚି ନାରାୟଣ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ ଆଜିର ସମାଜ ପାଇଁ ଯୁବଶକ୍ତିର ଅବଦାନ ବହୁ ଗୁରୁତ୍ୱପୂର୍ଣ୍ଣ। ଯୁବଶକ୍ତି ଜାଗିଲେ ଦେଶର ବିକାଶ ନିଶ୍ଚିତ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି, ସମ୍ମାନିତ ଅତିଥି ଭାବେ କଲେଜ ଅଧକ୍ଷ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଯୋଗ ଦେଇଥିଲେ। ଇଂଲିଶ ବିଭାଗର ବରିଷ୍ଠ ପ୍ରାଧ୍ୟାପକ କୃପାସିନ୍ଧୁ ମହାକୁଡ଼ କଲେଜର ଇତିବୃତ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ୨୦୨୪ ଯୁକ୍ତ ଦୁଇ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଜ୍ୟୋତିରାଣୀ ବେହେରା ଓ ଯୁକ୍ତ ୩ ବିଭାଗର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଗାୟତ୍ରୀ ମହାନ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ରାଜନୀତି ବିଜ୍ଞାନର ଅଧ୍ୟାପକ ବିନୋଦ ପରିଡା ମଞ୍ଚ ପରିଚାଳନା କରିଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗଣେଶଙ୍କୁ ଆରାଧନା

**ବୈଶିଙ୍ଗା, ୭।୯(ରତନ ଦାଶ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଧୁମ୍‌ଧାମ୍‌ରେ ଗଣେଶଙ୍କୁ ଆରାଧନା କରାଯାଇଛି। ବୈଶିଙ୍ଗା ମହାତ୍ମାଗାନ୍ଧୀ ମହାବିଦ୍ୟାଳୟ ଓ ଯୁକ୍ତ ୨ ମାଧ୍ୟମିକ ବିଦ୍ୟାଳୟ, ଅଂଳା ମହାବିଦ୍ୟାଳୟ, ବୈଶିଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପ୍ରିୟାଂଶୀ ରାଧେ ମାଧ୍ୟମିକ ବିଦ୍ୟାଳୟ, ବୈଶିଙ୍ଗା ଆଇଟିଆଇ, ଜାଭିୟର୍ସ ପବ୍ଲିକ ସ୍କୁଲ, ମୁନିଲାଲ ହାଇସ୍କୁଲ, ବାଳିକା ଉଚ୍ଚବିଦ୍ୟାଳୟ, ରଘୁନାଥ ଉଚ୍ଚବିଦ୍ୟାଳୟ , ରାଇକମା ଆଶ୍ରମ ବିଦ୍ୟାଳୟରେ ଗଣପତିଙ୍କ ପୂଜା କରାଯାଇଛି।


ବୁଢ଼ା ଗଣେଶ।


ଟୋକା ଗଣେଶ।


ପିଲା ଗଣେଶ।

# ବୁଢ଼ା, ଟୋକା, ପିଲା ଗଣେଶ ଆକର୍ଷଣ

ଭଦ୍ରକ,୭।୯(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲାର ବିଭିନ୍ନ ମଣ୍ଡପରେ ଶନିବାର ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ଧୂମ୍‌ଧାମ୍‌ରେ ପାଳନ କରାଯାଇଛି। ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ସହ ଯୁବକ ସଂଘରେ ପୂଜା ଅନୁଷ୍ଠିତ ହୋଇଛି। ତେବେ ଭଦ୍ରକ ସହରର ପୁରୁଣାବଜାରରେ ବୁଢ଼ା ଓ ଟୋକା ଗଣେଶ, କୁଆଁସରେ ପିଲା, ଛୁଆ ଓ କାଞ୍ଚନ ଗଣେଶ ମୁଖ୍ୟ ଆକର୍ଷଣ ସାଜିଛି। ବୁଢ଼ା ଓ ଟୋକା ଗଣେଶ କମିଟି ପକ୍ଷରୁ ଢୋଲ, ମାଦଳ ବାଜା ସହ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ସାଳନ୍ଦୀ ନଦୀ ଘାଟରୁ ଘଟୋତ୍ତଳନ କରାଯାଇ ପୂଜା ଆରମ୍ଭ ହୋଇଛି। ଷୋଡ଼ଶ ଉପଚାର ପୂଜା ପରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ଏହି ପୂଜା ଏକ ମାସ ଧରି ଚାଲିବାକୁ ଥିବାବେଳେ ସୁନ୍ଦର ସାଜସଜ୍ଜା ଲୋକଙ୍କୁ ଆକୃଷ୍ଟ କରିଛି। ବୁଢ଼ାଗଣେଶ କମିଟି ସଭାପତି ଅଜୟ କୁମାର ସାହୁ, ସମ୍ପାଦକ ମନୋରଞ୍ଜନ ସାହୁ, ଉପଦେଷ୍ଟା ବିଦ୍ୟାଧର ସାହୁ ଓ ସହସମ୍ପାଦକ ପର୍ଶୁନାଥ ସାହୁ ପୂଜାର ନେତୃତ୍ୱ ନେଇଛନ୍ତି।

ସେହିପରି ଟୋକା ଗଣେଶ ପୂଜା କମିଟି ସଭାପତି ହରିପ୍ରସାଦ ନନ୍ଦୀ, ସମ୍ପାଦକ କୈଳାସ ଚନ୍ଦ୍ର ସାହୁ ପୂଜା ପରିଚାଳନା କରିଛନ୍ତି। ଛୁଆ ଗଣେଶ ପୂଜା କମିଟିର ସଭାପତି ଚନ୍ଦନ ଦାସ, ସମ୍ପାଦକ ଅମିତ୍ ମୁଖୀ, ଉପଦେଷ୍ଟା ସିତାଂଶୁ ଶେଖର ମହାପାତ୍ର, ଅତୀଶ କୁମାର ବେହେରା, ଆଶିଷ ଅମିତାଭ ମହାପାତ୍ର ପ୍ରମୁଖ ପୂଜା ଆୟୋଜନର ନେତୃତ୍ୱ ନେଇଛନ୍ତି। ପିଲା ଗଣେଶ କମିଟି ସଭାପତି ସଞ୍ଜୀବ ଦାସ, ସମ୍ପାଦକ ପ୍ରଭାତ ମହାନ୍ତି, କୋଷାଧ୍ୟକ୍ଷ ରାଜ କୁମାର ସେଠୀ, ରାଜୀବ ଦାସ, ଅମରଜିତ ରାୟ, ଅବିନାଶ ପଟ୍ଟନାୟକ, ଦେବରାଜ ବିଶ୍ୱାଳ, ସାର୍ଥକ ଦାସ, ସୁରେନ୍ଦ୍ର ସେଠୀ, ସନ୍ତୋଷ ସେଠୀ, ଯୁବନେତା ରବୀନ୍ଦ୍ର ବେହେରା ପ୍ରମୁଖଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ଯାଇ କୁଆଁସସ୍ଥିତ ସାଳନ୍ଦୀ ନଦୀରେ କଳସ ବୁଡ଼ାଇ ପୂଜା ମଣ୍ଡପକୁ ଅଣାଯାଇଥିଲା। ପରେ ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ ହୋଇଛି। ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶରେ ପୂଜା ମଣ୍ଡପ ନିକଟରେ ସଶସ୍ତ୍ର ପୋଲିସ ମୁତୟନ ରହିଛନ୍ତି।

# ସବୁଠି ଗଜାନନଙ୍କୁ ପୂଜାର୍ଚ୍ଚନା

ଧାମନଗର, ୭।୯ (ଦେବେନ୍ଦ୍ର ଆନ୍ଦିଆ)


ବାଲିପାଟଣାଠାରେ ପୂଜା ପାଉଛନ୍ତି ଗଜାନନ।

ଧାମନଗର ବ୍ଲକର ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ, ଯୁବକ ସଂଘ, ଘରୋଇ, ବ୍ୟବସାୟ ପ୍ରତିଷ୍ଠାନ, କ୍ଲବ୍‌ରେ ଗଜାନନଙ୍କୁ ପୂଜାର୍ଚ୍ଚନା କରାଯାଇଛି। ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ବାଲିପାଟଣା ଗ୍ରାମଠାରେ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ସୁସଜ୍ଜିତ ମେଢ଼ରେ ଗଜାନନଙ୍କୁ ପୂଜାର୍ଚ୍ଚନା କରାଯାଇଛି। ପ୍ରଫୁଲ୍ଲ ଆନ୍ଦିଆ ସଂକଳ୍ପ କରି କଳସ ବୁଡ଼ାଇଥିଲେ। ସେହିପରି ଆନନ୍ଦପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଖଡ଼ିପଦା ଯୁବକ ସଂଘ, ଶୁକଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ, ଏଏମ୍‌ବି ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଦୋବଲ, ଧାମନଗର, ଚୁଡ଼ାକୁଟି, ଭଗବାନପୁର, ସୋହଡ଼ା, ପଧାନୀ, ସୋଧ, ମୁସ୍ତାଫାପୁର, ବନ୍ଧଟିଆ ଆଦି ପ୍ରମୁଖ ସ୍ଥାନରେ ଶ୍ରୀଗଣେଶଙ୍କୁ ଆରାଧନା କରାଯାଇଛି। ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି।

# ପୂଜା ପାଇଲେ ଅଗ୍ରପୂଜ୍ୟ

ଭଣ୍ଡାରିପୋଖରୀ,୭।୯(ରାଜେନ୍ଦ୍ର ଶତପଥୀ)–ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନ ଓ କ୍ଲବ୍‌ରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଛି। ଶାରଦା ବିଦ୍ୟାମନ୍ଦିରରେ ପ୍ରଧାନଗୁରୁଜୀ ଶରତ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା କରାଯାଇଥିଲା। ମାଞ୍ଜୁରୀ ଶାରଦା ବିଦ୍ୟାମନ୍ଦିରରେ ନିର୍ମଳ ଚନ୍ଦ୍ର ସେନାପତି, ରହଣିଆ ଶିଶୁମନ୍ଦିରରେ ପ୍ରଧାନଗୁରୁଜୀ ପ୍ରଭାତ କୁମାର ରାଉତ, ଷୋଳମପୁର ସରସ୍ୱତୀ ଶିଶୁମନ୍ଦିରରେ ସମ୍ପାଦକ ବିଶ୍ୱମ୍ଭର ରାଉତଙ୍କ ତତ୍ତ୍ୱାବଧାନରେ ପୂଜା କରାଯାଇଥିଲା।



# ବିଦ୍ୟୁତ୍ ଆଘାତରେ ନାବାଳକଙ୍କ ଜୀବନ ଗଲା

## ଗଣେଶ ପୂଜା ପାଇଁ ଗଛରେ ମାଇକ୍ ଯନ୍ତ୍ର ବାନ୍ଧୁଥିଲେ

ବନ୍ତ,୭।୯(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ଅଧୀନ ଗଣିଜାଙ୍ଗ ପଞ୍ଚାୟତର ବିନାୟକପୁର ଗ୍ରାମରେ ଶନିବାର ଗଣେଶ ପୂଜା ପାଇଁ ଟେଣ୍ଟ କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିନାୟକପୁର ଗ୍ରାମର ଦାମ ଘଡ଼ାଇଙ୍କ ପୁଅ ଶ୍ରୀକାନ୍ତ(୧୬)। ସୂଚନା ଅନୁଯାୟୀ, ସେ ନିଜ ଗ୍ରାମରେ ଗଣେଶ ପୂଜା ପାଇଁ ପୂର୍ବାହ୍ନ ୧୦ଟା ବେଳେ ଗଛରେ ଚଢ଼ି ମାଇକ୍ ଯନ୍ତ୍ର ବାନ୍ଧୁଥିଲେ। ଏହି ସମୟରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେ ଗୁରୁତର ହୋଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଜିଲାରେ ଗଡ଼ିଲା ସୁଭଦ୍ରା ରଥ



ଜିଲା କାର୍ଯ୍ୟାଳୟ ପରିସରରେ ଅତିଥିଙ୍କ ଦ୍ୱାରା ସୁଭଦ୍ରା ରଥ ପରିକ୍ରମା ଶୁଭାରମ୍ଭ କରାଯାଉଛି।

ଭଦ୍ରକ,୭।୯ (ସନାତନ ରାଉତ)

ରାଜ୍ୟ ସରକାରଙ୍କ 'ସୁଭଦ୍ରା' ଯୋଜନା ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଭଦ୍ରକ ଜିଲାରେ ସଚେତନତା ରଥ ପରିକ୍ରମା ଶନିବାର ଆରମ୍ଭ ହୋଇଛି। ଜିଲାରେ ପରିକ୍ରମା ପାଇଁ ୪ଟି ସୁସଜ୍ଜିତ ରଥକୁ ଜିଲା କାର୍ଯ୍ୟାଳୟରେ ଉଦ୍‌ଘାଟନ କରାଯାଇଛି। ରାଜ୍ୟ ସରକାରଙ୍କ ଉପ ମୁଖ୍ୟ ସଚେତକ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ପ୍ରଦର୍ଶନ ପୂର୍ବକ ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ପ୍ରମୁଖ ଯୋଗ ଦେଇଥିଲେ।

ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳ ପରିକ୍ରମା କରିବାକୁ ଥିବା ଏହି ୪ ରଥ ପ୍ରଥମ ପର୍ଯ୍ୟାୟରେ ଭଦ୍ରକ, ବନ୍ତ, ଧାମନଗର ଓ ବାସୁଦେବପୁର ବ୍ଲକକୁ ଯାତ୍ରା ଆରମ୍ଭ କରିଛି। ଏହି ଯୋଜନାରେ ମହିଳାମାନଙ୍କୁ ଯୋଗାଇ ଦିଆଯିବାକୁ ଥିବା ଅର୍ଥରାଶି, ଆବେଦନ ପ୍ରକ୍ରିୟା ସମ୍ବନ୍ଧରେ ସୁଭଦ୍ରା ରଥରେ ସୁସଜ୍ଜିତ ବ୍ୟାନର, ପରିବେଷିତ ସଙ୍ଗୀତ, ରଥ ବୁଲିଲା ବେଳେ ପ୍ରଚାରପତ୍ର ବଣ୍ଟନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ପ୍ରତି ରଥରେ ୭ ହଜାର ପ୍ରଚାରପତ୍ର ମହଜୁଦ ରହିଛି। ରଥ ପରିକ୍ରମାର ପ୍ରଥମ ଦିନରେ ପ୍ରତି ବ୍ଲକରେ ୧ ହଜାରରୁ ଊର୍ଦ୍ଧ୍ୱ ପ୍ରଚାରପତ୍ର ବଣ୍ଟନ କରାଯାଇଛି। ପ୍ରତି ବ୍ଲକରେ ପ୍ରାୟ ୫ଦିନ ବୁଲିବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ୩ଟି ବ୍ଲକ ଓ ସମ୍ପୃକ୍ତ ପୌରାଞ୍ଚଳକୁ ଏହି ରଥ ପରିକ୍ରମା କରିବ। ନୋଡାଲ ଅଧିକାରୀମାନେ ପରିଚାଳନା କରୁଛନ୍ତି। ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ, ଭଦ୍ରକ ବିଡିଓ ସୀତାକାନ୍ତ ରାଉତ, ବନ୍ତ ବିଡିଓ ପ୍ରଦୀପ କୁମାର ସେଠୀ, ଭଦ୍ରକ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଡିଏସ୍‌ଡବ୍ଲ୍ୟୁଓ ପୁଷ୍ପଲତା ପାତ୍ର, ଡିପିଏମ୍ ସଞ୍ଜୟ କୁମାର ବାରିକ, ଆଇଇସିର ନୋଡାଲ ଅଧିକାରୀ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲା ଶିକ୍ଷାଧିକାରୀ ଅକ୍ରୂର ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ।

# ମନୋରଞ୍ଜନଙ୍କୁ ଦେବକୀ ଯଶୋଦା ସାରସ୍ୱତ ସମ୍ମାନ


ସମ୍ମାନିତ ହୋଇଥିବା ମରୋରଞ୍ଜନ ମହାନ୍ତି।

ବନ୍ତ,୭।୯(ହରି ନାରାୟଣ ମହାନ୍ତି)

ବନ୍ତ ବ୍ଲକ ରାମକୃଷ୍ଣପୁର ଗ୍ରାମର ସାମାଜିକ କର୍ମୀ, ଲେଖକ ମନୋରଞ୍ଜନ ମହାନ୍ତିଙ୍କୁ ଦେବକୀ ଯଶୋଦା ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଛି। କଟକସ୍ଥିତ ଶ୍ରୀରାମ ଚନ୍ଦ୍ର ଭବନଠାରେ କୈବଲ୍ୟ ସାହିତ୍ୟ ସଂସଦ ଆନୁକୂଲ୍ୟରେ ପ୍ରତିଷ୍ଠାତା ଡ.ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲାରୁ ବିଦ୍ୱାନ ଓ ଲେଖକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ମନୋରଞ୍ଜନଙ୍କୁ ସମ୍ମାନିତ କରାଯାଇଛି। ବିଭିନ୍ନ ପତ୍ରପତ୍ରିକାରେ ଲେଖା ଓ ସମାଜ ସେବା କ୍ଷେତ୍ରରେ ଅବଦାନ ପାଇଁ ପୂର୍ବରୁ ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ଏଥିସହ ପରିବେଶ ସୁରକ୍ଷା ଲାଗି ସେ ବିଭିନ୍ନ ସ୍ଥାନରେ ଚାରାରୋପଣ କାର୍ଯ୍ୟ କରିଆସୁଛନ୍ତି।

# ୧୬ରେ ବାହାରିବ କାଫେଲା ଶୋଭାଯାତ୍ରା

## ମୁସ୍‌ଲିମ୍ ଜମାତର ବୈଠକ

ଭଦ୍ରକ,୭।୯(ସନାତନ ରାଉତ)

ପ୍ରଫେଟ ହଜରତ ମହମ୍ମଦଙ୍କ ଜୟନ୍ତୀ ପାଳନ ଅବସରରେ ଆସନ୍ତା ୧୬ ତାରିଖରେ ଭଦ୍ରକରେ କାଫେଲା ଶୋଭାଯାତ୍ରା ବାହାରିବ ଓ ଜଶ୍ନ ଇଦ୍ ମିଲାଦୁନ ନବୀ ପର୍ବ ପାଳନ କରାଯିବ। ଭଦ୍ରକ ମୁସ୍‌ଲିମ୍ ଜମାତ ପକ୍ଷରୁ ପୁରୁଣାବଜାରସ୍ଥିତ ମଦିନା ମଇଦାନଠାରେ ଅନୁଷ୍ଠିତ ବୈଠକରେ ବୋଲି ଏହି ନିଷ୍ପତ୍ତି ହୋଇଛି। ଜମାତର ଉପସଭାପତି ଶେଖ୍ ମହମ୍ମଦ ଜକାଉଲ୍ଲା ଓ ସାଧାରଣ ସମ୍ପାଦକ ହାଜି ଶେଖ୍ ଇନାମ ମହମ୍ମଦଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଇସ୍‌ଲାମ୍ ଧର୍ମରେ ଚନ୍ଦ୍ର ଗଣନା ଅନୁଯାୟୀ ପ୍ରତ୍ୟେକ ପର୍ବପର୍ବାଣୀ ପାଳନ କରାଯାଇଥାଏ। ଜମାତର ସିରତ କମିଟିର ସଭାପତି ହାଜି ଅବଦୁଲ ମୁକିତ ଖାନ, ଉପସଭାପତି ଇଂ. ରେୟାଏ ରସୁଲ, ସମ୍ପାଦକ ଅସରଫ୍ ଅଲି ଖାନ, ସହସମ୍ପାଦକ ମହେବୁବ ଖାନ, କୋଷାଧ୍ୟକ୍ଷ ମିର୍ଜା ଏକ୍ରାମ ବେଗଙ୍କ ସହ ଭଦ୍ରକ ଜାମା ମସ୍‌ଜିଦ୍‌ର ଇମାମ ମହମ୍ମଦ ସାଦିକ ହୋସେନ, ଦର୍ଜୀପଟ୍ଟୀ ମସ୍‌ଜିଦ୍‌ର ଇମାମ ଅବଦୁଲ ରହିମ, ମୋଜାହିଦ ନଗର ମସ୍‌ଜିଦ୍‌ର ଇମାମ ଶିରାଜ ଖାନ୍ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୬୦ରୁ ଊର୍ଦ୍ଧ୍ୱ ଜୁଲୁସ ଓ କାଫେଲା ଭଦ୍ରକ ପୁରୁଣାବଜାରସ୍ଥିତ ଚୌଖଣ୍ଡିରୁ ଅପରାହ୍ନ ୪ଟାରେ ବାହାରି ଲାହାପଟ୍ଟୀ ହୋଇ ନଂଘାମହଲ୍ଲା, ସନ୍ଥିଆ, କଚେରୀ, ନୂଆବଜାର ଦେଇ ସହର ପରିକ୍ରମା କରି ମଦିନା ମଇଦାନରେ ପହଞ୍ଚିବ। ମୁସ୍‌ଲିମ୍ ଜମାତର ସମ୍ପାଦକ ଶେଖ୍ ସିରାଜୁଦ୍ଦିନ, ବରିଷ୍ଠ ସଭ୍ୟ ହାଜି ଏସ୍.ଏମ୍. ଫାରୁକ, ହାଜି କାସିମ ଖାନ, ଜମିଲ ଅଖତର ଖାନ, ହାଜି ସବୀର ଅଲି, ହାଜି ହିଫଜୁର ରହେମାନ, ଅଖତର ଅଲି ଖାନ, ହାଜି ଅବୁ ହୋସେନ, କବି ମୁସ୍ତାକ ଗୌହର, ମିଡିଆ ସେଲ୍ ସଂଯୋଜକ ଶେଖ୍ ଅନୱର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ୨ ବାଇକ୍ ଧକ୍କା, ୨ ଗୁରୁତର

ଧାମନଗର,୭।୯(ସନ୍ତୋଷ କୁମାର ମହାପାତ୍ର)–ଧାମନଗର ଗୁହାଳିଆ ପେଟ୍ରୋଲ ପମ୍ପ୍ ନିକଟରେ ଶନିବାର ସନ୍ଧ୍ୟାରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଦୁଇ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ ଗୁହାଳିଆ ଗ୍ରାମର ଶ୍ରୀଧର ରାଉତ(୩୩) ବାଇକ୍‌ରେ ଧାମନଗର ଛକକୁ ଆସୁଥିବା ବେଳେ ସାମ୍ନାପଟୁ ଭଗବାନପୁର ଗ୍ରାମର ବଳରାମ ଶଙ୍ଖୁଆ ବାଇକ୍‌ରେ ଘରକୁ ଫେରୁଥିଲେ। ଉକ୍ତ ଛକ ନିକଟରେ ୨ ବାଇକ୍ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଶ୍ରୀଧରଙ୍କୁ ବାଇକ୍ ଯୋଗେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ବଳରାମଙ୍କୁ ଆମ୍ବୁଲାନ୍ସରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା।

# ଚିକିତ୍ସାରେ ଅର୍ଥ ସାଜିଛି ବାଧକ

## କ୍ୟାନ୍ସର ଆକ୍ରାନ୍ତ ମନୋରମା

ତିହିଡ଼ି,୭।୯(ସଞ୍ଜିତ ବଳ)



ପାଖରେ ଏବେ ସମ୍ବଳ ବୋଲି କିଛି ନାହିଁ। ଗୋଟିଏ ପଟେ ପରିବାର ଚଳାଇବା କଷ୍ଟକର ହୋଇପଡୁଥିବା ବେଳେ ଅନ୍ୟପଟେ ରୋଗ ଦାଉ ସାଧିଲା। ବହୁ କଷ୍ଟରେ ପରିବାର ପାଇଁ ଦୁଇଓଳି ଖାଇବା ଯୋଗାଡ଼ ହେଉଛି। ଜମିଜମା ବୋଲି ତାଙ୍କର କିଛି ନାହିଁ। ଯାହା କିଛି ସମ୍ବଳ ଥିଲା ୨ବର୍ଷ ଚିକିତ୍ସା ଭିତରେ ଶେଷ ହୋଇଯାଇଛି। ଏବେ ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ତାଙ୍କ ଚିକିତ୍ସା ପାଇଁ ସହାୟତା ଲାଗି ନିବେଦନ କରିଛନ୍ତି କ୍ୟାନ୍ସର ଆକ୍ରାନ୍ତ ତିହିଡ଼ି ବ୍ଲକ କୋହ୍ଲ ପଞ୍ଚାୟତ ଅଧୀନ ମୂଷାଙ୍ଗ ଗ୍ରାମର ମନୋରମା ଜେନା(୪୦)।

ମନୋରମା ତିହିଡ଼ି ବ୍ଲକ ଅଧୀନ ଦୋଳସାହି ଗ୍ରାମରେ ବିବାହ କରିଥିଲେ। ବିବାହର କିଛି ବର୍ଷ ମଧ୍ୟରେ ସେ ୨ଟି ଝିଅ ଓ ଗୋଟିଏ ପୁଅର ଜନନୀ ହୋଇଥିଲେ। ତେବେ ମନୋରମା ମା' ବାପାଙ୍କୁ ହରାଇବା ପରେ ଏକମାତ୍ର ଭାଇକୁ ବଡ଼ କରିବା ଲକ୍ଷ୍ୟରେ ସ୍ୱାମୀ ରମେଶଙ୍କ ସହ ଆସି ବାପଘରେ ରହିଥିଲେ। ପରେ ରୋଗାକ୍ରାନ୍ତ ହୋଇ ସ୍ୱାମୀଙ୍କ ମୃତ୍ୟୁ ଘଟିବାରୁ ସେ ନିଃସହାୟ ହୋଇପଡ଼ିଥିଲେ। ୩ ପିଲାଙ୍କୁ ଲାଳନ ପାଳନ କରିବା ତାଙ୍କ ପକ୍ଷେ କଷ୍ଟସାଧ ହୋଇଥିଲା। ତାଙ୍କ ଭାଇ ବହୁତ ସାନ ଥିବାରୁ ଘରର ସମସ୍ତ ଦାୟିତ୍ୱ ତାଙ୍କୁ ହିଁ ତୁଲାଇବାକୁ ପଡ଼ିଥିଲା। ତାଙ୍କ ଭାଇ ଓ ପିଲାମାନେ ବଡ଼ ହେବା ବେଳକୁ ମନୋରମାଙ୍କର କ୍ରମାଗତ ଅସୁସ୍ଥତା ଲାଗି ରହିଥିଲା। ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇ ପରୀକ୍ଷା କରାଯିବା ପରେ ସେ କ୍ୟାନ୍ସରରେ ଆକ୍ରାନ୍ତ ବୋଲି ଜଣାପଡ଼ିଥିଲା। ଅର୍ଥାଭାବରୁ ବଡ଼ ଝିଅର ପାଠରେ ଡୋରି ବନ୍ଧା ହୋଇଥିଲା। ସାନଭାଇ ବେକାର ଥିବାବେଳେ ଅନ୍ୟ ଝିଅ ଓ ପୁଅଙ୍କ ପଢ଼ା ଖର୍ଚ୍ଚ ତୁଲାଇବା, ପରିବାର ଚଳାଇବା ସହ ଔଷଧ ପାଇଁ ଅର୍ଥ ଯୋଗାଡ଼ କରିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଛି। ୨ବର୍ଷ ହେଲା ସେ ଏହି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ସରକାରୀ ଭାବେ ମିଳୁଥିବା ରାଶନ ଚାଉଳରେ କେବଳ ଦୁଇଓଳି ଖାଇବା ବହୁ କଷ୍ଟରେ ଯୋଗାଡ଼ ହେଉଛି। କେତେଜଣ ବଦାନ୍ୟ ବ୍ୟକ୍ତି ସହାୟତା କରୁଥିଲେ ବି ଏହା ଔଷଧ ଖର୍ଚ୍ଚକୁ ନିଅଣ୍ଟ ହେଉଛି। କିଛିବର୍ଷ ପୂର୍ବେ ତାଙ୍କୁ ଇନ୍ଦିରା ଆବାସ ମିଳିଥିଲେ ମଧ୍ୟ ସେହି ଅର୍ଥରେ ସେ ଘର ସମ୍ପୂର୍ଣ୍ଣ କରିପାରି ନାହାନ୍ତି। ପରିବାରକୁ ନେଇ ସେ କଷ୍ଟକର ଜୀବନ ବିତାଉଛନ୍ତି। ତାଙ୍କର ଏହି ଦୁଃସମୟରେ ସରକାରୀ ସ୍ତରରେ ହେଉ କିମ୍ବା ସାମାଜିକ ସଙ୍ଗଠନ ସହାୟତାର ହାତ ବଢ଼ାଇଲେ ତାଙ୍କର ଚିକିତ୍ସା ହୋଇପାରନ୍ତା। ତାଙ୍କ ଭାଇ ଓ ପିଲାମାନଙ୍କ ମୁହଁରୁ ଲିଭିଯାଇଥିବା ହସ ପୁଣି ଥରେ ଫୁଟି ଉଠନ୍ତା ବୋଲି ମନୋରମା କହିଛନ୍ତି।

# 'ଜୀବନ ରକ୍ଷା ପାଇଁ ହେଲ୍‌ମେଟ୍ ଜରୁରୀ'

ଭଦ୍ରକ,୭।୯(ସନାତନ ରାଉତ)


ବୈଠକରେ ଜିଲାପାଳ ଦିଲୀପ ରାଉତରାଏଙ୍କ ସହ ଅଧିକାରୀମାନେ।

## ଜିଲା ସଡ଼କ ସୁରକ୍ଷା ସମିତି ବୈଠକ

ଫାଇନ୍‌ରୁ ବଞ୍ଚିବା ପାଇଁ ପୋଲିସ ଦେଖିଲେ ହେଲ୍‌ମେଟ୍ ପିନ୍ଧିବା ଓ ପରେ ମୁଣ୍ଡରୁ କାଢ଼ିଦେବା ଖରାପ ଅଭ୍ୟାସ। ନିଜ ଜୀବନ ରକ୍ଷା ପାଇଁ ହେଲ୍‌ମେଟ୍ ପିନ୍ଧିବା ଜରୁରୀ ବୋଲି ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ କହିଛନ୍ତି। ଜିଲା ପ୍ରଶାସନ ଆନୁକୂଲ୍ୟରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଜରିଆରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ୪୦ତମ ଜିଲା ସଡ଼କ ସୁରକ୍ଷା ସମିତି ବୈଠକରେ ଜିଲାପାଳ ଏହି ପରାମର୍ଶ ଦେଇଛନ୍ତି।

ଜିଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ରାମ ନିବାସ ସିର୍କାଙ୍କ ଦ୍ୱାରା ଜିଲାର ତଥ୍ୟ ଉପସ୍ଥାପନ ନେଇ ଜିଲାପାଳ ସମୀକ୍ଷା କରିଥିଲେ। ସଚେତନତା କାର୍ଯ୍ୟକ୍ରମ, ବିଭିନ୍ନ ଜରୁରୀକାଳୀନ ସେବା, ଗୃହ ଓ ନଗର ଉନ୍ନୟନ ବିଭାଗ, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ହେବାକୁ ଥିବା କାର୍ଯ୍ୟକ୍ରମ ଉପରେ ଜିଲାପାଳ ଆଲୋକପାତ କରିଥିଲେ। ବୈଠକରେ ପ୍ରଦତ୍ତ ବର୍ଷୱାରୀ ତୁଳନାତ୍ମକ ସଡ଼କ ଦୁର୍ଘଟଣା ତଥ୍ୟ ଅନୁଯାୟୀ ବିଗତ ଦୁଇବର୍ଷ ତୁଳନାରେ ଅଗଷ୍ଟ ସୁଦ୍ଧା ଚଳିତବର୍ଷର ଦୁର୍ଘଟଣା ଓ ମୃତ୍ୟୁହାର ଅପେକ୍ଷାକୃତ କମ୍ ଥିଲେ ବି ଆଶାଜନକ ହ୍ରାସ ଘଟିନାହିଁ ବୋଲି ଜିଲାପାଳ କହିଥିଲେ। ଏଥିପାଇଁ ସଡ଼କ ସୁରକ୍ଷାରେ ପ୍ରମୁଖ ଭୂମିକା ରଖୁଥିବା ୩ଟି 'ଇ'ର ଗୁରୁତ୍ୱ କଥା ସେ ବୁଝାଇଥିଲେ। ଏଜୁକେଶନ ଅର୍ଥାତ୍ ଶିକ୍ଷା, ଏନ୍‌ଫୋର୍ସମେଣ୍ଟ ବା ଧରପଗଡ଼ ଓ ଇଞ୍ଜିନିୟରିଂ ବା ରାସ୍ତା ନିର୍ମାଣରେ ତ୍ରୁଟି ସୁଧାର ଉପରେ ପ୍ରାଧାନ୍ୟ ଦିଆଗଲେ ସଡ଼କ ସୁରକ୍ଷାରେ ସଫଳତା ମିଳିବ ବୋଲି ସେ ପ୍ରକାଶ କରିଥିଲେ।

୩୯ତମ ସଡ଼କ ସୁରକ୍ଷା ବୈଠକ ବିବରଣୀର ସମୀକ୍ଷା ଆଧାରରେ ସମ୍ପୃକ୍ତ ବିଭାଗ ଦ୍ୱାରା କାର୍ଯ୍ୟ ସମ୍ପାଦନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଜିଲାପାଳ ଅସନ୍ତୋଷ ପ୍ରକାଶ କରିବା ସହ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବସ୍ ସିଣ୍ଡିକେଟ୍ ସଭାପତି ଶ୍ରୀନିବାସ ପତି ଜାତୀୟ ରାଜପଥରେ ଆଲୁଅ ନ ଜଳିବା, ଭଦ୍ରକ ସହର, ଆଖଣ୍ଡଳମଣି ମନ୍ଦିରକୁ ରାସ୍ତା ସମ୍ବନ୍ଧୀୟ ଫଳକ ଲଗା ନ ଯିବା ସମ୍ପର୍କରେ ଅବଗତ କରାଇଥିଲେ। ଏସ୍‌ପି ବରୁଣ ଗୁଣ୍ଟୁପାଲି, ଉପଜିଲାପାଳ ମନୋଜ ପାତ୍ର ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଆଞ୍ଚଳିକ ପରିବହନ ସହ ଅଧିକାରୀ ଶ୍ରୀକାନ୍ତ ଦାସ, ଜୁନିୟର ଆସିଷ୍ଟାଣ୍ଟ ଟ୍ରାନ୍ସପୋର୍ଟ ବିଶ୍ୱଜିତ ଲେଙ୍କା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


ଖଇରା ଲିଜେଣ୍ଡ ଲାୟନ୍ସ କ୍ଲବ।


ଖଇରା ୱାରିଅର୍ସ କ୍ଲବ


ଲଙ୍ଗଳେଶ୍ୱର ବଜାର ସର୍ବଜନ ଯୁବକ ସଂଘ


ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ପୂଜା ପାଉଥିବା ଗଣପତି।

# ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ

ସିମୁଳିଆ, ୭।୯(ସନ୍ତୋଷ ନାୟକ)

ସିମୁଳିଆ ଥାନାଠାରୁ ୪ କି.ମି. ଦୂର ୧୬ନଂ. ଜାତୀୟ ରାଜପଥର ସିମୁଳିଆ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ଅଚିହ୍ନା ମହିଳାଙ୍କ ମୃତ୍ୟୁ ଘଟିଛି। ପୋଲିସ ଶନିବାର ଅପରାହ୍ନରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ମହିଳା ଜଣଙ୍କ ମାନସିକ ବିକୃତ ବୋଲି ସନ୍ଦେହ କରାଯାଉଛି।

# ବିଦ୍ୟାଳୟରେ ନୂତନ ମନ୍ଦିର ଭିତ୍ତିପ୍ରସ୍ତର ସ୍ଥାପନ

## ସ୍ମାର୍ଟ କ୍ଲାସ୍, ଲାଇବ୍ରେରି ରୁମ୍ ଉଦ୍‌ଘାଟନକଲେ ବିଧାୟିକା

ଲଙ୍ଗଳେଶ୍ୱର(କମଳାକାନ୍ତ ଦାସ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ), ୭।୯

ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱରସ୍ଥିତ ଦୁର୍ଗାପ୍ରସନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶନିବାର ଗଣେଶ ପୂଜା ଅବସରରେ ଶ୍ରୀ ଗୋପାଳଜୀଉଙ୍କ ମନ୍ଦିର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ, ସ୍ମାର୍ଟ କ୍ଲାସ୍ ରୁମ୍ ଓ ସ୍ମାର୍ଟ ଲାଇବ୍ରେରୀ ରୁମ୍ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ନୂତନ ମନ୍ଦିର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସ୍ମାର୍ଟ କ୍ଲାସ୍‌ରୁମ୍ ଓ ସ୍ମାର୍ଟ ଲାଇବ୍ରେରୀ ରୁମ୍‌କୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ଉତ୍ସବରେ କଲେଜ ଆବାହକ ଭାବେ ସମ୍ପାଦକ ଗଗନ ବିହାରୀ ବାରିକ ଏବଂ ଅଧ୍ୟକ୍ଷ ସୁବ୍ରତ କୁମାର ନନ୍ଦୀ ଥିଲେ। ଅଧ୍ୟାପକ ପ୍ରଦୀପ କୁମାର ଜେନା, ସଞ୍ଜିବ କୁମାର ଜେନା, ଭୂପତି ପରିଡ଼ା, ରଣଜିତ କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ।


ସ୍ମାର୍ଟ କ୍ଲାସ୍ ଓ ଲାଇବ୍ରେରି ରୁମ୍‌କୁ ବିଧାୟିକା ଉଦ୍‌ଘାଟନ କରୁଛନ୍ତି।

# ବାଲେଶ୍ୱରରେ ଗଡ଼ିଲା ସୁଭଦ୍ରା ରଥ

- ବ୍ଲକ, ପୌରାଞ୍ଚଳରେ ସଚେତନ କରିବ ୬ଟି ରଥ
- ମହିଳାଙ୍କ ପ୍ରତି ସମ୍ମାନ ଓ କଲ୍ୟାଣ ପାଇଁ ପ୍ରତିବଦ୍ଧତାର ପ୍ରମାଣ : ମନ୍ତ୍ରୀ

ବାଲେଶ୍ୱର, ୭।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଗାନ୍ଧୀ ସ୍ମୃତିଭବନଠାରେ ଶନିବାର 'ସୁଭଦ୍ରା ଉଚ୍ଚ ଶିକ୍ଷା, କ୍ରୀଡ଼ା ଏବଂ ଯୁବ ବ୍ୟାପାର ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଯୋଜନା ରାଜ୍ୟ ସରକାରଙ୍କ ମହିଳାଙ୍କ ପ୍ରତି ଥିବା ସମ୍ମାନ ଓ କଲ୍ୟାଣ ପାଇଁ ପ୍ରତିବଦ୍ଧତାର ପ୍ରମାଣ ବୋଲି ମନ୍ତ୍ରୀ କହିଥିଲେ। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ମାନସ କୁମାର ଦତ୍ତ ଓ ବିଧାୟକ ସନ୍ତୋଷ ଖଟୁଆ ମଞ୍ଚାସୀନ ହୋଇ ମହିଳାଙ୍କ ଆର୍ଥିକ ଉତ୍‌ଥାନ ନିମନ୍ତେ ଏହି ଯୁଗାନ୍ତକାରୀ ପଦକ୍ଷେପକୁ ଘରେ ଘରେ ପହଞ୍ଚାଇବା ପାଇଁ ଜନସାଧାରଣଙ୍କୁ ବାର୍ତ୍ତା ଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ ଓ ପୌରାଧ୍ୟକ୍ଷା ସବିତା ସାହୁ ଯୋଗଦେଇ ସୁଭଦ୍ରା ଯୋଜନା ମହିଳାଙ୍କୁ ରୋଜଗାରକ୍ଷମ କରି ଆତ୍ମନିର୍ଭରଶୀଳ କରିବ ବୋଲି କହିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ମଞ୍ଚ ପରିଚାଳନା କରିଥିଲେ। ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ପରିଷଦ ନିର୍ବାହୀଅଧିକାରୀ ବିଶ୍ୱରଞ୍ଜନ ନାୟକ, ଆସିଷ୍ଟାଣ୍ଟ କଲେକ୍ଟର ନାରାୟଣ ହେମ୍ବ୍ରମ, ଜିଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା, ଡେପୁଟି କଲେକ୍ଟର ପୁରୁଷୋତ୍ତମ ମିଶ୍ର ଓ 'ମମତା'ର ଡିପିସି ବାମଦେବ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୬ତାରିଖ ପର୍ଯ୍ୟନ୍ତ ଜିଲା ଅଧୀନ ୧୨ଟି ବ୍ଲକ ଓ ୫ଟି ପୌରାଞ୍ଚଳର ଅଧିବାସୀଙ୍କୁ ସୁଭଦ୍ରା ଯୋଜନା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିବା ପାଇଁ ୬ଟି ରଥର ଶୁଭାରମ୍ଭ ହୋଇଥିଲା।


ସୁଭଦ୍ରା ସଚେତନତା ରଥକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ଏଫ୍‌ଏମ୍‌ୟୁରେ ଗଣପତିଙ୍କୁ ପୂଜା

ବାଲେଶ୍ୱର, ୭।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ (ଏଫ୍‌ଏମ୍‌ୟୁ)ରେ ଗଣପତିଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାପିତ ପ୍ରଭୁ ଲମ୍ବୋଦରଙ୍କ ଶିଳାମୂର୍ତ୍ତିକୁ ବୈଦିକ ରୀତିନୀତିରେ ପୂଜା ସମ୍ପନ୍ନ କରାଯାଇଥିଲା। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯଜମାନ ଆସନରେ ବସି ଯଥାବିଧି ପୂଜା ସମ୍ପନ୍ନ କରିଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଘଟତ୍ତୋଳନ ପୂର୍ବକ ପୂଜାକାର୍ଯ୍ୟ, ମନ୍ତ୍ରପାଠ ଓ ହୋମଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା।

# ଜେଲ ଗଲେ ନକଲି ସିବିଆଇ ଅଧିକାରୀ

ବାଲେଶ୍ୱର, ୭।୯(ବାଞ୍ଛାନିଧି ଦେ)

ସିବିଆଇ ଓ ପୋଲିସ ପରିଚୟ ଦେଇ ଏକ ଦମ୍ପତି ବାଲେଶ୍ୱର କ୍ଲବର ରୋଷେୟା ପ୍ରକାଶ ମାଇତିଙ୍କଠାରୁ ୧୨ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ସଦର ଥାନା ପୋଲିସ ନକଲି ସିବିଆଇ ଅଧିକାରୀ ଜଗତସିଂହପୁରର ରମେଶ ଚନ୍ଦ୍ର ଦାସଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତ ପଠାଯାଇଛି। ଏନେଇ ମାମଲା (ନଂ. ୩୬୪/୨୪) ରୁଜୁ ହୋଇଛି। ୨୦୨୩ ଜୁନ୍‌ରେ ବାହାନଗା ଟ୍ରେନ୍ ଟ୍ରାଜେଡି ଦିନ ପ୍ରକାଶ ମାଇତି ଓ ତାଙ୍କ ସ୍ତ୍ରୀ ଖଡ଼ଗପୁର-ଯାଜପୁର ଟ୍ରେନ୍‌ରେ ବାଲେଶ୍ୱର ଆସୁଥିଲେ। ଟ୍ରେନ୍ ଭିତରେ ରମେଶ ଓ ତାଙ୍କ ସ୍ତ୍ରୀ ସୁଭଦ୍ରା ମଲ୍ଲିକଙ୍କ ସହ ପରିଚୟ ହୋଇଥିଲା। ରମେଶ ନିଜକୁ ସିବିଆଇ ଅଧିକାରୀ ଓ ତାଙ୍କ ସ୍ତ୍ରୀ ପୋଲିସରେ

### ୧୨ଲକ୍ଷ ଠକେଇ ମାମଲା

ଚାକିରି କରୁଥିବା ଏବଂ ସ୍ତ୍ରୀ ସହ ଯାଜପୁରସ୍ଥିତ ଶ୍ୱଶୁର ଘରେ ରହୁଥିବା କହିଥିଲେ। ଟ୍ରେନ୍ ଅଟକି ରହିବାରୁ ସେମାନେ ଘରକୁ ଯାଇପାରି ନ ଥିଲେ। ପ୍ରକାଶ ସେମାନଙ୍କୁ ନିଜ କ୍ୱାର୍ଟର୍ସରେ ଆଶ୍ରୟ ଦେଇଥିଲେ। ପ୍ରକାଶଙ୍କୁ ସୁଭଦ୍ରା ଧରମ ଭାଇ କରିଥିଲେ। ଏହାପରେ ରମେଶ ଓ ସୁଭଦ୍ରା ବିଭିନ୍ନ ଆଳରେ ପ୍ରକାଶଙ୍କୁ ଫୋନ୍ କରି ଅର୍ଥ ଲୁଟ୍ କରିବା ଆରମ୍ଭ କରିଥିଲେ।

# କରଜ ଶୁଝିବା ପରେ ବନ୍ଧକ ଗହଣା ଫେରିପାଉନାହାନ୍ତି

ବାହାନଗା, ୭।୯(ଅରୂପ୍ କୁମାର ଦାସ)

ଏବେବି ଗ୍ରାମାଞ୍ଚଳରେ ସାହୁକାରମାନେ ନିଜର ଦବ୍‌ଦବା ବଜାୟ ରଖିଛନ୍ତି। ପ୍ରଥମେ ଅଳଙ୍କାର ବନ୍ଧକ ରଖି ସୁଧରେ ଟଙ୍କା ଆଣି ପରେ ସୁଧ ସହ ମୂଳଟଙ୍କା ଫେରାଇଥିଲେ ମଧ୍ୟ ସାହୁକାର ବନ୍ଧକ ରଖିଥିବା ଗହଣା ଫେରାଉ ନାହାନ୍ତି। ଓଲଟା ଧମକଚମକ ଦିଆଯାଉଥିବାରୁ ଜଣେ ମହିଳା ଖବରଦାତା ସମ୍ମିଳନୀ ଡାକି ନିଜର ଅସହାୟତା ପ୍ରକାଶ କରିଛନ୍ତି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ବାହାନଗା ଗ୍ରାମରେ। ଏହି ଗ୍ରାମର ଚନ୍ଦନ କୁମାର ସେନାପତିଙ୍କ ସ୍ତ୍ରୀ ବିଳାସିନୀ ୨୦୨୩ରେ ଗ୍ରାମର ଜ୍ୟୋସ୍ନାରାଣୀ ରାୟଙ୍କୁ ବନ୍ଧକ ହିସାବରେ ଅଳଙ୍କାର ଦେଇ ସୁଧ ବାବଦକୁ ୬୫ହଜାର ଟଙ୍କା ନେଇଥିଲେ। ସେ ମାସକୁ ମାସ ସୁଧ ପ୍ରଦାନ କରୁଥିଲେ। ମାତ୍ର କିଛି ଦିନ ପରେ ବିଳାସିନୀଙ୍କର ପ୍ରସବ ହେବାରୁ ସୁଧ ଟଙ୍କା ଦେଇପାରି ନ ଥିଲେ। ସୁଧ ଦେଇଥିବା ଜ୍ୟୋସ୍ନାରାଣୀଙ୍କ ସ୍ୱାମୀ ବିଳାସିନୀଙ୍କୁ ଧମକଚମକ ଦେଇଥିଲେ। ପରେ ସେ ଏକକାଳୀନ ଗତ ତା ୨୫।୬।୨୦୨୪ ରିଖରେ ସୁଧ ମୂଳ ହିସାବ କରି ୧ଲକ୍ଷ ୪୦ହଜାର ଟଙ୍କା ଦେବା ପରେ ବନ୍ଧକ ରଖିଥିବା ଅଳଙ୍କାରକୁ ସେମାନେ ଫେରାଇ ନ ଥିଲେ। ପାଲଟା ଜ୍ୟୋସ୍ନାରାଣୀ ଓ ତାଙ୍କ ସ୍ୱାମୀ ବିଳାସିନୀଙ୍କୁ ଧମକଚମକ ଦେବାରୁ ସେ ଓ ତାଙ୍କ ପରିବାର ଲୋକେ ଭୟଭୀତ ହୋଇ ଗତ ତା ୨୫।୭।୨୦୨୪ ରିଖରେ ଖନ୍ତାପଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ମଧ୍ୟ ଉଭୟଙ୍କୁ ଡାକି ସମସ୍ୟାର ସମାଧାନ କରିବା ବଦଳରେ ପାଲଟା ସୁଧ ନେଇ ପରିଶୋଧ କରିଦେଇଥିବା ମହିଳାଙ୍କୁ ଗାଳିଗୁଲଜ କରିବା ସହିତ ଆଉ ୧୯ ହଜାର ଟଙ୍କା ସେମାନଙ୍କୁ ଦେବାକୁ କହି ଏକ ଉଭୟପକ୍ଷଙ୍କ ମଧ୍ୟରେ ଚୁକ୍ତିନାମା ପୋଲିସ୍ ସାମ୍ନାରେ ହୋଇଥିଲା। ବିଳାସିନୀ ଗତ ତା ୯।୮।୨୦୨୪ ରିଖରେ

### ଅସହାୟତା ପ୍ରକାଶ କଲେ ମହିଳା

ଅଧିକ ୧୯ ହଜାର ଟଙ୍କା ଦେବାର ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ଅନୁଯାୟୀ, ସେ ୧୦ହଜାର ଟଙ୍କା ଫୋନପେ ମାଧ୍ୟମରେ ଓ ହାତରେ ୯ହଜାର ଟଙ୍କା ପ୍ରଦାନ କରିଥିଲେ। ମାତ୍ର ସୁଧ ଟଙ୍କା ସମସ୍ତ ପ୍ରଦାନ କରିଥିଲେ ମଧ୍ୟ ଜ୍ୟୋସ୍ନାରାଣୀ ଓ ତାଙ୍କ ସ୍ୱାମୀ ଏପର୍ଯ୍ୟନ୍ତ ବନ୍ଧକ ରଖିଥିବା ଅଳଙ୍କାରକୁ ଫେରାଉନାହାନ୍ତି। ପୋଲିସ୍ ପାଖକୁ ଅଭିଯୋଗ କରିବା ପାଇଁ ଗଲେ ମଧ୍ୟ ପୋଲିସ ମଧ୍ୟ ଦୁର୍ବ୍ୟବହାର କରୁଥିବା ବିଳାସିନୀ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଖନ୍ତାପଡା ଥାନା ଆଇଆଇସି ବିରଞ୍ଚି ସାହୁ କହିଛନ୍ତି, ପୋଲିସ ଦୁର୍ବ୍ୟବହାର କରିଥିବା କଥା ମିଥ୍ୟା। ବେଆଇନ ସୁଧ କାରବାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସୁଭଦ୍ରା ଯୋଜନା ଫର୍ମ ପୂରଣ ପାଇଁ ଦେୟ ଆଦାୟ

### ମୋ ସେବା, ଜନ ସେବା କେନ୍ଦ୍ରର କମ୍ପ୍ୟୁଟର ସେଟ୍ ଜବତ

ରାଇରଙ୍ଗପୁର,୭।୯(ଜିତେନ୍ଦ୍ର କୁମାର ଅଗ୍ରୱାଲ/ମାନସ ମହାନ୍ତି)

ରାଇରଙ୍ଗପୁର ସହରସ୍ଥିତ ୱାର୍ଡ ନମ୍ବର ୧୩ର ସିଗ୍‌ନାଲ ସାହିରେ ସୁଭଦ୍ରା ଯୋଜନା ଫର୍ମ ପୂରଣ ପାଇଁ ୫୦ ଟଙ୍କା ଲେଖାଏ ଆଦାୟ ହେଉଥିବା ଅଭିଯୋଗ ହୋଇଛି। ରାଇରଙ୍ଗପୁର ଟାଉନ ଥାନା ଆଇଆଇସି ସୁଚନ୍ଦ୍ର ମହାଲିକଙ୍କ ତତ୍ତ୍ୱାବଧାନରେ ଟାଉନ ଥାନା ସବ୍‌ଇନ୍ସପେକ୍ଟର ଆଲୋକ କୁମାର ସିଂ ପହଞ୍ଚି ସମ୍ପୃକ୍ତ ମୋ ସେବା, ଜନସେବା କେନ୍ଦ୍ରର ଗୋଟିଏ ଲ୍ୟାପ୍‌ଟପ୍ ସହ ଗୋଟିଏ ମନିଟର ଓ ସିପିୟୁ ଜବତ କରିଥିଲେ। ଅଭିଯୋଗର ସତ୍ୟାସତ୍ୟ ଜାଣିବା ଲାଗି ରାଇରଙ୍ଗପୁର ସିଡିପିଓଙ୍କ ତତ୍ତ୍ୱାବଧାନରେ ସିଗନାଲ ସାହି ଓ ନୂଆଗାଁର ମହିଳା ପରିଦର୍ଶିକା ପହଞ୍ଚି ହିତାଧିକାରୀ ଓ ଅଙ୍ଗନୱାଡି କର୍ମୀଙ୍କ ଉପସ୍ଥିତିରେ ତଦନ୍ତ କରିଥିଲେ। ଅଙ୍ଗନୱାଡି କର୍ମୀଙ୍କ ଏଥିରେ ସମ୍ପୃକ୍ତି ନାହିଁ, ମାତ୍ର ନିକଟସ୍ଥ ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ରରେ କାର୍ଯ୍ୟରତ କମ୍ପ୍ୟୁଟର ଅପରେଟରମାନେ ସୁଭଦ୍ରା ଫର୍ମ ପୂରଣ ପାଇଁ ଅଳ୍ପ କିଛି ହିତାଧିକାରୀଙ୍କଠାରୁ ଉକ୍ତ ଅର୍ଥ ରାଶି ଆଦାୟ କରିଥିଲେ। ଘଟଣା ଜଣାପଡ଼ିବା ପରେ ଅର୍ଥ ରାଶିକୁ ଫେରସ୍ତ କରାଯାଇଥିଲା।

# ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ

ମୋରଡ଼ା, ୭।୯ (ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ାସ୍ଥିତ ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ବିଡିଓ ଅଣାକର ନାଏକ, ବ୍ଲକ ଉପାଧ୍ୟକ୍ଷା ଜେମାମଣି ମହାନ୍ତ, ସିଡିପିଓ ବିଟୁ ଟୁଡୁ ଓ ଏଇଇ ମୋତିଲାଲ ତୁଙ୍ଗ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ବ୍ଲକର ୨୦ ପଞ୍ଚାୟତକୁ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇବ। ପ୍ରଥମ ଦିନରେ ହଳଦୀପାଳ ଓ ଘୋଳମୁହାଁ ପଞ୍ଚାୟତ ପରିକ୍ରମା କରିଛି। ପିଇଓ ପ୍ରସନ୍ନ ମହାନ୍ତ, ବିଆର୍‌ସି ମଧୁସୂଦନ ଜେନା, ଚିତ୍ରଡ଼ା ମଣ୍ଡଳ ଭାଜପା ସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତ, ସାଧାରଣ ସମ୍ପାଦକ ହୃଷୀକେଶ ମହାନ୍ତ, ଚିତ୍ରଡ଼ା ମଣ୍ଡଳ ଭାଜପା ଯୁବ ସଭାପତି ଛତିଶ ଚନ୍ଦ୍ର ମହାନ୍ତ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।

### ପଲସର ଧକ୍କାରେ ନାବାଳକ ମୃତ

# ପ୍ରତିବାଦରେ ରାସ୍ତା ଅବରୋଧ

କେନ୍ଦୁଝର,୭।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ ପଦ୍ମପୁର ମନ୍ଦିର ଛକ ବୁଲାଣି ନିକଟରେ ଶନିବାର ସନ୍ଧ୍ୟା ୬ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ପଲସର ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଗୋବର୍ଦ୍ଧନ ପଞ୍ଚାୟତ ଟେରଣ୍ଟି ଗ୍ରାମର ଭୁବନାନନ୍ଦ ମୋଦିଙ୍କ ପୁଅ ଅଭୟ ମୋଦି (୧୨)। ପୋଲସର ଚାଳକ ଓ ଅନ୍ୟଜଣେ ଗୁରୁତର ହୋଇଥିବାବେଳେ ତାଙ୍କର ପରିଚୟ ମିଳିପାରିନାହିଁ। ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ସୂଚନା ଅନୁଯାୟୀ, ଅଭୟ ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସପ୍ତମଶ୍ରେଣୀ ପଢୁଥିଲେ। ଭୁବନାନନ୍ଦ କେନ୍ଦୁଝର ରିଜର୍ଭ ପୋଲିସରେ କାର୍ଯ୍ୟ କରୁଥିବାବେଳେ ପରିବାର ସହିତ ପଦ୍ମପୁର ମନୁଆ ଦେହୁରୀଙ୍କ ଘରେ ଭଡାରେ ରହୁଥିଲେ। ଶନିବାର ଅଭୟ ଘରୁ ସାଇକେଲରେ ବଜାରକୁ ଯାଉଥିଲେ। ବନାଯୋଡି ପଟୁ ଦ୍ରୁତଗତିରେ ପଦ୍ମପୁର ଅଭିମୁଖି ଗାଡ଼ି (ନଂ. ଓଡି. ୯ ଇ ୩୧୦୦) ପଲସରରେ ୨ ଜଣ ଯାଉଥିବେଳେ ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ୫୦ ଫୁଟ୍ ପାଖାପାଖି ସାଇକେଲ ସହିତ ଘୋସାରି ନେଇଥିଲା। ମୁଣ୍ଡରେ ଗଭିର ଆଘାତ ଲାଗିବା ସହିତ ପ୍ରବଳ ରକ୍ତସ୍ରାବ ହେବା ଯୋଗୁ ଘଟଣାସ୍ଥଳରେ ଅଭୟଙ୍କ ମୃତ୍ୟୁ ଘଟିଛି। ବାରମ୍ବାର ଦୁର୍ଘଟଣା ଘଟୁଥିବା ନେଇ ମୃତକଙ୍କ ପରିବାର ସମେତ ପଦ୍ମପୁର ଅଞ୍ଚଳବାସୀ କ୍ଷତି ପୂରଣ ଦାବିରେ ରାସ୍ତାରୋକ କରିଥିଲେ। ତେଣୁ ବହୁ ସଂଖ୍ୟକ ଟ୍ରକ୍ ଏବଂ ଛୋଟବଡ଼ ଗାଡ଼ି ଅଟକି ରହିବାରୁ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ପଦ୍ମପୁରଠାରେ ଓଭର ବ୍ରିଜ ନିର୍ମାଣ ସହିତ ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଥିବାରୁ ତୁରନ୍ତ ମରାମତି କରାଯିବାକୁ ଦାବି କରିଥିଲେ। ସଦର ପୋଲିସ ଓ ଏନ୍‌ଏଚ୍‌ଆଇ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।


ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

# ସୁଭଦ୍ରା ସଚେତନତା ରଥ ଶୁଭାରମ୍ଭ

କେନ୍ଦୁଝର,୭।୯(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର): ମହିଳାଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ବହୁ ଆକାଂକ୍ଷିତ ଯୋଜନା ସୁଭଦ୍ରାର ଫର୍ମ ବଣ୍ଟନ ଓ ଆବେଦନ ପ୍ରକ୍ରିୟା ଇତିମଧ୍ୟରେ ଆରମ୍ଭ ହୋଇସାରିଛି। ଏହି ଯୋଜନା ସମ୍ପର୍କିତ ଭ୍ରମକୁ ଦୂରକରି ହିତାଧିକାରୀଙ୍କୁ ଠିକ୍ ତଥ୍ୟ ପ୍ରଦାନ ପୂର୍ବକ ସଚେତନ କରିବା ଲକ୍ଷ୍ୟ ନେଇ ସମଗ୍ର ରାଜ୍ୟରେ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର କେନ୍ଦୁଝର ଜିଲାର ସମସ୍ତ ୧୩ ବ୍ଲକ୍ ଓ ପୌରାଞ୍ଚଳର ଅଧିବାସୀଙ୍କୁ ସୁଭଦ୍ରା ଯୋଜନା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିବା ପାଇଁ ୭ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲାପାଳ ବିଶାଳ ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି, ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଧା ଗୋସ୍ୱାମୀ ଓ ଅନ୍ୟ ଜିଲା ଅଧିକାରୀ ଉପସ୍ଥିତ ଥିଲେ। ସଚେତନତା ରଥ ସେପ୍ଟେମ୍ବର ୧୬ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ବ୍ଲକ୍ ଓ ପୌରାଞ୍ଚଳ ଗସ୍ତକରି ଲୋକଙ୍କୁ ସଚେତନ କରିବ।

# ଟାଟାନଗର-ବ୍ରହ୍ମପୁର ଚାଲିବ ବନ୍ଦେ ଭାରତ ଏକ୍ସପ୍ରେସ୍

କେନ୍ଦୁଝର,୭।୯(ଦୀପକ ମିଶ୍ର): ଟାଟାନଗର-ବ୍ରହ୍ମପୁର ମଧ୍ୟରେ ସେପ୍ଟେମ୍ବର ୧୫ରୁ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବ। ଲୋକାର୍ପଣ ପୂର୍ବରୁ ଏହି ମାର୍ଗରେ ସେପ୍ଟେମ୍ବର ୮ ରବିବାର ଟ୍ରାଏଲ ରନ୍ କରାଯିବ। ଦକ୍ଷିଣ ପୂର୍ବ ରେଳପଥର ପ୍ରିନ୍ସିପାଲ ଚିଫ୍ ମେକାନିକାଲ ଇଞ୍ଜିନିୟର କାର୍ଯ୍ୟାଳୟ ପକ୍ଷରୁ ସିପିଟିଏମ୍ ଦକ୍ଷିଣ ପୂର୍ବ ରେଳପଥକୁ ଚିଠି କରି ଅବଗତ କରାଯାଇଛି। ଟାଟାନଗର-ବ୍ରହ୍ମପୁର ମଧ୍ୟରେ ଚଳାଚଳ କରିବାକୁ ଥିବା ଟ୍ରେନ୍ ୭ ରୁ ୮ ଘଣ୍ଟା ମଧ୍ୟରେ ୫୮୬ କି.ମି. ଅତିକ୍ରମ କରିବ। ସକାଳ ୫ ଟା ୨୦ମିନିଟ୍‌ରେ ଟାଟାନଗର ଛାଡ଼ି ସକାଳ ୬ ଟା ୧୦ରେ ଚାଇଁବାସା, ୭ ଟାରେ ଡାଙ୍ଗୁଆପଶି, ୭ଟା ୪୩ରେ ବାଂଶପାଣି, ୮ ଟା ୩୦ରେ ନୟାଗଡ଼ ଷ୍ଟେଶନ, ସକାଳ ୮ ଟା ୫୪ରେ କେନ୍ଦୁଝର ଷ୍ଟେଶନରେ ପହଞ୍ଚି ୮ ଟା ୫୬ରେ ଛାଡ଼ିବ। କେନ୍ଦୁଝର ଜିଲାର ହରିଚନ୍ଦନପୁର ଷ୍ଟେଶନରେ ସକାଳ ୯ ଟା ୩୪ରେ ପହଞ୍ଚିବ ଓ ୯ ଟା ୩୬ରେ ଛାଡ଼ି ୧୦ଟା ୩୫ରେ ଯଖପୁରା, ୧୧ଟା ୨୩ରେ କଟକ, ୧୧ଟା ୫୭ରେ ଭୁବନେଶ୍ୱରରେ ପହଞ୍ଚିବ। ସେଠାରୁ ୧୨ଟା ୦୨ରେ ଛାଡ଼ି ଖୋର୍ଦ୍ଧାରୋଡ୍‌ରେ ୧୨ଟା ୧୭ ରେ ପହଞ୍ଚିବ। ସେଠାରୁ ୧୨ଟା ୨୨ ମିନିଟ୍‌ରେ ଛାଡ଼ି ୧ଟା ୩୭ରେ ବାଲୁଗାଁ ଷ୍ଟେଶନରେ ପହଞ୍ଚିବ। ସେଠାରୁ ୧ଟା ୩୯ ମିନିଟ୍‌ରେ ଛାଡ଼ି ଅପରାହ୍ନ ୨ଟା ୩୦ରେ ବ୍ରହ୍ମପୁରରେ ପହଞ୍ଚିବ ବୋଲି ଜଣାପଡ଼ିଛି। ଟ୍ରାଏଲ ରନ୍ ପରେ ରେଳପଥ ବୋର୍ଡ ପକ୍ଷରୁ ଟ୍ରେନ୍‌ର ସମୟ ସାରଣୀ ଜାରି କରାଯିବ ବୋଲି ସୂଚନା ମିଳିଛି।

# ବାଲେଶ୍ୱର ଟାଏକୋଣ୍ଡୋ ଆସୋସିଏଶନ ଖେଳାଳିଙ୍କ ସଫଳତା

ସୋର, ୭।୯(ଜନ୍ମେଜୟ ମିଶ୍ର)

ଓଡ଼ିଶା ଷ୍ଟେଟ ଟାଏକୋଣ୍ଡୋ ଚାମ୍ପିୟନଶିପ କଟକ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି। ଏଥିରେ ବାଲେଶ୍ୱର ଜିଲା ଟାଏକୋଣ୍ଡୋ ଆସୋସିଏଶନର ଖେଳାଳୀମାନେ ସଫଳତା ପାଇଛନ୍ତି। ଏହି ପ୍ରତିଯୋଗିତାରେ ୧୭ଟି ଜିଲାର ପ୍ରତିଯୋଗୀମାନେ ଭାଗ ନେଇଥିବା ବେଳେ ବାଲେଶ୍ୱର ଜିଲାରୁ ମୋଟ ୧୯ ଜଣ ଖେଳାଳି ଦୁଇଟି ବିଭାଗରେ ଭାଗ ନେଇ ୨୫ଟି ମେଡାଲ ପାଇଛନ୍ତି। ବାଲେଶ୍ୱର ଟାଏକୋଣ୍ଡୋ ଏକାଡେମୀରୁ ଜଣେ ଖେଳାଳି ଉର୍ଷିତା ମହାନ୍ତି କ୍ୟୁରୋଗିର ୩୭ କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ଏବଂ ପୁମସେରେ ରୌପ୍ୟ ପଦକ ପାଇଛନ୍ତି। ସୋର ଟାଏକୋଣ୍ଡୋ ଏକାଡେମୀରୁ ୧୩ଜଣ ଖେଳାଳି ଉଭୟ ବିଭାଗରେ ୧୭ଟି ପଦକ ପାଇଛନ୍ତି। ପୂମସେ ବିଭାଗରେ ଭଶେଚନ୍ଦ୍ର ଦୀକ୍ଷିତ, ବିଦିଶା ପାତ୍ରୀ ସ୍ୱର୍ଣ୍ଣପଦକ ପାଇଛନ୍ତି। ସେହିପରି ଅତାଉଲ୍ଲା ଖାନ, ଭବେଶ ଚନ୍ଦ୍ର ଦୀକ୍ଷିତ, ଶ୍ରାବଣ ମହାରଣା, ସୂର୍ଯ୍ୟକାନ୍ତ ଭୋଇ, ନିଗମଜ୍ୟୋତି ଦାସ, ଆରାଧ୍ୟା ଖୁଣ୍ଟିଆ ରୌପ୍ୟ ପଦକ ପାଇଛନ୍ତି। ଦେବାଶିଷ ରାଉତ, ଆୟାନ ଖାନ, ସୋହମ ସାହୁ, ଧନଞ୍ଜୟ ପଣ୍ଡା ବ୍ରୋଞ୍ଜ ପଦକ ପାଇଛନ୍ତି। କ୍ୟୁରୋଗୀ ବିଭାଗ ୨୪ କେଜି ବର୍ଗରେ ଆରାଧ୍ୟା ଖୁଣ୍ଟିଆ, ବିଶ୍ୱଜିତ ବାରିକ, ସୂର୍ଯ୍ୟକାନ୍ତ ଭୋଇ, ନିଗମଜ୍ୟୋତି ଦାସ ବ୍ରୋଞ୍ଜ ପଦକ ଏବଂ ଶ୍ରାବଣ ମହାରଣା ରୌପ୍ୟ ପଦକ ପାଇଛନ୍ତି। ସାଉଡ ଟାଏକୋଣ୍ଡୋ ଏକାଡେମୀରୁ ୫ଜଣ ଖେଳାଳି ଭାଗ ନେଇ ପୂମସେ ବିଭାଗରୁ ସ୍ୱପ୍ନଜିତ ଶିଅଳ ସ୍ୱର୍ଣ୍ଣପଦକ, ବିଏସ ଚିରଞ୍ଜୀବ ସାହୁ, ବୈଭବ କୁମାର ଶିଅଳ ବ୍ରୋଞ୍ଜ ପଦକ, ସୁମନ ମଲିକ ରୌପ୍ୟପଦକ ପାଇଛନ୍ତି। କ୍ୟୁରୋଗୀ ବିଭାଗରେ ବିଏସ ଚିରଞ୍ଜୀବ ସାହୁ ସ୍ୱର୍ଣ୍ଣପଦକ ପାଇଛନ୍ତି। ଏହି ସଫଳତା ପରେ ସବ୍‌ଜୁନିଅର ଓ ଜୁନିଅର ଖେଳାଳି ବିଏସ ଚିରଞ୍ଜୀବ ସାହୁ ଏବଂ ଭବେଶ ଚନ୍ଦ୍ର ଦୀକ୍ଷିତ ଆଗ୍ରାଠାରେ ଅନୁଷ୍ଠିତ ହେବାକୁ ଥିବା ନ୍ୟାଶନାଲ ଟାଏକୋଣ୍ଡୋ ଚମ୍ପିୟନଶିପରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ରାଜ୍ୟ କୋଚ ଭାବେ ଅତାଉଲ୍ଲା ଖାନ ମନୋନୀତ ହୋଇଛନ୍ତି। ବାଲେଶ୍ୱର ଜିଲା ତଥା ସୋର ଏବଂ ସାଉଡ ଟାଏକୋଣ୍ଡୋ ଏକାଡେମୀର ଖେଳାଳିମାନଙ୍କ ଏହି ସଫଳତା ପାଇଁ ସୋର ବିଧାୟକ ମାଧବ ଧଡ଼ା ଏବଂ ବାଲେଶ୍ୱର ଜିଲା ସଭାପତି ଅବଦୁଲ ଓଦୁତ ଖାନ ସମସ୍ତ ଖେଳାଳୀ ଓ ଜିଲା କୋଚ ଅତାଉଲ୍ଲା ଖାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# କାର୍ଗିଲ ଯୁଦ୍ଧରେ ନିଜ ଭୂମିକାକୁ ପ୍ରଥମ ଥର ସ୍ୱୀକାର କଲା ପାକିସ୍ତାନ

**ଇସଲାମାବାଦ, ୭।୯**

ପାକିସ୍ତାନୀ ସେନା ସାର୍ବଜନୀନ ଭାବେ ପ୍ରଥମ ଥର ପାଇଁ ୧୯୯୯ ମସିହାରେ ହୋଇଥିବା କାର୍ଗିଲ ଯୁଦ୍ଧରେ ନିଜର ଭୂମିକାକୁ ସ୍ୱୀକାର କରିଛି। ଶନିବାର ପାକିସ୍ତାନର ପ୍ରତିରକ୍ଷା ଦିବସ ଅବସରରେ ରାୱଲପିଣ୍ଡିଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପାକିସ୍ତାନୀ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିର କହିଛନ୍ତି, ୧୯୬୫, ୧୯୭୧ ଏବଂ ୧୯୯୯ରେ କାରଗିଲ ଯୁଦ୍ଧରେ ଲଢ଼ି ଦେଶର ବହୁ ସୈନିକ ପ୍ରାଣ ହରାଇଛନ୍ତି। ଏହି ସବୁ ଯୁଦ୍ଧରେ ଅନେକ ହଜାର ସଂଖ୍ୟାରେ ପାକିସ୍ତାନୀ ସୈନ୍ୟ ଦେଶ ଓ ଇସଲାମ ପାଇଁ ବଳିଦାନ ଦେଇଥିଲେ। ତେବେ ପାକିସ୍ତାନୀ ସେନା ପୂର୍ବରୁ କେବେ ମଧ୍ୟ କାରଗିଲ ଯୁଦ୍ଧରେ ନିଜର ପ୍ରତ୍ୟକ୍ଷ ଭୂମିକାକୁ ସର୍ବସାଧାରଣ ସ୍ତରରେ ଗ୍ରହଣ କରି ନ ଥିଲା। ଆନୁଷ୍ଠାନିକ ଭାବରେ ପାକିସ୍ତାନ ସବୁବେଳେ କହି ଆସୁଥିଲା ଏହା 'ମୁଜାହିଦିନ' ସଙ୍ଗଠନର କାର୍ଯ୍ୟ। ସୂଚନାଯୋଗ୍ୟ, ୧୯୯୯ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଦୀର୍ଘ ୩ ମାସ ଧରି ଚାଲିଥିବା କାରଗିଲ ଯୁଦ୍ଧରେ ଭାରତର ବିଜୟ ହୋଇଥିଲା। ଭାରତର ସୀମା ମଧ୍ୟରେ ବିଭିନ୍ନ ସ୍ଥାନରେ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କ ଦ୍ୱାରା ଅଧିକୃତ ହୋଇଥିବାବେଳେ ଏହି ଯୁଦ୍ଧ ପରେ ଭାରତ ପୁଣି ଥରେ ଉକ୍ତ ସ୍ଥାନଗୁଡ଼ିକ ପୁନଃ ପ୍ରାପ୍ତ କରିବାରେ ସଫଳ ହୋଇଥିଲା। ଏହି ଯୁଦ୍ଧରେ ୫୪୫ ଜଣ ଭାରତୀୟ ସୈନିକ ପ୍ରାଣ ହରାଇଥିଲେ।

# ଆଇନ ଛାତ୍ରୀଙ୍କୁ ବଳାତ୍କାର କରି କନ୍ଷ୍ଟେବଲ ଗିରଫ

**ରାୟପୁର, ୭।୯**

ଛତିଶଗଡ଼ ରାଜଧାନୀ ରାୟପୁରର ମାନା ଅଞ୍ଚଳରେ ଆଇନ ଶିକ୍ଷା ପଢୁଥିବା ଜଣେ ଛାତ୍ରୀଙ୍କୁ ବଳାତ୍କାର କରି ଚନ୍ଦ୍ରମଣି ଶର୍ମା(୨୯) ନାମକ ଜଣେ ପୋଲିସ କନ୍ଷ୍ଟେବଲ ଶୁକ୍ରବାର ଗିରଫ ହୋଇଛନ୍ତି। ଗତ କିଛି ଦିନ ଧରି ପୀଡ଼ିତା ଜଣଙ୍କ ଚନ୍ଦ୍ରମଣିଙ୍କ ସମ୍ପର୍କରେ ରହିଥିଲେ। ନୂତନ ଆପରାଧିକ ଆଇନ ଭାରତୀୟ ନ୍ୟାୟ ସଂହିତା(ବିଏନ୍ଏସ୍) କିଛି ପ୍ରାବଧାନ ବୁଝିବାକୁ ସେ ଚନ୍ଦ୍ରମଣିଙ୍କଠାରୁ ସାହାଯ୍ୟ ନେଉଥିଲେ। ଏହାର ଫାଇଦା ନେଇ ଚନ୍ଦ୍ରମଣି ଶୁକ୍ରବାର ନିଜ କାରରେ ପୀଡ଼ିତାଙ୍କୁ ବୁଲାଇ ନେଇଥିଲେ। ସୁଯୋଗ ନେଇ ସେ ପୀଡ଼ିତାଙ୍କୁ ନିଶା ଦ୍ରବ୍ୟ ଖାଇବାକୁ ଦେଇ ତାଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ବିଏନ୍ଏସ୍‌ର ଧାରା ୬୨ ଏବଂ ୩୫୧(୨) ଅନୁଯାୟୀ ମାମଲା ରୁଜୁ କରି ଅଭିଯୁକ୍ତ କନ୍ଷ୍ଟେବଲ ଚନ୍ଦ୍ରମଣିଙ୍କୁ ଗିରଫ କରିଛି।

# ଲକ୍ଷ୍ନୌରେ ବିଲ୍ଡିଂ ଭୁଶୁଡ଼ି ୫ ମୃତ

ଲକ୍ଷ୍ନୌ,୭।୯ (ପି.ଟି.) : ଉତ୍ତରପ୍ରଦେଶର ଲକ୍ଷ୍ନୌ ଅନ୍ତର୍ଗତ ଟ୍ରାନ୍ସପୋର୍ଟ ନଗର ଅଞ୍ଚଳରେ ଶନିବାର ଏକ ୩ ମହଲା ବିଲ୍ଡିଂ ଭୁଶୁଡ଼ି ୫ ଜଣଙ୍କ ମୃତ୍ୟୁ ଘଟିବା ସହ ୨୪ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ରାଜଧାନୀର ଲୋକବନ୍ଧୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭଗ୍ନାବଶେଷ ତଳେ ଅନେକ ଲୋକ ଫସିରହିଥିବା ଆଶଙ୍କା କରାଯାଉଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଉକ୍ତ ବିଲ୍ଡିଂକୁ ଏକ ଗୋଦାମ ଭାବେ ବ୍ୟବହାର କରାଯାଉଥିଲା। ଏହାର ତଳ ମହଲାରେ ଏକ ମୋଟର ୱାର୍କସପ୍ ଏବଂ ୱେରହାଉସ୍ ଥିବାବେଳେ ପ୍ରଥମ ମହଲାରେ ମେଡିକାଲ ଗୋଦାମ ଏବଂ ଦ୍ୱିତୀୟ ମହଲାରେ କଟଲେରି ୱେରହାଉସ୍ ଥିଲା। ୪ ବର୍ଷ ପୂର୍ବେ ନିର୍ମିତ ଉକ୍ତ ବିଲ୍ଡିଂରେ କେତେକ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଏହା ସନ୍ଧ୍ୟା ୫ଟାରେ ଭୁଶୁଡ଼ିଥିଲା ବୋଲି ପୋଲିସ କହିଛି।

GOVERNMENT OF ODISHA No.C-560
OFFICE OF THE SUPERINTENDING ENGINEER
P.H. DIVISION, BHANJANAGAR AT CHATRAPUR
Phone-06811 263909, Fax-06811 263950, Email:eephchpr@gmail.com
NATIONAL COMPETITIVE BIDDING THROUGH e-Procurement
2nd Corrigendum dated 04.09.2024
To Bid Identification No.36/03/SPH(C)/2024-25, dt.31.08.2024
Tender Id. 2024_PHEO_104579_1
Name of work: Procurement of 100mm to 300mm size pipes in connection with the work-Improvement of water supply to Digapahandi NAC and Baliguda NAC under AMRUT 2.0 (SWAP-III).

| Sl.No. | As uploaded in the tender | Revised as per Corrigendum |
|---|---|---|
| 1 | The column for inserting the Bidding rates was locked in the BOQ uploaded in the Corrigendum-1. | The BOQ is hereby reuploaded with necessary correction |

All other terms and conditions in the DTCN remains unaltered.
Sd/- Superintending Engineer
OIPR-13013/11/0006/2425 P.H.Division, Bhanjanagar at Chatrapur

GOVERNMENT OF ODISHA Email: ofmrdc.dag@nic.in
DEPARTMENT OF AGRICULTURE & FARMERS' EMPOWERMENT
DIRECTORATE OF AGRICULTURE & FOOD PRODUCTION, ODISHA KRUSHI BHAWAN, BHUBANESWAR
"e" Procurement Notice
Bid Identification No.-OFMRDC/ Agril/ -01/2024-25
No.L-58:Tenders through e-procurement are invited from reputed Manufacturers /MSME units in two bid systems i.e. Technical bid and Financial bid for procurement & supply of Rubber Roll Sheller-cum-Polisher to selected procurement centres of different districts as per the following table.

| Sl. No. | Name of the Post-Harvest Machine to be Procured and Supplied | Approx. No | Approx. Total Cost (In Rs.) | EMD (In Rs.) @2% | Paper Cost, Incl. GST (In Rs.) | Period of Completion | Class/ Eligibility |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Rubber Roll Sheller-cum- Polisher suitable for Cleaning and Pearling of Ragi (3 HP single phase electricity operated) | 247 | 247,00,000 | 5,00,000 | Rs.10,000/- | 45 Days | Manufacturer |

2. Date & time of bidding online : **From 10.09.2024 at 11.00 AM. to 30.09.2024 up to 5 P.M.** 3. Pre bid Meeting : **20.09.2024 at 11.00 A.M. in Krushi Bhawan**. 4. Last Date of Submission of Original document : **08.10.2024 at 5.00 P.M.** 5. Date of the opening of the Technical Bid : **09.10.2024 at 11.00 A.M.** onwards. 6. Date of the opening of the Financial Bid :To be intimated to the eligible bidders.
Bid documents consisting of Detailed Tender Call Notice , the schedule of quantities and terms & conditions of contract and other necessary documents can be downloaded from **www.tendersorissa.gov.in** from **10.09.2024 at 11.00 AM. to 30.09.2024 up to 5 P.M**. It can also be available at https://agrisnetodisha.gov.in and https://ofmrdc.odisha.gov.in for reference. Bidders shall have also to submit all papers as per Terms and Conditions through Registered Post/ Speed Post/ Courier Service to the **O/o the Development Engineer, OFMRDC, Satyanagar, Bhubaneswar-751007,Odisha** only failing which the bids shall be summarily rejected.
OIPR-01051/11/0004/2425 **Sd./-Director of Agriculture, Odisha, Bhubaneswar**

Government of Odisha
Information & Public Relations Department
Loka Sampark Bhawan, Bhubaneswar
Corrigendum Notice
File No. PTI-IPR-IMU-0003-2024 11348/I&PR, BBSR, dated : 06/09/2024
No.Z- : A few modifications are incorporated in the RFP No-10163 Dt-16.08.2024 published by I&PR Department on Dt.- 17.08.2024 in The Samaj, The Sambad, The Dharitri, The Times of India, The Hindustan Times and The Hindu.
a) The last date for receipt of scaled proposals is dt.17.09.2024 by 05.00 P.M. instead of the previously notified date i.e. 06.09.2024.
b) The revised schedule for opening of the proposal is dt. 19.09.2024 at 11.30 A.M.
The intending bidders may visit https://inpr.odisha.gov.in for the details.
OIPR-15001/11/0143/2425 Sd./- Director, I&PR

# ବିକାଶକୁ ଦୃଢ଼କରେ ସାକ୍ଷରତା




ଜ୍ଞାନର ଦୀପ ଯେଉଁଠି ଜଳିଥାଏ, ସେଠି କେବେ ଅନ୍ଧକାର ହୋଇ ନ ଥାଏ। ଶବ୍ଦର ଜ୍ଞାନ କିମ୍ବା ଲେଖାପଢ଼ା ଜ୍ଞାନ ଏମିତି ଏକ ଶକ୍ତି, ଯାହା ଏକ ଦୃଢ଼ ତଥା ଉନ୍ନତ ସମାଜ ଗଠନରେ ସହାୟକ ହୋଇଥାଏ। ସାକ୍ଷରତାର ଶକ୍ତି ଘର, ପରିବାର, ସମାଜ ସହ ଦେଶର ବିକାଶକୁ ମଧ୍ୟ ସୁଦୃଢ଼ କରିଥାଏ।

ଅକ୍ଷର ଜ୍ଞାନ ଲାଭକଲେ ମଣିଷ ପ୍ରତ୍ୟେକ କ୍ଷେତ୍ରରେ ସକ୍ଷମ ହୋଇପାରିବ। ନିଜର ଦାୟିତ୍ୱ, ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହୋଇପାରିବା ସହ ନିଜର ବୃତ୍ତି ଓ ପ୍ରବୃତ୍ତିରେ ମଧ୍ୟ ଦକ୍ଷ ହୋଇପାରିବ। ନିରକ୍ଷରତା ଏକ ଆଞ୍ଚଳିକ, ପ୍ରାଦେଶିକ କି ଜାତୀୟ ସମସ୍ୟା ନୁହେଁ, ଏହା ବିଶ୍ୱ ସମସ୍ୟା। ଶିକ୍ଷା ଦ୍ୱାରା ସାମୂହିକ ବିକାଶ ସମ୍ଭବ ହୋଇପାରିଥାଏ। ଶିକ୍ଷା ଦ୍ୱାରା ଜଣେ ସାକ୍ଷର ହୋଇଥାଏ। ସାକ୍ଷରତା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ କରାଯାଇଥାଏ।

ଏଥିପାଇଁ ପ୍ରତିବର୍ଷ ୮ ସେପ୍ଟେମ୍ବରରେ ବିଶ୍ୱ ସାକ୍ଷରତା ଦିବସ ପାଳନ କରାଯାଉଛି। ଏହି ଦିବସ ପାଳନର ଉଦ୍ଦେଶ୍ୟ ସାରା ଦୁନିଆରେ ନୂଆ ସାକ୍ଷରଙ୍କୁ ଉତ୍ସାହିତ କରିବା। ବିଶ୍ୱ ସାକ୍ଷରତା ଆମ ପାଇଁ ସାଧାରଣ ଦିବସ। କାରଣ ଜୀବନରେ ଶିକ୍ଷାର ମହତ୍ତ୍ୱ ଅଧିକ। ଏହି ଦିନ ସଂଯୁକ୍ତ ରାଷ୍ଟ୍ର ଶୈକ୍ଷିକ, ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ(ୟୁନେସ୍କୋ) ଦ୍ୱାରା ବିଶ୍ୱସ୍ତରରେ କ୍ଷେତ୍ରୀୟ, ରାଷ୍ଟ୍ରୀୟ ଏବଂ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ପାଳନ କରାଯାଇଥାଏ।

୧୯୬୬ରେ ୟୁନେସ୍କୋ ଶିକ୍ଷା ପ୍ରତି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନେଇ ସାରା ବିଶ୍ୱରେ ସାକ୍ଷରତା ଦିବସ ପାଳନ ନିମନ୍ତେ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତି ୭ ନଭେମ୍ବର ୧୯୬୫ରେ ନିଆଯାଇଥିଲା। ୨୦୦୯-୧୦କୁ ସଂଯୁକ୍ତ ରାଷ୍ଟ୍ର ସାକ୍ଷରତା ଦଶକ ଭାବେ ଘୋଷଣା କରାଯାଇଥିଲା। ସେବେଠାରୁ ଆଜିପର୍ଯ୍ୟନ୍ତ ସାରା ବିଶ୍ୱରେ ସେପ୍ଟେମ୍ବର ୮ରେ ବିଶ୍ୱ ସାକ୍ଷରତା ଦିବସ ପାଳନ କରାଯାଇଆସୁଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅରକ୍ଷ ରକ୍ଷକ ପତିତ ପାବନ**
**ଅନ୍ଧର ରକ୍ଷକ ବାଡ଼ି**
**ଶୀତକୁ ରକ୍ଷକ ବହଳ କମ୍ବଳ**
**ଘରକୁ ରକ୍ଷକ ବୁଢ଼ୀ ।**

ଅସହାୟ ବ୍ୟକ୍ତିର ହରି ରକ୍ଷକ ହୋଇଥାନ୍ତି। ଅନ୍ଧ ବ୍ୟକ୍ତିଙ୍କର ଚଳପ୍ରଚଳରେ ବାଡ଼ି ସୁରକ୍ଷା ଯୋଗାଇଦେଇଥାଏ। ଶୀତ ଦାଉରୁ ରକ୍ଷା ପାଇବା ପାଇଁ କମ୍ବଳର ଆବଶ୍ୟକତା ପଡିଥାଏ। ସେହିପରି ସାଂସାରିକ ଅଭିଜ୍ଞତା ଦୃଷ୍ଟିରୁ ଘରର ରକ୍ଷକ ପୁରୁଖା ଲୋକ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅରକ୍ଷିତକୁ**
**ଦଇବ ସାହା ।**

ଅରକ୍ଷିତର କେହି ହେଲେ ସାହା ନ ଥାନ୍ତି। ତା'ର ଜୀବନ, ଖାଦ୍ୟ, ବସ୍ତ୍ର ଓ ସ୍ୱାସ୍ଥ୍ୟ ଆଦି ମୌଳିକ ଆବଶ୍ୟକତା ଦେଖିବାକୁ କେହି ନ ଥାନ୍ତି। ସେମାନେ ବଞ୍ଚି ରହିଥାନ୍ତି ଦଇବଙ୍କ ଆଶ୍ରାରେ। ସେମାନଙ୍କ ଜୀବନ ରକ୍ଷା ହୋଇଥାଏ ପରମପିତା ଭଗବାନଙ୍କ କୃପା ଦ୍ୱାରା। ଯାହାର କେହି ସାହାଯ୍ୟକାରୀ ନାହାନ୍ତି ତାଙ୍କର ଭଗବାନ ହିଁ ସାହାଯ୍ୟକର୍ତ୍ତା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉଠାଯାଇଥିବା ପାଣିପାଗର ଚିତ୍ର।



# ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

No. XXXIII-17

## ନୋଟିସ

### ଆଦେଶ - ୫, ନିୟମ - ୨୦ ଦେୱାନୀ କାର୍ଯ୍ୟବିଧି ସଂହିତା - ୧୯୦୮ ଅନୁଯାୟୀ
### ଏଲ.ଏ. କେସ୍ ନଂ.- ୧/୨୦୨୧

**ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା ... ଆବେଦନକାରୀ**

**ବନାମ**

୧. ମାନସ ରଞ୍ଜନ ଛୋଟରାୟ, ପିତା: ତରଣୀ ସେନ୍ ଛୋଟରାୟ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୨. ସୁଶାନ୍ତ କୁମାର ମହାନ୍ତି, ପିତା: ତ୍ରୈଲକ ନାଥ ମହାନ୍ତି, ଗ୍ରାମ: ଗୋଠପାଟଣା, ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୩. ଆଭାରାଣୀ ମହାନ୍ତି, ସ୍ୱାମୀ: ଫକୀର ମୋହନ ମହାନ୍ତି, ସା: ଆଭାନିଳୟ, ସାଇ ମନ୍ଦିର ପାଖ, ନୂଆଗାଁ ଛକ, ପୋ: ଲକ୍ଷ୍ମୀବିହାର, ସାମପୁର - ୭୫୧୦୨୯, ୪. ଆଶୁତୋଷ ମହାନ୍ତି, ୫. ଆଲୋକେଶ ମହାନ୍ତି, ୬. ଅନନ୍ୟା ମହାନ୍ତି, ମାତା: ପ୍ରତିମା ମହାନ୍ତି, ୭. ଯୁଗଳ କିଶୋର ମହାନ୍ତି, ପିତା: ବୈରାଗୀ ଚରଣ ମହାନ୍ତି, ସ୍ତ୍ରୀ: ପ୍ରତିମା ମହାନ୍ତି, ସା: ପ୍ଲଟ ନଂ. ସି-୬୦, ଲିଙ୍ଗରାଜ ବିହାର, ପୋଖରୀପୁଟ, ଭୁବନେଶ୍ୱର-୨୦, ୮. ନାରାୟଣ ମିଶ୍ର, ପିତା: ବଂଶୀଧର ମିଶ୍ର, ଗ୍ରାମ: ମାର୍କଣ୍ଡେଶ୍ୱର ସାହି, ଢିପ ସାହି (ଭବାନୀ କ୍ଲବ ନିକଟ), ପୋଷ୍ଟ/ଥାନା/ଜିଲ୍ଲା: ପୁରୀ - ୭୫୨୦୦୧, ୯. କାନ୍ଧୁଲା ଲଳିତା ଦେବୀ, ସ୍ୱାମୀ: କାନ୍ଧୁଲା ରାମା ରାଓ, ସା: ସେକ୍ଟର-୧/୧୦୫, ଏମ୍.ଆଇ.ଜି.-୨, ନୀଳାଦ୍ରି ବିହାର, ପୋଷ୍ଟ: ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧, ୧୦. ଜୟଜଗବନ୍ଧୁ ପାତ୍ର, ପି.: କୃଷ୍ଣଚନ୍ଦ୍ର ପାତ୍ର, ସା: ସର୍ଭେ ଅଫ୍ ଇଣ୍ଡିଆ, ପୋ: ଆର୍.ଆର୍.ଲ୍ୟାବ୍, ଭୁବନେଶ୍ୱର-୭୫୧୦୧୩, ୧୧. ଶକୁନ୍ତଳା ସାହୁ, ସ୍ୱାମୀ: ନାରାୟଣ ସାହୁ, ସା: ପ୍ଲଟ ନଂ. ୭୪୮/୬, ରାମେଶ୍ୱର ପାଟଣା, ବାରିକ ସାହି, ଭୁବନେଶ୍ୱର-୨, ୧୨. ଏମ୍/ଏସ୍ ନଳିନୀ ଇଷ୍ଟେଟ୍ କନ୍ଷ୍ଟ୍ରକସନ ପ୍ରା.ଲି., ସା: ୪୦/ବି, ବି.ଡ଼ି.ଏ., ଏଚ୍.ଆଇ.ଜି. ଡ୍ୟୁପ୍ଲେକ୍ସ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର, ଏମ୍.ଡ଼ି. ଶ୍ରୀ ମାନସ ରଞ୍ଜନ ମହାପାତ୍ର, ପିତା: ବିଦ୍ୟାଧର ମହାପାତ୍ର, ୧୩. ଶିକ୍ଷା ଓ ଅନୁସନ୍ଧାନ, ତରଫ ସଭାପତି: ମନୋଜ ରଞ୍ଜନ ନାୟକ, ପିତା: ଦୈତାରୀ ନାୟକ, ସା: ପ୍ଲଟ ନଂ. ୨୨୪, ଧର୍ମ ବିହାର, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୧୪. ଏମ୍/ଏସ୍ ଅଚ୍ୟୁତ ଇଞ୍ଜିନିୟରିଂ ଆଣ୍ଡ କନ୍ଷ୍ଟ୍ରକସନ ପ୍ରା.ଲି., ସା: ସି.-୧୭୮, ବି.ଡ଼ି.ଏ. ଡ୍ୟୁପ୍ଲେକ୍ସ, ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ରିପ୍ରେଜେଣ୍ଟ ଡାଇରେକ୍ଟର: ରମା ବଲ୍ଲଭ ପରିଡ଼ା, ପିତା: ରଘୁନାଥ ପରିଡ଼ା, ୧୫. ମିଶ୍ର କ୍ରିଏସନ୍ ପ୍ରା.ଲି., ଅଫିସ୍ ସା-ଏ-୩, ପି.ପି.ଏଲ୍. ହାଉସିଂ କଲୋନୀ, ଖଣ୍ଡିଗିରି, ଭୁବନେଶ୍ୱର, ଏମ୍.ଡି. ଜ୍ୟୋତି ରଞ୍ଜନ ମିଶ୍ର, ପିତା: ସୋମନାଥ ମିଶ୍ର, ୧୬. ବିଶ୍ୱମୟ କର, ପିତା: ଶଶିଭୂଷଣ କର, ଗ୍ରାମ: ପୁରୁଣା ସଦର ରୋଡ୍, ପୋ/ଥାନା/ଜିଲ୍ଲା: ପୁରୀ, ୧୭. କୃଷ୍ଣ ଚରଣ ଦାସ, ପି.: ବିପ୍ରଚରଣ ଦାସ, ସା: ଆୟତନ, ଥା: ଆଳି, ଜି: କଟକ, ୧୮. ସରସ୍ୱତୀ ବେହେରା, ସ୍ୱାମୀ: ଚିତ୍ତରଞ୍ଜନ ବେହେରା, ସା: ଘର ନଂ. ଏଚ୍.ଆଇ.ଜି.-ଡି.-୫୫, ମୈତ୍ରୀ ବିହାର, ଭୁବନେଶ୍ୱର, ପୋଷ୍ଟ: ଇଷ୍ଟ କୋଷ୍ଟ ରେଲୱେ କଲୋନୀ, ଥାନା: ଚନ୍ଦ୍ରଶେଖରପୁର, ଜିଲ୍ଲା: ଖୋର୍ଦ୍ଧା, ୧୯. ମାୟାଧର ପଟ୍ଟନାୟକ, ପିତା: କେଶବ ପଟ୍ଟନାୟକ, ୨୦. ସତ୍ୟବାଦୀ ପଟ୍ଟନାୟକ, ପିତା: ମଦନ ପଟ୍ଟନାୟକ, ଗ୍ରାମ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୨୧. ଚିତ୍ତରଞ୍ଜନ ବେହେରା, ପିତା: ଲିଙ୍ଗରାଜ ବେହେରା, ସା: ଘର ନଂ. ଡି-୫୫, ମୈତ୍ରୀ ବିହାର, ଭୁବନେଶ୍ୱର, ପୋଷ୍ଟ: ଇଷ୍ଟ କୋଷ୍ଟ ରେଲୱେ କଲୋନୀ, ଥାନା: ଚନ୍ଦ୍ରଶେଖରପୁର, ଜିଲ୍ଲା: ଖୋର୍ଦ୍ଧା, ୨୨. କନକପ୍ରଭା ତ୍ରିପାଠୀ, ସ୍ୱା: ଡମ୍ବରୁଧର ତ୍ରିପାଠୀ, ସା: ଗୁଆମାଳ, ଥା: ତିହିଡ଼ି, ଜି: ବାଲେଶ୍ୱର, ୨୩. ବାସନ୍ତୀ ରାୟ, ସ୍ୱାମୀ: ବିଭୂତି ଭୂଷଣ ମହାନ୍ତି, ଗ୍ରାମ: ଗାରିମା, ଥାନା: ଗୋପ, ଜିଲ୍ଲା: ପୁରୀ, ୨୪. ଛନ୍ଦା ଚରଣ ଦାସ, ପିତା: ଗୋପାଳ ଚରଣ ଦାସ, ଗ୍ରାମ: ଶାମପୁର, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୨୫. ବୈଷ୍ଣବ ଚରଣ ପଟ୍ଟନାୟକ, ପିତା: ଉଦୟନାଥ ପଟ୍ଟନାୟକ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୨୬. ମନୋଜ ମିଶ୍ର, ପିତା: ଦାମୋଦର ମିଶ୍ର, ସା: ସି.-୨/୧୯, ମାୟାପୁରୀ ଆପାର୍ଟମେଣ୍ଟ, ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର-୭୫୧୦୦୨, ୨୭. ଦାମୋଦର ମିଶ୍ର, ପିତା: କୃତ୍ତିବାସ ମିଶ୍ର, ସା: ସି-୨/୧୯, ମାୟାପୁରୀ ଆପାର୍ଟମେଣ୍ଟ, ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର-୭୫୧୦୦୨, ୨୮. ଦିଲ୍ଲିପ କୁମାର ଦାସ, ପିତା: ଲକ୍ଷ୍ମୀଧର ଦାସ, ସା: ପ୍ଲଟ ନଂ. ବି-୭୫, ବି.ଡ଼ି.ଏ. ଡ୍ୟୁପ୍ଲେକ୍ସ, ବରମୁଣ୍ଡା, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ୨୯. ଉଦୟନାଥ ମଲ୍ଲିକ, ପିତା: ଲୋକନାଥ ମଲ୍ଲିକ, ସା: ଏ.ଏଲ୍-୧୨୪, ଭି.ଏସ୍.ଏସ୍. ନଗର, ଥାନା: ଶହିଦନଗର, ଭୁବନେଶ୍ୱର, ଖୋର୍ଦ୍ଧା, ୩୦. ରମେଶ ଚନ୍ଦ୍ର ପାଣି, ପିତା: ସତ୍ୟନାରାୟଣ ପାଣି, ସା: ଆଇ.ଭି.ଆର୍-୧୮୮, ୟୁନିଟ୍-୪, ଭୁବନେଶ୍ୱର, ଖୋର୍ଦ୍ଧା, ୩୧. ଜ୍ୟୋତ୍ସ୍ନା ତ୍ରିପାଠୀ, ପିତା: ପ୍ରେମାନନ୍ଦ ତ୍ରିପାଠୀ, ସା: ମଧୁସୂଦନ ନଗର, ତୁଳସୀପୁର, ଥାନା: ମଙ୍ଗଳାବାଗ୍, ଜିଲ୍ଲା: କଟକ, ୩୨. କୁଳମଣି ରାଉତରାୟ, ପିତା: ଉଚ୍ଛବ ରାଉତରାୟ, ୩୩. ପ୍ରଭାକର ପଟ୍ଟନାୟକ, ୩୪. ସୁଧାକର ପଟ୍ଟନାୟକ, ପିତା: ଗୋଲଖ ବିହାରୀ ପଟ୍ଟନାୟକ, ଗ୍ରାମ/ପୋ ; ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୩୫. ଦେବିପ୍ରିୟା ସାହୁ, ସ୍ୱାମୀ: ଆନନ୍ଦ ଚନ୍ଦ୍ର ସାହୁ, ସା: ଆର୍.ପି.-୨୪, ଟଙ୍କପାଣି ରୋଡ଼, ପୋଷ୍ଟ/ଥାନା: ଓଲ୍ଡ ଟାଉନ, ଭୁବନେଶ୍ୱର-୭୫୧୦୧୮, ୩୬. ରବୀନ୍ଦ୍ର କୁମାର ପଲେଇ, ପିତା: ସୁରେନ୍ଦ୍ର ପଲେଇ, ସା: ଡି.-୨/୧୯, ମେଟ୍ରୋ ସିଟି ଆପାର୍ଟମେଣ୍ଟ, ପୋଷ୍ଟ/ଥାନା: ନୟାପଲ୍ଲୀ, ଭୁବନେଶ୍ୱର-୧୨, ୩୭. ଆନ୍ଧ୍ରା ବ୍ୟାଙ୍କ, A Body Cooperate under the Banking companies Main Branch, ସା: ଜନପଥ, ବାପୁଜୀ ନଗର, ଚୌଧୁରୀ ମାର୍କେଟ କମ୍ପ୍ଲେକ୍ସ, 1st Floor, ଭୁବନେଶ୍ୱର, Authorised Officers - (Asst. Manager), ସୁଦର୍ଶନ ଶଙ୍କର, ପିତା: ଉମା ଶଙ୍କର, ୩୮. ଗୀତାଞ୍ଜଳୀ ତ୍ରିପାଠୀ, ସ୍ୱା: ସୁରେଶ ଚନ୍ଦ୍ର ତ୍ରିପାଠୀ, ଗ୍ରା/ପୋ: ଶ୍ରୀରାମଚନ୍ଦ୍ରପୁର, ଥା: ସତ୍ୟବାଦୀ, ଜି.: ପୁରୀ, ୩୯. ରମେଶ ଚନ୍ଦ୍ର ଜେନା, ପିତା: ନୀଳମଣି ଜେନା, ଗ୍ରାମ/ପୋଷ୍ଟ: ଜାଗମରା, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୪୦. ସବିତା ଶର୍ମା, ସ୍ୱାମୀ: ଅକ୍ଷୟ କୁମାର ଶର୍ମା, ଗ୍ରାମ: ତୁଳସୀପୁର ମଠସାହି, ଥାନା: ଲାଲବାଗ, ଜିଲ୍ଲା: କଟକ, ୪୧. ସୁଲତା ନାୟକ, ସ୍ୱାମୀ: ଦର୍ପନାରାୟଣ ନାୟକ, ଗ୍ରାମ: ଭାମଣ୍ଡା, ଥାନା: ଆଳି, ଜିଲ୍ଲା: କେନ୍ଦ୍ରାପଡ଼ା, ୪୨. ରୁକ୍କୁଣି ରାୟ, ସ୍ୱାମୀ: ଦୁର୍ଯ୍ୟୋଧନ ରାୟ, ମାର୍ଫତ: ମାନସ ରାୟ, ଗ୍ରାମ: ଶାନ୍ତିବିହାର, କନିକା ରୋଡ଼, ତୁଳସୀପୁର, ଜିଲ୍ଲା: କଟକ, ୪୩. ପ୍ରଦୀପ କୁମାର ଦାସ, ପିତା: ଗୌରାଙ୍ଗ ଚରଣ ଦାସ, ସା: ପ୍ଲଟ ନଂ. ୧୧୩, ଆଇ.ଆର୍.ସି. ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ଖୋର୍ଦ୍ଧା, ୪୪. ଅଲେଖ ଚରଣ ପଟ୍ଟନାୟକ, ପିତା: ମାୟାଧର ପଟ୍ଟନାୟକ, ୪୫. ସତ୍ୟବାଦୀ ପଟ୍ଟନାୟକ, ପିତା: ମଦନ ମୋହନ ପଟ୍ଟନାୟକ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୪୬. ପାଣ୍ଡବ ସାହୁ, ପିତା: ବୀରବର ସାହୁ, ଗ୍ରାମ/ପୋଷ୍ଟ: ବରମୁଣ୍ଡା, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ୪୭. କ୍ଷୀତିଶ ଚନ୍ଦ୍ର ଭୂୟାଁ ମହାପାତ୍ର, ୪୮. ଇଦିଶ ଚନ୍ଦ୍ର ଭୂୟାଁ ମହାପାତ୍ର, ପି.: ହରିଶଚନ୍ଦ୍ର ଭୂୟାଁ, ଗ୍ରା/ପୋ.: ଘାଟିକିଆ, ଥା: ଖଣ୍ଡଗିରି, ଭୁବନେଶ୍ୱର, ଜି.: ଖୋର୍ଦ୍ଧା, ୪୯. ବିଜୟ କୁମାର ଛୋଟରାୟ, ୫୦. ନିମାଇ ଚରଣ ଛୋଟରାୟ, ପିତା: ଭ୍ରମରବର ଛୋଟରାୟ, ୫୧. ଶଶିମଣୀ ବେୱା, ସ୍ୱାମୀ: ଆନନ୍ଦ ଚନ୍ଦ୍ର ଛୋଟରାୟ, ୫୨. ସଲିଲ କୁମାର ଛୋଟରାୟ, ୫୩. ଅନିଲ୍ କୁମାର ଛୋଟରାୟ, ପିତା: ଆନନ୍ଦ ଚନ୍ଦ୍ର ଛୋଟରାୟ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୫୪. ସର୍ବେଶ୍ୱର ଗଜେନ୍ଦ୍ର, ୫୫. ସୁରଥ ଗଜେନ୍ଦ୍ର, ପିତା: ହଟ୍ଟକିଶୋର ଗଜେନ୍ଦ୍ର, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୫୬. ଶୁକ ଦେଇ, ସ୍ୱାମୀ: ପହଲି ମହାକୁଡ଼, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୫୭. କାଞ୍ଚନ ବାଳା ରାଉତରାୟ, ସ୍ୱାମୀ: କୁମଳଣି ରାଉତରାୟ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୫୮. ପଦ୍ମଜା ଦେବୀ, ସ୍ୱାମୀ: ବିଶ୍ୱମୟ କର, ଗ୍ରାମ: ଓଲ୍ଡ ସଦର ଲେନ୍, ଥାନା: ସଦର, ଜିଲ୍ଲା: ପୁରୀ, ୫୯. ଭାସ୍କର ସରାବ, ପିତା: ଏ. ଲକ୍ଷ୍ମୀ ନାରାୟଣ ସରାବ, ସା: ଘର ନଂ. EWS-27/7, Chandrasekharpur, Phase-1, Housing Board Colony, ପୋଷ୍ଟ/ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା, ୬୦. ବିବେକ ନାରାୟଣ ମନ୍ତ୍ରୀ, ୬୧. ବ୍ରିଜ ନାରାୟଣ ମନ୍ତ୍ରୀ, ପିତା: ବିଚିତ୍ର ନାରାୟଣ ମନ୍ତ୍ରୀ, ଗ୍ରାମ: କୁରୁଟୁଙ୍ଗା, ପୋଷ୍ଟ: ଅଙ୍ଗୁଳାଇ, ଥାନା/ଜିଲ୍ଲା: କେନ୍ଦ୍ରାପଡ଼ା, ୬୨. ଗୌରାଙ୍ଗ ଚରଣ ମହାପାତ୍ର, ୬୩. ରଞ୍ଜିତ କୁମାର ମହାପାତ୍ର, ପିତା: କାମଦେବ ମହାପାତ୍ର, ଗ୍ରାମ: ଗୋପାଳ ନଗର, ଥାନା: ଗୋବିନ୍ଦପୁର, ଜିଲ୍ଲା: କଟକ, ୬୪. ବାମଦେବ ପାଲଟାସିଂହ, ପିତା: ବାଞ୍ଛାନିଧି ପାଲଟାସିଂହ, ଗ୍ରାମ: ଜାଗମରା, ପୋଷ୍ଟ/ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୬୫. ଶ୍ୟାମସୁନ୍ଦର ଦାସ, ପିତା: ଚୈତନ୍ୟ ଦାସ, ଗ୍ରାମ: ସାମପୁର, ଥା: ଲକ୍ଷ୍ମୀ ବିହାର, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା-୭୫୧୦୨୯, ୬୬. ବ୍ରହ୍ମାନନ୍ଦ ସାହୁ, ପିତା: ବୀରବର ସାହୁ, ଗ୍ରାମ: ବରମୁଣ୍ଡା, ପୋଷ୍ଟ: ଡେଲଟା, ଥାନା: ଖଣ୍ଡଗିରି, ଭୁବନେଶ୍ୱର-୩, ୬୭. ହଟ୍ଟକିଶୋର ବଡ଼ଜେନା, ପିତା: ରସାନନ୍ଦ ବଡ଼ଜେନା, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୬୮. ଶୁଭେନ୍ଦୁ କୁମାର ଛୋଟରାୟ, ୬୯. ଶୁଧେନ୍ଦୁ କୁମାର ଛୋଟରାୟ, ୭୦. ଶତ୍ୟେନ୍ଦୁ କୁମାର ଛୋଟରାୟ, ୭୧. ପୂର୍ଣ୍ଣେନ୍ଦୁ କୁମାର ଛୋଟରାୟ, ପିତା: ଅର୍ଦ୍ଧେନ୍ଦୁ କୁମାର ଛୋଟରାୟ, ୭୨. କୁମୁଦିନୀ ଛୋଟରାୟ, ସ୍ୱାମୀ: ଅର୍ଦ୍ଧେନ୍ଦୁ କୁମାର ଛୋଟରାୟ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୭୩. ରମେଶ ଚନ୍ଦ୍ର ପାଢ଼ୀ, ପିତା: ଅର୍ଜୁନ ପାଢ଼ୀ, ସା: F-5/2, ରେଣ୍ଟାଲ କଲୋନୀ, ବରମୁଣ୍ଡା, ଆଇ.ଆର୍.ସି. ଭିଲେଜ, ଭୁବନେଶ୍ୱର, ପୋ: ଆଇ.ଆର୍.ସି., ଭିଲେଜ, ଥାନା: ନୟାପଲ୍ଲୀ, ଜିଲ୍ଲା: ଖୋର୍ଦ୍ଧା, ୭୪. ଭାଗବତ ଦାସ, ପି.: ବଟକୃଷ୍ଣ ଦାସ, ସା: ସାମପୁର, ପୋ: ଘାଟିକିଆ, ଥା: ଖଣ୍ଡଗିରି, ଜି.: ଖୋର୍ଦ୍ଧା, ୭୫. ଆଲୋକ କୁମାର ସାହୁ, ପି.: ଭିକାରୀ ଚରଣ ସାହୁ, ୭୬. ସୁରମା ସାହୁ, ସ୍ୱା.: ଭିକାରୀ ଚରଣ ସାହୁ, ସା: ସାମପୁର, ପୋ: ଘାଟିକିଆ, ଥା: ଖଣ୍ଡଗିରି, ଜି.: ଖୋର୍ଦ୍ଧା, ୭୭. ମଲିକାର୍ଜୁନ ଛୋଟରାୟ, ୭୮. ମୃର୍ଗାଙ୍ଗ ଶେଖର ଛୋଟରାୟ, ପିତା: ଉଚ୍ଛବ ଛୋଟରାୟ, ଗ୍ରାମ/ପୋଷ୍ଟ: ମଳିପଡ଼ା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ୭୯. ସଂଘମିତ୍ରା ଦରଜି, ସ୍ୱା.: ସୁବୋଧ କୁମାର ମହାପାତ୍ର, ସା: ଏସ୍-୩-୪୯୨, ନିଳାଦ୍ରି ବିହାର, ପୋ: ଶୈଳେଶ୍ରୀ ବିହାର, ଥା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ୮୦. କୁନୀ ଆଚାର୍ଯ୍ୟ, ସ୍ୱା: ବୈଦ୍ୟନାଥ ମିଶ୍ର, ସା: ସ-ମିଲ୍ ଲେନ୍, ଗୁଣ୍ଡିଚା ବିହାର, ସର୍ବୋଦୟ ନଗର, କୁମ୍ଭାରପଡ଼ା, ପୁରୀ-୨, ୮୧. ଟୁନାରମୀ ପ୍ରଧାନ, ସ୍ୱା.: ଭଗତବନ୍ଧୁ ପ୍ରଧାନ, ସା: ଆପାର୍ଟମେଣ୍ଟ ନଂ. ବି/୨୦୫, ଏମ୍.ଜେ. ଆଷ୍ଟେଲିନ୍, ଚୋଡ଼ସାନ୍ଦରା, ପୋ.: ହୁସ୍‌କୁର, ବାଙ୍ଗାଲୁରୁ-୫୬୦୦୯୯, ୮୨. ପ୍ରତିମା ପଟ୍ଟନାୟକ, ସ୍ୱାମୀ- ଅଜୟ କୁମାର ପଟ୍ଟନାୟକ,ସା-Apartment No.20102, Bhuban Greens, Kasavanahalli, Po-Carmelaram, Bengaloru-560035, ୮୩. ରଘୁନାଥ ଚିନେରା, ପି-ନରେନ୍ଦ୍ର ଚିନେରା, ସା-ସାମପୁର, ଥା-ଚନ୍ଦକା, ଜି-ଖୋର୍ଦ୍ଧା, ୮୪, ମନମୋହନ ବାରିକ, ପିତା-ମାଗୁ ବାରିକ, ଗ୍ରାମ-ବଳଦା, ପୋଷ୍ଟ-ପୁଚ୍ଛଳା, ଥାନା-ଗୋବିନ୍ଦପୁର, ଜିଲ୍ଲା-ଖୋର୍ଦ୍ଧା, ୮୫. ଆମ୍ୟ ଚନ୍ଦ୍ର କାନୁନ୍‌ଗୋ, ପିତା-ପଞ୍ଚାନନ ଦାସ, ଗ୍ରାମ/ପୋଷ୍ଟ-ସୁକ୍ଳେଶ୍ୱର, ଥାନା-ମାହାଙ୍ଗା, ଜିଲ୍ଲା-କଟକ, ୮୬.ତୁଳସୀ ଦାସ, ପିତା-ସାଧୁ ଚରଣ ଦାସ, ଗ୍ରାମ-ସାମପୁର, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ୮୭. ଶକନ୍ତଳା ସାହୁ, ସ୍ୱାମୀ-ନାରାୟଣ ସାହୁ, ଗ୍ରାମ/ପୋଷ୍ଟ- ପଦ୍ମାବତୀ, ଜିଲ୍ଲା-ପୁରୀ, ୮୮. ମଞ୍ଜୁଳା ଦେଇ, ସ୍ୱାମୀ- ଜ୍ୟୋତିଶ ଚନ୍ଦ୍ର ରାୟ, ଗ୍ରାମ/ପୋଷ୍ଟ-ଉତ୍ତରାଣ, ଥାନା-ଗୋବିନ୍ଦପୁର, ଜିଲ୍ଲା-କଟକ, ୮୯. କୈଳାସ ଚନ୍ଦ୍ର ମହାପାତ୍ର, ପି-ହରେକୃଷ୍ଣ ମହାପାତ୍ର, ସା-ସିଠାଲୋ, ଥା-ଗୋବିନ୍ଦପୁର, ଜି-କଟକ, ୯୦. ଏସ୍.କେ.ଅବଦୁଲ ରସିଦ୍, ପିତା-ଏସ୍.କେ.ଅବଦୁଲ ହମିଦ୍, ଗ୍ରାମ/ପୋଷ୍ଟ-ପଦ୍ମପୁର, ମୁତରଫା, ଥାନା-ଜଗତପୁର, ଜିଲ୍ଲା-କଟକ, ୯୧. ହୃଦାନନ୍ଦ ଦାସ, ପିତା-ଜୟେଶ୍ୱର ଦାସ, ଗ୍ରାମ/ପୋଷ୍ଟ-ଗଣେଶ୍ୱରପୁର, ଜିଲ୍ଲା-ପୁରୀ, ୯୨.କ୍ରିଷ୍ଣା କୁମାରୀ ନାହାକ, ସ୍ୱାମୀ-ରମାନାଥ ନାହାକ, ଗ୍ରାମ/ପୋଷ୍ଟ -କଳାଷଣ୍ଢପୁର, ଜିଲ୍ଲା-ଗଞ୍ଜାମ, ୯୩. ଅନନ୍ତ ଚରଣ ମହାରଣା, ପିତା-ଭୀମସେନ ମହାରଣା, ଗ୍ରାମ-କୁମ୍ଭକାରଡିହ, ଜିଲ୍ଲା-ପୁରୀ, ୯୪. ଫାତିମା ବିବି, ସ୍ୱାମୀ-ଏସ୍.କେ.ଅବଦୁଲ ହମିଦ୍, ଗ୍ରାମ/ପୋଷ୍ଟ-ପଦ୍ମପୁର ମୁତରଫା, ଥାନା-ଜଗତପୁର, ଜିଲ୍ଲା-କଟକ, ୯୫. ହୃଷିକେଶ ସାହୁ, ସ୍ୱାମୀ- ରଘୁନାଥ ସାହୁ, ଗ୍ରାମ-ଟୁନାପୁର, ପୋଷ୍ଟ-ସିଂହନାଥ ପୀଠ, ଥାନା-ବଡମ୍ବା, ଜିଲ୍ଲା-କଟକ, ୯୬. ରାଜକିଶୋର ପାଣି, ପି-ପ୍ରବୀର କୁମାର ପାଣି, ସା/ପୋ-ଧାଗୁଡିଶୋଲ, ଥା-ଖାଡ଼ପୋଖରୀଆ,ଜି-ମୟୂରଭଞ୍ଜ,୯୭. ମୋତି ମୁଦୁଲି, ସ୍ୱାମୀ- ଗନ୍ଧର୍ବ ମୁଦୁଲି, ଗ୍ରାମ/ପୋଷ୍ଟ-କାକରୁଦ୍ରପୁର, ଥାନା-ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା, ୯୮. ଶକୁନ୍ତଳା ମୁଦୁଲି, ସ୍ୱାମୀ-ଶ୍ରୀଧର ମୁଦୁଲି, ଗ୍ରାମ-ନୂଆଗାଁ, ପୋଷ୍ଟ-ମଳିପଡା, ଥାନା-ଖଣ୍ଡଗିରି, ଜିଲ୍ଲା-ଖୋର୍ଦ୍ଧା, ୯୯.ଜାନକୀ ଦେବୀ, ସ୍ୱାମୀ-ଗଙ୍ଗାଧର ମିଶ୍ର, ଗ୍ରାମ-ବୀରପୁରୁଷୋତ୍ତମପୁର, ଥାନା-ପିପିଲି, ଜିଲ୍ଲା-ପୁରୀ, ୧୦୦, ଅରୁଣ କୁମାର ବିଶ୍ୱାଳ, ପି-ବାଳକୃଷ୍ଣ ବିଶ୍ୱାଳ, ସା-ଅଠତିରା, ପୋ-ଆଳସାହୀ, ଥା-କାକଟପୁର, ଜି-ପୁରୀ, ୧୦୧. ବସନ୍ତ କୁମାର ମିଶ୍ର, ପିତା-ଗଣେଶ୍ୱର ମିଶ୍ର, At-T.D.C.C. Ltd., ରୁପାଲି ଛକ, ଥାନା/ପୋଷ୍ଟ- ସହିଦନଗର, ଭୁବନେଶ୍ୱର, ୧୦୨. ପ୍ରଫୁଲ୍ଲ ଚନ୍ଦ୍ର ରଥ, ପିତା-ନୀଳକଣ୍ଠ ରଥ, ଗ୍ରାମ-ବଳଭଦ୍ରପୁର ଶାସନ, ପୋଷ୍ଟ-ମତୋ, ଥାନା-ଚାନ୍ଦବାଲି,ଜିଲ୍ଲା-ଭଦ୍ରକ,୧୦୩. ପ୍ରସନ୍ନ କୁମାର ପଣ୍ଡା, ପିତା-ଗୋପାଳ ଚରଣ ପଣ୍ଡା, ଗ୍ରାମ-ବଳଭଦ୍ରପୁର ଶାସନ, ପୋଷ୍ଟ-ମତୋ, ଥାନା-ଚାନ୍ଦବାଲି, ଜିଲ୍ଲା-ଭଦ୍ରକ, ୧୦୪. ମମତା ପଣ୍ଡା, ସ୍ୱାମୀ- ପ୍ରସନ୍ନ କୁମାର ପଣ୍ଡା, ଗ୍ରାମ- ବରସିଂହପୁର, ପୋଷ୍ଟ/ଥାନା-ଦଶପଲ୍ଲା, ଜିଲ୍ଲା-ନୟାଗଡ଼, ୧୦୫. ସୁନିଲ୍ ଖଣ୍ଟୁଆଳ, ପିତା-ବଳଦେବ ଖଣ୍ଟୁଆଳ, ସା-ପ୍ଲଟ ନଂ.୨୧୦/୭୨୮, ଗାୟତ୍ରୀ ବିହାର, ପୋ-ଡୁମୁଡୁମା, ଥାନା-ଖଣ୍ଡଗିରି, ଭୁବନେଶ୍ୱର, ଖୋର୍ଦ୍ଧା, ୧୦୬. ଅମରେଶ ଚନ୍ଦ୍ର ଷଡ଼ଙ୍ଗୀ, ପିତା-ଗୋବିନ୍ଦ ଚନ୍ଦ୍ର ଷଡଙ୍ଗୀ, ସା-ପ୍ଲଟ ନଂ. ୩୫୧/ଏ, ସହୀଦନଗର, ପୋଷ୍ଟ/ଥାନା-ସହିଦ ନଗର, ଭୁବନେଶ୍ୱର, ଖୋର୍ଦ୍ଧା,୧୦୭. ମୃତ୍ୟୁଞ୍ଜୟ ଆଚାର୍ଯ୍ୟ, ପିତା- ଅଶୋକ କୁମାର ଆଚାର୍ଯ୍ୟ, ଗ୍ରାମ/ପୋଷ୍ଟ- ସମସାରପୁର, ଥାନା-ମାହାଙ୍ଗା, ଜିଲ୍ଲା-କଟକ, ୧୦୮. ଶିଶିର କୁମାର ପାଲ, ପିତା-ବାଳକୃଷ୍ଣ ପାଲ, At-2RB-12, IDC Colony, ଜୟଦେବ ବିହାର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୧୦୯. ମାନସି ଦାସ, ସ୍ୱା-ଅରୁଣ ରଂଜନ ଦାସ, ସା-ଏମ.ସି.ଏଲ. ବ୍ରଜରାଜନଗର ସେଣ୍ଟ୍ରାଲ ହସ୍ପିଟାଲ, ଝାରସୁଗୁଡା, ୧୧୦. ଭାବରଞ୍ଜନ ଆଚାର୍ଯ୍ୟ, ପିତା-ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ, At-N3-445, IRC Village, ନୟାପଲ୍ଲୀ, ଭୁବନେଶ୍ୱର, ଖୋର୍ଦ୍ଧା, ୧୧୧. ସୁକାନ୍ତ କୁମାର ସାହୁ, ପିତା-ଗୋବିନ୍ଦ ଚନ୍ଦ୍ର ସାହୁ, ଗ୍ରାମ-କୁଞ୍ଜବନପୁର, ପୋଷ୍ଟ/ଥାନା-ଗଣିଆ, ଜିଲ୍ଲା-ନୟାଗଡ଼, ୧୧୨. ମିସ୍ ମନ୍ଦପକ୍କା ଭାରତୀ, ପିତା-M.V.R. Murty, C/o-V. Ramakrishna, At-L-3/104, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ଖୋର୍ଦ୍ଧା, ୧୧୩. ମମତା ନାୟକ, ପିତା-ଜ୍ଞାନେନ୍ଦ୍ର କୁମାର ସିଂ, ଗ୍ରାମ-ନାଗେଶ୍ୱର ସଙ୍ଗ, ଭୁବନେଶ୍ୱର, ୧୧୪. ଗିରିଧାରୀ ବେହେରା, ପି-ଆନନ୍ଦ ଚନ୍ଦ୍ର ବେହେରା, ସା-ଭୁସାଲା, ଥା-ଭୁବନ, ଜି-ଢେଙ୍କାନାଳ, ୧୧୫. Miss S. Jagadee Vari Murty, W/o- L.M. Murty, C/o-V. Ramakrishna, At-L-3/104, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ଖୋର୍ଦ୍ଧା, ୧୧୬. ରତ୍ନାକର ପରିଡା, ପିତା-ଯୁଧିଷ୍ଠିର ପରିଡା, ଗ୍ରାମ-କଟିକଟା, ଭାୟା-ରାମବାଗ, ଥାନା-ମଙ୍ଗଳପୁର, ଜିଲ୍ଲା-ଯାଜପୁର, ୧୧୭. ସୁବାସ କୁମାର ବଡ଼ଜେନା, ପିତା-ଦିନବନ୍ଧୁ ବଡ଼ଜେନା, ଗ୍ରାମ/ପୋଷ୍ଟ-ମଳିପଡା, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ୧୧୮. ଶଙ୍କର୍ଷଣ ସାହୁ, ପିତା-ଦିବାକର ସାହୁ, ସା-ପ୍ଲଟ ନଂ. ୧୭୧୭, ଶ୍ରୀରାମ ନଗର, ପୋଷ୍ଟ-ଓଲ୍ଡ ଟାଉନ, ଥାନା-ଲିଙ୍ଗରାଜ, ଭୁବନେଶ୍ୱର-୨, ୧୧୯. ଅନୁସୟା ମିଶ୍ର, ସ୍ୱାମୀ- ଶରତ ଚନ୍ଦ୍ର ମିଶ୍ର, ଗ୍ରାମ/ପୋଷ୍ଟ- କପା ଜୟୀପାଲି, ଥାନା-ଶରଣକୂଳ, ଜିଲ୍ଲା-ନୟାଗଡ଼, ୧୨୦. କାଶୀନାଥ ପଣ୍ଡା, ପିତା-ବୁଦ୍ଧେଶ୍ୱର ପଣ୍ଡା, ଗ୍ରାମ-ଦିନିଆରୀ, ପୋଷ୍ଟ-ଭୋଗଦା, ଥାନା/ଜିଲ୍ଲା-ଖୋର୍ଦ୍ଧା, ୧୨୧. ଗୋବିନ୍ଦ ଚନ୍ଦ୍ର ମାରାଣ୍ଡି, ପି-ଫଗୁରାମା ମାରାଣ୍ଡି, ସା-ନାବାର୍ଡ, ପି.ବି.ନଂ.୧୭୯, ଭୁବନେଶ୍ୱର, ୧୨୨. M/s. Sarala Realcon Pvt. Ltd. of M.D. Gayadhar Jena, ପିତା-ଗଙ୍ଗାଧର ଜେନା, ସା-ପ୍ଲଟ ନଂ. ୬୫୯, ସହିଦ ନଗର, ଭୁବନେଶ୍ୱର, ଖୋର୍ଦ୍ଧା, ୧୨୩. ସୁରେନ୍ଦ୍ର କୁମାର ପରିଡା, ୧୨୪. ଧୀରେନ୍ଦ୍ର କୁମାର ପରିଡା, ପିତା-ରତ୍ନାକର ପରିଡା, ୧୨୫. ରତ୍ନାକର ପରିଡା, ପିତା-ଯୁଜେଷ୍ଟି ପରିଡା, ସା-ପ୍ଲଟ ନଂ.-୪୨୮, ଗଡ଼ ମହାବୀରଲେନ୍ ଗ୍ୟାରେଜ ଛକ, ଭୁବନେଶ୍ୱର-୭୫୧୦୦୨, ୧୨୬. ବ୍ୟାଙ୍କ ଅଫ୍ ବରୋଦା, ସା-ସାମନ୍ତରାପୁର, ପୋଷ୍ଟ-ଓଲ୍ଡ ଟାଉନ, ଥାନା-ଲିଙ୍ଗରାଜ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ୧୨୭. ଅଫିସ୍ ଅଫ୍ ଦି ଡାଇରେକ୍ଟର ଅଫ୍ ଟେକ୍ସଟାଇଲ-କମ୍-ଆଡିସନାଲ ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ୍ ସୋସାଇଟି, ଓଡ଼ିଶା, ଭୁବନେଶ୍ୱର, ୧୨୮. ସୁବୋଧ କୁମାର ମହାପାତ୍ର, ପି-ସ୍ୱର୍ଗତ କୃଷ୍ଣଚନ୍ଦ୍ର ମହାପାତ୍ର, ସା- ଫ୍ଲାଟ ନଂ.୪୯୨, ସେକ୍ଟର-୩, ନୀଳାଦ୍ରି ବିହାର, ପୋ-ଶୈଳଶ୍ରୀ ବିହାର, ଥା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା.... ବିରୋଧୀ ପକ୍ଷମାନେ ।

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ଭୂମି ଅଧିଗ୍ରହଣର ସ୍ଥିରିକୃତ କ୍ଷତିପୂରଣ ଆର୍ଥିକ ରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୂନର୍ବସତି ପ୍ରାଧିକାରୀ ଅଦାଲତ, କଟକ, ସି.ବି.-୧ (ଏ), କ୍ୟାଣ୍ଟନମେଣ୍ଟ ରୋଡ, କଟକଙ୍କ ଇଜିଲାସ/ଅଦାଲତରେ ଏଲ.ଏ. କେସ ନଂ.-୧/୨୦୨୧ ମକଦ୍ଦମା ରୁଜୁ କରିଅଛନ୍ତି । ଅଧିଗୃହିତ ଭୂମିର ବିସ୍ତୃତ ବିବରଣୀ ଯଥା, ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର, ଥାନା-ଚନ୍ଦକା, ମୌଜା-ସାମପୁର, ଖାତା ନଂ.-୨୨୪/୧୬୨, ପ୍ଲଟ ନଂ.-୧୦୭୯/୧୧୧୦/୧୬୫୬, ଖାତା ନଂ.-୨୨୪/୪୮୩, ପ୍ଲଟ ନଂ.- ୧୬୫୬/୨୦୧୩, ଖାତା ନଂ.- ୨୨୪/୪୮୪, ପ୍ଲଟ ନଂ.-୧୬୫୬/୨୦୧୪, ଖାତା ନଂ.-୨୨୪/୪୮୫, ପ୍ଲଟ ନଂ.-୧୬୫୬/୨୦୧୫, ଖାତା ନଂ.- ୨୨୪/୫୯୯, ପ୍ଲଟ ନଂ.- ୧୦୭୯/୧୧୧୦/୧୬୫୬/୨୨୯୬, ଖାତା ନଂ.- ୨୨୪/୮୭୫, ପ୍ଲଟ ନଂ.-୧୦୭୯/୧୧୧୦/୧୬୫୬/୨୯୯୮, ଖାତା ନଂ.-୨୨୪/୩୦୮, ପ୍ଲଟ ନଂ.-୧୦୭୯/୧୧୧୦/୧୭୯୮, ଖାତା ନଂ.- ୨୨୪/୩୦୯, ପ୍ଲଟ ନଂ.-୧୦୭୯/୧୧୧୦/୧୭୯୯, ଖାତା ନଂ.- ୨୨୪/୩୮୮, ପ୍ଲଟ ନଂ.-୧୦୭୯/୧୧୧୦/୧୮୭୦, ଖାତା ନଂ.- ୨୨୪/୩୯୧, ପ୍ଲଟ ନଂ.-୧୦୭୯/୧୧୧୦/୧୮୭୩, ଖାତା ନଂ.- ୨୨୪/୪୫୪, ପ୍ଲଟ ନଂ.-୧୦୭୯/୧୧୧୦/୧୯୬୧, ଖାତା ନଂ.- ୨୨୪/୪୫୫, ପ୍ଲଟ ନଂ.- ୧୦୭୯/୧୧୧୦/୧୯୬୨, ଖାତା ନଂ.- ୨୨୪/୪୫୬, ପ୍ଲଟ ନଂ.- ୧୦୭୯/୧୧୧୦/୧୯୬୩, ଖାତା ନଂ.- ୨୨୪/୪୫୭, ପ୍ଲଟ ନଂ.୧୦୭୯/୧୧୧୦/୧୯୬୪, ଖାତା ନଂ.- ୨୨୪/୪୯୪, ପ୍ଲଟ ନଂ.- ୧୧୧୦/୧୫୮୭, ଖାତା ନଂ-୨୨୪/୪୨୩, ପ୍ଲଟ ନଂ.-୧୧୧୦/୧୯୦୬, ଖାତା ନଂ.-୨୨୪/୪୨୫, ପ୍ଲଟ ନଂ.- ୧୧୧୦/୧୯୧୫, ଖାତା ନଂ.- ୨୨୪/୪୪୧, ପ୍ଲଟ ନଂ.-୧୧୧୦/ ୧୯୩୧ ଅଧିଗୃହିତ ରକବା ଏ. ୧.୧୩୦ ଡି. ଅଟେ । ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାନ୍ତି ତାଙ୍କ ସ୍ଥଳେ ତାଙ୍କ ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦ୍‌ବୀର କରିପାରିବେ । ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା.୧୫.୧୧.୨୩ ରିଖ ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରିକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ । ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା୧୩।୦୯।୨୦୨୩ ରିଖ

Draft Notice is approved. Petitioner to get it published in a Newspaper widely circulated in the area where the ops. are ordinarily residing within 07 (Seven) days.

ସ୍ୱାକ୍ଷର/- ପ୍ରିଜାଇଡିଙ୍ଗ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

OIPR-24351/14/0037/2425







# ଜମିଲା ନୂଆଁଖାଇ ହାଟ



**ସୋନପୁର, ୭।୯(ମୃତ୍ୟୁଞ୍ଜୟ ଶତପଥୀ):** ଗଣପର୍ବ ନୂଆଁଖାଇ ପାଇଁ ସୁବର୍ଣ୍ଣପୁର ସହର ମଙ୍ଗଳବାର ବଜାରରେ ଶନିବାର ସ୍ୱତନ୍ତ୍ର ହାଟ ବସିଥିଲା । ଏଥିପାଇଁ ହାଟଠାରୁ ଆରମ୍ଭ କରି ଦୋକାନ ବଜାରରେ ଗହଳି ଲାଗି ରହିଥିଲା । ଫଳ, ପନିପରିବା, କୁରେଇ ପତ୍ର, ପତ୍ର ତିଆରି ଖଲି ଦନା, ନୂଆଁ ସରିଆ ଧାନ, ଚୂଡ଼ା, ବାଉଁଶରେ ତିଆରି ସାମଗ୍ରୀ, ମାଟିର ହାଣ୍ଡି ଓ ଦୀପ କିଣିବାକୁ ଲୋକେ ହାଟକୁ ଆସିଥିଲେ । ଦୀପରେ ପିତୃପୁରୁଷ ଓ ଘରର ଦେବା ଦେବୀଙ୍କୁ ପୂଜା କରାଯିବାର ବିଧି ରହିଛି । ତେଣୁ ଜିଲାର କୁମ୍ଭକାର ପରିବାର ଗୁଡିକ ଭଲ ଦୁଇ ପଇସା ରୋଜଗାର କରି ଖୁସି ଥିବା ଦେଖିବାକୁ ମିଳିଥିଲା । ସେହିପରି ନୂଆ ବସ୍ତ୍ର କିଣିବା ପାଇଁ ଦୋକାନ ଗୁଡ଼ିକରେ ଗହଳି ଦେଖିବାକୁ ମିଳିଥିଲା । ନୂଆଁଖାଇ ତିହାର ପାଳିବାକୁ ଦୂରଦୂରାନ୍ତରୁ ଲୋକେ ନିଜ ନିଜ ଗାଁ, ସହର ଓ ଘରକୁ ଫେରୁଛନ୍ତି । ବଜାରରେ ପୂଜା ସାମଗ୍ରୀ ସହ ନୂଆ ଲୁଗାପଟାର ସମ୍ଭାର ଦେଖିବାକୁ ମିଳିଥିଲା । ପରିବାର ର ସମସ୍ତ ସଦସ୍ୟ ନୂଆ ଲୁଗାପଟା ପରିଧାନ କରିବାର ପରମ୍ପରା ଥିବାରୁ ସମ୍ବଲପୁରୀ ବସ୍ତ୍ର, ଧୋତି, ଗାମୁଛା, ଛୋଟ ପିଲାଙ୍କ ପାଇଁ ନୂଆ ପୋଷାକ କିଣାବିକା ବୃଦ୍ଧି ପାଇଛି । ରବିବାର ଭାବର ତିହାର ନୂଆଁଖାଇ ପାଇଁ ଲୋକଙ୍କ ମନରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି ।
















**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ., ବରଗଡ଼**

ପବିତ୍ର "ନୂଆଁଖାଇ" ଉପଲକ୍ଷେ ବ୍ୟାଙ୍କର ସେବାଞ୍ଚଳ ଚାରିଗୋଟି ଜିଲ୍ଲା ଯଥା: ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ଦେବଗଡ଼ ଜିଲ୍ଲାର ସମସ୍ତ ଚାଷୀଭାଇ, ଜମାକାରୀ, ଗ୍ରାହକ, ଶୁଭେଚ୍ଛୁ, ପୃଷ୍ଠପୋଷକ ତଥା ଅଞ୍ଚଳବାସୀମାନଙ୍କୁ ବ୍ୟାଙ୍କ ତରଫରୁ ଅନେକ ଅନେକ ଶୁଭେଚ୍ଛା ସହିତ ମଙ୍ଗଳ କାମନା । ମାଁ ସମଲେଶ୍ୱରୀ ସମସ୍ତ ପରିବାରରେ ହସଖୁସି ବାଣ୍ଟିଦେବା ସହିତ ସଦାସର୍ବଦା ଶୁଭଦୃଷ୍ଟି ରଖିଥାନ୍ତୁ, ତାଙ୍କରି ଚରଣ କମଳରେ ଏତିକି ପ୍ରାର୍ଥନା । ନିଜ ପରିବାରର ତଥା ଅଞ୍ଚଳର ଆର୍ଥିକ ଓ ସାମାଜିକ ଉନ୍ନତି ସାଧନ ନିମନ୍ତେ ଏହି ବ୍ୟାଙ୍କ ପ୍ରତି ଆପଣମାନଙ୍କର ଅକୁଣ୍ଠ ସହଯୋଗ ଆମ୍ଭର କାମ୍ୟ ।

ଶ୍ରୀଯୁକ୍ତ ଭକ୍ତେଶ୍ୱର ମଳିକ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ଶ୍ରୀଯୁକ୍ତ ନରେନ୍ଦ୍ର ପଧାନ
ସଭାପତି








































See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ପିହୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଷଷ୍ଠ ବାର୍ଷିକୀ ଜନ୍ମଦିନ ଶୁଭେଚ୍ଛା





**ସାନଭି ପ୍ରିୟଦର୍ଶିନୀ (ପିହୁ)**
ଦେଓକୋରି (ବାଲିସାହି), ପଣ୍ଡୁଆ, ଜଗତ୍‌ସିଂହପୁର
ଆଜି ପବିତ୍ର ନୂଆଖାଇରେ ଷଷ୍ଠ ବାର୍ଷିକୀ ଜନ୍ମଦିନ ଉପଲକ୍ଷେ ଜଗତରନାଥ ଜଗନ୍ନାଥ ଓ ଜଗତଜନନୀ ମା' ଶାରଳା ତୋ ଚଲାପଥ ଚିର କୁସୁମିତ କରନ୍ତୁ। ଏହି ଅବସରରେ ତୋର ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛୁ। ଶୁଭେଚ୍ଛା ସହ- ବଡ଼ମାମା, ବାବା, ମାମା, ସୌମ୍ୟାଦିଦି, ଗୁଡ୍ଡୁଭାଇ, ଜଗାମାମୁ, ସୁନୀତା ମାଇଁ, ଅମୁମାମୁ, ବସନ୍ତମାଆ, ମିନାମାଆ, ଶ୍ରୀମତୀ ମାଆ, ପ୍ରଫୁଲ୍ଲଜେଜେ, ଉଷାଦିଦି, ସୁମନ୍ତ ପିଉସା, ବିକୁମାମୁ, ବିନୁମାମୁ, ଗେଲୁଦିଦି, ତ୍ରିଶାଦିଦି, ଲଭ୍‌ଲିଦିଦି, ଟୁକୁନି ମାଉସୀ, ପ୍ରଶାନ୍ତ ମଉସା, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୬୮


# 'ଆଞ୍ଚଳିକ ବୈଷମ୍ୟ ଦୂର କରି ସନ୍ତୁଳିତ ବିକାଶ କରାଯିବ'

**■ଆର୍‌ଡିସି ନାମ ପରିବର୍ତ୍ତନ କରାଯାଇ କ୍ଷେତ୍ରୀୟ ଉନ୍ନୟନ କମିଶନର ନାମକରଣ କରାଯିବ**



ସମ୍ବଲପୁର ପବ୍ଲିକ୍ ଲାଇବ୍ରେରିରେ ପୁସ୍ତକ ଉନ୍ମୋଚନ ଅବସରରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟମାନେ।

**ସମ୍ବଲପୁର, ୭।୯(ଭବାନୀ ଶଙ୍କର ଭୋଇ)**

ଆଞ୍ଚଳିକ ବୈଷମ୍ୟ, ଭେଦଭାବପୂର୍ଣ୍ଣ ବ୍ୟବହାର ଦୂର କରାଯାଇ ଓଡ଼ିଶାର ସନ୍ତୁଳିତ ବିକାଶ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସମ୍ବଲପୁର ପବ୍ଲିକ୍ ଲାଇବ୍ରେରିରେ ଶନିବାର ଡ. ବ୍ରଜବିହାରୀ ପଣ୍ଡା ଓ ଡ. ମୁରଲୀଧର ମାଝୀଙ୍କ ଦ୍ୱାରା ଲିଖିତ ଇଂଲିଶ ପୁସ୍ତକ 'ବ୍ୟାକ୍‌ୱାର୍ଡ ରିଜିୟନ ଡେଭଲପ୍‌ମେଣ୍ଟ ଇନ୍ ଇଣ୍ଡିଆ: ଦି ୱେଷ୍ଟର୍ନ ଓଡିଶା ଏକ୍ସପେରିଏନ୍ସ' (ଭାରତର ପଛୁଆ ଅଞ୍ଚଳର ବିକାଶ: ପଶ୍ଚିମ ଓଡ଼ିଶାର ଅନୁଭୂତି) ପୁସ୍ତକର ଲୋକାର୍ପଣ ଅବସରରେ ସେ ଏହା କହିଛନ୍ତି। ଆଗାମୀ ଦିନରେ ରେଭିନ୍ୟୁ ଡିଭିଜନାଲ କମିଶନର (ଆର୍‌ଡିସି) ନାମ ପରିବର୍ତ୍ତନ କରାଯାଇ କ୍ଷେତ୍ରୀୟ ଉନ୍ନୟନ କମିଶନର (ଜୋନାଲ ଡେଭେଲପ୍‌ମେଣ୍ଟ କମିଶନର) ନାମକରଣ କରାଯିବ। ସେଥିପାଇଁ ଜଣେ ଉପଯୁକ୍ତ ରାଜସ୍ୱ କମିଶନରଙ୍କୁ ସମ୍ବଲପୁର ପଠାଯାଇଛି ବୋଲି ପୂଜାରୀ କହିଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅର୍ଥଶାସ୍ତ୍ର ବିଭାଗ ତରଫରୁ ଡ. ବ୍ରଜବିହାରୀ ପଣ୍ଡା ଓ ଡ. ମୁରଲୀଧର ମାଝୀଙ୍କ ଏହି ଗବେଷଣା ନିବନ୍ଧରେ ବର୍ଣ୍ଣନା କରାଯାଇଛି ଯେ, ଯେଉଁଭଳି ଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଛି ଓ ଅର୍ଥର ପରିଚାଳନା କରାଯାଇଛି,ଏହିଭଳି ଚାଲିଲେ ଆଗାମୀ ଶହେବର୍ଷ ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶାର ପଛୁଆ ଜିଲାଗୁଡ଼ିକ ଉପକୂଳର ଉନ୍ନତ ଜିଲାଗୁଡ଼ିକ ସମକକ୍ଷ ହୋଇପାରିବ ନାହିଁ। ଏହାକୁ ଉଦ୍ଧୃତ କରି ମନ୍ତ୍ରୀ ପୂଜାରୀ କହିଛନ୍ତି, ମୋହନ ମାଝୀ ସରକାର ଆଞ୍ଚଳିକ ବୈଷମ୍ୟ ଦୂର କରିବାକୁ ସଙ୍କଳ୍ପବଦ୍ଧ।

ସମ୍ମାନିତ ଅତିଥିଭାବେ ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମାହାଦେଓ ପ୍ରସାଦ ଜୟସ୍ୱାଲ ଯୋଗ ଦେଇଥିଲେ। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, ଭିମ୍‌ସାରର ନିର୍ଦ୍ଦେଶକ ପ୍ର. ଭାବଗ୍ରାହୀ ରଥ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ନାଗରାଜ, ରାଉରକେଲା ବିପିୟୁଟିର କୁଳପତି ପ୍ରଫେସର ଅମିୟ କୁମାର ରଥ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଶୈକ୍ଷିକ କେନ୍ଦ୍ରର ନିର୍ଦ୍ଦେଶିକା ଡ. ସଂଯୁକ୍ତା ଦାସ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ର ଯାଦବ ଉପସ୍ଥିତ ରହି ଏହି ପୁସ୍ତକ ସରକାରଙ୍କୁ ଯୋଜନା ପ୍ରସ୍ତୁତିରେ ସହଯୋଗ କରିବ ବୋଲି କହିଥିଲେ। ଏହି ଅବସରରେ ଲେଖକମାନେ କହିଥିଲେ, ଓଡ଼ିଶାର ବଜେଟ ଆକାର ବାର୍ଷିକ ପ୍ରାୟ ୨ ଲକ୍ଷ ୬୫ ହଜାର କୋଟି ହୋଇସାରିଥିବା ବେଳେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବାର୍ଷିକ ବଜେଟ ଏବେ ମାତ୍ର ୫୦୦ କୋଟି। ଏହା ଓଡ଼ିଶା ବଜେଟର ୧ ପ୍ରତିଶତରୁ କମ୍ ବୋଲି ସେମାନେ ମତ ଦେଇଥିଲେ।

# ଆଗକୁ ଅନେକ ନେତା ବିଜେଡି ଛାଡ଼ିପାରନ୍ତି: ମମତା

**ଭୁବନେଶ୍ୱର, ୭।୯(ଅନିଲଦାସ)**

ସୁଜିତ କୁମାର ଶୁକ୍ରବାର ରାଜ୍ୟ ସଭାରୁ ଇସ୍ତଫା ଦେଇଥିଲେ। ଏହା ପରେ ବିଜେଡି ତାଙ୍କୁ ଦଳରୁ ବହିଷ୍କାର କରିଥିଲା। ଇସ୍ତଫା ଦେବାର କିଛି ସମୟ ପରେ ସେ ଭାଜପାରେ ମିଶିଥିଲେ। ଏସବୁ ଘଟଣାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି।

ବିଜେଡି ଛାଡ଼ି ଭାଜପାରେ ମିଶିବା ଓ ନିକଟରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିବା ମମତା ମହାନ୍ତ ଏହି ପରିପ୍ରେକ୍ଷୀରେ କହିଛନ୍ତି, ବିଜେଡିରେ ବହୁ ବରିଷ୍ଠ ନେତା ଓ କର୍ମୀ ଅସନ୍ତୁଷ୍ଟ ଅଛନ୍ତି। ହୁଏତ ସେମାନେ ଭାଜପାକୁ ଆସିପାରନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, କିଏ ଆସିବେ କିଏ ଯିବେ ତାହା ସମସ୍ତଙ୍କର ବ୍ୟକ୍ତିଗତ ବ୍ୟାପାର। କିନ୍ତୁ ବିଜେଡିର କୌଣସି ନେତା, ବିଧାୟକ, ଏମ୍‌ପିଙ୍କ ସହ ତାଙ୍କର ଯୋଗାଯୋଗ ନାହିଁ। ବିଜେଡିର ପ୍ରାୟ ଅଧିକାଂଶ ନେତା କର୍ମୀ ଏକଚ୍ଛତ୍ରବାଦ ଶାସନରେ ଅସନ୍ତୁଷ୍ଟ ଅଛନ୍ତି। ଦେଢ଼ବର୍ଷରୁ ଅଧିକ ସମୟ ହେବ ସେ ଦଳ ଛାଡ଼ିବା ନେଇ ନିଷ୍ପତ୍ତି ନେଇଥିଲେ ବୋଲି ମମତା କହିଛନ୍ତି। ମୟୂରଭଞ୍ଜ ଜିଲାରେ ୮୦ ପ୍ରତିଶତ ବିଜେଡି କର୍ମୀ ଅସନ୍ତୁଷ୍ଟ ଅଛନ୍ତି। ଯେଉଁମାନେ ବିଜେଡି ପ୍ରତିଷ୍ଠା କରିଥିଲେ ସେମାନେ ଦଳରେ ନାହାନ୍ତି। ସେମାନଙ୍କୁ ଦଳରେ ଅଣଦେଖା କରାଯାଇଥିଲା। ଆଉ କିଛି ନେତା ମ୍ୟାନେଜ କରି ଦଳରେ ରହି ଯାଉଛନ୍ତି। ତାଙ୍କ ପରେ ସୁଜିତ ଦଳ ଛାଡ଼ିଲେ। ହୁଏତ ଆଗକୁ ଅନେକ ନେତା ଆସିପାରନ୍ତି ବୋଲି ମମତା କହିଛନ୍ତି।

## ଆତ୍ମସମୀକ୍ଷା ହେବା ଦରକାର: ଅମର

ନେତା ଦଳ ଛାଡୁଥିବା ନେଇ ବିଜେଡିରେ ହଇଚଇ ଦେଖାଦେଇଛି। ଦଳ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ବିଜେଡି କହିଛି। ତେବେ ବରିଷ୍ଠ ବିଜେଡି ନେତା ଅମର ପ୍ରସାଦ ଶତପଥୀ କହିଛନ୍ତି, ବ୍ୟକ୍ତିଗତ ଭାବେ କେହି ଗଲେ ଦଳ କ୍ଷତିଗ୍ରସ୍ତ ହୁଅନ୍ତା ନାହିଁ। କିନ୍ତୁ ସଂସଦକୁ ଯାଇଥିବା ବ୍ୟକ୍ତି ଯଦି ଦଳ ଛାଡ଼ିବେ ତାହା ହେଲେ ଦଳ ଉପରେ ନିଶ୍ଚିତ ପ୍ରଭାବ ପଡ଼ିବ। ଯେଉଁମାନେ ଦଳର ଆଗଧାଡ଼ିରେ ଥିଲେ, କାହିଁକି ସେମାନେ ଦଳ ଛାଡୁଛନ୍ତି, ତା'ର ଆତ୍ମସମୀକ୍ଷା ହେବା ଦରକାର। ଅନ୍ୟ ଉପରେ ଦାୟିତ୍ୱ ଦେଇ ଖସିଗଲେ ହେବନି । ଅଧିକ ତର୍ଜମା ହେବା ଦରକାର ବୋଲି ଅମର କହିଛନ୍ତି।









# ମନ୍ତ୍ରୀ ବିଭୂତିଙ୍କୁ ଭେଟିଲେ ବିଜେଡିର ବିଭୀଷଣ



ରାୟଗଡ଼ା ଜିଲା ଭାଜପା କାର୍ଯ୍ୟାଳୟରେ ମନ୍ତ୍ରୀ ବିଭୂତି ଜେନାଙ୍କୁ ବିଭୀଷଣ ମାଝି ଫୁଲତୋଡା ଦେଇ ସ୍ୱାଗତ କରୁଛନ୍ତି।

**ରାୟଗଡ଼ା,୭।୯(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ବିଜେଡିର ଜଣେ ଆଗଧାଡ଼ିର ନେତା ତଥା ପୂର୍ବତନ ବିଧାୟକ ବିଭୀଷଣ ମାଝି ନିଜ ସମର୍ଥକଙ୍କ ସହ ଶନିବାର ବାଣିଜ୍ୟ, ପରିବହନ ଓ ଇସ୍ପାତ୍ ମନ୍ତ୍ରୀ ବିଭୂତି ଜେନାଙ୍କୁ ରାୟଗଡ଼ା ଭାଜପା କାର୍ଯ୍ୟାଳୟରେ ଭେଟିଛନ୍ତି । ବିଭୀଷଣଙ୍କ ଏହି ଭେଟଘାଟ ପରେ ବିଜେଡିରେ ଭ୍ରୁକୁଞ୍ଚନ ସୃଷ୍ଟି ହୋଇଛି। ଭାଜପା ରାୟଗଡା ଜିଲା ସଭାପତି ଶିବ ପଟ୍ଟନାୟକ ଓ କାଳୀରାମ ମାଝିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ବିଭୀଷଣ ଭାଜପାରେ ଯୋଗଦେବା ନେଇ ଆଲୋଚନା କରିଥିଲେ। ତେବେ ବିଭୀଷଣଙ୍କୁ ଭୁବନେଶ୍ୱର ରାଜ୍ୟ ଭାଜପା କାର୍ଯ୍ୟାଳୟକୁ ମନ୍ତ୍ରୀ ଜେନା ଡକାଇଛନ୍ତି। ସେଠାରେ ଦଳରେ ସାମିଲହେବାକୁ ବିଭୀଷଣଙ୍କ ସହ ଜେନା ଆଲୋଚନା କରିଥିବା ଜଣାପଡ଼ିଛି ।

ଅନ୍ୟପଟେ ବିଭୀଷଣଙ୍କ ଭାଜପା ମୁହାଁ ହେବା ବିଜେଡି ପାଇଁ ଅଡୁଆ ପରିସ୍ଥିତି କରିପାରେ ବୋଲି ଆଲୋଚନା ହେଉଛି। କାରଣ ସେ କାଶୀପୁର ବ୍ଲକ୍ ଅଞ୍ଚଳର ଜଣେ ପୁରୁଣା ନେତା। ସେ ଥରେ ବିଧାୟକ ଥିବା ସହ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ସହ ଉପନିର୍ବାଚନରେ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ହେଲେ ଏହାପରେ ସେ ବିଜେଡିରେ ରହିଥିଲେ ମଧ୍ୟ ଦଳ ତାଙ୍କୁ ଅଣଦେଖାକରି ଅନ୍ୟଙ୍କୁ ଟିକେଟ ଦେଇଥିଲା। ତାଙ୍କୁ କେବେ ସୁଯୋଗ ଦେଇ ନ ଥିଲା ବିଜେଡି । ବର୍ତ୍ତମାନ ସେ ଭାଜପା ଆଡ଼କୁ ଢଳିବା ଆଗାମୀ ଦିନରେ ରାୟଗଡ଼ା ନିର୍ବାଚନମଣ୍ଡଳୀରେ ବିଜେଡିକୁ ଏକ ବଡ଼ ଝଟକା ଲାଗିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି । ଅନ୍ୟପଟେ ଶନିବାର ମନ୍ତ୍ରୀ ଜେନାଙ୍କ ଉପସ୍ଥିତିରେ କାଶୀପୁର ବ୍ଲକ୍‌ର ୫୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଛନ୍ତି।

# ଦଳରୁ ବିଜେଡି ଜିଲା ଉପସଭାପତିଙ୍କ ଇସ୍ତଫା



ରଜନୀକାନ୍ତ ପଟ୍ଟନାୟକ

**ଝରିଗାଁ, ୭।୯ (କିଶୋର ଚନ୍ଦ୍ର ମଣ୍ଡଳ)**

ନବରଙ୍ଗପୁର ଜିଲା ବିଜେଡି ଉପସଭାପତି ରଜନୀକାନ୍ତ ପଟ୍ଟନାୟକ ଶନିବାର ଇସ୍ତଫା ଦେଇଛନ୍ତି। ସେ ନିଜ ଇସ୍ତଫାପତ୍ର ବିଜେଡି ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ବିଜେଡିରେ ଅନେକ ଦିନ ହେବ ଗୋଷ୍ଠୀ କନ୍ଦଳ ଲାଗି ରହିଥିଲା। ଏନେଇ ସେ ନବରଙ୍ଗପୁର ଜିଲା ବିଜେଡି ସଭାପତି ରମେଶ ମାଝିଙ୍କୁ ବହୁ ପୂର୍ବରୁ ଅବଗତ କରିଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଲେ ନାହିଁ। ଏପରିକି ଜିଲା ପର୍ଯ୍ୟବେକ୍ଷକ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କୁ ଜଣାଇଥିଲେ ମଧ୍ୟ ସେ କୌଣସି ଆଖିଦୃଶିଆ ପଦକ୍ଷେପ ନେଲେନାହିଁ। ଫଳସ୍ୱରୂପ ଜିଲାରେ କେବଳ ଡାବୁଗାଁ ନିର୍ବାଚନମଣ୍ଡଳୀକୁ ଛାଡ଼ିଦେଲେ ଅନ୍ୟ ସବୁଠି ବିଜେଡିକୁ ହାରିବାକୁ ପଡ଼ିଛି। ଦଳ ତାଙ୍କ ମତାମତକୁ ଅଣଦେଖା କରିଥିବାରୁ ସେ ଦଳରେ ରହିବେ ନାହିଁ ବୋଲି ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।


# Classified Everyday
**0674-2580101, 2549949**



## REAL ESTATE
**SALE**

**Fully furnished 3BHK Pent house SBA-1700sqft. with two Nos. of covered parking, 3 years old, at Indus Valley near Lalchand Jewellers, Raghunathpur, Bhubaneswar. Contact- 9776681678.** D-75818

Duplex project at Retang Medical, Station, CV Raman University, apartment near Sum Hospital, Bhubaneswar. 7008459987. D-75987

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788.** D-1032

Duplex sale at Bhubaneswar @ 60,00,000/- and apartment 4200/-sqft. 9777433701. D-75990

**Individual Gharabari 2700 Sum Hospital-2 Nakhara,1500,2000 Pahala NH5, Balianta, Cv Raman, Infosys-2 Plot immediate sale details. 9937004650.** D-975

**Ready to move 4BHK flat (2050sqft. SBA) at Saubhagya Nagar, Near OUAT with double parking, 6500/- per sqft. 9439716901.** D-75566



## CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1031



## FOR RENT

**Ground Floor Chandrasekharpur Bhubaneswar Commercial suitable 4200 sqft Office, Hospital, Hotel Hostel. 9437008388.** D-1274

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



Newly open Jyoti SPA positively health benefits (Expert therapist). 8458067955. D-76151

Kerala body Massage therapy Unisex any person Bhubaneswar. kajal- 9337672475. D-1214

Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75779

Newly open health benefits SPA by expert therapist. Contact- 6371861658. D-76150



## BUSINESS

**Mushroom farming training/ ଛତୁ ଚାଷ- Paddy, Button and Oyester Mushroom training starting soon in Bhubaneswar. Contact +91 9827702258.** D-1270

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar, Date 02.09.2024, I Mamata Kumari Sasmal, W/o- Kailash Nahak, Village- Arabinda Nagar, P.O./ P.S.- Kabisurya Nagar, PIN No.- 761104, Dist.- Ganjam, Odisha declare that I have changed my name from Mamata Nahak to Mamata Kumari Sasmal. Henceforth I shall be known as Mamata Kumari Sasmal for all purposes. D-1275

I, Sabita Rana, W/o- Bhimsen Rana, resident of At/P.O.-Ramnagar, P.S.-Jamboo Marine, Dist.-Kendrapara, PIN- 754224, Odisha declare by this affidavit No.- 766 volume-2, dtd 06.09.2024 that now onwards I shall be known as Sabita Jena for all future purposes. D-1273

I, Basant Kumar Pani, S/o-Narayan Pani, resident of Ward No.- 8, At/P.O.-Jhajia, P.S.- Badamba, Dist.- Cuttack, PIN- 754031, Odisha, declare by this affidavit No.- 440(A), dtd. 05.09.2024 that from now onwards I shall be known as Basanta Kumar Pani for all future purposes. D-1277

## LEGAL NOTICE

ମାନ୍ୟବର ଶ୍ରୀଯୁକ୍ତ ଜଜ୍, ପରିବାର ଅଦାଲତ, ପୁରୀ
ସି.ପି. ନଂ.-୧୬୨/୨୦୨୪
ନୋଟିସ୍

ଅଞ୍ଜଳି ପତି, ବ୩୭ର୍ଷ, ପିତା- ଶ୍ରୀଧର ଦାଶ, ସାକିନ୍/ପୋଷ୍ଟ/ଥାନା- କଣାସ, ଜିଲ୍ଲା- ପୁରୀ।
....ଆବେଦନକାରୀ
ବନାମ
ଶ୍ରୀ ବିଭୂତି ପତି, ବ୪୮ର୍ଷ, ପିତା-କୃପାସିନ୍ଧୁ ପତି, ସାକିନ୍- ପାଟଯୋଷୀପୁର, ପୋଷ୍ଟ- ବକ୍ସ, ଥାନା- ଗଡ଼ିଶାଗୋଦା, ଜିଲ୍ଲା- ପୁରୀ।

ଏହିକି ଯେ, ପ୍ରତିବାଦୀଙ୍କ ନାମରେ ନୋଟିସ୍ ଜାରି ହେବା ନିମନ୍ତେ ବାରମ୍ବାର ଯାଇଥିଲେ ମଧ୍ୟ ସେ ନୋଟିସ୍ ମର୍ମମାନ ଜାଣିଶୁଣି ଉପରୋକ୍ତ ମୋକଦ୍ଦମାରେ ହାଜର ହେଉନାହିଁ। ତେଣୁ ଅତ୍ର ବିଜ୍ଞାପନ ଦ୍ୱାରା ପ୍ରତିବାଦୀଙ୍କୁ ଜଣାଇ ଦିଆଯାଇଅଛି କି, ପ୍ରତିବାଦୀ ଆଜଦିନ ତା ୦୭।୧୦।୨୪ରିଖେ ଅତ୍ର ଅଦାଲତରେ ଆପଣ ନିଜେ କିମ୍ବା ଓକିଲଙ୍କ ଦ୍ୱାରା ଉପସ୍ଥିତ ହୋଇ କୌଣସି ଆପତ୍ତି ଥିଲେ ଜଣାଇବେ, ନଚେତ୍ ଆଇନ ଅନୁଯାୟୀ ଫଇସଲା ହେବ। ଅଦ୍ୟ ତା ୦୫।୦୯।୨୪ରିଖେ ସ୍ୱାକ୍ଷରିତ ଓ ଅଦାଲତର ମୋହର ନିମ୍ନ କ୍ରମେ ଦିଆଗଲା।

Judge, Family Court, Puri
D-1276

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ନମିତା ମଲ୍ଲିକ**
ସ୍ୱାମୀ- ଶ୍ରୀ ବୈଷ୍ଣବ ଚରଣ ମଲ୍ଲିକ
ମହତାବ ରୋଡ୍, ଭୁବନେଶ୍ୱର-୨
ଆବିର୍ଭାବ: ୨୧।୧୧।୭୫
ତିରୋଧାନ: ୦୮।୦୯।୨୦୨୨
ଚାହୁଁ ଚାହୁଁ ଆଜିକୁ ଦୁଇ ବର୍ଷ ପୂରିଗଲାଣି। ଆଜି ତୋର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ଆମେ ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଅଛୁ।
''ତୋର ପିତା'' ଏବଂ ବନ୍ଧୁ, ପରିବାରବର୍ଗ, ପୁଅ: ଆଦି ଓ ଝିଅ, ସ୍ୱାମୀ: ଶ୍ରୀ ବୈଷ୍ଣବ ।
ଧ-୪୬୫୬୨

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ସବିତା କୁମାରୀ ଦାଶ**
Plot No.-2310, Mandia Palli JN, Ganjam
ଆବିର୍ଭାବ-୦୧।୦୪।୧୯୬୧
ତିରୋଧାନ- ୨୩।୦୮।୨୦୨୦
ଶ୍ରାଦ୍ଧ ଦିବସ- ୦୮।୦୯।୨୦୨୪ (ଋଷି ପଞ୍ଚମୀ)
ତମେ ଚାଲିଗଲ। ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା। ତୁମର ଦୁଃଖଦ ବିୟୋଗ ଆମ୍ଭ ସମସ୍ତଙ୍କୁ ମର୍ମାହତ କରିଛି। ଯେଉଁଠାରେ ଅଛ, ଭଲରେ ଥାଅ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମ୍ଭର ପ୍ରାର୍ଥନା।
ହତଭାଗା ସ୍ୱାମୀ: ଗିରୀଶ, ପୁତ୍ର: ଶାନ୍ତନୁ, ଝିଅ/ଜ୍ୱାଇଁ, ନାତୁଣୀ- ଦୀପା, ଆୟା, ମମା, କୁନି, କାହ୍ନା ଏବଂ ପରିବାରବର୍ଗ।
ଧ-୧୧୯୭

# ୮୪ ଜଣଙ୍କୁ ବେଆଇନ ନିଯୁକ୍ତି ଦେଇଥିଲେ ସନ୍ଦୀପ୍

**ଆର୍.ଜି. କର ମେଡିକାଲ ଅନିୟମିତତା**

**କୋର୍ଟଙ୍କୁ ଜଣାଇଲା ସିବିଆଇ**

କୋଲକାତା,୭।୯


ସନ୍ଦୀପ୍ ଘୋଷ

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରେନି ମହିଳା ଡାକ୍ତର ବଳାତ୍କାର ଓ ହତ୍ୟା ମାମଲା ଏବଂ ଆର୍ଥିକ ଅନିୟମିତତାର ତଦନ୍ତ କରୁଥିବା ସିବିଆଇ ଆଲିପୁରସ୍ଥିତ ସ୍ୱତନ୍ତ୍ର ଅଦାଲତରେ ସାନି ଅଭିଯୋଗ ଆଣିଛି। ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ୍ ଘୋଷ ୨୦୨୨ରୁ ୨୦୨୩ ମଧ୍ୟରେ ୮୪ ଜଣଙ୍କୁ ବେଆଇନ ଭାବେ ନିଯୁକ୍ତି ଦେଇ ପ୍ରଚୁର ଅର୍ଥ ଉପାର୍ଜନ କରିଥିଲେ ବୋଲି ତଦନ୍ତକାରୀ ସଂସ୍ଥା କହିଛି। ଗତ ୩ ତାରିଖରେ ସିବିଆଇ ସନ୍ଦୀପ୍ ଓ ଅନ୍ୟ ୩ ଜଣଙ୍କୁ କୋର୍ଟରେ ହାଜର କରିଥିଲା। ସେମାନେ ହେଲେ ବିପ୍ଳବ ସିଂ, ସୁମନ ହାଜରା ଏବଂ ଅଫସର ଅଲି। ସମସ୍ତଙ୍କୁ ସିବିଆଇ ହାଜତକୁ ପଠାଇ ଦିଆଯାଇଛି।

ଆର୍.ଜି. କର ମେଡିକାଲ କଲେଜରେ ପ୍ରିନ୍ସିପାଲ ଭାବେ କାର୍ଯ୍ୟ କରିବା ପରେ ୨୦୨୩ ସେପ୍ଟେମ୍ବରରେ ତାଙ୍କୁ ମୁର୍ଶିଦାବାଦର ଏକ ମେଡିକାଲ କଲେଜକୁ ବଦଳି କରାଯାଇଥିଲା। ସେଠାରେ ସେ ମାସେ ରହିବା ପରେ ପୁନର୍ବାର ଆର୍.ଜି. କର ହସ୍ପିଟାଲକୁ ଫେରିଆସିଥିଲେ। ଗତ ଅଗଷ୍ଟ ୯ ରାତିରେ ଉକ୍ତ ହସ୍ପିଟାଲରେ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ପରେ ସେ ୧୨ ତାରିଖରେ ଇସ୍ତଫା ଦେଇ କାଲ୍‌କାଟା ନ୍ୟାଶନାଲ ମେଡିକାଲ କଲେଜ ହସ୍ପିଟାଲରେ ପ୍ରିନ୍ସିପାଲ ଭାବେ ଯୋଗ ଦେଇଥିଲେ। ପରଦିନ କୋଲ୍‌କାତା ହାଇକୋର୍ଟ ଏଥିରେ ହସ୍ତକ୍ଷେପ କରି ତାଙ୍କୁ ଛୁଟିରେ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ଆର୍ଥିକ ଅନିୟମିତତା ମାମଲାରେ ସିବିଆଇ ସନ୍ଦୀପ୍‌ଙ୍କୁ ଗିରଫ କରିବା ପରେ ତାଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି।

## ସନ୍ଦୀପ୍‌ଙ୍କ ଘନିଷ୍ଠ ୩ ଡାକ୍ତର ନିଲମ୍ବିତ

ଆର୍.ଜି. କର ମେଡିକାଲ କଲେଜର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ୍ ଘୋଷଙ୍କ ଘନିଷ୍ଠ ଭାବେ ଜଣାଶୁଣା ୩ ଡାକ୍ତରଙ୍କୁ ପଶ୍ଚିମବଙ୍ଗ ମେଡିକାଲ କାଉନ୍‌ସିଲ ନିଲମ୍ବନ କରିଛି। ନିଲମ୍ବିତ ଡାକ୍ତରମାନେ ହେଲେ ବର୍ଦ୍ଧମାନ ମେଡିକାଲ କଲେଜର କାର୍ଡିଓଡାଏଗ୍ନୋସିସ୍ ବିଭାଗର ପୂର୍ବତନ ରେସିଡେଣ୍ଟ ମେଡିକାଲ ଅଫିସର ଅଭିକ୍ ଦେ, ପାଥୋଲୋଜି ବିଭାଗର ପୂର୍ବତନ ବରିଷ୍ଠ ରେସିଡେଣ୍ଟ ଡାକ୍ତର ବିରୁପାକ୍ଷ ବିଶ୍ୱାସ ଏବଂ ମେଦିନିପୁର ମେଡିକାଲ କଲେଜ ଓ ହସ୍ପିଟାଲର ଜୁନିୟର ଡାକ୍ତର ମୁସ୍ତାଫିଜୁର ରହମାନ ମଲ୍ଲିକ। ଏମାନଙ୍କର ସନ୍ଦୀପ୍ ଏବଂ ଶାସକ ଦଳ ନେତାଙ୍କ ସହ ଘନିଷ୍ଠତା ଥିବାବେଳେ ଜୁନିୟର ଡାକ୍ତରମାନଙ୍କୁ କାର୍ଯ୍ୟସ୍ଥଳରେ ହଇରାଣ କରୁଥିବା ଅଭିଯୋଗ ହୋଇଥିଲା। ୫ ତାରିଖରେ ଅଭିକ ଏବଂ ବିରୁପାକ୍ଷଙ୍କୁ ରାଜ୍ୟ ଡାକ୍ତରୀ ସେବାରୁ ନିଲମ୍ବନ କରାଯାଇଥିଲା। ଡାକ୍ତର ବଳାତ୍କାର ଓ ହତ୍ୟା ଘଟଣା ପରେ ଅଭିକ୍ ଏବଂ ବିରୁପାକ୍ଷ ଜୁନିୟର ଡାକ୍ତର ଏବଂ ଇଣ୍ଟର୍ନମାନଙ୍କୁ ଧମକ ଦେଉଥିବା ଅଭିଯୋଗ ହେଉଥିଲା। ନିକଟରେ ମେଦିନିପୁର ମେଡିକାଲ କଲେଜରେ ଜୁନିୟର ଡାକ୍ତର ବିକ୍ଷୋଭ ବେଳେ ମଲ୍ଲିକଙ୍କ ବିରୋଧରେ ଅନୁରୂପ ଅଭିଯୋଗ ଆଣିଥିଲେ।

# ଭାରତୀୟ ପ୍ରଶାସନିକ ସେବାରୁ ପୂଜା ଖେଡ୍‌କର ବହିଷ୍କୃତ



ନୂଆଦିଲ୍ଲୀ,୭।୯ (ପି.ଟି.)

କେନ୍ଦ୍ର ସରକାର ବିବାଦୀୟ ଟ୍ରେନି ଅଫିସର ପୂଜା ଖେଡ୍‌କରଙ୍କୁ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ରୁ ବହିଷ୍କାର କରିଛନ୍ତି। ମାସେ ପୂର୍ବରୁ କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି) ତାଙ୍କ ମନୋନୟନକୁ ରଦ୍ଦ କରିଥିଲା। ୨୦୨୩ ବ୍ୟାଚ୍‌ର ଏହି ଅଫିସର ସରକାରୀ ସେବା ନିମନ୍ତେ ମନୋନୟନକୁ ନିଶ୍ଚିତ କରିବା ପାଇଁ ଠକେଇ ସମେତ ବେଆଇନ ଭାବେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଏବଂ ଭିନ୍ନକ୍ଷମ କୋଟାର ଫାଇଦା ନେଇଥିଲେ। ଶୁକ୍ରବାର କେନ୍ଦ୍ର ସରକାର ଆଇଏଏସ୍(ପ୍ରୋବେଶନ) ରୁଲ୍‌ସ, ୧୯୫୪ର ରୁଲ୍ ୧୨ ଅନୁଯାୟୀ ଖେଡ୍‌କରଙ୍କୁ ଭାରତୀୟ ପ୍ରଶାସନିକ ସେବାରୁ ତୁରନ୍ତ ବିଦା କରିଛନ୍ତି। ପୁଣେରେ ଆଇଏଏସ୍ ତାଲିମ୍ ସମୟରେ ପୂଜା କ୍ଷମତା ଓ ସୁବିଧାର ଦୁରୁପଯୋଗ କରିଥିଲେ। ଭୁଲ ତଥ୍ୟ ଦେବା ଏବଂ ବେଆଇନ ଭାବେ କୋଟା ସୁବିଧା ଉଠାଇବା ଅଭିଯୋଗରେ ଜୁଲାଇ ମାସରେ ଦିଲ୍ଲୀ ପୋଲିସ ତାଙ୍କ ନାମରେ ଅପରାଧିକ ମାମଲା ରୁଜୁ କରିଥିଲା। ଜୁଲାଇ ୩୧ରେ ୟୁପିଏସ୍‌ସି ତାଙ୍କର ପ୍ରାର୍ଥିତ୍ୱକୁ ଖାରଜ କରିଦେବା ସହ ତାଙ୍କୁ ଭବିଷ୍ୟତ ପରୀକ୍ଷାରୁ ବଞ୍ଚିତ କରିଥିଲା।

# ପୋଲିଓ ଟିକାକରଣବେଳେ ଇସ୍ରାଏଲ୍‌ର ଆକ୍ରମଣ: ୨୭ ମୃତ

କାଇରୋ,୭।୯

ଗାଜାରେ ଲକ୍ଷାଧିକ ପିଲାଙ୍କ ପାଇଁ ପୋଲିଓ ଟିକାକରଣ ଅଭିଯାନ ଶୁକ୍ରବାର ପୁନର୍ବାର ଆରମ୍ଭ ହୋଇଥିବାବେଳେ ଇସ୍ରାଏଲ୍ ଏୟାରଷ୍ଟ୍ରାଇକ୍ କରିବାରୁ ୨୭ ଜଣ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ଶରଣାର୍ଥୀ ଶିବିର ଥିବା ନୁସେଇରାତ୍‌ରେ ଇସ୍ରାଏଲୀ ସେନାର ବୋମାମାଡ଼ରେ ୨ ମହିଳା ଓ ୨ ଜଣ ଛୋଟ ପିଲାଙ୍କ ମୃତ୍ୟୁ ହୋଇଥିବାବେଳେ ଗାଜା ସିଟିର ୨ଟି ସ୍ଥାନରେ ଏୟାରଷ୍ଟ୍ରାଇକ୍‌ରେ ୮ ଜଣ ପ୍ରାଣ ହରାଇଛନ୍ତି। ଅନ୍ୟମାନେ ବିଭିନ୍ନ ସ୍ଥାନରେ ଆକ୍ରମଣରେ ନିହତ ହୋଇଥିବା ଜଣାପଡ଼ିଛି। ଗାଜା ସିଟିର ଜେଇତୌନ୍ ଅଞ୍ଚଳରେ ଇସ୍ରାଏଲ ଟ୍ୟାଙ୍କ୍ ଯୋଗେ ଆକ୍ରମଣ ଜାରି ରଖିଛି। ସେମାନେ ଖାନ୍ ୟୁନିସ୍ ଏବଂ ରାଫାହରେ ଅନେକ ଘରକୁ ଉଡ଼ାଇଦେଇଛନ୍ତି।

ହମାସ୍ ଏବଂ ଇସ୍ରାଏଲ୍ ମଧ୍ୟରେ ୧୧ ମାସ ହେଲା ଯୁଦ୍ଧ ଲାଗିରହିଥିବାବେଳେ ଏହାକୁ ବନ୍ଦ କରିବା ପାଇଁ ବହୁପର୍ଯ୍ୟାୟ କୂଟନୈତିକ ଉଦ୍ୟମ ବିଫଳ ହେଲାଣି। ଗାଜାରେ ପଣବନ୍ଦୀ ଥିବା ଇସ୍ରାଏଲୀ ଏବଂ ବିଦେଶୀ ନାଗରିକମାନଙ୍କୁ ମୁକ୍ତ କରାଯାଇ ପାରୁନାହିଁ। ସେହିପରି ଇସ୍ରାଏଲ୍‌ରେ ମଧ୍ୟ ଅନେକ ପାଲେଷ୍ଟିନୀୟ ଜେଲରେ ରହିଛନ୍ତି। କାତାର, ଇଜିପ୍ଟ ଏବଂ ଆମେରିକା ଯୁଦ୍ଧବିରତି ପାଇଁ ମଧ୍ୟସ୍ଥତା ଜାରି ରଖିଛନ୍ତି। ହମାସ୍ ଏବଂ ଇସ୍ରାଏଲ୍ ମଧ୍ୟ ମତାନ୍ତର ଦୂର ପାଇଁ ଆମେରିକା ସାନି ଯୁଦ୍ଧବିରତି ପ୍ରସ୍ତାବ ପ୍ରସ୍ତୁତ କରୁଛି। ହମାସ୍ ଓ ଇସ୍ରାଏଲ୍ ନେତା ତୁରନ୍ତ ଅସ୍ତ୍ରବିରତି ଚୁକ୍ତିନାମାରେ ପହଞ୍ଚିବା ପାଇଁ ଜାତିସଂଘ ମହାସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଗୁରୁବାର ଆହ୍ୱାନ ଦେଇଥିଲେ।



# ହୁଗ୍‌ଲିରେ ନାବାଳିକାଙ୍କୁ ଯୌନ ନିର୍ଯାତନା

କୋଲକାତା,୭।୯

ପଶ୍ଚିମବଙ୍ଗର ହୁଗ୍‌ଲି ଜିଲାରେ ଜଣେ ୧୫ ବର୍ଷୀୟାଙ୍କୁ ଯୌନ ନିର୍ଯାତନା ପରେ ସଂଜ୍ଞାହୀନ ଅବସ୍ଥାରେ ରାସ୍ତାପାର୍ଶ୍ୱରେ ଫିଙ୍ଗିଦିଆଯାଇଥିଲା। କୋଲକାତା ହସ୍ପିଟାଲରେ ମହିଳା ଡାକ୍ତରଙ୍କୁ ଗଣବଳାତ୍କାର ଓ ହତ୍ୟାକୁ ନେଇ ରାଜ୍ୟରେ ଉତ୍ତେଜନା ଜାରି ରହିଥିବାବେଳେ ଶୁକ୍ରବାର ରାତିରେ ହୁଗ୍‌ଲିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ପୀଡ଼ିତା ନାବାଳିକାଙ୍କୁ ଚିରା ପୋଷାକରେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ଜୁଲାଇ ୬ ବିଶ୍ୱ ଗ୍ରାମାଞ୍ଚଳ ବିକାଶ ଦିବସ

ନୂଆଦିଲ୍ଲୀ,୭।୯ (ପି.ଟି.)

**ଜାତିସଂଘରେ ପ୍ରସ୍ତାବ ଗୃହୀତ**

ପ୍ରତିବର୍ଷ ଜୁଲାଇ ୬ ତାରିଖକୁ ବିଶ୍ୱ ଗ୍ରାମାଞ୍ଚଳ ବିକାଶ ଦିବସ ଭାବେ ପାଳନ କରିବା ପାଇଁ ଜାତିସଂଘ ସାଧାରଣ ସଭାରେ ଏକ ପ୍ରସ୍ତାବ ଗୃହୀତ ହୋଇଛି। ସାଧାରଣ ସଭାର ୭୮ତମ ଅଧିବେଶନରେ ଏନେଇ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି। ବାଂଲାଦେଶ ପ୍ରଥମେ ଏହି ପ୍ରସ୍ତାବ ଆଣିଥିବାବେଳେ ଭାରତ, ବାଂଲାଦେଶ, ନେପାଳ, ପେରୁ, ଫିଲିପାଇନ୍ସ ଏବଂ ଥାଇଲାଣ୍ଡକୁ ନେଇ ଗଠିତ କୋର୍ ଗ୍ରୁପ୍ ମିଳିତ ଭାବେ ଏହାକୁ ଅଧିବେଶନରେ ଉପସ୍ଥାପନ କରିଥିଲା। ମୋଟ ୪୩ ଦେଶ ପ୍ରସ୍ତାବର ସହପ୍ରାୟୋଜକ ରହିଥିଲେ। ସେପ୍ଟେମ୍ବର ୬ରେ ଏହା ବିନା ଭୋଟରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ବାଂଲାଦେଶର ଅନ୍ତରୀଣ ସରକାର ପ୍ରଥମ ଥର ପାଇଁ ଜାତିସଂଘ ସାଧାରଣ ସଭାରେ ଏକ ପ୍ରସ୍ତାବର ନେତୃତ୍ୱ ନେଇଥିଲା।

# ଆନ୍ଧ୍ରର ୩ ମହିଳା ସିରିଏଲ୍ କିଲର ଗିରଫ

**ପାନୀୟରେ ସାଇନାଇଡ୍ ମିଶାଇ ଅଜଣା ବ୍ୟକ୍ତିଙ୍କୁ ହତ୍ୟା କରି ଲୁଟୁଥିଲେ**

ଅମରାବତୀ, ୭।୯



ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଜିଲା ତେନାଲି ସହରରେ ୩ ମହିଳା ସିରିଏଲ କିଲରଙ୍କୁ ଧରିବାରେ ଶନିବାର ପୋଲିସ ସଫଳ ହୋଇଛି। ଉକ୍ତ ମହିଳା ପ୍ରଥମେ ଅଜଣା ବ୍ୟକ୍ତିଙ୍କ ସହ ବନ୍ଧୁତା ସ୍ଥାପନ କରୁଥିଲେ। ଏହାପରେ ସୁଯୋଗ ଦେଖି ସେମାନେ ଅଜଣା ବ୍ୟକ୍ତିଙ୍କୁ ବିଭିନ୍ନ ପ୍ରକାର ପାନୀୟ ଯାଚୁଥିଲେ। ପାନୀୟରେ ସେମାନେ ସାଇନାଇଡ୍ ମିଶାଇ ଦେଉଥିଲେ, ଯାହାକୁ ପିଇବା ମାତ୍ରେ ଅଜଣା ବ୍ୟକ୍ତିଙ୍କର ମୃତ୍ୟୁ ଘଟୁଥିଲା। ଫଳରେ ଏହି ୩ ମହିଳା ସେମାନଙ୍କଠାରୁ ସୁନା, ନଗଦ ଟଙ୍କା ଏବଂ ମୂଲ୍ୟବାନ ଜିନିଷ ଲୁଟି ନେଉଥିଲେ। ବର୍ତ୍ତମାନ ସୁଦ୍ଧା ସେମାନେ ୪ ଜଣଙ୍କୁ ହତ୍ୟା କରିଥିବାବେଳେ ଅନ୍ୟ ୨ ଜଣ ହତ୍ୟା ଉଦ୍ୟମରୁ ବର୍ତ୍ତିଯାଇଥିବା ପୋଲିସ କହିଛି। ୩ ଅଭିଯୁକ୍ତ ହେଉଛନ୍ତି ମୁନଗପ୍ପା ରଜନୀ (୪୦), ମାଦିଆଲା ଭେଙ୍କଟେଶ୍ୱରୀ (୩୨) ଏବଂ ଗୁଲରା ରାମନମ୍ମା(୬୦)। ସେମାନେ ପୋଲିସ ସମ୍ମୁଖରେ ନିଜର ଅପରାଧ ସ୍ୱୀକାର କରିଛନ୍ତି।

# ସୁନୀତା, ୱିଲ୍‌ମୋରଙ୍କ ବିନା ଫେରିଲା ଷ୍ଟାର୍‌ଲାଇନର

ୱାଶିଂଟନ, ୭।୯

ବୋଇଂ ଷ୍ଟାର୍‌ଲାଇନର ମହାକାଶ ଯାନ ଶନିବାର ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର(ଆଇଏସ୍‌ଏସ୍)ରୁ ପୃଥିବୀକୁ ଫେରିଆସିଛି। ବୈଷୟିକ ତ୍ରୁଟି ଦେଖାଦେବା ଯୋଗୁ ଏହା ଆଇଏସ୍‌ଏସ୍‌ରେ ୨ ମହାକାଶ ଯାତ୍ରୀ ସୁନୀତା ୱିଲିୟମ୍ସ ଏବଂ ବୁଚ୍ ୱିଲ୍‌ମୋରଙ୍କୁ ଛାଡ଼ି ପୃଥିବୀ ପୃଷ୍ଠକୁ ଫେରିଛି। ଆଇଏସ୍‌ଏସ୍‌ରୁ ଷ୍ଟାର୍‌ଲାଇନର ସ୍ୱୟଂଚାଳିତ ମୋଡ୍‌ରେ ପ୍ରତ୍ୟାବର୍ତ୍ତନ କରି ୬ ଘଣ୍ଟାରେ ନ୍ୟୁ ମେକ୍ସିକୋର ମରୁଭୂମିରେ ଅବତରଣ କରିଛି।



ସ୍ପେସ୍ ଫ୍ଲାଇଟ୍ ଇତିହାସରେ ପ୍ରଥମ ମହାକାଶ ଯାନ ଭାବରେ ଷ୍ଟାର୍‌ଲାଇନର ୨ ମହାକାଶଚାରୀଙ୍କ ସହ ଲଞ୍ଚ୍ ହୋଇଥିଲା, କିନ୍ତୁ ବିନା ମହାକାଶଚାରୀରେ ପୃଥିବୀ ପୃଷ୍ଠରେ ନିରାପଦ ଅବତରଣ କରିଛି। ତେବେ ଆସନ୍ତାବର୍ଷ ଫେବୃଆରୀରେ ଉଭୟ ସୁନୀତା ଏବଂ ୱିଲ୍‌ମୋରଙ୍କୁ ସ୍ପେସ୍ ଏକ୍ସ'ର 'ଡ୍ରାଗନ' ମହାକାଶ ଯାନରେ ପୃଥିବୀକୁ ଅଣାଯିବ ବୋଲି ନାସା ପୂର୍ବରୁ ସୂଚନା ଦେଇଛି। ସୂଚନାଯୋଗ୍ୟ, ଗତ ଜୁନ୍‌ରେ ସୁନୀତା ଏବଂ ୱିଲ୍‌ମୋର ସପ୍ତାହେ ପାଇଁ ଆଇଏସ୍‌ଏସ୍ ଯାତ୍ରା କରିଥିଲେ। ତେବେ ଷ୍ଟାର୍‌ଲାଇନରରେ ଥ୍ରଷ୍ଟର ଜନିତ ସମସ୍ୟା ଯୋଗୁ ହିଲିୟମ ଲିକ୍ ଘଟିଥିଲା। ଫଳରେ ୨ ମହାକାଶଚାରୀଙ୍କୁ ଉକ୍ତ ମହାକାଶ ଯାନରେ ଫେରାଇ ଆଣିବା ବିପଜ୍ଜନକ ହୋଇଥିବା ନାସା ପକ୍ଷରୁ କୁହାଯାଇଥିଲା। ଉଭୟ ସୁନୀତା ଏବଂ ୱିଲ୍‌ମୋର ୩ ମାସ ଧରି ଆଇଏସ୍‌ଏସ୍‌ରେ ଫସି ରହିଛନ୍ତି।

Business

# ୬୬୦୦ ଯୋଗାଣକାରୀଙ୍କୁ ୧୧,୦୦୦ କୋଟି ଟଙ୍କାର କାର୍ଯ୍ୟବରାଦ

ଭୁବନେଶ୍ୱର,୭।୯ (ଅଭୟ ଦାଶ)



ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍କମ୍‌ଗୁଡ଼ିକ ପକ୍ଷରୁ ସ୍ଥାନୀୟ ଠିକାଦାର ଓ ଯୋଗାଣକାରୀମାନଙ୍କୁ ୧୧,୪୮୧ କୋଟି ଟଙ୍କାର କାର୍ଯ୍ୟବରାଦ ପ୍ରଦାନ କରାଯାଇଛି। ଏପରିକି ରାଜ୍ୟର ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାକୁ ଅଧିଗ୍ରହଣ କରିବାର ୩ବର୍ଷ ମଧ୍ୟରେ ଦିଆଯାଇଥିବା ଏହି ବରାଦଗୁଡ଼ିକ ମଧ୍ୟରୁ ୮୬୯୦ କୋଟି ଟଙ୍କାର ବରାଦ ସ୍ଥାନୀୟ ଏମ୍‌ଏସ୍‌ଏମ୍‌ଇଙ୍କୁ ଓ ୨୭୯୧କୋଟି ଟଙ୍କାର କାର୍ଯ୍ୟବରାଦ ଅଣ ଏମ୍‌ଏସ୍‌ଏମ୍‌ଇଙ୍କୁ ଦିଆଯାଇଛି। ସେହିଭଳି ସ୍ଥାନୀୟ ଠିକାଦାର ଓ ଯୋଗାଣକାରୀମାନଙ୍କୁ ମୁଖ୍ୟତଃ ଉପକରଣ ଏବଂ ସେବା ଭଳି ଦୁଇଟି ପ୍ରମୁଖ ବର୍ଗରେ କାର୍ଯ୍ୟବରାଦ ଦିଆଯାଇଛି। ଏପରିକି ଓଡ଼ିଶାର ଚାରିଟି ଡିସ୍‌କମ୍ ଟିପି ସେଣ୍ଟ୍ରାଲ, ଟିପି ସଦର୍ନ, ଟିପି ନର୍ଦନ ଓ ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ ପକ୍ଷରୁ ୬୬୪୫ ସ୍ଥାନୀୟ ଭେଣ୍ଡର ଓ ଯୋଗାଣକାରୀଙ୍କ ସହ ସହଯୋଗିତା ସ୍ଥାପନ କରାଯାଇଛି। ଏହି ମିଳିତ ସହଯୋଗିତା ଦୈନନ୍ଦିନ ପରିଚାଳନା ଓ ସେବାର ମେରୁଦଣ୍ଡ ଭାବେ କାର୍ଯ୍ୟ କରୁଥିବା ବେଳେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ଲାଗି ସ୍ଥାନୀୟ ଭେଣ୍ଡରମାନଙ୍କୁ ଉତ୍ସାହିତ କରାଯାଉଛି। ସେହିପରି ମିଟର ରିଡିଂ, ବିଲିଂ ଓ ନେଟ୍‌ୱର୍କ ରକ୍ଷଣାବେକ୍ଷଣ ଆଦି କ୍ଷେତ୍ରରେ ଡିସ୍‌କମ୍‌ଗୁଡ଼ିକ ୪୩୪୭ଭେଣ୍ଡରଙ୍କୁ ୭୫୬୦କୋଟି ଟଙ୍କାର କାର୍ଯ୍ୟବରାଦ ଦେଇଛନ୍ତି। ଉପକରଣ ଯୋଗାଣ ବର୍ଗରେ ବଣ୍ଟନ ଟ୍ରାନ୍ସଫରମର, ତାର, ଖୁଣ୍ଟ ଆଦି ପାଇଁ ୩୯୨୧ କୋଟି ଟଙ୍କାର ୨୨୯୮କାର୍ଯ୍ୟବରାଦ ପ୍ରଦାନ କରାଯାଇଛି। ଉପକରଣ ଯୋଗାଣ କ୍ଷେତ୍ରରେ ରହିଥିବା ଚୁକ୍ତିଗୁଡ଼ିକ ମଧ୍ୟରେ ରହିଛି ବଣ୍ଟନ ଟ୍ରାନ୍ସଫରମର, ତାର, ଖୁଣ୍ଟ, ଏଲ୍‌ଟି ଓ ଏଚ୍‌ଟି ହାର୍ଡୱେର, ଲାପ୍‌ଟପ୍ ଓ ଡେସ୍କଟପ୍ ସହିତ ସେବା କ୍ଷେତ୍ରରେ ବ୍ୟାପକ କାର୍ଯ୍ୟକଳାପ ଯଥା ମିଟର ସ୍ଥାପନ, ବିଲିଂ, କଲେକ୍ସନ, କଲ୍ ସେଣ୍ଟର ପରିଚାଳନା, ମିଟର ରିଡିଂ ଏବଂ ହାଉସ କିପିଂ ଓ କ୍ୟାଟରିଂ ଭଳି ପ୍ରଶାସନିକ ଭୂମିକା ସାମିଲ ରହିଛି। ଅପରପକ୍ଷରେ ଏହି କାର୍ଯ୍ୟକଳାପଗୁଡ଼ିକ ମେକ୍ ଇନ୍ ଓଡ଼ିଶା ସହ ସମନ୍ୱିତ ରହିଥିବା ବେଳେ ଓଡ଼ିଶାର ଅର୍ଥନୈତିକ ପ୍ରଗତିରେ ପ୍ରମୁଖ ଭୂମିକା ନିର୍ବାହ କରୁଛି। ଏହା ବ୍ୟବସାୟ ଦୃଶ୍ୟପଟରେ ପରିବର୍ତ୍ତନ ଆଣିବା ସହ ସ୍ଥାନୀୟ ଲୋକଙ୍କ ଅର୍ଥନୈତିକ ପ୍ରଗତିରେ ଯୋଗଦାନ କରୁଛି।

# ତନିସ୍କର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

ବାରିପଦା, ୭।୯ (ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ସର୍ବବୃହତ୍ ଖୁଚୁରା ଗହଣା ବ୍ରାଣ୍ଡ 'ତନିସ୍କ'ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶୁକ୍ରବାର ବାରିପଦା ଟାଉନ ଷ୍ଟେଶନ ରୋଡ୍‌ସ୍ଥିତ ଡିପାସାହିଠାରେ ଉଦ୍‌ଘାଟିତ ହୋଇଯାଇଛି। ଆସୋସିଏଟ୍ ଉପାଧ୍ୟକ୍ଷ ପିଏଚ୍‌ଡି ଡ.ଲକ୍ଷ୍ମୀଧର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ତନିସ୍କର ସର୍କଲ ବିଜ୍‌ନେସ୍ ମ୍ୟାନେଜର ଅରିନ୍ଦମ ପ୍ରାମାଣିକଙ୍କ ସମେତ ଫ୍ରାଞ୍ଚାଇଜ ପାର୍ଟନର ଆସୋସିଏଟ୍ ଗୌରବ ବେହେରା ଏବଂ ଶୀର୍ଷକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ୩୦୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଏହି ନୂତନ ଶୋ'ରୁମ୍ ଗଢ଼ି ଉଠିଛି। ଏଠାରେ ସୁନାଗହଣା, ଚମତ୍କାର ହୀରା, କୁନ୍ଦନ ଓ ପୋଲକି ଭଳି ତନିସ୍କ ଡିଜାଇନର ବିସ୍ତୃତ ଗହଣା ସମ୍ଭାର ରହିଛି। ଉଦ୍‌ଘାଟନ ଅବସରରେ କମ୍ପାନୀ ପକ୍ଷରୁ ଆକର୍ଷଣୀୟ ରିହାତି ଅଫର ସାଙ୍ଗକୁ ଗ୍ରାହକଙ୍କୁ ପ୍ରତ୍ୟେକ ଅଳଙ୍କାର କ୍ରୟରେ ମାଗଣା ଗୋଲ୍ଡ କଏନ ପ୍ରଦାନ କରୁଛି ଏହି ଅଫର ୨୦୨୪ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ଉପଲବ୍ଧ ରହିଛି।

# ଖାଦ୍ୟ ସୁରକ୍ଷାର ସର୍ବୋଚ୍ଚ ସ୍ତରକୁ ଅନୁସରଣ

ନୂଆଦିଲ୍ଲୀ,୭।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ରେଷ୍ଟୁରାଣ୍ଟ ବ୍ରାଣ୍ଡ (ଫୁଡ୍ ପ୍ଲାଟ୍‌ଫର୍ମ) କେଏଫ୍‌ସି ଇଣ୍ଡିଆ ଗ୍ରାହକଙ୍କୁ ଖାଦ୍ୟ ସୁରକ୍ଷାର ସର୍ବୋଚ୍ଚ ସ୍ତର ପ୍ରଦାନ କରିବା ପାଇଁ ଦୃଢ଼ ଭାବେ ପ୍ରତିବଦ୍ଧ ରହିଛି। ଏପରିକି କେଏଫ୍‌ସି ଭାରତର ସ୍ୱାଦିଷ୍ଟତମ ଚିକେନ୍ ପ୍ରଦାନ କରିବା ପାଇଁ ଯତ୍ନଶୀଳ ପ୍ରକ୍ରିୟା ଓ ଉନ୍ନତ ସ୍ୱଚ୍ଛତା ମାନକଗୁଡ଼ିକୁ ଅନୁସରଣ କରିଥାଏ। ସେହିଭଳି କେଏଫ୍‌ସି ରେଷ୍ଟୁରାଣ୍ଟଗୁଡ଼ିକରେ ପରିବେଷଣ କରାଯାଉଥିବା ଚିକେନ୍ ତାମିଲନାଡୁ, କର୍ନାଟକ, ମହାରାଷ୍ଟ୍ର, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ପଞ୍ଜାବ, ହରିୟାଣା ଓ ରାଜସ୍ଥାନର ପ୍ରତିଷ୍ଠିତ ଏବଂ ପ୍ରମାଣିତ ଯୋଗାଣକାରୀଙ୍କଠାରୁ ଅଣାଯାଉଛି। ଯେଉଁମାନେ କଠୋର ଯାଞ୍ଚ ପ୍ରକ୍ରିୟାଗୁଡ଼ିକୁ ଠିକ୍‌ଭାବେ କାର୍ଯ୍ୟକାରୀ କରୁଛନ୍ତି। ଏପରିକି ସପ୍ଲାୟର ବା ଯୋଗାଣକାରୀମାନେ ଏଫ୍‌ଏସ୍‌ଏସ୍‌ଏଆଇ ଓ ଅନ୍ୟାନ୍ୟ ସମ୍ବନ୍ଧିତ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଧାରିତ ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ପ୍ରଯୁଜ୍ୟ ସୁରକ୍ଷା ଓ ଗୁଣବତ୍ତା ମାନକଗୁଡ଼ିକର ପାଳନ କରୁଛନ୍ତି। ସେହିପରି ଯୋଗାଣକାରୀଙ୍କ କୁକୁଡ଼ା ଫାର୍ମରୁ ଫର୍କ ପର୍ଯ୍ୟନ୍ତ ପ୍ରାୟ ୩୪ଟି କ୍ୱାଲିଟି ଚେକ୍‌ର ସମ୍ମୁଖୀନ ହୋଇଥାଏ, ଯାହାକୁ ଖାଇବା ପାଇଁ ବ୍ରାଣ୍ଡ ସମ୍ପୂର୍ଣ୍ଣ ସୁରକ୍ଷିତ ମନେକରୁଛି। କେଏଫ୍‌ସି ପକ୍ଷରୁ ପରିବେଷଣ କରାଯାଉଥିବା ଚିକେନ୍‌କୁ ୧୭୦ଡିଗ୍ରୀ ସେଲ୍‌ସିୟସ୍‌ର ଅତ୍ୟଧିକ ଉଚ୍ଚ ତାପମାତ୍ରାରେ ରନ୍ଧନ କରାଯାଉଛି, ଯାହା ଚିକେନ୍‌କୁ ରାନ୍ଧିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା ସୁପାରିସ କରାଯାଇଥିବା ୭୦ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାଠାରୁ ଯଥେଷ୍ଟ ଅଧିକ ରହିଛି। ଅନ୍ତର୍ଜାତୀୟ ଅନୁସନ୍ଧାନ ଓ ବିଶ୍ୱସନୀୟ ସ୍ୱାସ୍ଥ୍ୟ ସଙ୍ଗଠନଗୁଡ଼ିକ ଅନୁଯାୟୀ ଫ୍ଲୁ ଭାଇରସ୍ ରନ୍ଧାଯାଇଥିବା ଖାଦ୍ୟ ମାଧ୍ୟମରେ ସଂକ୍ରମିତ ହୋଇପାରିବ ନାହିଁ, ଯାହା କେଏଫ୍‌ସିରେ ପରିବେଷଣ କରାଯାଉଥିବା ପ୍ରତ୍ୟେକ ମିଲ୍ ଖାଇବା ପାଇଁ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ବୋଲି ସୁନିଶ୍ଚିତ କରୁଛି। ରାଜ୍ୟରେ ବର୍ତ୍ତମାନ ଜାରି ରହିଥିବା ବାର୍ଡ ଫ୍ଲୁ ସଂକ୍ରମଣର କେଏଫ୍‌ସି ରେଷ୍ଟୁରାଣ୍ଟଗୁଡ଼ିକରେ ଦିଆଯାଉଥିବା ଚିକେନ୍‌ର ସୁରକ୍ଷା ଓ ମାନ ଉପରେ କୌଣସି ପ୍ରଭାବ ନାହିଁ।

# ସପ୍ତାହକରେ ୬ ଡଲାର ଶସ୍ତା ହେଲା ଅଶୋଧିତ ତୈଳ

ନୂଆଦିଲ୍ଲୀ,୭।୯ (ଅନୁରାଧା ମହାରଣା)

ଗତ କିଛି ମାସ ଧରି ଅଶୋଧିତ ତୈଳ ଦରରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଛି। ବିଶ୍ୱ ସ୍ତରରେ ଅଶୋଧିତ ତୈଳ ବର୍ତ୍ତମାନ ବ୍ୟାରେଲ ପିଛା ୭୦-୭୩ ଡଲାର ମଧ୍ୟରେ ରହିଛି। ୧ ସପ୍ତାହରେ ଅଶୋଧିତ ତୈଳ ବ୍ୟାରେଲ ପିଛା ପ୍ରାୟ ୬ ଡଲାର ଶସ୍ତା ହୋଇଛି। ଶୁକ୍ରବାର ଫ୍ୟୁଚର ବାଣିଜ୍ୟରେ ଅଶୋଧିତ ତୈଳ ମୂଲ୍ୟ ୪୧ ଟଙ୍କା ବୃଦ୍ଧି ପାଇ ୫,୮୨୫ ଟଙ୍କା ହୋଇଛି। ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ଅକ୍ଟୋବରରେ ଅଶୋଧିତ ତୈଳ ଅନୁବନ୍ଧ ୪୧ ଟଙ୍କା ଅର୍ଥାତ୍ ୦.୭୧ ପ୍ରତିଶତ ବୃଦ୍ଧି ହୋଇ ବ୍ୟାରେଲ ପିଛା ୫,୮୨୫ ଟଙ୍କା ହୋଇଛି। ଏହା ୮.୩୭୬ ଲଟ ପାଇଁ ବାଣିଜ୍ୟ କରାଯାଇଥିଲା। ପଶ୍ଚିମ ଟେକ୍ସାସ ମଧ୍ୟବର୍ତ୍ତୀ ଅଶୋଧିତ ତୈଳ ବ୍ୟାରେଲ ପିଛା ୦.୫୮ ପ୍ରତିଶତ ବୃଦ୍ଧି ପାଇ ୬୯.୫୫ ଡଲାରରେ ପହଞ୍ଚିଛି। ଅନ୍ୟପଟେ ବ୍ରେଣ୍ଟ ଅଶୋଧିତ ତୈଳ ଦର ବ୍ୟାରେଲ ପ୍ରତି ୦.୫୬ ପ୍ରତିଶତ ବୃଦ୍ଧି ପାଇ ୭୩.୧୦ ଡଲାରରେ ପହଞ୍ଚିଛି ।

# ମିଭିର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୭।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଏକ ଅଗ୍ରଣୀ ଓ୍ୟାରଲେସ୍ ଅଡିଓ ସଲ୍ୟୁସନ୍ସ ନବୋନ୍ମେଷକାରୀ ବ୍ରାଣ୍ଡ ମିଭିର ନୂତନ ଉତ୍ପାଦ ତଥା ଲାଟେଷ୍ଟ ଟ୍ରୁ ଓ୍ୟାରଲେସ୍ ଷ୍ଟେରିଓ (ଟିଡବ୍ଲ୍ୟୁଏସ୍) ଇୟର ବଡ୍‌ସ୍ ଓପେରାର ଉନ୍ମୋଚନ ନିକଟରେ ହୋଇଯାଇଛି। ଏ ସମ୍ପର୍କରେ ମିଭିର ସିଇଓ ମିଧୁଲା ଦେବଭାକ୍ତୁନି କହିଥିଲେ, ଆମେ ସଙ୍ଗୀତପ୍ରେମୀଙ୍କ ପାଇଁ ଓପେରା ସହ ଅତୁଳନୀୟ ଓ୍ୟାରଲେସ୍ ଅଡିଓ ଅନୁଭୂତି ଆଣି ରୋମାଞ୍ଚିତ ଅନୁଭବ କରୁଛୁ। ଏପରିକି ଆମେ ଭାରତର ପ୍ରଥମ ବ୍ରାଣ୍ଡ ଭାବେ ହାଇ-ରେସ୍ ଓ୍ୟାରଲେସ୍ ଅଡିଓ ନିମନ୍ତେ ଜାପାନ ଅଡିଓ ସୋସାଇଟି ନିକଟରୁ ପ୍ରମାଣପତ୍ର ହାସଲ କରିଛୁ। ଅନ୍ୟ କୌଣସି ଭାରତୀୟ ବ୍ରାଣ୍ଡ ଏ ପର୍ଯ୍ୟନ୍ତ ଏହା ପାଇବାରେ ସମର୍ଥ ହୋଇନାହାନ୍ତି। ମିଭିର ସୁପରପଡ୍‌ସ୍ ଓପେରା ସିରିଜ୍ ନବସୃଜନ ଏବଂ ଅତୁଳନୀୟ ଅଡିଓ ଉତ୍ପାଦ ଯୋଗାଇଦେବା ନିମନ୍ତେ ବ୍ରାଣ୍ଡର ପ୍ରତିବଦ୍ଧତାର ନିର୍ଦ୍ଦେଶନ ହୋଇଛି।

# ସଙ୍କଳ୍ପ, ସମର୍ପଣର ବାର୍ତ୍ତାଦିଏ ନୂଆଁଖାଇ



କୃଷି ଓ କୃଷକର ପର୍ବ ନୂଆଁଖାଇ। ଏହି ପର୍ବରେ ଖାଦ୍ୟଶସ୍ୟର ମହାନ୍ ପରମ୍ପରା ରହିଛି। ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ରଚିତ ଅନ୍ନର ମହିମା କବିତାରେ ଖାଦ୍ୟଶସ୍ୟ ଏବଂ ଅନ୍ନର ମହତ୍ତ୍ୱ ବିଷୟରେ ବର୍ଣ୍ଣିତ ହୋଇଛି । ସ୍ୱଭାବକବି ରଚନା କରିଥିବା ପଂକ୍ତି ହେଉଛି, ଧନ୍ୟ ମହାପ୍ରଭୁ ହେ ଆଗେ ସୃଜି ଅନ୍ନ, ତା' ଉତାରେ ସୃଜିଲ ଜୀବଜନ୍ତୁ ଗଣ । ଅନ୍ନ ବିନା ଜୀବନ ନ ପାରଇ ରହି, ବିନା ପ୍ରାଣୀଙ୍କ ଜୀବନ ନିରତେ ଦହି ହେ...। ତେଣୁ କୃଷି, କୃଷକ ପ୍ରକୃତପକ୍ଷେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ନିବିଡ଼ ଭାବେ ଜଡ଼ିତ। ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ସକାଳେ ଚାଷୀପୁଅ ପାକଳ ଧାନକ୍ଷେତକୁ ଯାଇ ଅରୁଆ ଚାଉଳ, ଫୁଲ, ଦୀପ, ଧୂପ, ନାରୀକେଳ ଦେଇ ପୂଜାର୍ଚ୍ଚନା କରିଥାନ୍ତି। ଏହାପରେ କ୍ଷୀର ଢାଳି ପିତୃପୁରୁଷଙ୍କୁ ସ୍ମରଣ କରିଥାନ୍ତି। ବସୁଧା ମାତା ଓ ଈଶ୍ୱରଙ୍କ କୃପାରୁ ଅଧିକ ଫସଲ ଅମଳ କରିବାକୁ ମନରେ କାମନା କରି ସିଧାସଳଖ ଘରକୁ ଫେରିଥାନ୍ତି। ଘର ଅଗଣାରେ ଥିବା ଗୁହାଳରେ ପୂଜା କରନ୍ତି। ଏଥିସହ ଗୋମାତାଙ୍କୁ ସ୍ନାନ କରାଇଥାନ୍ତି। ସମସ୍ତଙ୍କ ଶିଙ୍ଗରେ ରାଖୀ ବାନ୍ଧି ନୀରୋଗ ଜୀବନ କାମନା କରାଯାଏ। ଏତଦ୍‌ବ୍ୟତୀତ ଭବିଷ୍ୟତକୁ ଶୁଭ ମନାସି କୃଷି କାର୍ଯ୍ୟରେ ବ୍ୟବହୃତ କୃଷି ଉପକରଣ, ଦୁଆର ବନ୍ଧଗୁଡ଼ିକରେ ରାଖୀ ବାନ୍ଧିଥାନ୍ତି। ଏହି ପରମ୍ପରା ବହୁ ପ୍ରାଚୀନ। ସଂପ୍ରତି ଚାଷୀମାନେ ପାରମ୍ପରିକ କୃଷି ଉପକରଣ ପରିବର୍ତ୍ତେ ଅତ୍ୟାଧୁନିକ ଯନ୍ତ୍ରାଂଶ ବ୍ୟବହାର କରୁଛନ୍ତି। ତଥାପି ଶସ୍ୟ, ଫଳ, ଫୁଲ, ବୃକ୍ଷଲତାକୁ ଈଶ୍ୱରଙ୍କୁ ସମର୍ପଣ କରିବା ନୀତି ରହିଛି। ପରବର୍ତ୍ତୀ ସମୟରେ ପ୍ରସାଦ ଭାବେ ସମସ୍ତେ ଏହାକୁ ଗ୍ରହଣ କରିଥାନ୍ତି। ତେଣୁ ନୂଆଁଖାଇ ସଙ୍କଳ୍ପ ଓ ସମର୍ପଣର ବାର୍ତ୍ତା ଦେଇଥାଏ।

ଭାରତୀୟ ଧର୍ମ, ସଂସ୍କୃତି ଓ ପରମ୍ପରାରେ ନୂଆଁଖାଇ ତଥା ନବାନ୍ନଭକ୍ଷଣ ବିଧି ବହୁ ପ୍ରାଚୀନ।ମଣିଷ, ପ୍ରକୃତି ଓ ଈଶ୍ୱରଙ୍କୁ ଏକାଠି ସଂଯୁକ୍ତ ରଖିବାର ସଂଯୋଗ ସେତୁ ହେଉଛି ନୂଆଁଖାଇ। ନିଜସ୍ୱ ମହତ୍ତ୍ୱରେ ମହୀୟାନ ଏହି କୃଷିଭିତ୍ତିକ ଗଣପର୍ବ ଜନସାଧାରଣଙ୍କ ହୃଦୟରେ ଆଶା ଓ ଉଦ୍ଦୀପନା ସୃଷ୍ଟି କରିଥାଏ, ଜୀବନର ପୂର୍ଣ୍ଣତା ଆଡ଼କୁ ବାଟ କଢ଼ାଇ ନିଏ। ପ୍ରକୃତି ଓ ପରିବେଶକୁ ପୂଜା କରିବା, ଆଧ୍ୟାତ୍ମିକ ଭାବନାରେ ଉଦ୍‌ବୁଦ୍ଧ ହେବା, ଉପକାରୀ ପ୍ରତି କୃତଜ୍ଞତା ଜ୍ଞାପନ କରିବା, ପରସ୍ପର ବାଣ୍ଟି ଖାଇବା ଏବଂ ଗୁରୁଜନମାନଙ୍କୁ ସମ୍ମାନ ଜଣାଇବା ହେଉଛି ନୂଆଁଖାଇ ଗଣପର୍ବର ବିଶେଷତ୍ୱ। ନବ ଉତ୍ପାଦିତ ଅନ୍ନକୁ ସୃଷ୍ଟିକର୍ତ୍ତାଙ୍କୁ ଅର୍ପଣ କରି ସେହି ପ୍ରସାଦ ନିଜେ ଗ୍ରହଣ କରିବା ନୂଆଁଖାଇ ପର୍ବର ମୂଳ ଲକ୍ଷ୍ୟ। ତେଣୁ ନୂଆଁଖାଇ ସଙ୍କଳ୍ପ ଓ ସମର୍ପଣର ପର୍ବ ।

*ରିପୋର୍ଟ: ବି. ଶଙ୍କର, ସମ୍ବଲପୁର*































Your classified advertisement published in Dharitri will be listed free in Dharitri online edition :
**www.dharitri.com**

# ସୁସ୍ଥ ଲାଇଫ୍ ଷ୍ଟାଇଲ୍









ବର୍ତ୍ତମାନର ବ୍ୟସ୍ତବହୁଳ ତଥା ପରିବର୍ତ୍ତିତ ଜୀବନଶୈଳୀରେ ଅସନ୍ତୁଳିତ ଖାଦ୍ୟାଭ୍ୟାସ ଓ ଶାରୀରିକ ପରିଶ୍ରମର ଅଭାବ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ଏମିତିରେ ସୁସ୍ଥ ରହିବା ଆଜିର ଦିନରେ ସଭିଙ୍କ ପାଇଁ ସବୁଠାରୁ ବଡ଼ ବରଦାନ...

ବର୍ତ୍ତମାନ ଯୁବାବସ୍ଥାରୁ ଅନେକଙ୍କ ଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି। ଫିଟ୍ ଏବଂ ଏନର୍ଜେଟିକ୍ ରହିବା ବୟସରେ ଏପରି ସମସ୍ୟା ଦେଖା ଦେବାର ମୁଖ୍ୟ କାରଣ ହେଉଛି ଅସନ୍ତୁଳିତ ଖାଦ୍ୟାଭ୍ୟାସ, କମ୍ ଶୋଇବା, ଶାରୀରିକ ବ୍ୟାୟାମର ଅଭାବ ଏବଂ ଦୀର୍ଘ ସମୟ ଇଲେକ୍ଟ୍ରୋନିକ୍ସ ଗ୍ୟାଜେଟ୍ ବ୍ୟବହାର କରିବା। ତେଣୁ ସୁସ୍ଥ ରହିବା ଲାଗି ଦୈନନ୍ଦିନ ଜୀବନଚର୍ଯ୍ୟାରେ କେତେକ ଦିଗ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ। ଜାଣି ରଖନ୍ତୁ ସେ ସମ୍ପର୍କରେ...

**ରୁହନ୍ତୁ ହାଇଡ୍ରେଟ୍:** ପ୍ରତିଦିନ ସକାଳୁ ଦୁଇ ଗ୍ଲାସ୍ ଉଷୁମ ପାଣି ପିଅନ୍ତୁ। ଏହା ଶରୀରକୁ ଡିଟକ୍ସ କରିଥାଏ, ଅର୍ଥାତ୍ ସମସ୍ତ ବର୍ଜ୍ୟ ଉପାଦାନ ନିଷ୍କାସନ କରିବାରେ ସାହାଯ୍ୟ କରିଥାଏ। ଏହା ଡିହାଇଡ୍ରେଶନ୍ ସମସ୍ୟା ଉପୁଜିବାକୁ ଦେଇ ନ ଥାଏ। ହଜମକ୍ରିୟା ଠିକ୍ କରିବା ସହ ପେଟ ସମସ୍ୟା ଦୂର କରିଥାଏ। ଏହା ବ୍ୟତୀତ ଦିନ ମଧ୍ୟରେ ଅତି କମ୍‌ରେ ୩-୪ ଲିଟର ପାଣି ପିଅନ୍ତୁ।

**ଅଧିକ ଚାଲିବା ଭଲ:** ସକାଳୁ ଚାଲିବା ଏକ ବହୁତ ଭଲ ଅଭ୍ୟାସ। ପ୍ରତିଦିନ ସମୟ ବାହାର କରି ଅତିକମ୍‌ରେ ଅଧଘଣ୍ଟା ଚାଲନ୍ତୁ। ଏହାକୁ ନିଜ ଲାଇଫ୍ ଷ୍ଟାଇଲ୍‌ରେ ସାମିଲ୍ କରି ଦେଖନ୍ତୁ ନିଶ୍ଚୟ ଉପକୃତ ହେବେ। ମାର୍କେଟ୍, କଲେଜ୍, ଅଫିସ୍ ଆଦି ପାଖ ହୋଇଥିଲେ ଗାଡ଼ି ନ ନେଇ ଚାଲି ଚାଲି ଯାଇପାରିବେ।

- ଉପର ଫ୍ଲୋର୍‌କୁ ଯିବା ଲାଗି ଲିଫ୍ଟ ବଦଳରେ ପାହାଚ ବ୍ୟବହାର କରନ୍ତୁ। ଏହାଦ୍ୱାରା କ୍ୟାଲୋରି ବର୍ନ ହେବା ସହ ଶରୀର ମଧ୍ୟ ଫିଟ୍ ରହିବ।

**ଠିକ୍ ରଖନ୍ତୁ ଖାଦ୍ୟପେୟ-** ସନ୍ତୁଳିତ ଖାଦ୍ୟପେୟ ମଧ୍ୟ ଫିଟ୍ ରହିବା ଲାଗି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ହେଲେ ବର୍ତ୍ତମାନ ଫାଷ୍ଟଫୁଡ୍, ଜଙ୍କଫୁଡ୍ ଭଳି ଖାଦ୍ୟ ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ତେଣୁ ଇଚ୍ଛା ହେଲେ ଫାଷ୍ଟଫୁଡ୍ ବଦଳରେ ଘରୋଇ ହେଲ୍‌ଦି ଖାଦ୍ୟ ଖାଆନ୍ତୁ। ଚିପ୍ସ, ବିସ୍କୁଟ୍ ବଦଳରେ ଫଳ, ବାଦାମ, ଗଜାମୁଗ, ବୁଟ, ସାଲାଡ୍ ଆଦି ଖାଆନ୍ତୁ ଏବଂ କୋଲ୍ଡ ଡ୍ରିଙ୍କ୍ସ ବଦଳରେ ଫ୍ରୁଟ୍‌ଜୁସ୍, ପଇଡ ପାଣି, ଲସି, ଆଖୁରସ ପିଇଲେ ବେଶ୍ ଭଲ। ନିଜ ପ୍ରତିଦିନ ଖାଦ୍ୟ ତାଲିକାରେ ଫାଇବର ଏବଂ ଭିଟାମିନ୍‌ଯୁକ୍ତ ଖାଦ୍ୟକୁ ସାମିଲ କରନ୍ତୁ। ସକାଳୁ ଉଠି ବେଡ୍-ଟି ପିଇବାର ଅଭ୍ୟାସ ଅନେକଙ୍କର ରହିଛି, ଯାହାକି ସ୍ୱାସ୍ଥ୍ୟପକ୍ଷେ ହାନିକାରକ। ତେଣୁ ଏହା ବଦଳରେ ଗ୍ରୀନ୍-ଟି ପିଇଲେ ଉପକୃତ ହୋଇପାରିବେ।

**କମାନ୍ତୁ ଇ-ଗ୍ୟାଜେଟ୍ ଟାଇମ୍:** ଦୀର୍ଘସମୟ ଧରି ମୋବାଇଲ୍ ବ୍ୟବହାର କରିବା ଆଜିର ଯୁବିପିଢିଙ୍କର ଯେମିତି ଏକ ପ୍ରମୁଖ କାର୍ଯ୍ୟ ପାଲଟିଯାଇଛି। ହେଲେ ଏଥିପାଇଁ ଦୀର୍ଘ ସମୟ ଜାକି ହୋଇ ବା ବଙ୍କା ହୋଇ ବସିବା ଦ୍ୱାରା ମେରୁଦଣ୍ଡ ସହ ବେକ, ଅଣ୍ଟା ଆଦିରେ ଚାପ ପଡ଼ିଥାଏ। ସେହିପରି ଜାକି ହୋଇ ବସିବା ଦ୍ୱାରା ପେଟ ଚାପି ହୋଇ ରହିବା କାରଣରୁ ହଜମ କ୍ରିୟା, ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୋଇଥାଏ, ଯାହାଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ। ଯଦି କମ୍ପ୍ୟୁଟର କିମ୍ବା ଲାପଟପ୍‌ରେ ଅଧିକ ସମୟ କାମ କରିବାକୁ ପଡୁଛି, ତେବେ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ନ ରହି ମଝିରେ ମଝିରେ ଉଠି ଅଳ୍ପ ଚଲାବୁଲା କରନ୍ତୁ। ଏହାଦ୍ୱାରା ଶରୀର ଏବଂ ଆଖି ଉଭୟକୁ କିଛି ସମୟ ଆରାମ ମିଳିଯିବ।

**ଠିକ୍ ସମୟରେ ଖାଆନ୍ତୁ:** ସକାଳ ଜଳଖିଆ ଠିକ୍ ସମୟରେ ନ ଖାଇବା କିମ୍ବା ଅଧିକ ସମୟ ଶୋଇ ଜଳଖିଆ ନ ଖାଇ ଏକାଥରେ ମଧ୍ୟାହ୍ନ ଭୋଜନ କରିବାର ବଦଭ୍ୟାସ ଅନେକଙ୍କ ଠାରେ ରହିଛି। ଯାହାକି ସ୍ୱାସ୍ଥ୍ୟ ସମସ୍ୟାର ମୂଳ କାରଣ। ତେଣୁ ସକାଳ ଜଳଖିଆ ନିହାତି ଖାଆନ୍ତୁ ଏବଂ ଏଥିରେ କୌଣସି ଫାଷ୍ଟଫୁଡ୍ କିମ୍ବା ତେଲମସଲା ଖାଦ୍ୟ ରଖନ୍ତୁ ନାହିଁ। ସେହିପରି ରାତିରେ ଅଧିକ ବିଳମ୍ବରେ ନ ଖାଇ ୮-୯ଟା ମଧ୍ୟରେ ଡିନର କରିନିଅନ୍ତୁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ରାତ୍ରଭୋଜନର ତୁରନ୍ତ ପରେ ଆଦୌ ଶୁଅନ୍ତୁ ନାହିଁ। ଅଳ୍ପ ସମୟ ଚାଲନ୍ତୁ କିମ୍ବା ଅନ୍ୟ କୌଣସି କାମ କରିବା ପରେ ଶୁଅନ୍ତୁ।





**ଜରୁରୀ ଏକ୍ସରସାଇଜ୍:** ପ୍ରତିଦିନ କିଛି ସମୟ ଯୋଗ, ବ୍ୟାୟାମ କରନ୍ତୁ। ମ୍ୟୁଜିକ୍ ଲଗାଇ କିଛି ସମୟ ଡ୍ୟାନ୍ସ କଲେ ମଧ୍ୟ ଖୁବ୍ ଭଲ ଏକ୍ସରସାଇଜ୍ ହୋଇପାରିବ। ଯଦି ସୁବିଧା ଅଛି, ତେବେ ସାଇକ୍ଲିଂ କଲେ ବି ବେଶ୍ ଉପକୃତ ହୋଇପାରିବେ। ପ୍ରତିଦିନ ଏକ୍ସରସାଇଜ୍ କଲେ ମେଦବହୁଳତା, ହୃଦ୍‌ରୋଗ, ଡାଇବେଟିସ୍ ଭଳି ଅନେକ ସମସ୍ୟାଠୁ ଦୂରେଇ ରହିପରିବେ। ତା'ଛଡା ଏହା ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବାରେ ମଧ୍ୟ ବେଶ୍ କାମରେ ଆସିଥାଏ। ଖାଲି ସମୟ ପାଇଲେ ଦୁଇ ହାତର ପାପୁଲିକୁ ଭଲ ଭାବେ ରଗଡ଼ନ୍ତୁ। ଏହାଦ୍ୱାରା ବ୍ଲଡ୍ ସର୍କୁଲେଶନ୍ ଭଲ ଭାବେ ହୋଇଥାଏ।

**ପର୍ଯ୍ୟାପ୍ତ ନିଦ୍ରା:** ନିଦ ମଧ୍ୟ ଶରୀରକୁ ସୁସ୍ଥ ରଖିବା ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ପାଠପଢ଼ା, ନାଇଟ୍ ଡ୍ୟୁଟି ଜବ୍ କିମ୍ବା ରାତିରେ ଅଧିକ ସମୟ ମୋବାଇଲ୍ ଦେଖିବାରେ ଅନେକଙ୍କ ନିଦ୍ରା ପ୍ରଭାବିତ ହେଉଛି ଏବଂ ନିଦ୍ରାହୀନତାଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଛି। ତେଣୁ ପ୍ରତ୍ୟେକଙ୍କୁ ନିଜର କାର୍ଯ୍ୟ ବା ଶ୍ରମ ଅନୁସାରେ ଶରୀରକୁ ଆବଶ୍ୟକ ଆରାମକୁ ଆଖି ଆଗରେ ରଖି ଶୋଇବା ଦରକାର। ତେଣୁ ପ୍ରତି ୭-୮ ଘଣ୍ଟା କିମ୍ବା କିଛି ନିର୍ଦ୍ଦିଷ୍ଟ ସମୟ ନ ରଖି ଶରୀରର ଆବଶ୍ୟକତା ଅନୁଯାୟୀ ଶୁଅନ୍ତୁ। ଏହାଦ୍ୱାରା ଶରୀରର ମେଟାବୋଲିଜମ୍ ଠିକ୍ ରଖିବ, ଉଭୟ ଶରୀର ଏବଂ ମନ ଷ୍ଟ୍ରେସ୍ ଫ୍ରି ରହିବା ସହିତ ରୋଗ ପ୍ରତିରୋଧକ ଶକ୍ତି ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ।

## ଜାଣନ୍ତୁ ଦୁନିଆ

# ଟେଲିଗ୍ରାମ୍

ସୋସିଆଲ୍ ମିଡିଆ ଟେଲିଗ୍ରାମ୍ ବିଷୟରେ ପ୍ରାୟ ସମସ୍ତେ ଜାଣିଥିବେ। ଆପଣମାନଙ୍କ ମଧ୍ୟରୁ ଅନେକେ ଏହାକୁ ବ୍ୟବହାର ମଧ୍ୟ କରୁଥିବେ। ତେବେ ଜାଣିବା ଏହା ସମ୍ପର୍କରେ କେତୋଟି ରୋଚକ ତଥ୍ୟ...

■ ଟେଲିଗ୍ରାମ୍ ହେଉଛି ପୃଥିବୀର ତୃତୀୟ ସର୍ବାଧିକ ଡାଉନ୍‌ଲୋଡ୍ ହେଉଥିବା ମେସେଞ୍ଜର ଆପ୍। ଏହା ୨୦୧୩ ମସିହାରେ ନିକୋଲାଇ ଏବଂ ପାଭେଲ୍ ଡୁରୋଭ୍‌ଙ୍କ ଦ୍ୱାରା ଆରମ୍ଭ ହୋଇଥିଲା।

■ ଏହାର ହେଡ୍‌କ୍ୱାର୍ଟର ଦୁବାଇରେ ରହିଥିବା ବେଳେ ୟୁରୋପ, ଏସିଆ, ଆଫ୍ରିକା ଆଦି ମହାଦେଶରେ ଏହାର ଅନେକ କାର୍ଯ୍ୟାଳୟ ରହିଛି।

■ ଏହି ମେସେଞ୍ଜରରେ ୨୦୨୨ ବେଳକୁ ମାସିକ ଆକ୍ଟିଭ୍ ୟୁଜର୍‌ଙ୍କ ସଂଖ୍ୟା ୭୦୦ ମିଲିଅନ୍‌ରୁ ଅଧିକ ହୋଇସାରିଥିଲା।




■ ଆଶ୍ଚର୍ଯ୍ୟର କଥା, ଏହି ଆପ୍ ଏପର୍ଯ୍ୟନ୍ତ ବିଜ୍ଞାପନରେ ଟଙ୍କା ଖର୍ଚ୍ଚ କରିନାହିଁ କିମ୍ବା ମନିଟାଇଜ୍ କରିନାହିଁ।

■ ଏଥିରେ ଥିବା ଏଣ୍ଡ ଟୁ ଏଣ୍ଡ ଏନ୍‌କ୍ରିପ୍ସନ୍ ସୁବିଧା ମେସେଜ୍‌ଗୁଡିକର ଗୋପନୀୟତା ରକ୍ଷା କରୁଥିବାରୁ ଏହା ଅଧିକ ଲୋକପ୍ରିୟ ହୋଇପାରିଛି।

■ ଏଥିରେ ଏକାସଙ୍ଗେ ବା ଗ୍ରୁପ୍‌ରେ ୨ ଲକ୍ଷ ପର୍ଯ୍ୟନ୍ତ ୟୁଜର ଯୋଡ଼ି ହୋଇପାରିବେ।

■ ଏଥିରେ ଏକ ସମୟରେ ୨ ଜିବି ପର୍ଯ୍ୟନ୍ତ ଡାଟା ବା ଫାଇଲ୍ ପଠାଯାଇପାରେ।

■ ଏଥିରେ ଏକ ମାଇକ୍ରୋ ବ୍ଲଗିଂ ପ୍ଲାଟ୍‌ଫର୍ମ ରହିଛି, ଯାହାକୁ ଟେଲିଗ୍ରାଫ୍ କୁହାଯାଏ।

■ ଟେଲିଗ୍ରାମ୍‌ରେ ମଲ୍ଟିପଲ୍ ଆକାଉଣ୍ଟ ଖୋଲିବାର ସୁବିଧା ରହିଛି। ତେଣୁ ଜଣେ ୟୁଜର ଗୋଟିଏ ଫୋନ୍‌ରେ ଏକାଧିକ ଆଇଡି ବ୍ୟବହାର କରିପାରିବ।




## ଏ ସପ୍ତାହର ପ୍ରଶ୍ନ

୧- ନ୍ୟାଶନାଲ ସ୍ପୋର୍ଟ୍ସ ଡେ' ............ ତାରିଖରେ ପାଳନ କରାଯାଏ ?
୨- ଗ୍ଲୋବାଲ୍ ଫିନ୍‌ଟେକ୍ ଫେଷ୍ଟ ୨୦୨୪ .........ଠାରେ ପାଳିତ ହୋଇଯାଇଛି ?
୩- ୭ମ ରାଷ୍ଟ୍ରୀୟ ପୋଷଣ ମାସ................ଠାରେ ଶୁଭାରମ୍ଭ କରାଯାଇଛି ?
୪- କିତାବ୍ ଅର୍ ରେହ୍‌ଲା ପୁସ୍ତକର ଲେଖକ ............... ?
୫- ବୁଦ୍ଧ ସମ୍ୟକ୍ ଦର୍ଶନ ସଂଗ୍ରହାଳୟ .......... ଠାରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଟଚିଂ ଲାଇଭ୍‌ସ ହ୍ୱାଇଲ୍ ଟଚିଂ ଦି ମୁନ୍: ଇଣ୍ଡିଆସ୍ ସ୍ପେସ୍ ସାଗା
୨ କର୍ଣ୍ଣାଟକ
୩ ନ୍ୟୁ ଇଣ୍ଡିଆ ଲିଟେରାସି ପ୍ରୋଗ୍ରାମ
୪ ୱିଲିୟମ୍ ସେକ୍ସପିୟର
୫ ଭେମ୍ବାନାଦ୍ ହ୍ରଦ

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ



ମାନସ କର, କୋଣାର୍କ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦




୧- ଟେସ୍‌ଲା........................................ ୬୯୦.୪୨ ବିଲିୟନ୍ ଡଲାର
୨- ଟୟୋଟା ........................................ ୨୪୭.୭୨ ବିଲିୟନ୍ ଡଲାର
୩- ବିୱାଇଡି ........................................ ୯୧.୦୪ ବିଲିୟନ୍ ଡଲାର
୪- ଫରାରି ........................................ ୮୨.୫୬ ବିଲିୟନ୍ ଡଲାର
୫- ମର୍ସିଡିଜ୍ ବେଞ୍ଜ .................................. ୭୦.୯୩ ବିଲିୟନ୍ ଡଲାର
୬- ପୋରଶ୍ଚେ ........................................ ୬୮.୧୧ ବିଲିୟନ୍ ଡଲାର
୭- ବିଏମ୍‌ଡବ୍ଲ୍ୟୁ ..................................... ୫୭.୨୨ ବିଲିୟନ୍ ଡଲାର
୮- ଜିଆଓମି ........................................ ୫୫.୩୫ ବିଲିୟନ୍ ଡଲାର
୯- ଭକ୍ସ୍‌ୱାଗେନ୍ ..................................... ୫୪. ୬୫ ବିଲିୟନ୍ ଡଲାର
୧୦- ହୋଣ୍ଡା ........................................ ୫୧.୦୫ ବିଲିୟନ୍ ଡଲାର

## ୟୁଥ୍ ଫ୍ୟାଶନ

# ୱାଟରପ୍ରୁଫ୍ ଫୁଟ୍‌ୱେର



ବର୍ଷାଦିନେ ଲେଦର କିମ୍ବା କାନ୍‌ଭାସ୍ ଚପଲ ପିନ୍ଧିଲେ ଶୀଘ୍ର ନଷ୍ଟ ହୋଇଯାଇଥାଏ। ତେଣୁ ଏଦିନେ ବିଭିନ୍ନ ପ୍ରକାରର ୱାଟରପ୍ରୁଫ୍ ଫୁଟ୍‌ୱେର ପାଲଟିଥାଏ ଯୁବପିଢ଼ିଙ୍କର ପ୍ରଥମ ପସନ୍ଦ...

⏭ ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ କ୍ଲଗ୍ ଫୁଟ୍‌ୱେର୍‌ର ଡିମାଣ୍ଡ ଅଧିକ ଦେଖିବାକୁ ମିଳୁଛି। ଏହା ପାଦକୁ ଆରାମଦାୟକ ଲାଗିବା ସହ ଦେଖିବାକୁ ମଧ୍ୟ ଖୁବ୍ ଆଇକ୍ୟାଚି। ତା'ଛଡ଼ା ଏହାକୁ ଯେକୌଣସି କାଜୁଆଲ୍ ଆଉଟ୍‌ଫିଟ୍ ସହିତ ବ୍ୟବହାର ପରି ହେଉଥିବାରୁ ଯୁବପିଢ଼ିଙ୍କର ଏହାକୁ ନେଇ କ୍ରେଜ୍ ବଢୁଛି। ଏହା ଉପରେ ଥିବା ଛୋଟ ଛୋଟ କଣା ଯୋଗୁ ଓଦା ହେଲେ ପାଦ ଶୀଘ୍ର ଶୁଖିବା ମଧ୍ୟ ସହଜ ହୋଇଥାଏ। ତେଣୁ ବର୍ଷାରେ ଏଭଳି ଚପଲ ସବୁଠୁ ବେଷ୍ଟ ଅପ୍ସନ।

⏭ ବର୍ତ୍ତମାନ ବିଭିନ୍ନ ଡିଜାଇନ୍‌ର କଲରଫୁଲ୍ ଫ୍ଲିପ୍ ଫ୍ଲପ୍ ମାର୍କେଟ୍‌ରେ ଉପଲବ୍ଧ। ପ୍ରତ୍ୟେକ ଡ୍ରେସ୍ ସହିତ ମ୍ୟାଚିଂ କଲରର ଫ୍ଲିପ୍ ଫ୍ଲପ୍ ମିଳୁଥିବାରୁ ବର୍ତ୍ତମାନ ଯୁବିପିଢ଼ି ଏହାକୁ ଅଧିକ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି, ଯାହାକି ବଜେଟ ଫ୍ରେଣ୍ଡଲୀ ଏବଂ ଖୁବ୍ ହାଲୁକା ହୋଇଥିବାରୁ କ୍ୟାରି କରିବାକୁ ମଧ୍ୟ ଖୁବ୍ ସହଜ।

⏭ ରବର ଏବଂ ସଫ୍ଟ ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ବିଭିନ୍ନ ଆକର୍ଷଣୀୟ ଡିଜାଇନର ଗନ୍ ବୁଟ୍ ବି ବର୍ତ୍ତମାନ ଯୁବପିଢ଼ିଙ୍କୁ ଅଧିକ ଆକୃଷ୍ଟ କରୁଛି। ଏହା ସବୁ ପ୍ରକାର ଗେଟ୍‌ଅପ୍‌ରେ ଟ୍ରେଣ୍ଡି ଲାଗୁଛି। ବିଶେଷକରି ଆଜିର ମଡର୍ନ ତଥା ୱେଷ୍ଟର୍ନ ଆଉଟ୍‌ଫିଟ୍ କ୍ୟାରି କରୁଥିବା ଯୁବପିଢ଼ିଙ୍କ ପାଇଁ ଏହା ଏକ ଭଲ ଅପ୍ସନ।

⏭ ଏଦିନେ ଲେଦର, କାନ୍‌ଭାସ୍ ଭଳି ଜୋତା ପରିବର୍ତ୍ତେ ପାଣି ସଂସ୍ପର୍ଶରେ ଆସି ଶୀଘ୍ର ନଷ୍ଟ ନ ହେବା ଭଳି ଜେଲି ପ୍ଲେଟ୍ସ ଫୁଟ୍‌ୱେରର ଡିମାଣ୍ଡ ଅଧିକ। ଏହା କଲରଫୁଲ୍ ହୋଇଥିବାରୁ ଷ୍ଟାଇଲିଶ୍ ଲାଗିଥାଏ ଏବଂ ଖୁବ୍ କମ୍ଫର୍ଟେବଲ୍ ମଧ୍ୟ।

# ଏକାଠି ରନ୍ଧା ହୁଏ ୧୬୩ ପରିବାରର ଅନ୍ନ

## ଏକତା ଓ ସହଭାଗିତାର ବିରଳ ଦୃଷ୍ଟାନ୍ତ ଝୁରିମାଲର ସାମୂହିକ ନୂଆଁଖାଇ



ନୂଆଁଖାଇ ଶୁଭେଚ୍ଛା ଜଣାଇ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଶନିବାର ତିଆରି କରିଥିବା ବାଲୁକା କଳା।

ମାଟି ଓ ମଣିଷର ନିବିଡ ସମ୍ପର୍କର ମହାନ୍ ଗଣପର୍ବ ହେଉଛି ନୂଆଁଖାଇ। ଖରା, ବର୍ଷା, ଶୀତ, କାକରରେ ହାଡ଼ଭଙ୍ଗା ପରିଶ୍ରମ କରି ମାଟି ମା'ରୁ ଉତ୍ପାଦିତ ପ୍ରଥମ ଶସ୍ୟକୁ ସମ୍ମାନ ଦେବାର ପର୍ବ ହେଉଛି ନୂଆଁଖାଇ। ପ୍ରତିବର୍ଷ ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକର ଝୁରିମାଲ ଗାଁର ୧୬୩ ପରିବାର ଏକାଠି ବସି ନୂଆଁଖାଇ ଏକ ଅନନ୍ୟ ଭାଇଚାରାର ଉଦାହରଣ ସୃଷ୍ଟି କରିଛନ୍ତି। ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ଅଭିନବ ଢଙ୍ଗରେ ବେଶ୍ ହର୍ଷଉଲ୍ଲାସରେ ଏହି ଗଣପର୍ବକୁ ପାଳନ କରିବା ପାଇଁ ସମସ୍ତ ପ୍ରସ୍ତୁତି କରିସାରିଛନ୍ତି ଏହି ଗ୍ରାମବାସୀ। ସମସ୍ତ ରାଗ, ରୋଷ, ଈର୍ଷା, ଅହଂକାର ଭୁଲି ଏକତା, ସହଭାଗିତା ଓ ଭାଇଚାରାର ଏକ ବିରଳ ଦୃଷ୍ଟାନ୍ତ ସାଜିଛି ଏହି ଝୁରିମାଲ ଗାଁ। ଦୀର୍ଘ ୧୨ବର୍ଷ ଧରି ସାମୂହିକ ନୂଆଁଖାଇ ଭାରି ଧୁମଧାମ୍‌ରେ ପାଳନ କରୁଛନ୍ତି ଝୁରିମାଲ ଗ୍ରାମବାସୀ। ପ୍ରଥମେ ୫ଟି ପରିବାର ମିଶି ଆରମ୍ଭ କରିଥିବା ସାମୂହିକ ନୂଆଁଖାଇ ଆଜି ଗ୍ରାମର ସମୁଦାୟ ୧୬୩ଟି ପରିବାରକୁ ଏକତାର ଡୋରିରେ ବାନ୍ଧି ରଖିଛି। ଗାଁ ଦାଣ୍ଡରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ବସି ନୂଆଁ ଅନ୍ନଖାଇ ପାରମ୍ପରିକ ଭାବରେ ନୂଆଁଖାଇ ପାଳନ କରୁଥିବାର ଏକ ବିରଳ ଉଦାହରଣ ହେଉଛି ଝୁରିମାଲର ସାମୂହିକ ନୂଆଁଖାଇ। ସର୍ବପ୍ରଥମେ ଗ୍ରାମର ଆରାଧ୍ୟ ଦେବତା ସଙ୍କଟମୋଚନ ବଜରଙ୍ଗବଲୀଙ୍କ ପାଖରେ ନୂଆଁ ଚାଉଳ ଲାଗି ପୂଜା ଅର୍ଚ୍ଚନା କରିବା ପରେ ଗ୍ରାମର ପ୍ରତ୍ୟେକ ପରିବାର ନିଜ ନିଜ ଇଷ୍ଟଦେବଦେବୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ଏହାପରେ ଗ୍ରାମର ପ୍ରତ୍ୟେକ ପରିବାରରୁ ଆବାଳବୃଦ୍ଧବନିତା ଏକତ୍ରିତ ହୋଇ ନବାନ୍ନଭକ୍ଷଣ କରି ସାମୂହିକ ଭାବରେ ନୂଆଁଖାଇ ପାଳନ କରିଥାନ୍ତି। ଏହା ପରେ ଆରମ୍ଭ ହୋଇଥାଏ ନୂଆଁଖାଇ ଭେଟ୍‌ଘାଟ୍‌ର ଅନନ୍ୟ ପରମ୍ପରା। ପୂର୍ବ କଳିକଜିଆ, ରାଗ, ଦୋଷ ଭୁଲି ଗ୍ରାମର ପ୍ରତ୍ୟେକ ଲୋକ ବଡଙ୍କୁ ନମସ୍କାର ଓ ଛୋଟଙ୍କୁ ଆଶୀର୍ବାଦ କରି ଏହି ପର୍ବକୁ ଆହୁରି ଜୀବନ୍ତ କରିଥାନ୍ତି। ଏଥି ସହିତ ବିଲୁପ୍ତପ୍ରାୟ ବିଭିନ୍ନ ପୁରାତନ ଖେଳ ଯଥା ପୁଚିଖେଳ, ଶଙ୍ଖ ଫୁଙ୍କା, ହୁଳହୁଳି, ବାଡିଘିଚା ଇତ୍ୟାଦିରେ ମଜି ଯାଇଥାନ୍ତି ଝୁରିମାଲ ଗ୍ରାମବାସୀ। ଗ୍ରାମ ଗୋଷ୍ଠୀ ସହଭାଗିତାର ନିଆରା ପରମ୍ପରା ଏହି ସାମୂହିକ ନୂଆଁଖାଇ ଚଳିତବର୍ଷ ମଧ୍ୟ ରବିବାର ପାରମ୍ପରିକ ରୀତିନୀତିରେ ହର୍ଷ ଉଲ୍ଲାସର ସହିତ ପାଳନ କରାଯିବ। ଏଥି ନିମନ୍ତେ ଗୋଟିଏ ମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ଗ୍ରାମବାସୀ, ଝୁରିମାଲ ବନ ସୁରକ୍ଷା ସମିତି ଓ ଜୟ ବଜରଙ୍ଗ କ୍ଲବର ସଦସ୍ୟ। ବାସ୍ତବରେ ଝୁରିମାଲ ଗ୍ରାମବାସୀଙ୍କ ଏହି ଐତିହାସିକ ପଦକ୍ଷେପ ଅନ୍ୟ ଗାଁମାନଙ୍କ ପାଇଁ ଏକତା ଓ ଭାଇଚାରାର ଏକ ଜ୍ୱଳନ୍ତ ଉଦାହରଣ ହୋଇ ପାରିବ।

**ଉପସ୍ଥାପନା :**ଜୟନାରାୟଣ ମେଣ୍ଡୁଲି, ସୁନ୍ଦରଗଡ଼।







































See Career Appointment on every Wednesday & Saturday



ଇଷ୍ଟଦେବୀ ମା' ସୁରେଶ୍ୱରୀ ।

# ପ୍ରକୃତି ଉପାସନାକୁ ଉଜ୍ଜୀବିତକରି ରଖିଛି ନୂଆଁଖାଇ

ନୂଆଁଖାଇ ପର୍ବ ଆଧ୍ୟାତ୍ମିକ, ପାରମ୍ପରିକ ଓ ସାମାଜିକ ଭାବଧାରାର ଏକ ପରିପ୍ରକାଶ। ଏଥିପାଇଁ ଏହି ମହାନ୍ ଗଣପର୍ବର ଏକ ସ୍ୱତନ୍ତ୍ରତା ରହିଛି। ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପୁରପଲ୍ଲୀରେ ଏହା ପାଳନ ହୁଏ। ଏହା ଭାରତର ଅନ୍ୟାନ୍ୟ ଅଞ୍ଚଳର ଶସ୍ୟପୂଜା ତଥା ନୂତନ ଅନ୍ନ ପୂଜା ପରି ପ୍ରାଚୀନତମ। ମାନବ ଜୀବନର ପ୍ରମୁଖ ଆଧାର ହେଉଛି ଅନ୍ନ। ମଣିଷ ତେଣୁ ତାକୁ ବ୍ରହ୍ମ ତଥା ଈଶ୍ୱର ରୂପରେ ବିବେଚନା କରିଆସିଛି। ଏହି ଅନ୍ନ ଉତ୍ପାଦନରେ ପ୍ରକୃତିର ଅବଦାନ ଯେ କେତେ ମହତ୍ତ୍ୱପୂର୍ଣ୍ଣ, ତାହା ମଧ୍ୟ ମଣିଷ ପୁରାତନ କାଳରୁ ହୃଦ୍‌ବୋଧ କରିଆସିଛି। ଘରର ବାଡ଼ି ବଗିଚାରେ କି କ୍ଷେତରେ ଫଳ ଫଳିଲେ ପ୍ରଥମେ ତାକୁ ମାତୃଶକ୍ତିକୁ ଅର୍ପଣ କରାଯାଇଥାଏ। ଧାନଚାଷ ଜମିରୁ ଉତ୍ପାଦିତ ନୂଆ ଶସ୍ୟ କୌଣସି ଜୀବ, ଜନ୍ତୁଙ୍କ ଉଦରକୁ ଯିବା ପୂର୍ବରୁ ପ୍ରଥମେ ନିଜ ଇଷ୍ଟ ଦେବତାଙ୍କ ନିକଟରେ ଅର୍ପଣ କରାଯାଇଥାଏ। ଭୋଗ ଲାଗି ହେବା ପରେ ସେହି



ସୋନପୁର ସହରରେ ଜଣେ ମହିଳା ନୂଆ ଧାନ ଓ ଚୁଡ଼ା ବିକ୍ରି କରୁଛନ୍ତି।

ନୂଆ ଚାଉଳକୁ ଅନ୍ୟମାନେ ମିଳିମିଶି ଗ୍ରହଣ କରିଥାନ୍ତି। ଶ୍ରାବଣ ପୂର୍ଣ୍ଣିମାରେ ଚାଷକାର୍ଯ୍ୟ ସରି ଆସୁଥିବା ବେଳେ ଭାଦ୍ରବ ମାସରେ କେତେକ ଧାନ (ବିଶେଷତଃ ସରିଆ ଧାନ) ପୂର୍ଣ୍ଣଗର୍ଭ ହୋଇ ପାକଳ ହୋଇ ଯାଇଥାଏ। ଏହି ଧାନକେଣ୍ଡାକୁ ଦେଖି ଚାଷୀ ଆତ୍ମବିଭୋର ହୋଇ ଦେବତାଙ୍କୁ ଅର୍ପଣ କରେ। ନବାନ୍ନ ଦିନ ନୂତନ ଅନ୍ନପୂଜା କରିବା ସହିତ ଅନ୍ନ ଉତ୍ପାଦିତ ହେଉଥିବା ମାଟି, ବୃକ୍ଷ, ଆକାଶ, ପଶୁ ଆଦିଙ୍କୁ ସେ ପୂଜା କରି ତାର ଭକ୍ତି ନୈବେଦ୍ୟ ଅର୍ପଣ କରିଥାଏ। ଏହି ପର୍ବର ଆଉ ଏକ ବିଶେଷତ୍ୱ ହେଲା ଯେ ପର୍ବ ପାଳନ ସମୟରେ ବିଭିନ୍ନ ଜାତି, ଗୋଷ୍ଠୀର ଲୋକମାନେ ନିର୍ଦ୍ଦିଷ୍ଟ ଗୋଟିଏ ଗୋଟିଏ ବୃକ୍ଷକୁ ଦେବତା ରୂପରେ ପୂଜା କରିଥାନ୍ତି। ପୁଣି ସେହିଦିନ ସୌଖୀନ ଖାଦ୍ୟପାତ୍ର ବ୍ୟବହାର କରା ନ ଯାଇ ବୃକ୍ଷର ପତ୍ରରେ ଖଲିଦନା ତିଆରି କରି ନବାନ୍ନ ଭକ୍ଷଣ କରାଯାଇଥାଏ। ନୂଆଁଖାଇ ପରମ୍ପରା ଆମର ପ୍ରାଚୀନ ପ୍ରକୃତି ଉପାସନାର ଧାରାକୁ ଉଜ୍ଜୀବିତ କରି ରଖିଛି। ଆଧୁନିକ ଜୀବନଶୈଳୀ, ବ୍ୟାପକ ସହରୀକରଣ ଓ ଶିଳ୍ପାୟନ ଦ୍ୱାରା ପ୍ରକୃତି ଓ ପରିବେଶ ନଷ୍ଟହୋଇ ସଭ୍ୟତା ବିପଦଗ୍ରସ୍ତ ହେବାରେ ଲାଗିଛି। ଆଉ ସେଥିପ୍ରତି ସଚେତନ ହେବା ପାଇଁ ଏହି ପର୍ବ ବିଶ୍ୱ ମାନବ ସଭ୍ୟତାକୁ ଆହ୍ୱାନ ଦେଉଛି।

ନୂଆଁଖାଇ ଏକ କୃଷିଭିତ୍ତିକ ପର୍ବ ହେଲେ ମଧ୍ୟ ଏହା ପଛରେ ଏକ ପବିତ୍ର ଓ ଆଦର୍ଶ ପରମ୍ପରା ରହି ଆସିଛି। ପରିବାରର ସମସ୍ତ ସଦସ୍ୟ ପୂର୍ବ ମନାନ୍ତର ଭୁଲି ଏହି ଦିନ ଏକାଠି ହୋଇ ଭୋଜନ କରିବା ବିଧି ରହିଛି। ଏହି ପର୍ବ ସହିତ ସବୁ ବର୍ଗର ଲୋକଙ୍କର ଆବେଗିକ ସମ୍ପର୍କ ରହିଛି। ସୌହାର୍ଦ୍ଦ୍ୟ ଓ ଏକତା ଉପରେ ଏହା ପର୍ଯ୍ୟବସିତ। ବୟସ୍କ ତଥା ଗୁରୁଜନମାନଙ୍କୁ ସାନମାନେ ସମ୍ମାନ ଜଣାଇ ପ୍ରଣାମ କରନ୍ତି, ଯାହାକୁ ନୂଆଁଖାଇ ଭେଟ୍‌ଘାଟ କୁହାଯାଏ।

ଏହି ଗଣପର୍ବର ଐତିହ୍ୟ ଓ ସଂସ୍କୃତି ସୁବର୍ଣ୍ଣପୁର ଜିଲାରେ ଅତି ପ୍ରାଚୀନ। ଅତୀତରେ ସୋନପୁର ରାଜ୍ୟ ଅଧୁନା ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର ପଞ୍ଚରା ଅଞ୍ଚଳର ଅଧିବାସୀମାନେ ଚୌହାନ ବଂଶର ପ୍ରଥମ ରାଜା ମଦନଗୋପାଳ ଦେବଙ୍କ ରାଜତ୍ୱକାଳ ୧୬୪୦ ଖ୍ରୀଷ୍ଟାବ୍ଦରୁ ଏହି ପବିତ୍ର ନୂଆଁଖାଇ ପର୍ବ ପାଳନ କରି ଆସୁଥିବା ଇତିହାସରୁ ଜଣାପଡ଼େ। ଏଥିପାଇଁ ନଦୋତ୍ସବ ଦିନ ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀଙ୍କ ରାଶି ଓ ନକ୍ଷତ୍ରକୁ ନେଇ ପଣ୍ଡିତମାନେ ନୂଆଁଖାଇ ପାଇଁ ଶୁଭଲଗ୍ନ ସ୍ଥିର କରନ୍ତି। ନିର୍ଦ୍ଧାରିତ ତିଥି ଓ ଲଗ୍ନରେ ନୂଆ ଭୋଗ ଲାଗି ହୋଇ ସଭିଏଁ ନୂଆ ଖାଇଥାଆନ୍ତି। ନବାନ୍ନ ଭକ୍ଷଣ ପରେ ଅପରାହ୍ନରେ ସୋନପୁରର ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡୀ ଓ ଅଷ୍ଟବିଷ୍ଣୁ ମନ୍ଦିରକୁ ଯାଇ ଦେବଦେବୀ ଦର୍ଶନ ତଥା ଗୁରୁଜନ ଏବଂ ବୟସ୍କ ବ୍ୟକ୍ତିମାନଙ୍କୁ ଭକ୍ତି ଭାବେ ପ୍ରଣାମ କରନ୍ତି। ନୂଆଁଖାଇ ଉପଲକ୍ଷେ ସହରର ବିଭିନ୍ନ ସ୍ଥାନରେ ତଥା ଜିଲାର ଗ୍ରାମାଞ୍ଚଳରେ ଜନସାଧାରଣଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଖେଳକୁଦର ଆୟୋଜନ କରାଯାଏ। ନୂଆଁଖାଇର ଏହି ପବିତ୍ର ଦିନକୁ ବର୍ଷସାରା ଲୋକେ ଅପେକ୍ଷା କରି ରହିଥାନ୍ତି।

***ରିପୋର୍ଟ:*** *ମୃତ୍ୟୁଞ୍ଜୟ ଶତପଥୀ, ସୋନପୁର*

































ଧରିତ୍ରୀ DHARITRI
50 Years
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୮/୨୦୨୪ Bhubaneswar, Sunday, September 8/ 2024

# ଚାଇନା ବିପକ୍ଷରୁ ଭାରତର ଅଭିଯାନ



ଅଭ୍ୟାସ ଅବସରରେ ହରମନପ୍ରୀତ ସିଂ।

### ଭାରତର କାର୍ଯ୍ୟସୂଚୀ

ସେପ୍ଟେମ୍ବର ୮: ବନାମ ଚାଇନା, ସମୟ: ଅପରାହ୍ନ ୩ଟା ୩୦
ସେପ୍ଟେମ୍ବର ୯: ବନାମ ଜାପାନ, ସମୟ: ଅପରାହ୍ନ ୧ଟା ୧୫
ସେପ୍ଟେମ୍ବର ୧୧: ବନାମ ମାଲେସିଆ, ସମୟ: ଅପରାହ୍ନ ୧ଟା ୧୫
ସେପ୍ଟେମ୍ବର ୧୨: ବନାମ ଦକ୍ଷିଣ କୋରିଆ: ସମୟ: ଅପରାହ୍ନ ୧ଟା ୧୫
ସେପ୍ଟେମ୍ବର ୧୪: ବନାମ ପାକିସ୍ତାନ, ସମୟ: ଅପରାହ୍ନ ୧ଟା ୧୫
ସେପ୍ଟେମ୍ବର ୧୬: ସେମିଫାଇନାଲ
**ସେପ୍ଟେମ୍ବର ୧୭: ଫାଇନାଲ**
**ପ୍ରସାରଣ: ସୋନି ସ୍ପୋର୍ଟ୍ସ ଟେନ୍ ୧**

### ଆଜିଠୁ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି

**ହୁଲୁନବୁଇର, ୭।୯ (ପି.ଟି.)**

ଏସିଆନ ଚାମ୍ପିୟନ୍ସ ଟ୍ରଫି ପୁରୁଷ ହକି ଟୁର୍ନାମେଣ୍ଟ ରବିବାର ଆରମ୍ଭ ହେବ। କ୍ରମାଗତ ୨ଟି ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତ ଏଠାରେ ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ଖେଳିବ। ଟୁର୍ନାମେଣ୍ଟ ଇତିହାସରେ ସର୍ବାଧିକ ସଫଳ ଦଳଭାବେ ଭାରତ ୪ ଥର ୨୦୧୧, ୨୦୧୬, ୨୦୧୮ ଓ ୨୦୨୩ରେ ଚାମ୍ପିୟନ ହୋଇଛି। ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେଉଛି ଚାଇନା। ଅନ୍ୟ ଦଳଗୁଡ଼ିକ ମଧ୍ୟରେ ୩ ଥର ଚାମ୍ପିୟନ ପାକିସ୍ତାନ, ୨୦୨୧ରେ ଚାମ୍ପିୟନ ଦକ୍ଷିଣ କୋରିଆ, ଜାପାନ ଓ ମାଲେସିଆ ଏହି ପ୍ରତିଯୋଗିତାରେ ଭାଗ୍ୟ ପରୀକ୍ଷା କରିବେ। ଗତ ସଂସ୍କରଣରେ ଘରୋଇ ପରିବେଶରେ ଭାରତ ଚାମ୍ପିୟନ ହୋଇ ଇତିହାସ ରଚିଥିଲା। ପ୍ରଥମ ଦଳଭାବେ ସର୍ବାଧିକ ୪ ଥର ଟାଇଟଲ ହାସଲ କରିବାରେ ସକ୍ଷମ ହୋଇଥିଲା ଭାରତୀୟ ଦଳ।

ପ୍ୟାରିସ୍ ଅଲିମ୍ପିକ୍ସ ପରେ ଅଳ୍ପ ଦିନ ବ୍ରେକ୍ ନେଇ ହରମନପ୍ରୀତ ସିଂଙ୍କ ଦଳ ପୁଣି ପଡ଼ିଆକୁ ଓହ୍ଲାଇବାକୁ ଯାଉଛି। ‘‘ଗତବର୍ଷ ଏସିଆନ ଚାମ୍ପିୟନ୍ସ ଟ୍ରଫି ହିଁ ଆମକୁ ଏସିଆନ ଗେମ୍ସ ଓ ଅଲିମ୍ପିକ୍ସ ପାଇଁ ଉପଯୁକ୍ତ ମୋମେଣ୍ଟମ ଦେଇଥିଲା। ଏଥର ମଧ୍ୟ ଆମେ ଟୁର୍ନାମେଣ୍ଟ ଜିତି ନୂଆ ଅଲିମ୍ପିକ୍ ସାଇକେଲ (ଚକ୍ର) ଆରମ୍ଭ କରିବାକୁ ଚାହିଁବୁ’’ ବୋଲି ହରମନପ୍ରୀତ ପ୍ରକାଶ କରିଛନ୍ତି। ଅଲିମ୍ପିକ୍ସ ଖେଳିଥିବା ୧୦ ସଦସ୍ୟ ଏସୀୟ ଦଳରେ ସ୍ଥାନ ପାଇଛନ୍ତି। ତେଣୁ ଯୁବ ଖେଳାଳିମାନେ ପ୍ରଭାବିତ କରିବାକୁ ବଡ଼ ସୁଯୋଗ ପାଇବେ। ର୍‍ୟାଙ୍କିଙ୍ଗ୍ ପଏଣ୍ଟ ପାଇଁ ଏହି ଟୁର୍ନାମେଣ୍ଟ ବହୁତ ଗୁରୁତ୍ୱପୂର୍ଣ୍ଣ। ଜାପାନ, ମାଲେସିଆ ଓ ପାକିସ୍ତାନ ପରି ଦଳ ବିପକ୍ଷରେ ଆମର ରକ୍ଷଣଭାଗ ଦୃଢ଼ କରିବାକୁ ହେବ ବୋଲି ସେ କହିଛନ୍ତି। ଚାଇନା ପରେ ଭାରତ ୯ରେ ଜାପାନ, ୧୧ରେ ଗତବର୍ଷର ରନରଅପ୍ ମାଲେସିଆ, ୧୨ରେ କୋରିଆ ଓ ୧୪ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ୬ ଦଳ ବିଶିଷ୍ଟ ଟୁର୍ନାମେଣ୍ଟର ଶ୍ରେଷ୍ଠ ୪ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ସେପ୍ଟେମ୍ବର ୧୬ରେ ୨ଟି ସେମିଫାଇନାଲ ଓ ୧୭ରେ ଫାଇନାଲ ଅନୁଷ୍ଠିତ ହେବ। ଯୁବ ଖେଳାଳି ବିବେକ ସାଗର ପ୍ରସାଦଙ୍କୁ ଉପ-ଅଧିନାୟକ ମନୋନୀତ କରାଯାଇଛି। ‘‘ଆମେ ଏଠାକୁ ଚଳିତ ସପ୍ତାହ ପ୍ରାରମ୍ଭରେ ଆସିଛୁ। ତେଣୁ ପିଚ୍‌ରେ ବେଶ୍ କିଛି ସମୟ କଟାଇ ସାରିଛୁ। ଜଳବାୟୁ ଆମକୁ ସୁହାଇବା ପରି ରହିଛି। ତେବେ ସନ୍ଧ୍ୟାରେ ଥଣ୍ଡା ପଡୁଛି। ଏହି ଭେନ୍ୟୁ ସମ୍ଭବତଃ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ’’ ବୋଲି ବିବେକ ପ୍ରକାଶ କରିଛନ୍ତି।

### ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍

## ୪ର୍ଥ ରାଉଣ୍ଡ ସୁଦ୍ଧା ୪ ଅଗ୍ରଣୀ

**ଭୁବନେଶ୍ୱର, ୭।୯ (ତପନ ସ୍ୱାଇଁ):** ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ଆନୁକୂଲ୍ୟରେ ମାଷ୍ଟର ଚେସ ଫାଉଣ୍ଡେଶନ ଓ ସୃଷ୍ଟି ଏକାଡେମୀ ଅଫ ମ୍ୟାନେଜମେଣ୍ଟ ସହଯୋଗରେ ଚାଲିଥିବା ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାର ୪ର୍ଥ ରାଉଣ୍ଡ ଶେଷରେ ଉଭୟ ବାଳିକା ଓ ବାଳକ ବିଭାଗରେ ୨ ଜଣ ଲେଖାଏ ଖେଳାଳି ସମାନ ପଏଣ୍ଟ ପାଇ ଯୁଗ୍ମ ଅଗ୍ରଣୀଲାଭ କରିଛନ୍ତି। ବାଳିକା ବିଭାଗରେ ବରଗଡ଼ର ନୈନିକା ସାହୁ ଓ ଢେଙ୍କାନାଳର ସାନଭି ମିଶ୍ର ୪ ପଏଣ୍ଟ ଲେଖାଏ ପାଇଛନ୍ତି। ତନଭି ମିଶ୍ର ୩.୫ ପଏଣ୍ଟ ହାସଲ କରିଛନ୍ତି। ସେହିପରି ବାଳକ ବିଭାଗର ଖୋର୍ଦ୍ଧାର ଆଦ୍ୟ ଅଦ୍‌ଭିତ୍ ଦାସ ଓ ସାର୍ଥକ ମହାନ୍ତି ୪ ପଏଣ୍ଟ ଲେଖାଏ ପାଇ ଅଗ୍ରଣୀ ଥିବା ବେଳେ ସାତ୍ତ୍ୱିକ ସ୍ୱାଇଁ ଓ ସିଦ୍ଧାର୍ଥ ମଲ୍ଲିକ ୩.୫ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ୪ର୍ଥ ରାଉଣ୍ଡ ଖେଳକୁ କେନ୍ଦ୍ରାପଡ଼ା ଜିଲା ଚେସ୍ ଆସୋସିଏଶନ୍ ଉପ ସଭାପତି ଧରଣୀ ଧର ସେଠୀ ଉଦ୍‌ଘାଟନ କରିଥିବାବେଳେ ଅଲ୍ ଓଡ଼ିଶା ଚେସ ଆସୋସିଏଶନ୍ ସମ୍ପାଦକ ଦେବବ୍ରତ ଭଞ୍ଜ, ବିକ୍ରମ କେଶରୀ ବିଶ୍ୱାଳ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ।

# ଅଲିମ୍ପିକ୍ସରେ ସ୍ତ୍ରୀ, ପାରାଲିମ୍ପିକ୍ସରେ ସ୍ୱାମୀଙ୍କୁ ସ୍ୱର୍ଣ୍ଣ


ଖୁସି ମୁହୂର୍ତ୍ତରେ ହଣ୍ଟର ଉଡ୍‌ହଲ ଓ ତାରା ଡେଭିସ୍-ଉଡ୍‌ହଲ୍।

**ପ୍ୟାରିସ୍, ୭।୯ (ଏପି)**

ମାସକ ପୂର୍ବେ ତାରା ଡେଭିସ୍-ଉଡ୍‌ହଲ୍ ଅଲିମ୍ପିକ୍ସ ମହିଳା ଲଙ୍ଗଜମ୍ପରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଶୁକ୍ରବାର ଷ୍ଟେଡ୍ ଡି’ ଫ୍ରାନ୍ସଠାରେ ତାଙ୍କ ସ୍ୱାମୀ ଆମେରିକାର ହଣ୍ଟର ଉଡ୍‌ହଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅଲିମ୍ପିକ୍ସରେ ଇଭେଣ୍ଟ ଜିତିବାପରେ ଡେଭିସ୍ ଉଡ୍‌ହଲ୍ ଷ୍ଟାଣ୍ଡ ଆଡକୁ ଦୌଡ଼ି ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ତାଙ୍କ ସ୍ୱାମୀଙ୍କୁ ସେ ଖୁସିରେ କୁଣ୍ଢାଇ ପକାଇଥିଲେ। ଏହି ଦୃଶ୍ୟର ଭିଡିଓ କ୍ଲିପିଙ୍ଗ ସେତେବେଳେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହୋଇଥିଲା। ଅନୁରୂପ ଦୃଶ୍ୟ ପାରାଲିମ୍ପିକ୍ସରେ ଦେଖିବାକୁ ମିଳିଛି। ଦୁଇ ଗୋଡ଼ କଟା ଉଡ୍‌ହଲ ୪୬.୩୬ ସେକେଣ୍ଡ ଟାଇମିଂରେ ଏଠାରେ ଟି-୬୨ କାଟେଗୋରୀ ୪୦୦ ମିଟର ରେସ ଟାଇଟଲ ଜିତିଛନ୍ତି। ବିଶ୍ୱରେକର୍ଡ ଅଧିକାରୀ ଜର୍ମାନୀର ଜୋହାନେସ୍ ଫ୍ଲୋର୍ସ (୪୬.୯୦) ରୌପ୍ୟ ଏବଂ ନେଦରଲାଣ୍ଡସ୍‌ର ଅଲିଭର ହେଣ୍ଡ୍ରିକ୍ସ (୪୭.୯୧) ବ୍ରୋଞ୍ଜ ପାଇଛନ୍ତି। ଉଡ୍‌ହଲ କହିଛନ୍ତି ସେମାନେ ଉଭୟେ ଏହି ଭଳି ସଫଳତାକୁ ଦୀର୍ଘଦିନ ଅପେକ୍ଷାରେ ଥିଲେ।

# ଜାତୀୟ ଜୁନିୟର ହକି: ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୭।୯ (ତପନ ସ୍ୱାଇଁ)**

ଜଳନ୍ଧରଠାରେ ଚଳିତ ମାସ ୯ରୁ ୧୯ ପର୍ଯ୍ୟନ୍ତ ହେବାକୁଥିବା ଜାତୀୟ ଜୁନିୟର ପୁରୁଷ ହକି ଟୁର୍ନାମେଣ୍ଟ ପାଇଁ ହକି ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଶନିବାର ୧୮ ଜଣିଆ ଦଳ ଘୋଷଣା କରାଯାଇଛି। ଆସାମ ବିପକ୍ଷରେ ମ୍ୟାଚ ଖେଳି ଓଡ଼ିଶା ଅଭିଯାନ ଆରମ୍ଭ କରିବ। ଏହା ବ୍ୟତୀତ ଦାଦ୍ରା ଓ ନଗର ହାଭେଲି, ଡାମନ ଆଣ୍ଡ ଡିଉ ଏବଂ ଅରୁଣାଚଳ ପ୍ରଦେଶ ବିପକ୍ଷରେ ମୁକାବିଲା କରିବ। ମୁଖ୍ୟ କୋଚ୍ ବି.ଜେ. କରିଆପ୍ପା ଦଳର ଭଲ ପ୍ରଦର୍ଶନ ନେଇ ବେଶ୍ ଆଶାବାଦୀ ଅଛନ୍ତି। ‘‘ଆମ ଖେଳାଳିମାନେ ଭଲ ଅଭ୍ୟାସ କରିଛନ୍ତି। ପ୍ରତ୍ୟେକ ପ୍ରତ୍ୟେକଙ୍କ ଗେମ୍‌କୁ ଭଲଭାବେ ବୁଝିଛନ୍ତି। ଉଭୟ ମାନସିକ ଓ ଶାରୀରିକଭାବେ ଖେଳାଳିମାନେ ଦୃଢ଼ ଥିବାରୁ ପ୍ରତିଯୋଗିତାରେ ଦଳ ଶ୍ରେଷ୍ଠ ପ୍ରଦର୍ଶନ ଦେବାନେଇ ମୁଁ ଆଶାବାଦୀ’’ ବୋଲି କରିଆପ୍ପା ପ୍ରକାଶ କରିଛନ୍ତି।

ଓଡ଼ିଶା ଦଳ: ଗୋଲକିପର୍ସ- ବିବେକ ଲାକ୍ରା, ଅଭିଷେକ ଯାଦବ। ଡିଫେଣ୍ଡର୍ସ: ୱିଲସନ ଖାଖା, ଅଭିଷେକ ଟପ୍ପୋ, ଜସମନ ମୁଣ୍ଡା, ସନ୍ଦୀନ ଏକ୍କା, ପ୍ରଦୀନ ମଣ୍ଡଳ, ସଙ୍ଗୀତ ତିର୍କୀ। ମିଡ୍‌ଫିଲ୍ଡର୍ସ: ଅଦ୍ରୋହିତ ଏକ୍କା, ହରୁନ ମିଞ୍ଜ, ପ୍ରେମଦୟାଲ ଗିରି, ରୋହିତ କୁଲୁ, ଅର୍ବିନ ଟପ୍ପୋ। ଫରୱାର୍ଡ୍ସ: କରନ ଲାକ୍ରା, ଦୀପକ ପ୍ରଧାନ, ଦେବନାଥ ନାନୱାର, ପ୍ରତାପ ଟପ୍ପୋ, ସତୀଶ ମୁଣ୍ଡା।

# ଶ୍ରୀୟଙ୍କାଙ୍କ ପ୍ରଭାବୀ ପ୍ରଦର୍ଶନ


ଟ୍ରାଏଲ୍ ଅବସରରେ ଶ୍ରୀୟଙ୍କା ଷଡ଼ଙ୍ଗୀ (ମଝି)।

**ଭୁବନେଶ୍ୱର, ୭।୯ (ତପନ ସ୍ୱାଇଁ)**

ନୂଆଦିଲ୍ଲୀର କର୍ଣ୍ଣିସିଂ ଶୁଟିଂ ରେଞ୍ଜରେ ଅନୁଷ୍ଠିତ ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ (୩ପି) ଟ୍ରାଏଲ୍-୬ରେ ଓଡ଼ିଶାର ତାରକା ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଗତ ୩ ତାରିଖରୁ ଆରମ୍ଭ ହୋଇଥିବା ଏହି ଟ୍ରାଏଲ୍ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଗୋଟିଏ ଦିନ ପୂର୍ବରୁ ଅନୁଷ୍ଠିତ ଚୟନ ଟ୍ରାଏଲ୍-୫ରେ ସେ ତୃତୀୟ ସ୍ଥାନରେ ରହିଥିଲେ। କ୍ୟାରିୟରରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସଫଳତା ଲାଭ କରି ସାରିଥିବା ଏହି ପ୍ରତିଭାସମ୍ପନ୍ନ ଶୁଟର ସମ୍ପ୍ରତି କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଶ୍ରୀୟଙ୍କାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଛନ୍ତି।

# ଭାରତ ‘ସି’ ୪ ଉଇକେଟରେ ବିଜୟୀ

### ଦୁଲୀପ ଟ୍ରଫି

■ ମାନବ ସୁଥରଙ୍କୁ ୭ ଉଇକେଟ

**ଅନନ୍ତପୁର, ୭।୯ (ପି.ଟି.)**

ଦୁଲୀପ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ଭାରତ ‘ସି’ ୪ ଉଇକେଟରେ ଭାରତ ‘ଡି’କୁ ପରାସ୍ତ କରିଛି। ମ୍ୟାଚରେ ବାମହାତୀ ସ୍ପିନର ମାନବ ସୁଥର ୭ ଉଇକେଟ ଅକ୍ତିଆର କରି ଦଳକୁ ଜିତାଇବାରେ ବିଶେଷ ଭୂମିକା ଗ୍ରହଣ କରିଛନ୍ତି। ଶନିବାର ଖେଳର ୩ୟ ଦିବସରେ ୨୩୨ରନର ବିଜୟ ଲକ୍ଷ୍ୟ ପିଛା କରିବା ବେଳେ ଟପ୍ ଅର୍ଡରରେ ଋତୁରାଜ ଗାଏକ୍ୱାଡ(୩୬), ଆର୍ଯ୍ୟନ ଜୁୟଲ (୪୭) ଓ ରଜତ ପଟିଦାର(୪୪) ପ୍ରଭାବୀ ବ୍ୟାଟିଂ କରି ଦଳ ପାଇଁ ବିଜୟ ପଥ ସୁଗମ କରିଦେଇଥିଲେ। ଓପନିଂ ଯୋଡ଼ି ଗାଏକ୍ୱାଡ ଓ ସାଇ ସୁଦର୍ଶନ (୨୨)ଙ୍କ ମଧ୍ୟରେ ୬୪ରନର ପାର୍ଟନରଶିପ ହୋଇଥିବା ବେଳେ ଜୁୟଲ ଓ ପଟିଦାରଙ୍କ ମଧ୍ୟରେ ତୃତୀୟ ଉଇକେଟରେ ୮୮ରନର ଭାଗୀଦାରି ହୋଇଥିଲା। ଦଳ ୬୧ ଓଭରରେ ୬ ଉଇକେଟ ବିନିମୟରେ ୨୩୩ ରନ କରି ମ୍ୟାଚ ଜିତିନେଇଥିଲା। ଭାରତ ‘ଡି’ ପକ୍ଷରୁ ସଫଳ ବୋଲର ସାରାଂଶ ଜୈନ ୯୨ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ପୂର୍ବରୁ ସକାଳେ ଭାରତ ‘ଡି’ ଏହାର ଅସମାପ୍ତ ଦ୍ୱିତୀୟ ଇନିଂ ସ୍କୋର ୨୦୬/୮ରୁ ଏହାର ବ୍ୟାଟିଂ ଆରମ୍ଭ କରିଥିଲା। ସେତେବେଳେ ଅକ୍ଷର ପଟେଲ ଓ ହର୍ଷିତ ରାଣା କ୍ରିଜ୍‌ରେ ରହିଥିଲେ। ଅକ୍ଷର (୨୮) ଓ ଆଦିତ୍ୟ ଠାକ୍‌ରେ (୦) ଆଉଟ ହେବା ପୂର୍ବରୁ ଏହି ଯୋଡ଼ି ୩୦ରନ ଯୋଗ କରିପାରିଥିଲେ। ଭାରତ ‘ଡି’ର ଦ୍ୱିତୀୟ ଇନିଂସ ୨୩୬ରେ ସୀମିତ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ‘ଡି’: ୧୬୪ ଓ ୨୩୬ (ଶ୍ରେୟସ ଆୟର-୫୪, ଦେବଦତ୍ତ ପଡିକଲ-୫୬ ; ମାନବ ସୁଥର-୭/୪୯)। ଭାରତ ‘ସି’: ୧୬୮ ଓ ୨୩୩/୬ (ଆର୍ଯ୍ୟନ ଜୁୟଲ-୪୭, ରଜତ ପଟିଦାର-୪୪ ; ସାରାଂଶ ଜୈନ-୪/୯୨)।

# ଆଜି ଫ୍ରିଜ୍-ସିନରର ଫାଇନାଲ

**ନ୍ୟୁୟର୍କ, ୭।୯ (ଏପି)**

ୟୁଏସ୍ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲ ଆମେରିକାର ଟେଲର ଫ୍ରିଜ୍ ଓ ବିଶ୍ୱର ନମ୍ବର ୱାନ ତଥା ଇଟାଲୀର ଜାନେକ ସିନରଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ଫ୍ରିଜ୍ ୧୫ ବର୍ଷରେ ପ୍ରଥମ ଆମେରିକୀୟ ଖେଳାଳି ହିସାବରେ ଏକ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ୟୁଏସ୍ ଓପନ ଟେନିସର ଏକ ରୋମାଞ୍ଚକ ୫ ସେଟ୍ ବିଶିଷ୍ଟ ମ୍ୟାଚରେ ନିଜ ଦେଶର ସାଥୀ ଖେଳାଳି ଫ୍ରାନ୍‌ସିସ ଟିଆଫୋଙ୍କୁ ୪-୬, ୭-୫, ୪-୬, ୬-୪, ୬-୧ରେ ପରାସ୍ତ କରିଛନ୍ତି। ପୂର୍ବରୁ ଜଣେ ଆମେରିକୀୟ ଖେଳାଳି ହିସାବରେ ଆଣ୍ଡି ରଡିକ୍ ୨୦୦୩ରେ ୟୁଏସ୍ ଓପନରେ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ରଡିକ୍ ଆହୁରି ମଧ୍ୟ ଶେଷ ଆମେରିକୀୟ ୨୦୦୯ରେ ୱିମ୍ବେଲଡନରେ ଏକ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିଲେ। ସେ ଶେଷ ଆମେରିକୀୟ ଭାବେ ୨୦୦୬ ୟୁଏସ୍ ଓପନ ଫାଇନାଲରେ ପ୍ରବେଶ କରିଥିଲେ। ସୂଚନାଯୋଗ୍ୟ, ଟିଆଫୋ ଦୁଇ ବର୍ଷ ପୂର୍ବେ ୟୁଏସ୍ ଓପନ ସେମିଫାଇନାଲରେ କାର୍ଲୋସ ଅଲ୍‌କାରାଜଙ୍କଠାରୁ ପରାଜିତ ହୋଇଥିଲେ।



ରିଟର୍ନ ଶଟ୍ ଖେଳିବା ଅବସରରେ ଟେଲର ଫ୍ରିଜ୍।

## ଓଷ୍ଟାପେଙ୍କୋ-କିଚେନକଙ୍କୁ ଟାଇଟଲ

### ୟୁଏସ୍ ଓପନ ଟେନିସ

ଲ୍ୟୁଦମିଲା କିଚେନକ ଚଳିତ ସପ୍ତାହରେ ଜେଲାନା ଓଷ୍ଟାପେଙ୍କୋଙ୍କ କୋଚ୍‌ଙ୍କୁ ବିବାହ କରିଥାନ୍ତେ। ମାତ୍ର ୟୁଏସ ଓପନ ମହିଳା ଡବଲ୍ସ ଚାମ୍ପିୟନଶିପର ଫଳାଫଳକୁ ନେଇ ସେ ତାଙ୍କ କାର୍ଯ୍ୟସୂଚୀରେ ପରିବର୍ତ୍ତନ ଆଣିବାକୁ ବାଧ୍ୟ ହୋଇଛନ୍ତି। କିଚେନକ ଓ ଓଷ୍ଟାପେଙ୍କୋ ଶୁକ୍ରବାର ୬-୪, ୬-୩ରେ କ୍ରିଷ୍ଟିନା ମ୍ଲାଡେନୋଭିଚ୍ ଓ ଝାଙ୍ଗ୍ ଶୁଆଇଙ୍କୁ ପରାସ୍ତ କରି ସେମାନଙ୍କ ପାର୍ଟନରଶିପ୍‌ରେ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। କିଚେନକ୍ କହିଛନ୍ତି, ସେ ବୁଧବାର ଷ୍ଟାନ୍‌ସିଲାଭ ଖମାରସ୍କିଙ୍କୁ ବିବାହ କରିଥାନ୍ତେ, ଯେଉଁ ଦିନ ସେ ଓଷ୍ଟାପେଙ୍କୋ ୟୁଏସ୍ ଓପନ ସେମିଫାଇନାଲ ମ୍ୟାଚରେ ବିଜୟ ଲାଭ କରିଥିଲେ। ୭ମ ସିଡ୍ କିଚେନକ ଓ ଓଷ୍ଟାପେଙ୍କୋ ଅଷ୍ଟ୍ରେଲିଆନ ଓପନ ଫାଇନାଲ ପରାଜୟ ସହ ସେମାନଙ୍କ ସିଜନ ଆରମ୍ଭ କରିଥିଲେ। ଫ୍ଲଶିଂ ମିଡୋଜରେ କିନ୍ତୁ ସେମାନଙ୍କ ପ୍ରଦର୍ଶନ ଖୁବ୍ ଭଲ ରହିଛି, ଯେଉଁଠାରେ ସେମାନେ ଗୋଟିଏ ସେଟ୍ ଡ୍ରପ୍ ନ କରି ୭୫୦,୦୦୦ ଆମେରିକୀୟ ଡଲାର ପୁରସ୍କାର ଜିତିଛନ୍ତି। ଓଷ୍ଟାପେଙ୍କୋଙ୍କର ଏହା ହେଉଛି ଓଭରଅଲ୍ ୫ମ ଟାଇଟଲ। ଲାଟିଭିଆର ଏହି ଖେଳାଳି ୨୦୧୭ରେ ଫ୍ରେଞ୍ଚ ଓପନ ସିଙ୍ଗଲ୍ସ ଜିତିଥିଲେ। କିଚେନକ୍ ଏହି ବିଜୟକୁ ତାଙ୍କ ମାତୃଭୂମି ୟୁକ୍ରେନ୍ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି।



ଟ୍ରଫି ସହ ଲ୍ୟୁଦମିଲା କିଚେନକ ଓ ଜେଲାନା ଓଷ୍ଟାପେଙ୍କୋ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ